# ଓଡ଼ିଶା ଭାସ୍କର

ODISHA BHASKAR | ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୪ | Vol. 22 No-54 | 25 MAY 2025 SUNDAY BHUBANESWAR | ରବିବାର, ୨୫ ମଇ ୨୦୨୫ | ପୃଷ୍ଠା: ୮ | ମୂଲ୍ୟ: ୭.୦୦




ବଢିଲା ରାହୁଲଙ୍କ ଅଡୁଆ | ୬



ଶୁଭମନ ନୂଆ ଅଧିନାୟକ | ୭


Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26

# TETRAHEDRON GROUP OF INSTITUTIONS

TETRAHEDRON GROUP OF INSTITUTIONS, TANGI, CUTTACK

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

581
ABINASH PANDA
R. NO. : 312CZ142
MOB. : 8926374475

| Mark | Name | R.NO. | M. |
|---|---|---|---|
| 578 | ANUNJAYA | 312CZ044 | 9937820270 |
| 575 | HARAPRASAD | 312CZ052 | 9777635809 |
| 574 | ANANYA ANUPRITA | 321CZ001 | 6372522094 |
| 574 | ANANYA | 321CZ018 | 9178552089 |
| 574 | PRIYADARSHINI | 321CZ020 | 8456010982 |
| 574 | RUTUPURNA | 321CZ025 | 8908000397 |
| 573 | ASHUTOSH | 312CZ009 | 7008710810 |
| 573 | SWARNA PRAVA | 321CZ002 | 9348538749 |
| 572 | SOUMYAK | 312CZ015 | 6372996292 |
| 572 | SANDEEP | 312CZ021 | 9438775289 |
| 571 | PRIYANKA | 321CZ016 | 8328937059 |
| 570 | SWAYAM | 312CZ039 | 9583495922 |
| 569 | ARPIT | 312CZ011 | 7894911960 |
| 568 | SUBHALAXMI | 321CZ017 | 6371705857 |
| 568 | BHAGYASHREE | 321CZ509 | 9853578058 |
| 568 | SWAYAMSHREE | 321CZ510 | 9827872997 |
| 567 | SATYAJIT | 312CZ010 | 7978274905 |
| 567 | SUBHASHREE SUBHASMITA | 321CZ068 | 7978768887 |
| 567 | ASHASRI | 321CZ111 | 9237473625 |
| 566 | SAI ARPIT | 312CZ118 | 8917543238 |
| 566 | RUMITA | 321CZ024 | 9178152840 |
| 565 | SUBHAM HARAPRIYA | 312CZ033 | 9668325122 |
| 564 | SHUBHAM | 312CZ007 | 9937533036 |
| 564 | SUBHANKAR | 312CZ026 | 7064837405 |
| 564 | BABUL | 312CZ093 | 7381834918 |
| 564 | PRAGYNA PARMITA | 321CZ065 | 9937431840 |
| 564 | BINODINI | 321CZ072 | 9438279824 |
| 564 | TANUSHREE | 321CZ082 | 8457958145 |
| 563 | MOHIT | 312CZ003 | 7042591220 |
| 563 | RUTENDRA | 312CZ005 | 8376946436 |
| 563 | RAJESH | 312CZ008 | 9437824159 |
| 563 | CHINMAYA | 312CZ097 | 7750985855 |
| 563 | RUDRA NARAYAN | 312CZ104 | 7908558686 |
| 563 | PRIYANKA | 321CZ039 | 9883320962 |
| 563 | ANANYA | 321CZ063 | 7894879290 |
| 563 | RASHMITA | 321CZ122 | 8249824883 |
| 562 | DIBYAJYOTI | 312CZ086 | 9692268696 |
| 562 | JYOTI RANJAN | 312CZ153 | 9861434928 |
| 561 | SITANSHU | 312CZ105 | 9178515603 |
| 561 | PRITISMITA | 321CZ007 | 9861306001 |
| 561 | PRIYANSHA | 321CZ010 | 8961657265 |
| 561 | SOUVAGYALAXMI | 321CZ022 | 9658552663 |
| 561 | PRAVASINI | 321CZ173 | 9348692263 |
| 560 | TANMAY | 312CZ006 | 9439099339 |
| 560 | RAJESH | 312CZ145 | 8328867688 |
| 560 | SOUMYA RANJAN | 312CZ158 | 9938372676 |
| 560 | PRATEEK | 312CZ234 | 9777204680 |
| 560 | RUDDHI SWASTIK | 312CZ581 | 7539031933 |
| 560 | SUBHASMITA | 321CZ011 | 8338816946 |
| 560 | PRANGYA | 321CZ511 | 6370197299 |

to be continued.....

## We are expecting 140 to 180 Govt. MBBS Admissions in 2025

71 MBBS IN 2024 | 54 MBBS IN 2023

## OUR ACHIEVERS IN AIIMS

| Score | Name | Mobile | AIIMS |
|---|---|---|---|
| 710 | KAMALAKANTA | Mob. : 8249906661 | AIIMS,BBSR(2024) |
| 700 | RAHUL | M. : 6372741832 | AIIMS,RAIPUR(2024) |
| 697 | SUSHREE SANGITA | Mob. : 9810975701 | AIIMS,DELHI(2021) |
| 695 | OMM PRAKASH | M. : 6372521307 | AIIMS,GRORAKHAPUR(2024) |
| 695 | SWAGATIKA | M. : 7381845430 | AIIMS GORAKHAPUR(2024) |
| 680 | DEVASIS SAHOO | Mob. : 9861492793 | AIIMS BBSR(2021) |
| 675 | ASHIRBAD BISWAL | Mob. : 7846821473 | AIIMS GORAKHPUR(2023) |
| 670 | ADITYA NARAYAN | M. : 8260333635 | AIIMS MADURAI(2024) |
| 670 | ANUPAM NAYAK | Mob. : 7205755502 | AIIMS KALYANI (2023) |
| 665 | SATYAJIT NAYAK | Mob. : 8260601336 | AIIMS RAIPUR(2022) |

We are expecting 10 to 20 IIT & NIT Admissions in 2025

## Qualifying & Scholarship Test for NEET :

25th May, 1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)
FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

Name of the Exam Centres :

| | | | | | |
|---|---|---|---|---|---|
| TETRAHEDRON Group of Institutions Tangi, Cuttack M. : 9040363480 | TETRAHEDRON Coaching Arunodaya Nagar, Cuttack M. : 8093064572 | OASIS Gopabandhu Square Bhubaneswar M. : 8093064525 | SRIRAM HIGHER Secondary School Soro, Near NH-16,Balasore M. : 8093664112 | ARYAVAT Higher Secondary School Soubhagya Nagar, Angul M. : 9348300700 | SANDILYA College of Science Dehuripali, Budharaja,Sambalpur M. : 9040363480 |

One Year NEET Coaching Starts from 29th May, 4th June & 22nd June 2025

# TETRAHEDRON

HIGHER SECONDARY SCHOOL
WOMEN`S HIGHER SECONDARY SCHOOL
RESIDENTIAL COACHING FOR NEET & JEE

www.tetrahedroncoaching.com



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଏହି ସ୍ଥଳରେ ଥିବା ୧୯ଟି ଐତିହ୍ୟ ମଠ ଗୁଡିକର ପୁନଃବିନ୍ୟାସ ନେଇ ଗତ କାଲି ରାଜ୍ୟର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ କହିଛି, ଐତିହ୍ୟ ସ୍ୱରୂପ ବିରାଜମାନ ଥିବା ଏହି ୧୯ଟି ମଠର ମୂଳ ପୀଠ ବା ବିଜେ ସ୍ଥଳୀକୁ ଅକ୍ଷୁର୍ଣ୍ଣ ରଖାଯାଇଥିଲା । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ, ସେଠାରେ ଥିବା ମଠ ଗୁଡିକର ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀ ଗୁଡିକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା, ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନ ଇତ୍ୟାଦି ଗୁଡିକ ଭଙ୍ଗାଯାଇ, ସେଗୁଡିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

### 'ମାଷ୍ଟର-କ୍ରାଫ୍ଟର୍ସ' ପ୍ରଦର୍ଶନୀ ଆୟୋଜିତ

# 'ରାଜ୍ୟରେ କ୍ରାଫ୍ଟ କ୍ଲଷ୍ଟର ବିକାଶ କରିବାକୁ ଯୋଜନା ରହିଛି'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା କ୍ରାଫ୍ଟସ୍ କାଉନ୍ସିଲ୍ ଗର୍ବର ସହିତ 'ମାଷ୍ଟର-କ୍ରାଫ୍ଟର୍ସ' ନାମକ ଏକ ଦୁଇ ଦିନିଆ ପ୍ରତିଷ୍ଠିତ ପ୍ରଦର୍ଶନୀର ଆୟୋଜନ କରୁଛି, ଯାହା ଓଡ଼ିଶାର ପାରମ୍ପାରିକ କାରୁକଳା ଏବଂ କାରିଗରମାନଙ୍କର କୌଶଳକୁ ସମ୍ମାନିତ କରୁଛି । ଏହି ପ୍ରଦର୍ଶନୀର ଉଦ୍ଘାଟନ କରି ପୁନମ ଗୁହା ତାପସ କୁମାର, ଆଇଏଏସ୍-ଆୟୁକ୍ତ ଏବଂ ସଚିବ, ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗ କହିଛନ୍ତି ଯେ ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ଶ୍ରୁଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଢୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ । ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକୀୟ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର, ଯେଉଁଥିରେ ଜାତୀୟ ଏବଂ ରାଜ୍ୟ ପୁରସ୍କାର ବିଜେତାମାନେ ଅନ୍ତର୍ଭୁକ୍ତ, ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ କରିବେ । ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୂପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଢୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକଟ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ । ସନ୍ତୋଷ କୁମାର ମହାପାତ୍ର, ଆଇଏଏସ୍ (ଅବସରପ୍ରାପ୍ତ)-ଅଧ୍ୟକ୍ଷ, ଓଡ଼ିଶା କ୍ରାଫ୍ଟସ୍ କାଉନ୍ସିଲ୍ କହିଲେ ଯେ, ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ଏବଂ ଏହା ଦ୍ୱିତୀୟ ସଂସ୍କରଣ । ଏଥିରେ ଅତି ଅଳ୍ପ କିଛି ପ୍ରତିଷ୍ଠିତ, ବିଶେଷ ଏବଂ ପୁରସ୍କାର ବିଜେତା କାରିଗରଙ୍କର କାରୁକଳା ପ୍ରଦର୍ଶିତ ହେଉଛି । ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବିଶେଷ ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ରେବତୀ ପାଣି, ସଦସ୍ୟ କ୍ରାଫ୍ଟସ୍ କାଉନ୍ସିଲ୍ ଓଡ଼ିଶା, ରମେଶ ସ୍ୱାଇନ, ସଦସ୍ୟ କ୍ରାଫ୍ଟସ୍ କାଉନ୍ସିଲ୍ ଓଡ଼ିଶା ଏବଂ ଡଃ ଆଦ୍ୟାଶା ଦାଶ, ସଦସ୍ୟ କ୍ରାଫ୍ଟସ୍ କାଉନ୍ସିଲ୍ ଓଡ଼ିଶା ।

## ମଞ୍ଚେଶ୍ୱରରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ୩ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରିଲସ ବନେଇବା ପାଇଁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ସୂର୍ଯ୍ୟକାନ୍ତ ବେହେରା, ବିଶ୍ୱନାଥ ଜେନା ଏବଂ ପ୍ରିୟବ୍ରତ ରାଉତ । ସେମାନଙ୍କ ନିକଟରୁ ପୋଲିସ ଦୁଇଟି ଖଣ୍ଡା ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ ସହିଦନଗର ଏବଂ ମଞ୍ଚେଶ୍ୱର ଥାନାରେ ଏକାଧିକ ମାମଲା ରହିଛି । ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୋଜୁଛି ପୋଲିସ । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିଥିବା ତଦନ୍ତରୁ ଜଣାପଡିଥିବା କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମିନା ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ପାଳନ ଅବସରରେ...

## ଅପରେସନ୍ ସିନ୍ଦୂରର ସଫଳତା ନେଇ ରକ୍ତଦାନ ଶିବିର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଠାରେ ଅପରେସନ୍ ସିନ୍ଦୂରର ଅପାର ସଫଳତା ପରେ ଭାରତୀୟ ଜନତା ଯୁବମୋର୍ଚ୍ଚା । ଭୁବନେଶ୍ୱର ଓ ଧନ୍ଦାମୂଳକ ଶିକ୍ଷକ କଲ୍ୟାଣ ସଙ୍ଘ ତରଫରୁ ଆୟୋଜିତ ମେଗା ରକ୍ତଦାନ ଶିବିରରେ ଅନୁଷ୍ଠିତ ହୋଇ ପ୍ରାୟ ୧୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀବିରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ଭୁବନେଶ୍ୱର ନେତା ଜଗନ୍ନାଥ ପ୍ରଧାନ , ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ଛାତ୍ର ନେତା ରାଣାପ୍ରତାପ ପାତ୍ର ଓ ଅନ୍ୟାନ୍ୟ ନେତୃତ୍ୱ ମାନେ ଯୋଗଦେଇଥିଲେ ।

## ୧୨ ଲକ୍ଷ ଟଙ୍କା ଠକେଇ, ଜଣେ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଧିକ ସୁଧ ଲୋଭରେ ୧୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ସାଇବର ଠକକୁ ଗିରଫ କଲା ସାଇବର ଥାନା ପୋଲିସ । ଅଭିଯୁକ୍ତ ପ୍ରମୋଦ କୁମାର ମହାନ୍ତିଙ୍କୁ ଗିରଫ କରିଛି ପୋଲିସ । ଭୁବନେଶ୍ୱର ଡିସିପି ଜଗମୋହନ ମିନା ଘଟଣାରେ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ମିଲନ କୁମାର ବେହୁରା ୧୨ଲକ୍ଷ ଟଙ୍କା ନେଇ ଠକେଇ ନେଇ ଅଭିଯୋଗ କରିଥିଲେ । ମାସକୁ ୭ ପ୍ରତିଶତ ଅଧିକ ସୁଧ ଦେବାକୁ କହି ଠକେଇ କରିଥିଲେ । ତାଙ୍କ ନିକଟରୁ ପୋଲିସ ୩ ମୋବାଇଲ, ଚେକ ବୁକ, ଡେବିଟ କାର୍ଡ, ପ୍ୟାନକାର୍ଡ଼, ରବର ଷ୍ଟାମ୍ପ ଜବତ କରିଛି । ବୈଷ୍ଣବୀ ଏଣ୍ଟର ପ୍ରାଇଜେସ ନାଁରେ ଫେକ୍ କମ୍ପାନୀ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଠକେଇ ଟଙ୍କାକୁ ଏହି ଫେକ କମ୍ପାନୀ ନାଁରେ ଟଙ୍କା ନେଇଥିବା ତଦନ୍ତରୁ ଜାଣିବାକୁ ପାଇଛି ପୋଲିସ । ଅଭିଯୁକ୍ତଙ୍କ ଦୁଇଟି ଆକାଉଣ୍ଟରୁ ୮ଲକ୍ଷ ୩୯ହଜାର ୯୦୦ଟଙ୍କା ଫ୍ରିଜ କରିଛି ପୋଲିସ । ଘଟଣାରେ ଆହୁରି ଅନେକ ଅଭିଯୁକ୍ତ ଅଛନ୍ତି ସେମାନଙ୍କୁ ଧରିବାକୁ ସାଇବର ଥାନା ତଦନ୍ତ ଜାରି ରଖିଛି ।

## ସବ୍ ରିଜିଓନାଲ୍ କନ୍‌ଫରେନ୍ସ ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଲ୍ ଇଣ୍ଡିଆ ଚାଟାର୍ଡ ଆକାଉଣ୍ଟାଣ୍ଟ ଇନଷ୍ଟିଚ୍ୟୁସନ ପକ୍ଷରୁ ସବ ରିଜିଓନାଲ କନଫରେନ୍ସ ୨୦୨୫ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ନାମ ସକ୍ଷମ ରଖାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ପଂଚାୟତ ରାଜ ମନ୍ତ୍ରୀ ରବି ନାୟକଙ୍କ ସହ ଆଇସିଏଆଇର ସଦସ୍ୟଙ୍କ ସହ ବିଭିନ୍ନ ସ୍ଥାନରୁ ଚାଟାର୍ଡ ଆକାଉଣ୍ଟାଣ୍ଟ ମାନେ ଯୋଗ ଦେଇଛନ୍ତି ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ପାଳିତ

## ବ୍ରିଟିଶ ବିରୋଧୀ ମହାସଂଗ୍ରାମର ନେତୃତ୍ୱ ନେଇଥିଲେ ନୀଳମଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୫ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ଜନନେତା, ବିଧାୟକ, ପୂର୍ବତନ ମନ୍ତ୍ରୀ, ସାଂସଦ, ପୂର୍ବତନ ବିଧାୟକ, ବୁଦ୍ଧିଜୀବି, ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥଲେ । ଜୟନ୍ତୀ କମିଟିର ଆବାହକ ରବି ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଅମର ପ୍ରସାଦ ଶତପଥୀ, ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପୁଷ୍ପେନ୍ଦ୍ର ସିଂହଦେଓ, ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ପ୍ରଶାନ୍ତ ଜଗଦେବ, ଅନନ୍ତ ନାରାୟଣ ଜେନା, ବାବୁ ସିଂ, ପୂର୍ବତନ ବିଧାୟକ ରବି ନାରାୟଣ ପାଣି, ବରିଷ୍ଠ ବିଜେଡ଼ି ନେତା ଅରୁପ ପଟ୍ଟନାୟକ, କର୍ପୋରେଟର ଅମରେଶ ଜେନା, ଯୁବନେତା ଉମାଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶ୍ରୀ ରାଉତରାୟ ଛାତ୍ରଜୀବନରୁ ବ୍ରିଟିଶ ବିରୋଧୀ ମହାସଂଗ୍ରାମର ନେତୃତ୍ୱ ନେଇଥିଲେ । ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ ସମୟରେ ସହପାଠୀଙ୍କ ସହ ମିଶି ୟୁନିୟନ ଜ୍ୟାକ୍ ପତାକାକୁ ହଟାଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମକୁ ତେଜିୟାନ କରିଥିଲେ ବୋଲି ବକ୍ତାମାନେ ଶ୍ରଦ୍ଧାଞ୍ଜଳି ସଭାରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ତାଙ୍କ ପରିବାରର ସଦସ୍ୟବୃନ୍ଦ ଓ ଶତାଧିକ ଶୁଭେଚ୍ଛୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ସରକାରୀ ଚାକିରି ଦେବା ନାଁରେ ଠକେଇ, ଜଣେ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସରକାରୀ ଚାକିରୀ କରାଇ ଦେବାକୁ କହି ଠକେଇ ଘଟଣାରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଅନିଲ କୁମାର ଦାସ । ତାଙ୍କ ନାଁରେ ମୈତ୍ରୀ ବିହାର ଥାନାରେ ୫ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଥିବା ବେଳେ ମଞ୍ଚେଶ୍ୱର ଥାନାରେ ଦେଢ଼ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି । କମିସନରେଟ ପୋଲିସର ମଞ୍ଚେଶ୍ୱର ଏବଂ ମୈତ୍ରୀ ବିହାର ଥାନାରେ ଅନିଲଙ୍କ ନାଁରେ ଠକେଇ ଅଭିଯୋଗ ରହିଛି । ଭୁବନେଶ୍ୱର ଡିସିପି ଜଗମୋହନ ମିନା ଏହି ସୂଚନା ଦେଇଛନ୍ତି ।



ଖଣ୍ଡଗିରିସ୍ଥିତ ସତ୍ୟ ମହିମା ଆଶ୍ରମରେ ଅଭାବିମାନଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ

## ବଦଳିବ ମେଟ୍ରୋ ଡିପିଆର୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଦଳିବ ମେଟ୍ରୋ ଡିପିଆର । ତ୍ରିଶୂଳିଆରୁ ବିମାନ ବନ୍ଦର ପର୍ଯ୍ୟନ୍ତ ଭାଏବୁଲ ହେଉନଥିବାରୁ ନୂଆ ଡିପିଆର ପ୍ରସ୍ତୁତ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ମେଟ୍ରୋ ରୁଟ କଣ ରହିବ, କେଉଁ ପର୍ଯ୍ୟନ୍ତ ଯିବ ସେ ସବୁ କଥା ନେଇ ଦୁଇ ତିନି ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ । କେମିତି ହେଲେ ଭଲ ହେବ ସେ ନେଇ ଉଚ୍ଚସ୍ତରୀୟ ବୈଠକ ବସିବ । ପୂର୍ବରୁ ଦୁଇଟି ବୈଠକ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଆଉ ଏକ ବୈଠକ ବସିବ । ସରକାରଙ୍କ ବର୍ଷେ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଏ ନେଇ ବଡ ଘୋଷଣା କରି ପାରନ୍ତି ବୋଲି ସୂଚନା ମିଳିଛି ।

## ସିଏମ୍‌ଏଙ୍କ ନେତୃତ୍ୱକୁ ଇରେଡା ସିଏମ୍‌ଡିଙ୍କ ପ୍ରଶଂସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ଓଡ଼ିଶାର ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୬୨ତମ ଜାତୀୟ କଷ୍ଟ ଆଣ୍ଡ୍ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ୍ସ ସମ୍ମିଳନୀକୁ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ସମ୍ବୋଧିତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ସ୍ଥାୟୀ ବିକାଶ ଓ ଅକ୍ଷୟ ଶକ୍ତି କ୍ଷେତ୍ର ପ୍ରତି ଯୋଗଦାନ ପାଇଁ ଇରେଡାର ଉଲ୍ଲେଖନୀୟ ଯୋଗଦାନକୁ ସେ ପ୍ରଶଂସା କରିଥିଲେ । କର୍ପୋରେଟ୍‌ରେ ଚମତ୍କାର ପରିବର୍ତନ ଆଣିବା, ପ୍ରଶାସନ ଓ ସ୍ଥାୟୀ ବିକାଶକୁ ବଢ଼ାଇବାରେ ସିଏମ୍‌ଏମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଆଲୋକପାତ କରିଥିଲେ ।

## ବାଂଲାଦେଶୀଙ୍କ ପାଇଁ ଟ୍ୱିନ୍‌ସିଟିରେ ଅପରାଧ ବଢୁଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟ୍ୱିନ୍ ସିଟିରେ ଅପରାଧ ବଢୁଛି । ବସ୍ତିରୁ ବାର୍ ବାଂଲାଦେଶୀ ଅନୁପ୍ରବେଶକାରୀ ସବୁଠି ମାତିଛନ୍ତି । ବାଂଲାଦେଶୀଙ୍କ ଅନୁପ୍ରବେଶ ନେଇ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ସେ କହିଛନ୍ତି ଯେ ଅନୁପ୍ରବେଶକାରୀ ଚୋରା ନିଶା କାରବାର ସହିତ ଅପରାଧ ଘଟାଉଛନ୍ତି । ଚେକ୍ ଦେବାକୁ ନଗର ଉନ୍ନୟନ ଓ ଅବକାରୀ ବିଭାଗର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି । ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ । ବସ୍ତିରେ ରହୁଥିବା ଅପରାଧିଙ୍କ ଘରକୁ ଭଙ୍ଗା ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## କର୍ମଚାରୀ ଓ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିବ ରାଜସ୍ୱ ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିବ ରାଜସ୍ୱ ବିଭାଗ । ଏନେଇ ସ୍ୱତନ୍ତ୍ର କର୍ମଶାଳା ଡାକିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଆସନ୍ତା ୪ ଓ ୫ ଦୁଇ ଦିନ ଧରି ଭୁବନେଶ୍ୱରରେ ସମ୍ମିଳନୀ ଆୟୋଜିତ ହେବ । ୪ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏଥିରେ ୩୧୭ ତହସିଲଦାର, ୫୮ ଉପ ଜିଲ୍ଲାପାଳ ଏବଂ ୩୦ ଏଡିଏମ୍ ଯୋଗଦେବେ । ସେହିପରି ବ୍ଲକ ସ୍ତରରେ ଆରଆଇ ଓ ଅମିନ ଭିସି ଜରିଆରେ ଯୋଡ଼ିହେବେ । ଏଥିରେ ରାଜସ୍ୱ ସେବା ପ୍ରଦାନରେ ସଫଳ ତହସିଲ ଓ ଜିଲ୍ଲାକୁ ପୁରସ୍କୃତ କରାଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

## ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ପରିଦର୍ଶନ କଲେ ପ୍ରମୁଖ ସଚିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ଏବଂ ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଥିବା ଗାଙ୍ଗୁଆନାଳ ଏବଂ ଦୟା ପଶ୍ଚିମ କେନାଲ ଅଂଚଳକୁ ପରିଦର୍ଶନ କରିଥିଲେ । ତାଙ୍କ ସହିତ ବିଏମ୍‌ସି କମିଶନର ରାଜେଶ ପ୍ରବାକର ପାଟିଲ, ବିଡିଏ ଉପାଧକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବିଏମ୍‌ସି ଏବଂ ବିଡିଏର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ । ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ଚ୍ୟାନେଲ ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରିବା ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଏବଂ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।

### ଗ୍ରାଚ୍ୟୁଇଟି ଅର୍ଥରାଶି ଓ ପେନ୍‌ସନ୍ ବିଚାର ନିମନ୍ତେ ସରକାରଙ୍କୁ ଚିଠି

## କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ ମୁଣ୍ଡ ଟେକିବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ତ୍ତ ବିଭାଗର ଡିଏଲ୍‌ଆର/ଏନ୍‌ଏମ୍‌ଆର କର୍ମଚାରୀମାନଙ୍କୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପରି ପେନ୍‌ସନ୍ ଏବଂ ଅବସର ପରବର୍ତ୍ତୀ ସୁବିଧା ପ୍ରଦାନ ପାଇଁ ଏନ୍‌ଏମ୍‌ଆର/ଡିଏଲ୍‌ଆର ସେବା ଅବଧିକୁ ଗଣନା କରି ୧୯୯୨ ଓସିଏସ୍ (ପେନ୍‌ସନ୍) ରୁଲ୍‌ସ୍‌ର ନିୟମ ୧୮(୬) ଅନୁସାରେ ପେନସନ୍ ଏବଂ ତତ୍‌ସହିତ ୫ ବର୍ଷରୁ ଅଧିକ ୱାର୍କଚାର୍ଜଡ୍ ସେବା ଅବଧିକୁ ନିୟମିତ ଓ ଯୋଗ୍ୟ ସେବା ଅବଧି ଭାବେ ବିବେଚନା କରି ପେନ୍‌ସନ୍ ପ୍ରଦାନ ପାଇଁ ସରକାରୀ ସ୍ତରରେ ବିଚାର ଓ ଆବଶ୍ୟକୀୟ ନିର୍ଦ୍ଦେଶ ପାଇଁ ଯନ୍ତ୍ରୀମୁଖ୍ୟ (ସିଭିଲ୍) ଓଡ଼ିଶା ପତ୍ର ସଂଖ୍ୟା ୨୦୨୨୪, ତାରିଖ ୨୨.୫.୨୦୨୫ରେ ବିଭାଗୀୟ କର୍ତ୍ତୃପକ୍ଷ ପୂର୍ତ୍ତ ସଚିବଙ୍କୁ ପତ୍ର ଲେଖିଛନ୍ତି । ଡିଏଲ୍‌ଆର ଓ ଡିଏଲ୍‌ଆରରୁ ୱାର୍କଚାର୍ଜଡ୍ ଚାକିରି ପର୍ଯ୍ୟନ୍ତ ଗ୍ରାଚ୍ୟୁଇଟି ଅର୍ଥରାଶି ପ୍ରଦାନ ନିମନ୍ତେ ଯନ୍ତ୍ରୀମୁଖ୍ୟ (ସିଭିଲ୍) ଓଡ଼ିଶା ମୋଟ୍ ୧୪୭କୋଟି ୬୨ଲକ୍ଷ ୨୮ ହଜାର ୨୨୪ ଟଙ୍କା ବ୍ୟୟ ବରାଦର ହିସାବ ଦେଇଛନ୍ତି । ଅବଧି ଅବସର ଗ୍ରହଣ କରିଥିବା ୧୪୦୮ଜଣ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ୮୯ କୋଟି ଟଙ୍କାର ଆବଶ୍ୟକତା ପଡୁଛି ବୋଲି ଯନ୍ତ୍ରୀମୁଖ୍ୟ (ସିଭିଲ୍) ଓଡ଼ିଶା ପତ୍ର ସଂଖ୍ୟା ୨୦୧୨୨, ତା ୨୧.୫.୨୦୨୫ରେ ବିଭାଗୀୟ ପୂର୍ତ୍ତ ସଚିବଙ୍କୁ ଜଣାଇଛନ୍ତି । ତେବେ ଓଡ଼ିଶା ପୂର୍ତ୍ତ ବିଭାଗ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ସଂଘ ଓ ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ ରେଗୁଲାର କର୍ମଚାରୀ ସଂଘ ଆନ୍ଦୋଳନରୁ ଓହରିଛି । ସଂଘ ନେତା ଗଗନ ଭଞ୍ଜ, ଅରୁଣ ପରିଡ଼ା, ପ୍ରତାପ ସେନାପତି, ନିରଞ୍ଜନ ବାହିନୀପତି, ଶିଶିର ସାବତ, ସୁକାନ୍ତ ମହାରଣା ପ୍ରମୁଖ ମିଳିତ ବିବୃତିରେ କହିଛନ୍ତି ଯେ, ଯନ୍ତ୍ରୀମୁଖ୍ୟ (ସିଭିଲ୍) ଓଡ଼ିଶା ଗ୍ରାଚ୍ୟୁଇଟି ପ୍ରଦାନ ବାବଦରେ ପଠାଇଥିବା ଆର୍ଥିକ ବ୍ୟୟବରାଦ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପରି ଡିଏଲ୍‌ଆର/ଏନ୍‌ଏମ୍‌ଆର ଓ ୱାର୍କଚାର୍ଜଡ୍ କର୍ମଚାରୀଙ୍କ ସେବା ଅବଧି କାଳକୁ ନିୟମିତ ଓ ଯୋଗ୍ୟସେବା ଅବଧି ଭାବରେ ବିବେଚନା କରି ସରକାର ପେନ୍‌ସନ୍ ପ୍ରଦାନ ନ କଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ମୁଣ୍ଡ ଟେକିବ ।

## ରାଜଧାନୀରେ ଚାଲିବ ହାଇଡ୍ରୋଜେନ ବସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ରାଜଧାନୀରେ ଚାଲିବ ହାଇଡ୍ରୋଜେନ ବସ । ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ପ୍ରାରମ୍ଭିକ ଭାବେ ୩ ହାଇଡ୍ରୋଜେନ୍ ବସ ଚାଲିବ । ଏନେଇ ଏମ୍‌ଓୟୁ ସରିଛି ।

## ୩ରେ ବିପର୍ଯ୍ୟୟ ପରିଚାଳନା ସମନ୍ୱୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୌସୁମୀ ଆସିବା ପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ପ୍ରାଥମିକ ଆଲୋଚନା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଜୁନ ୩ ତାରିଖରେ ବିପର୍ଯ୍ୟୟ ପରିଚାଳନା ସମନ୍ୱୟ ବୈଠକ ବସିବ । ପଞ୍ଚାୟତିରାଜ ବିଭାଗ, ନଗର ଉନ୍ନୟନ ବିଭାଗ, ଶକ୍ତି ବିଭାଗ ସହିତ ସମନ୍ୱୟ ବୈଠକ କରାଯିବ । ମନ୍ତ୍ରୀ କହିଛନ୍ତି ୧୬ ବର୍ଷ ପରେ ମୌସୁମୀ ସଅଳ ଆସିଛି । ଆଜି ଏବିଷୟରେ ପ୍ରାଥମିକ ଆଲୋଚନା ବିଭାଗୀୟ ଅଧିକାରୀ ମାନଙ୍କ ସହ କରିଛି । ଜୁନ୍ ୩ ରେ ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗ, ଶକ୍ତି ବିଭାଗ ସହିତ ସମନ୍ୱୟ ବୈଠକ କରାଯିବ । ଗ୍ରୀଷ୍ମ ପ୍ରବାହ ବି ବହୁ ପୂର୍ବରୁ ଆସିଲା । ଆମେ ଏହାକୁ ମୁକାବିଲା କଲୁ । ସେହିପରି ବର୍ଷା ପାଇଁ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରସ୍ତୁତ ।

# ନାଦ ନିନାଦ ଅନୁଷ୍ଠାନର ଗ୍ରୀଷ୍ମ ଉତ୍ସବ




କଟକ(ଭାସ୍କର ନ୍ୟୁଜ୍): ଶନିବାର ସ୍ଥାନୀୟ କଳାବିକାଶ କେନ୍ଦ୍ର ପ୍ରେଖ୍ୟାଳୟରେ କଟକ ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନାଦ ନିନାଦ' ର ଦୁଇ ଦିନିଆ ଗ୍ରୀଷ୍ମ ଉତ୍ସବ ୨୦୨୫ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବକୁ ବିଶିଷ୍ଟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଡ଼. ଶ୍ୟାମାମଣୀ ଦେବୀ ଉଦଘାଟନ କରି ଭାରତୀୟ ଶାସ୍ତ୍ରୀୟ ସଂଗୀତ କିପରି ସମାଜକୁ ଶୃଙ୍ଖଳିତ କରେ ସେ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର ନାଥ ମହାନ୍ତି, ସୁଧୀ ରଞ୍ଜନ ମିଶ୍ର ଓ ଅସୀମ କୁମାର ଯୋଗ ଦେଇ ଶାସ୍ତ୍ରୀୟ ସଙ୍ଗୀତ, ଓଡିଶୀ ସଂଗୀତ ଓ ନୃତ୍ୟ ର ପ୍ରଚାର ପ୍ରସାର କ୍ଷେତ୍ରରେ 'ନାଦ ନିନାଦ'ର ନିରନ୍ତର ପ୍ରୟାସ କୁ ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାରମ୍ଭ ରେ ଅନୁଷ୍ଠାନ ର ସଭାପତି ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଅନୁଷ୍ଠାନ ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ରଞ୍ଜନ କୁମାର ସାହୁ ସମ୍ପାଦକ ବିବରଣୀ ପାଠ କରିଥିଲେ । ଶାସ୍ତ୍ରୀୟ ସଂଗୀତର ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସମ୍ପାଦକ ଇଂ. ଖିରୋଦ ମୋହନା ପଟ୍ଟନାୟକଙ୍କୁ ଚଳିତ ବର୍ଷର ନିଦାଘ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଶିଳ୍ପୀ ମାନେ ପଣ୍ଡିତ ଏ. ମହେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ରାଗ ମାଳା ପରିବେଷଣ କରିଥିଲେ । ପରେ ଯୁବ ଶାସ୍ତ୍ରୀୟ ସଂଗୀତ କଣ୍ଠ ଶିଳ୍ପୀ ଏ. ଶିବ ପ୍ରସାଦ ରାଓ ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ପରିବେଷଣ କରିଥିଲେ । ତାଙ୍କ ସହିତ କୌସ୍ତୁଭ ସ୍ୱାଇଁ ତବଲାରେ ସହଯୋଗ କରିଥିଲେ । ଶେଷରେ ଦିଲ୍ଲୀର ପ୍ରସିଦ୍ଧ ବେହେଲା ବାଦକ ଯଦଦେଶ ରାଇକର ବେହେଲା ବାଦନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ତାଙ୍କ ସହିତ ତବଲାରେ ଜିତେନ୍ଦ୍ର କୁମାର ସ୍ୱାଇଁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁଜନ କୁମାର ରାୟଚୌଧୁରୀ, କାନନ ବାଳା ରାୟଚୌଧୁରୀ, ମିଳନ ପରିଡା, ବିଜୟ କୁମାର ସ୍ୱାଇଁ, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ରାଓ, ନମ୍ରତା ମହାନ୍ତି, ଅଜୟ ବାରିକ, ବନ ଲକ୍ଷ୍ମୀ କାନୁନଗୋ, ବିଜୟାଲକ୍ଷ୍ମୀ ପତି, ଲଳିତ ତ୍ରିପାଠୀ ଙ୍କ ସମେତ 'ନାଦ ନିନାଦ'ର ସଦସ୍ୟ ସଦସ୍ୟା ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିଶିଷ୍ଟ ଉଦଘୋଷକ ବିଚିତ୍ରା ନନ୍ଦ ପଣ୍ଡା ପରିଚାଳନା କରିଥିବା ବେଳେ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ବିଷ୍ଣୁଦେବଙ୍କୁ ଭେଟିଲେ ପୁଞ୍ଜି ନିବେଶକାରୀ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଇଂଲଣ୍ଡରେ ସବୁ ମ୍ୟାଚ୍ ଖେଳିବେନି ବୁମରା | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୪ Vol. 22 No-54 25 MAY 2025 SUNDAY, BHUBANESWAR ରବିବାର, ୨୫ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଖଣି ଦୁର୍ନୀତିର ଖୋଳତାଡ଼ କରିବ ୮ଜଣିଆ ଏସ୍ଆଇଟି ଟିମ୍

ସୁନ୍ଦରଗଡ଼, ୨୪।୫(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା କୋଇଡା ହେମଗିରିରେ ହୋଇଥିବା ଖଣି ଦୁର୍ନୀତିର ଖୋଳତାଡ଼ କରିବ ଭିଜିଲାନ୍ସର ୮ଜଣିଆ ଏସ୍ଆଇଟି ଟିମ୍। ଭିଜିଲାନ୍ସ ଆଇଜି ସଞ୍ଜୟ କୌଶଲଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ କରାଯାଇଛି । ପ୍ରାଥମିକ ଭାବେ ଦୁଇ ଅଞ୍ଚଳରେ ଥିବା ଖଣି ସଂସ୍ଥାର କାଗଜପତ୍ର ଯାଞ୍ଚ କରାଯିବ ବୋଲି ଶ୍ରୀ କୌଶଲ କହିଛନ୍ତି।

### ଇପିଏଫ୍ ସୁଧହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୨୪।୫: କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଇପିଏଫ ଉପରେ ୮.୨୫% ସୁଧହାରକୁ ମଞ୍ଜୁରି ଦେଇଛନ୍ତି। ଏହାଫଳରେ ଇପିଏଫଓ ଏହାର ୭ କୋଟିରୁ ଅଧିକ ଆକାଉଣ୍ଟଧାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଉପରେ ବାର୍ଷିକ ସୁଧ ଜମା କରିପାରିବ। ବର୍ତ୍ତମାନର ସୁଧହାର ପୂର୍ବ ଆର୍ଥିକ ବର୍ଷରେ ଦିଆଯାଇଥିବା ସୁଧହାର ସହିତ ସମାନ। ତେଣୁ ଏହା ଅପରିବର୍ତ୍ତିତ ରହିଛି।


### କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

ଟିଟିଲାଗଡ଼, ୨୪।୫(ଭାସ୍କର ନ୍ୟୁଜ): ଟିଟିଲାଗଡ଼ ବଡ଼ମାଳ ଷ୍ଟେସନ ନିକଟରେ ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏହାର ଦୁଇଟି ବଗିରେ ନିଆଁ ଲାଗିଥିବାବେଳେ ଅଗ୍ନିଶମବାହିନୀ ଏହାକୁ ଆୟତ୍ତ କରିଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସୂଚନାଯୋଗ୍ୟ ଯେ ବାରମ୍ବାର ବିଭିନ୍ନ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟୁଥିବାରୁ ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଛି।

ସେନ୍‌ସେକ୍ସ: ୮୧,୭୨୧.୦୮
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୪।୫।୨୦୨୫ ର ମତାମତ**

ଓଡ଼ିଶାର ମନ୍ଦିରଗୁଡ଼ିକରେ ଅଣହିନ୍ଦୁଙ୍କ ପ୍ରବେଶକୁ ରୋକାଯାଇ ପାରିବ କି?




**ଆଜିର ପ୍ରସଙ୍ଗ**

ସରକାରଙ୍କ ସମସ୍ତ ଉଦ୍ୟମ ଫଳରେ ଚଳିତବର୍ଷର ରଥଯାତ୍ରା ଶାନ୍ତିପୂର୍ଣ୍ଣ ହେବ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ



କରୋନା ଆସୁଛି ଶୁଣିଲା ବେଳଠୁଁ
ଲାଗିଲାଣି ଭାରି ଡର,
ଏବେଠୁଁ ସତର୍କ ନ ହୋଇବା ଯଦି
ଦହଗଞ୍ଜ ହେବା ସାର ।
ପୁଣି ୱାର୍କ ଫ୍ରମ୍ ଘର,
ପୁଣି ଆଉଥରେ ଡିଷ୍ଟାନ୍ସ ମେଣ୍ଟେନ
ସାନିଟାଇଜେସନ କର !

## ଭାରତୀୟ ପାଣିପାଗ ବିଭାଗର ସୂଚନା

# କେରଳ ଛୁଇଁଲା ମୌସୁମୀ



- ସାଧାରଣତଃ ଜୁନ୍ ୧ରେ ଛୁଇଁଥାଏ
- ୧୬ବର୍ଷ ପରେ ସଅଳ ଛୁଇଁଲା
- କେରଳ ଉପକୂଳରେ ପ୍ରବଳ ବର୍ଷା
- ଖୁବ୍‌ଶୀଘ୍ର ଆସିବ ଓଡ଼ିଶା

ନୂଆଦିଲ୍ଲୀ, ୨୪।୫: ଶେଷରେ ସବୁ ପ୍ରତୀକ୍ଷାର ଅନ୍ତଃ ଘଟିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର କେରଳ ଉପକୂଳ ଛୁଇଁଛି। ଶନିବାର ପୂର୍ବାହ୍ନରେ ମୌସୁମୀ କେରଳ ଉପକୂଳ ଛୁଇଁଥିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ସ୍ୱାଭାବିକ ତାରିଖର ୮ ଦିନ ପୂର୍ବରୁ ମୌସୁମୀ କେରଳ ଛୁଇଁଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରଭାବ ଆରମ୍ଭ ହୋଇଛି। ଗତ ୧୬ବର୍ଷ ମଧ୍ୟରେ ମୌସୁମୀ ସହଳ ପହଞ୍ଚିବା ପ୍ରଥମ ବୋଲି କୁହାଯାଉଛି। ଗତ ଦୁଇଦିନ ଧରି କେରଳର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଥିବାର ସୂଚନା ଦିଆଯାଇଛି। ଏହାଏକ ନିମ୍ନଚାପ କ୍ଷେତ୍ର ଏବଂ ଏକ ପ୍ରଗତିଶୀଳ ମୌସୁମୀ ପ୍ରଣାଳୀର ମିଶ୍ରଣ ଯୋଗୁ ଘଟିଛି। ଶେଷଥର ପାଇଁ କେରଳରେ ଶୀଘ୍ର ମୌସୁମୀ ୨୦୦୯ ଓ ୨୦୦୧ରେ ପହଞ୍ଚିଥିଲା। ସାଧାରଣତଃ ମୌସୁମୀ ଜୁନ୍ ୧ରେ କେରଳ ଉପକୂଳରେ ପହଞ୍ଚିଥାଏ। ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ କେରଳ ଏବଂ ଉପକୂଳ କର୍ଣ୍ଣାଟକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଆଗାମୀ ୫ ଦିନ ମଧ୍ୟରେ ତାମିଲନାଡ୍ରୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ବର୍ଷା ଓ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଥିବା ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ପ୍ରଥମ ଥରପାଇଁ ୧୯୧୮ ମସିହା ମଇ ୧ ତାରିଖରେ କେରଳରେ ପହଞ୍ଚିଥିଲା। ମୌସୁମୀ ବିଳମ୍ବରେ ଆସିବାର ରେକର୍ଡ ୧୯୭୨ ମସିହାରେ ଥିଲା। ଯେତେବେଳେ ମୌସୁମୀ ବର୍ଷା ଜୁନ୍ ୧୮ ତାରିଖରେ ହୋଇଥିଲା। ଶନିବାର କେରଳ ଉପକୂଳ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, କୋଙ୍କଣ ଓ ଗୋଆର ପୃଥକ ସ୍ଥାନରେ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ତେବେ ପାଗ ଅନୁକୂଳ ଥିବାରୁ ଠିକ୍ ସମୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ୨୦୨୪ ମସିହା ମେ ୩୦ରେ ମୌସୁମୀ କେରଳ ଛୁଇଁଥିବାବେଳେ ୨୦୨୩ ଜୁନ୍ ୮, ୨୦୨୨ ମେ ୨୯, ୨୦୨୧ ଜୁନ୍ ୩, ୨୦୨୦ ଜୁନ୍ ୧ରେ କେରଳ ଛୁଇଁଥିଲା। ସେହିପରି ୨୦୧୯ ଜୁନ୍ ୮ରେ ମୌସୁମୀ କେରଳ ଉପକୂଳ ଛୁଇଁଥିବାବେଳେ ୨୦୧୮ ମେ ୨୯, ୨୦୧୭ ମେ ୩୦, ୨୦୧୬ ଜୁନ୍ ୮, ୨୦୧୫ ଜୁନ୍ ୫, ୨୦୧୪ ଜୁନ୍ ୬, ୨୦୧୩ ଜୁନ୍ ୧, ୨୦୧୨ ଜୁନ୍ ୫, ୨୦୧୧ ମେ ୨୯, ୨୦୧୦ ● ପୃଷ୍ଠା ୫ ଦେଖନ୍ତୁ

## ନୀତି ଆୟୋଗ କାଉନସିଲ ବୈଠକରେ ମୋଦୀଙ୍କ ସମ୍ବୋଧନ

# ବିକଶିତ ଭାରତ ଲକ୍ଷ୍ୟ




ନୂଆଦିଲ୍ଲୀ, ୨୪।୫: ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ଭଳି ଗୋଟିଏ ଲକ୍ଷ୍ୟ ଉପରେ ସମସ୍ତେ ଧ୍ୟାନ ଦେବା ଜରୁରି। ଆମେ ପ୍ରତ୍ୟେକ ରାଜ୍ୟ, ପ୍ରତ୍ୟେକ ସହର, ପ୍ରତ୍ୟେକ ନଗରପାଳିକା ଓ ପ୍ରତ୍ୟେକ ଗାଁକୁ ବିକଶିତ କରିବାର ଲକ୍ଷ୍ୟ ରଖିବା ଉଚିତ୍। ଯଦି ଆମେ ଏ ଦିଗରେ କାମ କରୁ, ତେବେ ବିକଶିତ ଭାରତ ଗଠନ ପାଇଁ ୨୦୪୭ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଶନିବାର ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତମଣ୍ଡପମ୍‌ରେ ଆୟୋଜିତ ନୀତି ଆୟୋଗର ୧୦ମ କାଉନସିଲ ବୈଠକରେ ● ପୃଷ୍ଠା ୫ ଦେଖନ୍ତୁ

### ୧୨ରେ ବିକଶିତ ଓଡ଼ିଶା ଭିଜନ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୪।୫: ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତମଣ୍ଡପମ୍‌ରେ ଶନିବାର ଆୟୋଜିତ ନୀତିଆୟୋଗର ୧୦ମ କାଉନସିଲ ବୈଠକରେ ସାମିଲ ହୋଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ବିକଶିତ ଓଡ଼ିଶା ଭିଜନ ଉପରେ ମନ୍ତବ୍ୟ ରଖିଥିଲେ। ସେ କହିଥିଲେ, ଆସନ୍ତା ୧୨ ତାରିଖରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ଲଞ୍ଚ କରାଯିବ। ୩ଲକ୍ଷ ୨୦ହଜାର ଲୋକଙ୍କ ଫିଡବ୍ୟାକ୍‌କୁ ପାଥେୟ କରି ଏହି ଭିଜନ ପ୍ରସ୍ତୁତ କରାଯାଇଛି। ଏଥିରେ କୃଷକଙ୍କ ଆୟବୃଦ୍ଧି, ଦ୍ରୁତ ସହରୀକରଣ, ବିଶ୍ୱସ୍ତରୀୟ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ବୟନଶିଳ୍ପ, ପୋଷାକ ପ୍ରସ୍ତୁତ ଏବଂ ଖାଦ୍ୟ ପ୍ରକ୍ରିୟାକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିବାବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ବ୍ୟାପକ ବ୍ୟୟବରାଦ କରାଯାଇଛି। ଆସନ୍ତା ୫ ବର୍ଷରେ ଦେଢଲକ୍ଷ ନିଯୁକ୍ତି ପାଇଁ ● ପୃଷ୍ଠା ୫ ଦେଖନ୍ତୁ

## ଶିକାରୀ ଗୁଳିରେ ଫରେଷ୍ଟଗାର୍ଡ ମୃତ


# ୩୦ଲକ୍ଷର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ହିନ୍ଦୋଳ/ଭୁବନେଶ୍ୱର, ୨୪।୫(ଭାସ୍କର ନ୍ୟୁଜ): ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ମୃତ। ଏଭଳି ଏକ ଅଘଟଣ ଅନୁଗୋଳ ଜିଲ୍ଲା ହିନ୍ଦୋଳ ରେଞ୍ଜ କଇ ରିଜର୍ଭ ଫରେଷ୍ଟର ତଣ୍ଟିଚିରା ନିକଟରେ ଘଟିଛି। ମୃତ ଫରେଷ୍ଟଗାର୍ଡଙ୍କ ନାମ ପ୍ରହ୍ଲାଦ ପ୍ରଧାନ ବୋଲି ଜଣାପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତି ୩ଟାରେ ୪ଜଣ ଶିକାରୀ ଜଙ୍ଗଲ ଭିତରକୁ ପଶିଥିଲେ। ଏ ସଂପର୍କରେ ସୂଚନା ପାଇବାମାତ୍ରେ ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଧରିବା ଲାଗି ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଶିକାରୀ ଗୁଳି କରିବାରୁ ଫରେଷ୍ଟଗାର୍ଡ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଅନୁଗୋଳ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବନ ବିଭାଗ କର୍ମଚାରୀ ୩ ଶିକାରୀଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଛି। ଗିରଫ ୩ଜଣଙ୍କୁ ହିନ୍ଦୋଳ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ଏହି ଶିକାରୀମାନେ ଜଙ୍ଗଲ ଭିତରେ ଏକ ମଶୁରି ଟାଙ୍ଗି ଜଙ୍ଗଲରୁ ଜନ୍ତୁ ଶିକାର କରୁଥିବା ମାଂସକୁ ନିଜ ଭିତରେ ଭାଗବଣ୍ଟା କରୁଥିଲେ। ତେବେ ବନ କର୍ମଚାରୀଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

## ■ ଚିନ୍ତା ବଢାଉଛି କରୋନା ■

# ୨୮ରେ କେନ୍ଦ୍ର ସ୍ୱାସ୍ଥ୍ୟବିଭାଗ ବୈଠକ



ନୂଆଦିଲ୍ଲୀ, ୨୪।୫: ୨୦୨୦ରେ ସାରା ବିଶ୍ୱକୁ ଭୟଭୀତ ଓ ଆତଙ୍କିତ କରିଥିବା କରୋନା ଭାଇରସ ଏବେ ପୁଣିଥରେ ବ୍ୟାପିବା ଆରମ୍ଭ କରିଛି। ଏହି କାରଣରୁ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ମାମଲା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଭାରତ ସମେତ ବିଶ୍ୱର ଅନେକ ଦେଶରେ କରୋନାର ନୂଆ ଭାରିଆଣ୍ଟ ମାଡୁଥିବା ସୂଚନା ମିଳିଛି। ମହାରାଷ୍ଟ୍ର, କେରଳ, ଦିଲ୍ଲୀ, ଗୁଜରାଟ, ହରିଆଣା ଏବଂ କର୍ଣ୍ଣାଟକୁ ପ୍ରତିଦିନ ନୂଆନୂଆ ମାମଲା ସାମ୍ନାକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ମହାରାଷ୍ଟ୍ରରେ ୪୫ଟି ନୂଆ ମାମଲା ଚିହ୍ନଟ ହୋଇଛି। ଏମାନଙ୍କ ମଧ୍ୟରୁ ୩୫ଜଣ ମୁମ୍ବାଇରୁ ହୋଇଥିବାବେଳେ ୪ଜଣ ପୁଣେରୁ, ୨ଜଣ କୋହ୍ଲାପୁରରୁ, ୨ଜଣ ରାୟଗଡ଼ରୁ ଏବଂ ଲାଟୁର ଓ ଥାନେରୁ ଜଣେ ଲେଖାଏଁ ରହିଛନ୍ତି। ଗତ ଜାନୁଆରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ୬୮୧୯ଜଣଙ୍କର କରୋନା ଟେଷ୍ଟ କରାଯାଇ ୨୧୦ଜଣ ପଜିଟିଭ ଚିହ୍ନଟ ହୋଇଛି। ମୁମ୍ବାଇର ମୋଟ ୧୮୩ ଜଣ ଆକ୍ରାନ୍ତଙ୍କ ● ପୃଷ୍ଠା ୫ ଦେଖନ୍ତୁ

## ଶେଷ ନିଃଶ୍ୱାସ ନେଉଛି ମାଓବାଦ

# ଭୁଶୁଡୁଛି ଲାଲ୍‌ଗଡ଼

**୨୪ ମାଓବାଦୀଙ୍କ ଆତ୍ମସମର୍ପଣ**

**ଝାଡ଼ଖଣ୍ଡରେ ଟଳିଲେ ୨ ମାଓବାଦୀ**

**ଟାର୍ଗେଟରେ ମାଓନେତା ହିଡମା**

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୫ (ବ୍ୟୁରୋ): ଭୁଶୁଡୁଛି ଲାଲଗଡ଼। ଦୁର୍ବଳ ହେଉଛି ମାଓ ସଂଗଠନ। ଶେଷନିଃଶ୍ୱାସ ଗଣୁଛି ନକ୍ସଲବାଦ। ୨୦୨୬ ମାର୍ଚ୍ଚସୁଦ୍ଧା ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଛନ୍ତି ତାହା ଧିରେ ଧିରେ ପୂରଣ ହେବାକୁ ଯାଉଛି। ମାଓପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷାକର୍ମୀଙ୍କୁ ମିଳୁଛି ବଡ଼ ସଫଳତା। ଶୁକ୍ରବାର ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଏନକାଉଣ୍ଟରରେ ୪ ଦୁର୍ଦ୍ଧାନ୍ତ ମାଓବାଦୀ ନିପାତ ହୋଇଥିବାବେଳେ ଶନିବାର ଝାଡ଼ଖଣ୍ଡରେ ୨ ମାଓବାଦୀ ଏନକାଉଣ୍ଟରରେ ଟଳିଛନ୍ତି। ଝାଡ଼ଖଣ୍ଡର ଲାତେହାରରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟବେଳେ ଏହି ଦୁଇ ମାଓବାଦୀ ନିହତ ହୋଇଛନ୍ତି। ଏହି ଦୁଇଜଣଙ୍କ ମୁଣ୍ଡପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏହି ଏନକାଉଣ୍ଟରରେ ମୋଷ୍ଟ ୱାଣ୍ଟେଡ ପପୁ ଲୋହରା ନିହତ ହୋଇଥିବାବେଳେ ଅନ୍ୟଜଣେ ମାଓବାଦୀକୁ ଆହତ ଅବସ୍ଥାରେ କାବୁ କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ରାଇଫଲ ସହ ● ପୃଷ୍ଠା ୫ ଦେଖନ୍ତୁ


IHM RANCHI | Jharkhand tourism Nature's hidden jewel | NCHMCT

INSTITUTE OF HOTEL MANAGEMENT CATERING TECHNOLOGY AND APPLIED NUTRITION
होटल प्रबंधन खानपान प्रौद्योगिकी एवं अनुप्रयुक्त पोषण संस्थान
(An Autonomous Institution under Department of Tourism, Art & Culture, Sports and Youth Affairs, Government of Jharkhand)
(Affiliated to National Council for Hotel Management and Catering Technology, Ministry of Tourism, Government of India)

MADE IN JHARKHAND, MADE FOR THE WORLD

ADMISSIONS OPEN 2025-2026

E-Kalyan Scholarship Available/ ई-कल्याण स्कॉलरशिप उपलब्ध है

Ranked 1 EMERGING HOTEL MANAGEMENT COLLEGES INDIA TODAY


APPLY NOW
FOR ANY QUERIES PLEASE CONTACT
9162724666, 9162336888

| क्र.सं./ S. NO | कोर्स का नाम/COURSES | शैक्षिक योग्यता/ EDUCATION QUALIFICATION | अवधि/ DURATION |
|---|---|---|---|
| 1. | डिप्लोमा इन फ्रंट ऑफिस ऑपरेशन/ DIPLOMA IN FRONT OFFICE OPERATION | 12वीं पास या समकक्ष/ 12TH PASS OR EQUIVALENT | 1 ½ वर्ष/ 1 ½ YEARS |
| 2. | डिप्लोमा इन हाउसकीपिंग ऑपरेशन/ DIPLOMA IN HOUSEKEEPING OPERATION | 12वीं पास या समकक्ष/ 12TH PASS OR EQUIVALENT | 1 ½ वर्ष/ 1 ½ YEARS |
| 3. | सर्टिफिकेट कोर्स इन प्रोफेशनल बारटेंडिंग/ CERTIFICATE COURSE IN PROFESSIONAL BARTENDING | 10+2 या समकक्ष/ 10+2 OR EQUIVALENT | 24 सप्ताह/ 24 WEEKS |
| 4. | क्राफ्टमैनशिप सर्टिफिकेट कोर्स इन फूड प्रोडक्शन एंड पेस्ट्री/ CRAFTSMANSHIP CERTIFICATE COURSE IN FOOD PRODUCTION & PATISSERIE | 10वीं पास या समकक्ष/ 10TH PASS OR EQUIVALENT | 1 ½ वर्ष/ 1 ½ YEARS |
| 5. | क्राफ्टमैनशिप सर्टिफिकेट कोर्स इन फूड एंड बेवरेज सर्विस/ CRAFTSMANSHIP CERTIFICATE COURSE IN FOOD & BEVERAGE SERVICE | 10वीं पास या समकक्ष/ 10TH PASS OR EQUIVALENT | 6 माह/ 6 MONTHS |

PR No 353329(IPRD)2025-26

LAST DATE FOR APPLICATION 20.06.2025

IHMRanchi | ihm-ranchi | IHMRANCHI1 | IHMRanchi | ihmranchi | admission@ihmranchi.in | www.ihmranchi.in



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



# ବି.ଏସ୍.ଏନ୍.ଏଲ୍.ର ମୂଳଦୁଆ, ଜିଓର ପ୍ରାସାଦ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

## ମୁଦ୍ରା କାହାଣୀ

ଅର୍ଥବଳ ସହିତ ଯେତେବେଳେ ସରକାରୀ ପ୍ରୋତ୍ସାହନ ମିଳିଯାଏ ନିଜର ବେପାରକୁ ଲାଭ ଓ ସଫଳତାର ଶୀର୍ଷରେ ପହଞ୍ଚିବା ସେତେବେଳେ ସହଜ ହୋଇଯାଏ। ଅସୀମିତ ଲୋଭକୁ ଚରିତାର୍ଥ କରିବା ପାଇଁ ସମସ୍ତ କଳବଳକୌଶଳ ପ୍ରୟୋଗରେ ସଂପୂର୍ଣ୍ଣ ବ୍ୟବସ୍ଥାକୁ କରାୟତ କରି ସମସ୍ତ ନିୟମକାନୁନକୁ ଆଖିଠାର ମାରି ଆଗକୁ ବଢ଼ି ଯିବା ବେଳେ ନୀତିନୈତିକତା ପଦଦଳିତ ହୋଇଯାଆନ୍ତି। ସେଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ସରକାରୀ ବ୍ୟବସ୍ଥାରେ ରହି ପରିଚାଳନା ଓ ନୀତି ନିର୍ଦ୍ଧାରଣକାରୀଙ୍କ ଭୂମିକା। ପ୍ରକାଶିତ ହୋଇଛି ସରକାରୀ ସଂଚାର ପରିବହନ ସଂସ୍ଥା ଭାରତ ସଂଚାର ନିଗମ ଲିମିଟେଡ୍ ବା ବି.ଏସ୍.ଏନ୍.ଏଲ୍. ଉପରେ ଭାରତର ମହାଲେଖାକାରଙ୍କ ସମୀକ୍ଷା ରିପୋର୍ଟ୍।

ଭାରତରେ ଇଣ୍ଟରନେଟ୍ ସେବାର ଆରମ୍ଭ ପରେ ଖବର, ମନୋରଞ୍ଜନ, ଖେଳ, ସୂଚନା ଆଦି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା। ୧୦୦ କୋଟି ଜନସଂଖ୍ୟା ବିଶିଷ୍ଟ ବିରାଟ ଦେଶରେ ମୋବାଇଲ୍ ଫୋନ୍ ବ୍ୟବହାର ଆଶାତୀତ ଭାବରେ ବୃଦ୍ଧି ପାଇଲା। ସ୍ୱାଭାବିକ ଭାବରେ ଦୂରସଂଚାର କ୍ଷେତ୍ରରେ ଏକଚାଟିଆ ମାଲିକାନାର ଅଧିକାରୀ ଥିଲା ବି.ଏସ୍.ଏନ୍.ଏଲ୍.। ନିଜର ଟାୱାର, ପାସିଭ୍ ନେଟ୍‌ୱାର୍କ ଏବଂ ଅନ୍ୟ ସ୍ଥାୟୀ ଭିତ୍ତିଭୂମିର ଆଧୁନିକୀକରଣ କରି ବି.ଏସ୍.ଏନ୍.ଏଲ୍. ଲୋକଙ୍କୁ ଉନ୍ନତମାନର ସେବା ଯୋଗାଇବାର ଦାୟିତ୍ୱ ନେଲା। ଦେଶର ଯେଉଁ ଅପହଞ୍ଚ ଜାଗାରେ ବେସରକାରୀ ସଂସ୍ଥା ଯିବାକୁ ଇଚ୍ଛା କରନ୍ତିନି, ସରକାରୀ ବି.ଏସ୍.ଏନ.ଏଲ୍. ସେଠାରେ ସେବା ଯୋଗାଇଲା।

ମୋବାଇଲ୍ ଫୋନ୍ ଓ ମୋବାଇଲ୍ ଡେଟାର ଏକ ବିଶାଳ ବଜାରରୁ ପ୍ରଚୁର ଲାଭ ଆଶାରେ ସଂଚାର କ୍ଷେତ୍ରରେ ପ୍ରବେଶ କରିବାକୁ ଚାହୁଁଥିବା ବେସରକାରୀ କମ୍ପାନୀଙ୍କ ଭିତରେ ଥିଲେ ରିଲାଏନ୍ସ ଗ୍ରୁପ୍‌ର ମୁକେଶ ଅମ୍ବାନୀ। ତାଙ୍କ ପାଖରେ କୌଣସି ଭିତ୍ତିଭୂମି ସିନା ନଥିଲା, ହେଲେ ସରକାରଙ୍କର ନିକଟତର ହୋଇ ସରକାରୀ ସଂସ୍ଥାର ଅଧିକାରୀଙ୍କୁ ହାତେଇବାର କଳା ତାଙ୍କୁ ଜଣାଥିଲା। ପ୍ରାରମ୍ଭିକ ଭିତ୍ତିଭୂମି ଏବଂ ସଞ୍ଚାର ପରିବହନ ନେଟ୍‌ୱାର୍କ ପ୍ରସ୍ତୁତି ପାଇଁ ଆବଶ୍ୟକ ଥିଲା ଏକ ବଡ଼ ପରିମାଣର ଅର୍ଥନିବେଶ। ଅମ୍ବାନୀ ଜାଣିଥିଲେ ନମନୀୟ ସରକାରୀ ସଂସ୍ଥା ନିଜର ନୀତି-ନୈତିକତା ଭୁଲି ବେସରକାରୀ ବ୍ୟକ୍ତି ବା ବ୍ୟବସାୟ ସଂସ୍ଥାକୁ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ତେଣୁ ସେ ବିରାଟ ପରିମାଣର ଖର୍ଚ୍ଚ ନକରି ସରକାରଙ୍କ ଦ୍ୱାରସ୍ଥ ହେଲେ, ନିଜର ରିଲାଏନ୍ସ ଇନ୍‌ଫୋକମ୍ ଲିମିଟେଡ୍ ମାଧ୍ୟମରେ ୨୦୧୪ ମସିହାରେ ସଂଚାର ଗ୍ରାହକସେବା 'ଜିଓ' ଆରମ୍ଭ କଲେ। ୨୦୧୪ ମସିହା ମେ ମାସରେ ବ୍ୟବହାର ଦେୟ ବିନିମୟରେ ବି.ଏସ୍.ଏନ୍.ଏଲ୍.ର ଟାୱାର, କୋଠାବାଡ଼ି, ବୈଦ୍ୟୁତିକ ଶକ୍ତି ଏବଂ କେବୁଲ୍ ପରି ପାସିଭ୍ ଭିତ୍ତିଭୂମି ବ୍ୟବହାର ପାଇଁ ଉଭୟଙ୍କ ମଧ୍ୟରେ ମାଷ୍ଟର ସର୍ଭିସ୍ ରାଜିନାମା ସ୍ୱାକ୍ଷରିତ ହେଲା। ଉଦ୍ଦେଶ୍ୟ ଥିଲା ଲୋକେ ଉତ୍ତମ ସଂଚାରସେବା ପାଇବେ ଏବଂ ସରକାରଙ୍କୁ ବି.ଏସ୍.ଏନ୍.ଏଲ୍. ମାଧ୍ୟମରେ ଭଲ ଆୟ ମିଳିବ।

ମହାଲେଖାକାରଙ୍କ ରିପୋର୍ଟ କହେ ରିଲାଏନ୍ସ ବି.ଏସ୍.ଏନ୍.ଏଲ୍.ର ଭିତ୍ତିଭୂମି ବ୍ୟବହାର କରିଥିଲେ ମଧ୍ୟ ଦଶବର୍ଷରେ ଗୋଟିଏ ବି ଟଙ୍କା ଦେଇନି। ରିଲାଏନ୍ସ ଯେ ଦେୟ ଦେବାକୁ ମନା କରିଛି ସେକଥା ନୁହେଁ। ବି.ଏସ୍.ଏନ୍.ଏଲ୍. ନିଜ ପ୍ରାପ୍ୟ ପାଇଁ ବିଲ୍ ପ୍ରସ୍ତୁତ କରି ରିଲାଏନ୍ସକୁ ଦେଇନି। ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ବି.ଏସ୍.ଏନ୍.ଏଲ୍. ବିଲିଙ୍ଗ୍ ପାଇଁ କୌଣସି ପ୍ରକାରର ରେକର୍ଡ ରଖିନି। ସଂସ୍ଥା ଚୁକ୍ତିର ସର୍ତ୍ତଗୁଡ଼ିକ ଲାଗୁ କରିନି କି ରିଲାଏନ୍ସର କାର୍ଯ୍ୟକଳାପର କେବେ ହେଲେ ତଦାରଖ କରିନି। ରିଲାଏନ୍ସ କେଉଁ ଜିନିଷ କେତେ ବ୍ୟବହାର କରିଛି ବି.ଏସ୍.ଏନ୍.ଏଲ୍. କେବେ ତା'ର ଯାଞ୍ଚ କରିନି। ଏହାର ଅର୍ଥ ରିଲାଏନ୍ସକୁ ବି.ଏସ୍.ଏନ୍.ଏଲ୍. ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସଂପୂର୍ଣ୍ଣ ଭାବରେ ମାଗଣାରେ ବ୍ୟବହାର କରିବା ପାଇଁ ସ୍ୱାଧୀନତା ଦେଇଛି। ଏହିସବୁ ଅନିୟମିତତା ଯୋଗୁ ବି.ଏସ୍.ଏନ୍.ଏଲ୍.ର ୧୭୫୭.୫୬ କୋଟି ଟଙ୍କା କ୍ଷତି ହୋଇଛି। କ୍ଷତିର ପରିମାଣ ବେଶ୍ ବଡ଼। ଏହା ବି.ଏସ୍.ଏନ୍.ଏଲ୍.ର ଆଭ୍ୟନ୍ତରୀଣ କୁପରିଚାଳନା ବୋଲି ମହାଲେଖାକାର ଦର୍ଶାଇଛନ୍ତି। ବି.ଏସ୍.ଏନ୍.ଏଲ୍. ଯେହେତୁ ଦେୟ ହିସାବର କିଛି ରେକର୍ଡ ରଖିନି, କ୍ଷତିର ପରିମାଣ ଅଧିକ ହୋଇପାରେ ବୋଲି ରିପୋର୍ଟରେ ଲିଖିତ।

କଥା ସେତିକିରେ ସରିନି। ରାଜିନାମାର ସର୍ତ୍ତ ଅନୁସାରେ ଏଲ୍.ଟି.ଇ. ବା ୫ଜି ପରି ଅଧିକ ବୈଷୟିକ ସେବା ଯୋଗାଇବା ପାଇଁ ଜିଓକୁ ଅଧିକ ଦେୟ ଦେବାର ଥିଲା। ୪ଜି ସେବାକୁ ସାରାଦେଶରେ ପ୍ରସାର କଲାବେଳେ ରିଲାଏନ୍ସ ଏଲ୍.ଟି.ଇ. ସେବା ବ୍ୟବହାର କଲା। ୨୦୨୨ ମସିହା ଅକ୍ଟୋବର ମାସ ୫ ତାରିଖରୁ ଜିଓ ୫ଜି ସେବା ଆରମ୍ଭ କଲା। ସର୍ତ୍ତାନୁସାରେ ଅଧିକ ମୂଲ୍ୟ ଦେବା କଥା। କିନ୍ତୁ ବି.ଏସ୍.ଏନ୍.ଏଲ୍ ଅଧିକ ପ୍ରାପ୍ୟର ଦାବି ରଖିଲାନି। ଚୁକ୍ତିରେ ଆହୁରି ମଧ୍ୟ ଉଲ୍ଲେଖ ଥିଲା ଯେ ବି.ଏସ୍.ଏନ୍.ଏଲ୍. ଦରବୃଦ୍ଧିକୁ ବିଚାରକୁ ନେଇ ପ୍ରତିବର୍ଷ ଦେୟ ବଢ଼େଇପାରିବ। ତାହା ହୋଇନି। ଫଳରେ ପ୍ରାୟ ୨୯ କୋଟି ଟଙ୍କା କ୍ଷତି। ବାହାର ଟେଲିସେବା ଯୋଗଣକାରୀଙ୍କ ଠାରୁ ଭିତ୍ତିଭୂମି ବ୍ୟବହାର ପାଇଁ ବି.ଏସ୍. ଏନ୍.ଏଲ୍. ପ୍ରଥମରୁ ଲାଇସେନ୍ସ ଫି କାଟିକି କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେସନ୍ ବିଭାଗରେ ଜମା କରିଥାଏ। ଏପରି ନକରିବା ଦ୍ୱାରା ସରକାର ୩୮.୩୬ କୋଟି ଟଙ୍କା ହରେଇଲେ। ତେଣୁ ହେଲା, କୁପରିଚାଳନା ଏବଂ ଅହେତୁକ ଅନୁକମ୍ପା ଯୋଗୁ ସମୁଦାୟ କ୍ଷତି ୧୮୨୪.୯୨ କୋଟି ବା ପ୍ରାୟ ୧୮୨୫ କୋଟି।

ରିଲାଏନ୍ସ ଦେଶର ପ୍ରଥମ ତିନୋଟି ବଡ଼ ସଂଚାର କମ୍ପାନୀ ଭିତରୁ ଅନ୍ୟତମ। ଚୁକ୍ତି ଭିତରେ ଏବଂ ଚୁକ୍ତି ବାହାରେ ଅନେକ ସେବା ବ୍ୟବହାର କରି ନିଜର ବ୍ୟବସାୟକୁ କାହିଁ କେତେ ଗୁଣା ବୃଦ୍ଧି କରିପାରିଛି। ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆଙ୍କ ହିସାବରେ ରିଲାଏନ୍ସ ଟେଲିକମ୍ ବର୍ତ୍ତମାନ ବିରାଟ ଭାରତୀୟ ଟେଲିକମ୍ ବଜାରର ୫୦.୪୩ ପ୍ରତିଶତ ଅଂଶର ମାଲିକ। ବି.ଏସ୍ ଏନ୍.ଏଲ୍. ଯାହା ଦିନେ ଏକମାତ୍ର ସେବା ଯୋଗାଣକାରୀ ଥିଲା ତା'ର ଅଂଶ ୮.୦୩ ପ୍ରତିଶତ।

ଗବେଷଣା ଖର୍ଚ୍ଚ, ନିଯୁକ୍ତି ପ୍ରକ୍ରିୟାର ଝିଂଝଟ, ଲୋକଙ୍କୁ ଚାକିରୀ ଦେବାର ବ୍ୟୟଭାର, ଭିତ୍ତିଭୂମି ବିକାଶ କରିବାର ଆବଶ୍ୟକତା ଏବଂ ସେ ବାବଦରେ ଖର୍ଚ୍ଚ - ଏସବୁ ବାବଦରେ ରିଲାଏନ୍ସକୁ କିଛି କରିବାକୁ ପଡ଼ିଲାନି। ପ୍ରଥମେ କିଛିଦିନ ମାଗଣା ଏବଂ ପରେ ଅତି କମ୍‌ଦାମ୍‌ରେ ମୋବାଇଲ୍ ଡେଟା ଯୋଗେଇ ରିଲାଏନ୍ସ ଭାରତୀୟଙ୍କ ମସ୍ତିଷ୍କ କବଳିତ କଲା। ଲୋକେ ଅଭ୍ୟସ୍ତ ହୋଇଯିବା ପରେ କମ୍ପାନୀ ମନଇଚ୍ଛା ଦର ବୃଦ୍ଧିକଲା। ମୋବାଇଲ୍ ସହିତ ବ୍ରଡ୍‌ବ୍ୟାଣ୍ଡ ଏବଂ ୱାଇଫାଇ ସେବା ଯୋଗାଇ ବ୍ୟାବସାୟିକ ଆଧିପତ୍ୟ ସୃଷ୍ଟି କରିବାରେ ସଫଳ ହେଲା। ବଜାରରେ ଅନ୍ୟ ସେବା ଯୋଗାଣକାରୀ ସଂସ୍ଥା ପ୍ରତିଯୋଗିତାରେ ହାରି ବେପାର ବନ୍ଦ କରିଦେଲେ।

ବି.ଏସ୍.ଏନ୍.ଏଲ୍. କଥା ନକହିଲେ ଭଲ। ସଂସ୍ଥା ବିପର୍ଯ୍ୟସ୍ତ। ୨୦୦୯-୧୦ ବର୍ଷରୁ ବି.ଏସ୍.ଏନ୍.ଏଲ୍. କ୍ରମାଗତ ଭାବେ କ୍ଷତିରେ ଚାଲୁଛି। ଅଦ୍ୟାବଧି ସମୁଦାୟ କ୍ଷତିର ପରିମାଣ ୧.୧୦ ଲକ୍ଷ କୋଟି ଟଙ୍କା। କେବଳ ୨୦୨୨-୨୩ ଆର୍ଥିକ ବର୍ଷରେ କ୍ଷତିର ପରିଣାମ ୮୧୬୧ କୋଟି ଟଙ୍କା।

ସଂଚାର କ୍ଷେତ୍ରରେ ଏକମାତ୍ର ସରକାରୀ ସଂସ୍ଥା ବୋଲି ସରକାର ଆର୍ଥିକ ଅନୁଦାନ ଏବଂ ଏହାର ଅସ୍ଥାବର ସମ୍ପତ୍ତି ବିକ୍ରି ମାଧ୍ୟମରେ ପାଣ୍ଠି ସଂଗ୍ରହ କରି ସଂସ୍ଥାକୁ ବଞ୍ଚେଇ ରଖିଛନ୍ତି। ୨୦୧୯ ମସିହାରେ ୬୯୦୦୦ କୋଟି, ୨୦୨୨ ରେ ୧.୬୪ ଲକ୍ଷ କୋଟି ଏବଂ ୨୦୨୩ ରେ ୮୯୦୪୭ କୋଟି - ଏହିପରି ସମୁଦାୟ ୩.୨ ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରି ଏହାର କ୍ଷତି ଭରଣା କରିଛନ୍ତି। ଏହା ସାଧାରଣ କରଦାତାଙ୍କ ଝାଳବୁହା ଧନ। ଏପରି ସ୍ଥିତିରେ ଗୋଟିଏ ବେସରକାରୀ ବଡ଼ କମ୍ପାନୀ ଠାରୁ ପ୍ରାପ୍ୟ ନଆଣିବା ଅକ୍ଷମଣୀୟ ତ୍ରୁଟି। ପରିଚାଳନାଗତ ତ୍ରୁଟି ସହିତ ବି.ଏସ୍.ଏନ୍.ଏଲ୍.ର ଅନ୍ୟ ଏକ ଦୁର୍ବଳତା ହେଉଛି ବିରାଟ କର୍ମଚାରୀ ସଂଖ୍ୟା। ୨୦୧୯ ମସିହାରେ ଏହାର କର୍ମଚାରୀ ସଂଖ୍ୟା ଥିଲା ଦେଢ଼ଲକ୍ଷ। ଯଦିଓ ୨୦୧୯ ମସିହାର ସ୍ୱେଚ୍ଛାକୃତ ଅବସର ଯୋଜନାର ଫଳ ସ୍ୱରୂପ ଏହାର କର୍ମଚାରୀ ସଂଖ୍ୟା ପ୍ରାୟ ୭୮୦୦୦ କମିଛି, ତଥାପି ବେସରକାରୀ ଟେଲିକମ୍ କମ୍ପାନୀର ଆୟର ୫ରୁ ୧୫ ପ୍ରତିଶତ କର୍ମଚାରୀଙ୍କ ଦରମାରେ ଖର୍ଚ୍ଚ ହେଉଥିବା ବେଳେ ବି.ଏସ୍.ଏନ୍.ଏଲ୍.ରେ ଏହା ୭୦ ପ୍ରତିଶତ।

ବିତ୍ତୀୟ କୁପରିଚାଳନା ଏବଂ ନୈତିକତା, ସ୍ୱଚ୍ଛତା, ସାଧୁତା ତଥା ସଂସ୍ଥା ପ୍ରତି ଆପଣାଭାବର ଅଭାବ ଗୋଟିଏ ଲାଭକାରୀ ସରକାରୀ ସଂସ୍ଥାକୁ କିପରି ବୁଡ଼େଇ ଦିଏ ବି.ଏସ୍.ଏନ୍.ଏଲ୍. ତାହାର ଜ୍ୱଳନ୍ତ ଉଦାହରଣ। ବି.ଏସ୍.ଏନ୍.ଏଲ୍. ଏକ ସରକାରୀ ସଂସ୍ଥା ହୋଇଥିବାରୁ ତା'ର କ୍ଷତି ଦେଶର କ୍ଷତି। ଏହା ସାଧାରଣ କରଦାତାଙ୍କ ଉପରେ ଏକ ବିରାଟ ବୋଝ। ବୈଷୟିକ ଜ୍ଞାନକୌଶଳକୁ ଅସ୍ତ୍ର କରି ସବୁକ୍ଷେତ୍ରରେ ଯେତେବେଳେ ବେସରକାରୀ ସଂସ୍ଥା ଦ୍ରୁତ ବିକାଶ ହାସଲ କରୁଛି, ସେତେବେଳେ ନିଜର ଅସ୍ତିତ୍ୱ ଏବଂ ଲାଭ ପାଇଁ ସରକାରୀ ସଂସ୍ଥା ଉନ୍ନତ ବୈଷୟିକ ଉପଲବ୍ଧି, ପରିଚାଳନାଗତ ଉତ୍କର୍ଷତା ଏବଂ ପ୍ରତିଯୋଗିତାପୂର୍ଣ୍ଣ ବ୍ୟାବସାୟିକ ମନୋବୃତ୍ତି ରଖିବା ଆବଶ୍ୟକ। ଦେଶବାସୀ ବି.ଏସ୍.ଏନ୍.ଏଲ୍. ସେବା ବ୍ୟବହାର ମାଧ୍ୟମରେ ସହଯୋଗର ହାତ ବଢ଼ାଇବା ଏକାନ୍ତ ଅପରିହାର୍ଯ୍ୟ।

# ପତ୍ରିକା 'ଏଯାବତ୍': ଅନବଦ୍ୟ ସମ୍ପାଦକୀୟର ମହତ୍ତ୍ୱ



ଡ. ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର
କଟକ, ମୋ: ୭୭୮୯୮୩୨୫୭୭

ସମ୍ପାଦକଙ୍କ 'ସମ୍ପାଦକୀୟ', ପତ୍ରିକାର ଏକ ଦର୍ପଣ ସଦୃଶ। ଏଥିରେ ପତ୍ରିକାର ସମସ୍ତ ସନ୍ନିବେଶିତ ସର୍ଜନା ଏବଂ ସେଗୁଡ଼ିକର ସାମାଜିକ, ନୈତିକ, ଐତିହାସିକ, ବ୍ୟକ୍ତିଗତ ତଥା ସାର୍ବଜନୀନ ରୂପରେଖ, ମୂଲ୍ୟବୋଧ ତଥା ପରିଭାଷା ପ୍ରତିଫଳିତ ହୋଇଥାଏ। ଏକ ସର୍ବଜନ ଆଦୃତ ସୁନ୍ଦର ପତ୍ରିକାର ବାସ୍ତବ ମୂଲ୍ୟାୟନର ସାର୍ଥକ ମାନଦଣ୍ଡ ହିଁ 'ସମ୍ପାଦକଙ୍କ ସମ୍ପାଦକୀୟ'। ଏହି ସମ୍ପାଦକୀୟ ହିଁ ପାଠକ, ପାଠିକାମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ, ସାମାଜିକ ପରିବର୍ତ୍ତନ କାରକ ନୈତିକ ମୂଲ୍ୟବୋଧର ଜ୍ୟୋତିକ ଏବଂ ଏକ ସୁନ୍ଦର ସାମାଜିକ ରୁଚି ସମ୍ପନ୍ନ ରୂପ ବୈଭବର ପ୍ରତୀକ।

ଏକ ସର୍ବାଙ୍ଗ ସୁନ୍ଦର ଶିକ୍ଷଣୀୟର ଏତାଦୃଶ ଏକ ସ୍ୱପ୍ନିଳ ଅଭିପ୍ରାୟକୁ ଉପଜୀବ୍ୟ କରି 'ଏଯାବତ୍' ପତ୍ରିକାର ସମ୍ପାଦକ ମୋର ବନ୍ଧୁ କବି ମାନସ ରଞ୍ଜନ ପଣ୍ଡା ମହୋଦୟ ସମ୍ପାଦକୀୟ ବର୍ଣ୍ଣାଳୀ ସୃଷ୍ଟି କରିଛନ୍ତି। ସମାଜ ଉପଯୋଗୀ, ଅତ୍ୟନ୍ତ ଶିକ୍ଷଣୀୟ ଉପାଦେୟ ଗଳ୍ପମାନଙ୍କର ଅପୂର୍ବ ସମାହାର ହେଉଛି ଏ ପତ୍ରିକା। ମହାମାନବୀୟ ମାର୍ମିକ ଆବେଗରେ ପରିପୂର୍ଣ୍ଣ ସେ। 'ଆଇ ମା' କାହାଣୀର ଅସୁରୁଣୀ ବୁଢ଼ୀ ଠାରୁ ଆରମ୍ଭ କରି ଦ୍ୱାଦଶ ରାଜକୁମାର କାହାଣୀ, ଅବୋଲକରା କାହାଣୀ, କଲୁରେଇ ବେଣ୍ଟ, ପଞ୍ଚ ତନ୍ତ୍ର, ବେତାଳ ପଞ୍ଚ ବିଂଶତି ଆଦି ବହୁ ପୁରାତନ ଶିକ୍ଷଣୀୟ, ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା କରୁଥିବା କାହାଣୀମାନଙ୍କ ମଧ୍ୟରେ ଉଜ୍ଜୀବିତ ହୋଇ ସମ୍ପାଦକୀୟରେ ସମ୍ପାଦକ ସୁରମ୍ୟ ଝଲକ ସୃଷ୍ଟି କରିଛନ୍ତି। କେବଳ କଳ୍ପନାର ମାଦକରେ ହଜିଯାଇ ସମ୍ପାଦକ କଲମକୁ ବିଶ୍ରାମ ଦେଇନାହାନ୍ତି। ବାସ୍ତବ ଦୁନିଆର ରୂପରେଖ, ଚଳଣୀ, ଘଟଣା, ଦୁର୍ଘଟଣା, ସମ୍ଭାବନା, ଆଦି ସମସ୍ତ ତାଙ୍କ ନିକଟରେ କାହାଣୀ ହୋଇ ଦଣ୍ଡାୟମାନ ହୋଇଛନ୍ତି। ଶୈଶବର କଳ୍ପନା, ଚିନ୍ତାଧାରା, କାର୍ଯ୍ୟକଳାପ, ଭାବପ୍ରବଣତା, ଯୌବନରେ ନଥାଏ। ବିଦ୍ୟାଳୟ ଛାଡ଼ି ମହାବିଦ୍ୟାଳୟରେ ପ୍ରବେଶ ତନ, ମନ, ପ୍ରାଣରେ ଅଭୂତପୂର୍ବ ପରିବର୍ତ୍ତନର ସୂତ୍ରପାତ୍ର କରିଥାଏ। ଯୌବନର ପ୍ରାରମ୍ଭ ଚିନ୍ତା ଚେତନା, ଆଚରଣ ଓ ଉଚ୍ଚାରଣରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ଯୌବନ ଜୁଆରରେ ଭିଜିଭିଜି, କଳ୍ପନା ଓ ଭାବନାରେ ହଜିହଜି ଜୀବନତରୀ ତାଙ୍କର ନାଚି ନାଚି ଯାଏ କାମନାର ତରଙ୍ଗରେ। ଧୁଧୁ ଖରା, ଝିପିଝିପି ବର୍ଷା, ଜୋଛନା ରାତି ଅବା ଉଆଁଶ ନିଶି ସବୁ ତାଙ୍କ ପାଇଁ ହୋଇଯାଏ ଏକାକାର, ଆପେକ୍ଷିକ ମନ ଗହନର ଗୋପନ କଥା ଆଖି କହେ। କେତେବେଳେ ଆଖି ସାଜେ ଶରତର ରୂପାଜହ୍ନ ତ କେତେବେଳେ ସେଠୁ ଝରେ ଶ୍ରାବଣର ବର୍ଷଣ। ଉଚ୍ଛୁଳା ଯୌବନରେ ମନଗହନର ଗୋପନ ଭାଷା କହୁ କହୁ ସେତେବେଳେ ସମୟ ଅଣ୍ଟେନି। ପ୍ରେମାଳାପେ ମଗ୍ନ ହୋଇ କେତେବେଳେ ପରୀସାଜି ସେମାନେ ଜହ୍ନ ରାଇଜକୁ ଉଡ଼ି ଗଲେଣି କେତେବେଳେ- ଦଳାହକ ସାଜି ଡ଼େଣା ଝାଡ଼ି ଝାଡ଼ି ମେଘୁଆ ଆକାଶ ତଳେ ଉଡ଼ି ଗଲେଣି। ତାଙ୍କ ପାଇଁ ଘୋର ନିଦାଘରେ ବି ଶ୍ରାବଣର ପ୍ଲାବନ ସୃଷ୍ଟି ହୋଇପାରେ। ଆଉ ଘୋର ବର୍ଷା କାଳରେ ବି ସୃଷ୍ଟି ହୋଇ ପାରେ ପ୍ରଚଣ୍ଡ ରୌଦ୍ରତାପର ଅସହ୍ୟ ଝାଞ୍ଜି ପବନ। ଏ ସମସ୍ତ ଘଟଣା, ଦୁର୍ଘଟଣା ସମ୍ଭାବନାକୁ ଗଳ୍ପର ଆଖ୍ୟା ଦେଇ ସମ୍ପାଦକ ତାଙ୍କ ପାଠକୀୟ ପ୍ରୀତି ଓ ପାଣ୍ଡିତ୍ୟର ପରିପ୍ରକାଶ ସୃଷ୍ଟି କରିଛନ୍ତି। ସମ୍ପାଦକଙ୍କ ମତରେ ଅସହ୍ୟ ଝାଞ୍ଜି ପବନ ବହୁ କି ପ୍ରବଳ ଝଟିକା କଚାଡ଼ୁ, ଜ୍ୟୋତ୍ସ୍ନା ବିଧୌତ ରଜନୀ ହେଉ କି, ଅମାବାସ୍ୟା ନିଶାର୍ଦ୍ଧରେ ରାଜା ବିକ୍ରମାଦିତ୍ୟଙ୍କ ପୃଷ୍ଠରେ ବେତାଳ ବସି ଅଟହାସ କରୁ ସମସ୍ତଙ୍କୁ ଗାଳ୍ପିକ ଚିତ୍ରଣ କରନ୍ତି ଗଳ୍ପ ରୂପରେ ଆନନ୍ଦମୟ ସତ୍ତାର ସ୍ୱପ୍ନିଳ ବିଭବରେ।

ଗଳ୍ପର ବିଭିନ୍ନ ରୂପ ସମ୍ପାଦକଙ୍କ ପାଇଁ ହୋଇ ଉଠିଛି ରଙ୍ଗର ବର୍ଣ୍ଣାଳୀ, ଅନନ୍ତ ଅନ୍ତରୀକ୍ଷର ମାର୍ମିକ ମୂର୍ଚ୍ଛନା, ଅଭିସାର ଐଶ୍ୱର୍ଯ୍ୟ ଓ ଔଜଲ୍ୟ, ଅନନ୍ତ ଇଚ୍ଛାର ସଫଳ ପରିତୃପ୍ତି, ମନଗହନର ଅନବଦ୍ୟ ଗାମ୍ଭୀର୍ଯ୍ୟ ଏବଂ ଗୋପନ ଗୁଞ୍ଜରଣର ଗଳ୍ପ। ଗଳ୍ପ ହୋଇପାରେ ଋତୁର ରାଗିଣୀ, ସ୍ମୃତିର ଶ୍ରାବଣୀ ଅବା ପ୍ରୀତିର ପୀୟୂଷ। ପ୍ରତେ ହୁଏ, ସମ୍ପାଦକ ମହୋଦୟ ନିଜେ ନିଜକୁ ହଜାଇ ଦେଇଛନ୍ତି କଳ୍ପନା ସାଗର ର ଅଥଳ ଗର୍ଭରେ। ମନ ପକ୍ଷୀ ତାଙ୍କର, ମୁକ୍ତ କପୋତଟିଏ, ରୂପ ଚୂତ ବଣର କଳା ପିକଟିଏ, ଦୂର ତାଳବଣର ବାୟା ବିହଙ୍ଗମଟିଏ। ଗାଳ୍ପିକ ଅସୁମାର କଳ୍ପନାର ସାକାର ରୂପ ସମ୍ଭାର, ଅନନ୍ତ ଭାବନାର ସ୍ୱର୍ଣ୍ଣାଭ ପରିପ୍ରକାଶ। କେତେବେଳେ ସେ ବାସ୍ତବ ସତ୍ୟର ନଗ୍ନ ରୂପକୁ ପ୍ରକାଶ କରିଛନ୍ତି ଗଳ୍ପର ଛତ୍ରେ ଛତ୍ରେ ତ କେତେବେଳେ ତାହାକୁ ନିକ୍ଷେପ କରିଛନ୍ତି ଅନନ୍ତ ଦ୍ୱନ୍ଦ୍ୱର ଅନ୍ଧାର ଗୌହରେ। ସତ୍ୟ କଳ୍ପନାର ଅନନ୍ତ ଐଶ୍ୱର୍ଯ୍ୟରେ ଗଳ୍ପ ମାନ ଆତ୍ମପ୍ରକାଶ କଲେ ମଧ୍ୟ ପ୍ରୋକ୍ତ ପତ୍ରିକାର ଜ୍ଞାନ ଦୀପ୍ତ ପ୍ରତିଭାଗଣ ସ୍ୱସ୍ୱ ପ୍ରଜ୍ଞା ପ୍ରସ୍ତୁତ ଗଳ୍ପ ମାଧ୍ୟମରେ ପାଠକୀୟ ପ୍ରଶାନ୍ତି ସୃଷ୍ଟି କରି ଅନିର୍ବଚନୀୟ ଆନନ୍ଦ ଓ ଜ୍ଞାନର କଲ୍ଲୋଳିନୀ ପ୍ରବାହ କରିବା ସଙ୍ଗେ ସଙ୍ଗେ ପାରିବାରିକ, ସାମାଜିକ, ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା କରି ଗଳ୍ପର ମୂଲ୍ୟବୋଧ ପରିସରକୁ ଅଧିକ ପରିବ୍ୟାପ୍ତ କରି ପାରିଛନ୍ତି।

ଅଭାବ ଅନାଟନର ଅକ୍ଟୋପାଶରେ ଆବଦ୍ଧ ହୋଇ, ବହୁବିଧ ବାଧାର ବିନ୍ଧାଦ୍ରି ଅତିକ୍ରମ କରି ଗାଳ୍ପିକଗଣ ଗଳ୍ପ ସୃଷ୍ଟି କରି ଚାଲିଥାନ୍ତି ବୃଶ୍ଚିକ ସଦୃଶ ନିନ୍ଦୁକମାନଙ୍କର ବିଷାକ୍ତ ଦଂଶନରେ ଜର୍ଜରିତ ହୋଇ ସତ୍ୟର ବାସ୍ତବ ରୂପରେଖ ଅଙ୍କନ ନିମିତ୍ତ ସେମାନ ଦୃଢ଼ ପ୍ରତିଜ୍ଞା ଅତଃ ପ୍ରୋକ୍ତ ପତ୍ରିକାର ଗଳ୍ପ ସମୂହ ଅନନ୍ତ ଭାବାବେଗର ଉଦ୍‌ବେଳନ ସୃଷ୍ଟି କରେ। ଭିନ୍ନତା, ରହେନା ଗଳ୍ପ ଓ କବିତା ମଧ୍ୟରେ। ସଂଗୀତ ମଧ୍ୟରେ ଗଳ୍ପକୁ ଗଳ୍ପ ମଧ୍ୟରେ ସଂଗୀତକୁ ଦର୍ଶନ କରି ସେ ସୃଷ୍ଟି କରି ଚାଲେ ଅସଂଖ୍ୟ ସାରସ୍ୱତ ସମ୍ଭାର, ଗଳ୍ପ ଓ କବିତା ମାଧ୍ୟମରେ।

ତେଣୁ କେତେବେଳେ କବିତା ଗଳ୍ପର ଅବୟବରେ ହୋଇଗଲାଣି ତ ପୁଣି କେତେବେଳେ ଗଳ୍ପ, ଭାବରେ ବିଗଳିତ ହୋଇ, କବିତାର କଲ୍ଲୋଳିନୀ ସୃଷ୍ଟି କରି କଳକଳ ଛନ୍ଦେ ପ୍ରବାହିତ ହେଲାଣି। ଅତଃ ସମ୍ପାଦକ ମହୋଦୟ ଗଳ୍ପ ଓ କବିତା ମଧ୍ୟରେ ଭିନ୍ନତା ସୃଷ୍ଟି ନକରି ଭାବାବେଗରେ ତଦ୍‌ଗତ, ତଲ୍ଲୀନ, ତଭବ ହୋଇ ସେମାନଙ୍କୁ ଏକୀଭୂତ କରିଛନ୍ତି। ପରିଶେଷରେ ନିରବଚ୍ଛିନ୍ନ, ନିରନ୍ତର ଲେଖନୀ ଚାଳନା ନୂତନ ନୂତନ ସାରସ୍ୱତ ସର୍ଜନାରେ ନିବିଷ୍ଟ ରହିବାକୁ ସେ ଲେଖକଗଣଙ୍କୁ ଆହ୍ୱାନ ଦେଇଛନ୍ତି। ହସ୍ତଗତ ସମସ୍ତ ଲେଖା ଅତ୍ୟନ୍ତ ସାରଗର୍ଭକ ଏବଂ ମୂଲ୍ୟବାନ୍ ହୋଇଥିଲେ ମଧ୍ୟ ପତ୍ରିକାର କଳେବରକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ସେଥିରେ ସନ୍ନିବେଶିତ କରାଯାଇ ନଥିଲେ ମଧ୍ୟ ସେମାନଙ୍କର ବହୁମୁଖୀ ପ୍ରତିଭାକୁ ସମ୍ମାନ ଜଣାଇ ନୂତନ ସୃଷ୍ଟିରେ ନିମଜ୍ଜିତ ରହିବାକୁ ଉଦ୍‌ବୋଧନ ଦେଇଛନ୍ତି। ଅନନ୍ୟ ସାଧାରଣ ସାରସ୍ୱତ ପ୍ରତିଭା କବି ଶ୍ରୀଯୁକ୍ତ ମାନସ ରଞ୍ଜନ ପଣ୍ଡା 'ଏଯାବତ୍' ମୁଖପତ୍ରରେ ତାଙ୍କର ସମ୍ପାଦକୀୟ ପୃଷ୍ଠା ଯେପରି ମାର୍ମିକ, ଚିତ୍ତାକର୍ଷକ, ଭାବ ଉଦ୍ଦୀପକ, ସାରଗର୍ଭକ ଏବଂ ଶିକ୍ଷଣୀୟ ହୋଇ ପତ୍ରିକାରେ ସନ୍ନିବେଶିତ ସମସ୍ତ ବିଷୟବସ୍ତୁର ଭାବାବେଗକୁ ସଂକ୍ଷିପ୍ତ ମାତ୍ର ନିଖୁଣ ରୂପେ ପ୍ରକାଶ କରିଛନ୍ତି ତାହା ଅତ୍ୟନ୍ତ ବିରଳ। ଅତଃ ଏମନ୍ତ ପ୍ରଜ୍ଞା ଦୀପ୍ତ ପ୍ରତିଭା ବହୁମୁଖୀ ସମ୍ମାନର ଅଧିକାରୀ ଏହା ପ୍ରକାଶ କରିବା ବାହୁଲ୍ୟ ମାତ୍ର।

# ମନେପଡନ୍ତି ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ



ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ନାଟକ ମନୋରଞ୍ଜନର ଖାଲି ଏକ ମାଧ୍ୟମ ନୁହେଁ, ଏହା ସମାଜକୁ ସୁଶିକ୍ଷା ଦେଇଥାଏ। ସମାଜରେ ପରିବର୍ତ୍ତନ ଆଣିଥାଏ। ସେଥିପାଇଁ ବିଶ୍ୱ ବିଶ୍ୱବିଖ୍ୟାତ ନାଟ୍ୟକାର ସେକ୍‌ସପିୟର କହିଥିଲେ, 'ବିଶ୍ୱ ହେଉଛି ଏକ ରଙ୍ଗ ମଞ୍ଚ, ଆମେ ସମସ୍ତେ ଜଣେ ଜଣେ ଅଭିନେତା'। ନାଟକ କଥା ପଡିଲେ ସ୍ୱତଃ ମନକୁ ଆସେ ଅଭିନେତାଙ୍କ କଥା। ଅଭିନୟ କରିବା ଏକ କଳା। ଏହି କଳା ସମସ୍ତଙ୍କର ସହଜାତ ନୁହେଁ। କଳାକୁ ନିଶା ଓ ପେସା ରୂପେ ବରି ନେଇଥିବା କଳାକାରମାନେ ବହୁ ଘାତ, ପ୍ରତିଘାତ ଭିତରେ ଗତିକରିଥାନ୍ତି। ହେଲେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥାଏ ଦର୍ଶକମାନଙ୍କୁ ନିଜ ଅଭିନୟକଳାରେ ବାନ୍ଧି ରଖିବା। ଅନେକ କଳାକାର ଅଛନ୍ତି ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେକ ସୁନାମଧନ୍ୟ କଳାକାର ଅଛନ୍ତି ଯେଉଁମାନଙ୍କର ନିଖୁଣ ଓ ନିପୁଣ ଅଭିନୟ ଦର୍ଶକ ମାନସରେ ସ୍ମରଣୀୟ ହୋଇ ରହିଥାଏ। ସେମିତି ଜଣେ କଳାକାର ଥିଲେ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ।


ଜଗତସିଂହପୁର ଜିଲ୍ଲା ସମଙ୍ଗ ଗ୍ରାମର ଏକ ଛୋଟିଆ ପଡା ଜେନା ସାହି। ଏଇଠି ଜନ୍ମ ନେଇଥିଲେ ଯୋଗଜନ୍ମା କଳାକାର ଆର୍ତ୍ତବନ୍ଧୁ ୧୯୨୮ ମସିହା ମେ ୧୧ ତାରିଖରେ। ତାଙ୍କ ପିତାଙ୍କ ନାମ ଅଚ୍ୟୁତାନନ୍ଦ ରାଉତରାୟ ଓ ମାତାଙ୍କ ନାମ ଶୁଆ ଦେବୀ। ବାଲ୍ୟକାଳ ତାଙ୍କର ମାମୁଁ ଘରେ କଟିଥିଲା। ସେଠାରେ ରହଣି ମଧ୍ୟରେ ମଣିକାଞ୍ଚନ ସଂଯୋଗପରି ସେ ନାଟ୍ୟାଚାର୍ଯ୍ୟ କବି ବାଳକୃଷ୍ଣ ମହାନ୍ତିଙ୍କର ସାନିଧ୍ୟ ଲାଭ କରିଥିଲେ। ତାଙ୍କରି ଆଶୀର୍ବାଦରୁ ସେ ଜୟଦୁର୍ଗା ନାଟ୍ୟମଣ୍ଡଳୀରେ ଯୋଗଦେଲେ ପ୍ରଥମେ ସାହାଯ୍ୟକାରୀ ପିଲା ଭାବରେ। ଆଖଡା ପିଲାଙ୍କୁ ସାହାଯ୍ୟ କରିବା, ରାତି ଉଜାଗର ହୋଇ ଆଖଡା ଦେଖିବା, ଆଖଡା ପିଲାଙ୍କ ସହ ମିଶିବା, ତାଙ୍କ ଚାଲିଚଳନ ଲକ୍ଷ୍ୟ କରିବା ଭିତରେ ପରବର୍ତ୍ତୀକାଳରେ ସେ ନିଜକୁ ଏକ ଅଭିନେତା ଭାବରେ ପ୍ରସ୍ତୁତ କରୁଥିଲେ। ଏହାପରେ ଓଡିଶା ଥିଏଟର, ନୟାର ଥିଏଟର ଓ ଜନତାରେ କିଛିଦିନ କାର୍ଯ୍ୟ କଲା ପରେ ସେ ଫେରି ଆସିଲେ ଗାଁ ମାଟିକୁ। ସେତେବେଳେ ଏହି ଅଞ୍ଚଳର ଅନ୍ୟତମ ବିଶିଷ୍ଟ କଳାକାର ପ୍ରାଣକୃଷ୍ଣ ସ୍ୱାଇଁ ବେଣୀରାମପୁର ଯାତ୍ରା ଦଳର ନିର୍ଦ୍ଦେଶକ ଥିଲେ। ଅନୁଜ ପ୍ରତିମ ଆର୍ତ୍ତବନ୍ଧୁଙ୍କୁ ବେକାର ହୋଇ ବୁଲୁଥିବାର ଦେଖି ସେ ତାଙ୍କୁ ନେଇ ଗଲେ ସେ ଯାତ୍ରା ଦଳକୁ। ସେଇଠାରେ ହିଁ ଯୁବକ ଆର୍ତ୍ତବନ୍ଧୁଙ୍କର ପ୍ରତିଭା ବିକଶିତ ହେବାର ବାଟ ଫିଟିଲା। ସେଠାରେ ସହିଦ ବୀରରେ ପାଗଳପୁଅ, ସାବତ ମା'ର କୁନାଳ, ଲୁହାଚାନ୍ଦରେ ଲୁହାଚାନ୍ଦ ଏମିତି ଏକାଦିକ୍ରମେ ୨୦ବର୍ଷ କାଳ ସେହିଦଳରେ ଅଭିନୟ କରି ସେ ଓଡିଶା, ବଙ୍ଗ, ବିହାର, ମଧ୍ୟପ୍ରଦେଶରେ ଚହଳ ପକାଇ ଦେଲେ। କହିବାକୁ ଗଲେ ଏହି ୨୦ବର୍ଷ ହିଁ ତାଙ୍କ ଜୀବନର ସୁବର୍ଣ୍ଣ ଯୁଗ ଥିଲା। ବିଶେଷକରି ସାବତ ମା ନାଟକର କୁନାଳ ଅଭିନୟ ତାଙ୍କୁ ସର୍ବଶ୍ରେଷ୍ଠ ଗୌରବ ଆଣି ଦେଇଥିଲା। ସେହିଦିନ ଠାରୁ ସେ ସର୍ବତ୍ର କୁନାଳ ରୂପେ ହିଁ ସୁପରିଚିତ ଥିଲେ।

ତା'ପରେ ପୁଣି ୧୦ବର୍ଷ। ବେଣୀରାମପୁର ଯାତ୍ରାପାଟି ଛାଡିବା ପରେ ସେ ଯୋଗଦେଲେ ବୀଣାପାଣି କଳାକୁଞ୍ଜ, ତାରପୁରରେ। ଥରେ ଦେଖନ୍ତୁ, ଦଳବେହେରା, ଆଲେକଜାଣ୍ଡର ପ୍ରଭୃତି ନାଟକମାନଙ୍କରେ ତାଙ୍କର ଜ୍ୱଳନ୍ତ ଅଭିନୟ ଯିଏ ଦେଖିଛି ସେ ଆର୍ତ୍ତବନ୍ଧୁଙ୍କୁ କେବେ ଭୁଲିପାରିବ ନାହିଁ। ଏହାପରେ ସେ ଫେରିଆସିଲେ ତୁଳସୀ ଗଣନାଟ୍ୟକୁ। ଏହି ଦଳରେ ଥିଲାବେଳେ ଭକ୍ତ ମହିଷାସୁର ଓ ଯୋଗଜନ୍ମା ରାବଣ ନାଟକର ନାମ ଭୂମିକାରେ ଅବତୀର୍ଣ୍ଣ ହୋଇ ସିଏ ଯେଉଁ ଉତ୍କୃଷ୍ଟ ଅଭିନୟ ପ୍ରଦର୍ଶନ କରିଥିଲେ, ତାହା ଆଗାମୀ ଅନେକ ବର୍ଷ ପାଇଁ ଦର୍ଶକମାନଙ୍କ ମନର ପରଦାରେ ଝଲମଲ ହେଉଥିବ। ତୁଳସୀରୁ ରାଜେଶ୍ୱରୀ, ସାବିତ୍ରୀ ଗଣନାଟ୍ୟ, ବାଣେଶ୍ୱରୀ, ନାରାୟଣୀ ଅପେରା, ରାଢଙ୍ଗ ଓ ଯାଜପୁରର ଗଜପତି ଗଣନାଟ୍ୟରେ ସଫଳତାର ସହ ଅଭିନୟ ଓ ନିର୍ଦ୍ଦେଶନା ଦେଇ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେଥିପାଇଁ ତାଙ୍କର ସାମଗ୍ରିକ କଳାକୃତି ନିମନ୍ତେ ତାଙ୍କୁ ସଂଗୀତ ନାଟକ ଏକାଡେମୀ ତରଫରୁ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ରୂପେ ପୁରସ୍କୃତ କରାଯାଇଥିଲା ୧୯୯୦ ମସିହାରେ। ଏଥିସହିତ ରାଜ୍ୟ ସରକାର ୧୯୯୧ ମସିହାରେ ମଧ୍ୟ ତାଙ୍କୁ ଶ୍ରେଷ୍ଠ ଅଭିନେତା ଓ ନିର୍ଦ୍ଦେଶକ ଭାବେ ସମ୍ମାନିତ କରିଥିଲେ। ଜୀବନରେ ବହୁ ପ୍ରଶଂସାପତ୍ର ପାଇଥିଲେ ହେଁ ସାଧାରଣ ଜୀବନରେ ସେଥିଲେ ବନ୍ଧୁବତ୍ସଳ, ନିରଅହଂକାରୀ ଓ ଜଣେ ଅତି ସାଧାରଣ ମଣିଷ।

ଜଣେ ଦକ୍ଷ କଳାକାର ଓ ଉଚ୍ଚମାନର ନିର୍ଦ୍ଦେଶକ ହିସାବରେ ଆର୍ତ୍ତବନ୍ଧୁ କେବଳ ଓଡ଼ିଶା କାହିଁକି ଓଡ଼ିଶା ବାହାରେ ମଧ୍ୟ ସୁନାମ ଅର୍ଜନ କରିଥିଲେ। ନାଟ୍ୟ ଜଗତରେ ଆର୍ତ୍ତବନ୍ଧୁ ରାଉତରାୟଙ୍କୁ ନଜାଣେ କିଏ? ମନେପଡେ ତତ୍କାଳୀନ ବିଶିଷ୍ଟ କଳାକାର ଭାଗବତ ସ୍ୱାଇଁ, ଶ୍ୟାମ ବାବୁ, ଉତ୍ତମ ପାଳ ଆଦିଙ୍କ କଥା। କିନ୍ତୁ ସିଏ ଥିଲେ ଅଭିନୟରେ ଓସ୍ତାଦ। ତାଙ୍କ ଅଭିନୟ ଥିଲା ଜୀବନ୍ତ ଓ ହୃଦୟ ସ୍ପର୍ଶୀ। ଯଥାର୍ଥରେ ସେଥିଲେ ଯାତ୍ରା ଆକଶରେ ଧ୍ରୁବତାରା ସଦୃଶ। ସିଏ ହସି ହସାଇଛନ୍ତି, କାନ୍ଦି କନ୍ଦାଇଛନ୍ତି, ଦର୍ଶକମାନଙ୍କର ହୃଦୟକୁ ଜୟ କରିପାରିଛନ୍ତି ତାଙ୍କ ଅଭିନୟ ଚାତୁରୀରେ। ଯେ ତାଙ୍କ ଅଭିନୟ ଦେଖିଛି ସେ ଭୁଲିନାହିଁ, ଭୁଲିପାରିବନାହିଁ ଜୀଇଁ ଥିବା ପର୍ଯ୍ୟନ୍ତ। ବିଶେଷ କରି କରୁଣ ରସ ସୃଷ୍ଟି କରିବାରେ ସେ ଥିଲେ ମାହିର। ସେଥିପାଇଁ ତାଙ୍କୁ ହିନ୍ଦୀ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଳାକାର ଦୀଲିପ୍ କୁମାରଙ୍କ ପରି ଟ୍ରାଜିକ୍ ହିରୋର ମାନ୍ୟତା ଦିଆଯାଇଥିଲା। ଖାଲି ସାବତ ମା' ନାଟକର କୁନାଳ ଚରିତ୍ର ନୁହେଁ ପ୍ରତ୍ୟେକ ନାଟକରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖୁଥିଲା। ଦିନକର ଘଟଣା ସେ ନାଟକ ଭକ୍ତ ମହିଷାସୁର ନାଟକରେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରୁଥିଲେ। ସେଥିରେ ତାଙ୍କ ମହିଷାସୁର ଅଭିନୟ ଏତେ ଜୀବନ୍ତ ଥିଲା ତାହା ଭାଷାରେ ପ୍ରକାଶ କରିହେବନାହିଁ। ସତେ ଯେମିତି ଲାଗୁଥିଲା ଆର୍ତ୍ତବନ୍ଧୁ ନୁହେଁ ସତସତିଆ ମହିଷାସୁର ଆସି ଯେମିତି ସେ ଅଭିନୟ କରୁଛି। ଆଉ ଗୋଟିଏ ନାଟକ ଥିଲା ଛାଇ ଆଲୁଅ ଯେଉଁଥିରେ ସିଏ ସପନି ବରାଳ ଚରିତ୍ର ସେ ଅଭିନୟ କରୁଥିଲେ।ଯେଉଁ ପରିବାରକୁ ଦୁଃଖ ପରେ ଦୁଃଖ ମାଡିଆସିଛି ଅନେକ କାରଣରୁ। ବୋଝ ଉପରେ ନଳିତା ବିଡା ପରି ଏହି ଦରଦୀ ଭୂମିକାକୁ ସେ ଅତି ସୁନ୍ଦର ଭାବେ ଚିତ୍ରଣ କରିଥିଲେ। ଆଉ ସାଉଁଟି ଥିଲେ ଦର୍ଶକର କରତାଳି।

୧୯୯୧ ମସିହା ଫେବୃଆରୀ ମାସ ୨୦ ତାରିଖ। ବିଶ୍ୱ ରଙ୍ଗମଞ୍ଚରୁ ଏହି ମହାନ ଅଭିନେତାଙ୍କ ହେଲା ମହାପ୍ରସ୍ଥାନ। ତାଙ୍କ ମରଶରୀର ମାଟିରେ ମିଶିଯାଇଛି ସତ କିନ୍ତୁ ସ୍ମୃତି ଅମଳିନ ହୋଇ ରହିଛି। ଆଜିବି ଅପେରା ଜଗତରେ ତାଙ୍କ ସମକକ୍ଷ ଅଭିନେତା ଅଛନ୍ତି କି ନାହିଁ ସନ୍ଦେହ। ପ୍ରକୃତରେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ, ଅସାମାନ୍ୟ ତଥା ଅପେରା ସମ୍ରାଟ ଥିଲେ। ଯାତ୍ରା ଜଗତରୁ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ଥାନ ଏବେ ବି ଅପୂରଣୀୟ ହୋଇ ରହିଛି।

# ବିଚାର କ୍ଷମତା



କିଶୋର କୁମାର ଜେନା
ଆଇନଜୀବୀ, ବଙ୍ଗାଳିସାହି, କଟକ
ମୋ : ୭୩୭୭୪୩୯୦୭୭

ବିଚାର ହେଉଛି ଏକ ତେଜୋଦୀପ୍ତ ଜୀବନ୍ତ ଶକ୍ତି। ଜଗତରେ ଯେତେସବୁ ଶକ୍ତି ରହିଛି, ସେମାନଙ୍କ ମଧ୍ୟରେ ବିଚାରଶକ୍ତି ହେଉଛି ସବୁଠାରୁ ଅଧିକ ଜୀବନ୍ତ, ଅଧିକ ସୂକ୍ଷ୍ମ ଓ ଅଧିକ ବଳିଷ୍ଠ। ବିଚାର ଏକ ବିରାଟ ଶକ୍ତି। ବିଚାର ଏକ କ୍ରିୟାଶୀଳ ଶକ୍ତି। ଆତ୍ମିକ ପ୍ରାଣ ବା ସୂକ୍ଷ୍ମପ୍ରାଣ ଦ୍ୱାରା ମନସ୍ତରରେ କମ୍ପନ ସୃଷ୍ଟି ହେଲେ ବିଚାର ଉତ୍ପନ୍ନ ହୁଏ। ମାଧ୍ୟାକର୍ଷଣ ଶକ୍ତି, ସଂଶ୍ଳେଷଣ ଶକ୍ତି ବା ବିକର୍ଷଣ ଶକ୍ତିପରି ବିଚାର ଶକ୍ତି ମଧ୍ୟ ଏକ ନିଶ୍ଚିତ ନିର୍ଭୁଲ ଶକ୍ତି।

ଆମେ ମନୁଷ୍ୟକୁ ବିଚାର କରିବାକୁ ଭାଜନ କି? ଏହା ଏକ ପ୍ରଶ୍ନ। ସାଧାରଣତଃ ଆମେ ସବୁବେଳେ ପରସ୍ପରକୁ ଉପଦେଶ ଦେଉ - 'ଏଇଟା କର, ଏଇଟା କରନା। ଏହା କଲେ ଭଲ ହେବ, ଏହା କଲେ ଖରାପ ହେବ, ତୋର ଏଭଳି କରିବା ଉଚିତ।' କିନ୍ତୁ କେବେହେଲେ ନିଜକୁ ପ୍ରଶ୍ନ କରୁନାହୁଁ ଏଭଳି ଉପଦେଶ ଦେବାକୁ ମୁଁ ଯୋଗ୍ୟ କି? କ'ଣ ଭଲ, କ'ଣ ମନ୍ଦ ଆମେ କେତେ ଜାଣିଛୁ। ଅନ୍ୟ ଅପେକ୍ଷା ଆମର ଦୃଷ୍ଟି ସ୍ୱଚ୍ଛତମ, ବାଞ୍ଛନୀୟ ଓ ସତ୍ୟତର - ଏହା ଆମେ ପରୀକ୍ଷା କରିଜାଣିଛୁ କି? ଯଦି ନଜାଣିଛୁ ତେବେ ଅନ୍ୟକୁ ଉପଦେଶ ଦେବା କାହିଁକି? ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟର ପ୍ରତ୍ୟେକଟି ବିଚାର ସକଳ ଦୃଷ୍ଟିରୁ ମୂଲ୍ୟବାନ। ସତ୍ ବିଚାର ତିନୋଟି ସ୍ତରରେ ଉପକାର କରେ। ପ୍ରଥମତଃ ସତ୍ ବିଚାର ପୋଷଣ କରିଥିବା ବ୍ୟକ୍ତିର ମାନସିକ ବିକାଶ ଘଟେ, ଫଳରେ ସେ ଉପକୃତ ହୁଏ। ଦ୍ୱିତୀୟତଃ ଯେଉଁ ବ୍ୟକ୍ତିଙ୍କ ବିଷୟରେ ସତବିଚାର ପୋଷଣ କରାଯାଏ ତାଙ୍କର ମଙ୍ଗଳ ସାଧିତ ହୁଏ। ତୃତୀୟତଃ ସତ ବିଚାର ସର୍ବସାଧାରଣଙ୍କର ମନୋରାଜ୍ୟରେ ସତ ପ୍ରଭାବ ପକାଇ ସକଳ ଲୋକଙ୍କର ମଙ୍ଗଳ ସାଧନ କରେ।' ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ସେତିକିବେଳେ ହସ୍ତକ୍ଷେପ କରିବା ଉଚିତ ଯେତେବେଳେ ଜଣେ ନିଃସନ୍ଦେହ ଯେ ସେ ବିଭୁକୃପାରୁ ସତ୍ୟଦୃଷ୍ଟି ପାଇଛି ଓ ତା'ର ପରିଣାମସ୍ୱରୂପ ଫଳାଫଳ ସମ୍ବନ୍ଧରେ ତା'ର ଜ୍ଞାନ ଅଛି। ସେ ଯଦି ବାସ୍ତବରେ ଭବିଷ୍ୟଦ୍ରଷ୍ଟା ହୋଇଥିବ ତେବେ ସେ ଆତ୍ମବିଶ୍ୱାସର ସହ ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ। ବାସ୍ତବରେ ଆମେ କେବଳ ଏତିକି କରିପାରୁ ସାଧକମାନଙ୍କର ଅନୁଭବସିଦ୍ଧ ବାକ୍ୟରୁ କିଛି ଶିକ୍ଷା କରି ତାହାକୁ ଉଦ୍ଧାର କରିପାରୁ। କାରଣ ସେମାନେ ସ୍ୱୟଂସିଦ୍ଧ, ବିଚକ୍ଷଣ, ନିରପେକ୍ଷ ବିଚାର କରିବାରେ ସମର୍ଥ; କିନ୍ତୁ ଯେଉଁ ମଣିଷ ଆବେଗ, ମାୟା, କାମନା, ବାସନା, ଶୋକ, ପ୍ରତିକ୍ରିୟାରୁ ନିଜକୁ ମୁକତ କରିପାରି ନାହିଁ, ସେ ଯଦି ଅନ୍ୟକୁ ଉପଦେଶ ଦିଏ ତେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଇବା ଅବସ୍ଥା ହେବ। ତେଣୁ ସର୍ବାନ୍ତକରଣରେ ଆଗ ନିଜକୁ ଏ ସମସ୍ତ ନିମ୍ନତର ଗୁଣାବଳୀଠାରୁ ଊର୍ଦ୍ଧ୍ୱକୁ ନେଇଯିବାକୁ ପଡ଼ିବ।

ସେହି କାର୍ଯ୍ୟଟି ନିଷ୍ଠାର ସହ କରିବା ପାଇଁ ଆଧ୍ୟାତ୍ମବାଦରେ ବିଶ୍ୱାସ ରଖି ଏକାଗ୍ରତା ସହକାରେ ବିଭୁ ଶରଣାପନ୍ନ ହେବାକୁ ପଡ଼ିଥାଏ। ଯେ ପର୍ଯ୍ୟନ୍ତ ଆମେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବାରେ ସମର୍ଥ ହୋଇନାହୁଁ, ସେ ପର୍ଯ୍ୟନ୍ତ ଏ ସଂସାରରେ ଜଣେ ବ୍ୟକ୍ତି କି ଅବସ୍ଥାରେ ଅଛି, କି ପ୍ରତିକୂଳ ପରିସ୍ଥିତି ସହ ତାକୁ ଲଢ଼େଇ କରିବାକୁ ପଡୁଛି ତା'ର ପରିବେଶକୁ ଅନୁଶୀଳନ କରିବାର ସାମର୍ଥ୍ୟ ନଥିବା ସାଧାରଣ ମଣିଷର କି ଅଧିକାର ଅଛି ତାକୁ ପରାମର୍ଶ ଦେବାକୁ? ଅହଙ୍କାର ମଦମତ୍ତ ସବ୍‌ଜାନ୍ତା ମଣିଷ ହିଁ ଏହିଭଳି ଅନଧିକାର ଚର୍ଚ୍ଚା କରିପାରେ। ତେଣୁ ସର୍ବପ୍ରଥମ କର୍ତ୍ତବ୍ୟ ହେଲା ବହୁ ଦୋଷ ଗୁଣରେ ପରିପୂର୍ଣ୍ଣ ମାୟାଜଗତରେ ଆତଯାତ ହେଉଥିବା ମଣିଷ ଆଉ ଜଣେ ମଣିଷକୁ ବିଚାର କରିବାକୁ ସମର୍ଥ ନୁହେଁ। କେବଳ ଭଲ ପାଇବାକୁ ସମର୍ଥ। କରୁଣା ପ୍ରଦାନରେ ସମର୍ଥ, ଶ୍ରଦ୍ଧା କରିବାକୁ ସମର୍ଥ। ନିଜେ ସଦ୍‌ଗୁଣାବଳୀରେ ଭୂଷିତ ହେଲେ, ପ୍ରଜ୍ୱଳିତ ପ୍ରଦୀପ ପରି ଜଳିପାରିଲେ ସିନା ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କୁ ଆଲୋକ ଦେଖାଇ ପାରିବା। ଜୀବନକୁ ସୁନ୍ଦର କରିବାର ଏକମାତ୍ର ଉପାୟ ହେଲା ଜଗତକୁ ଭଲ ପାଇବା, ଦିବ୍ୟ ଅନୁଭୂତିରେ ନିଜକୁ ପବିତ୍ର କରିବା, ଆନନ୍ଦ ଜଗତରୁ ଆନନ୍ଦ ଆହରଣ କରିବାର ଶକ୍ତି ସଂଗ୍ରହ କରିବା, ଗୋଟିଏ କ୍ଷୁଦ୍ର ସୁନ୍ଦର କର୍ମକରି ତହିଁରୁ ଦିବ୍ୟ ଅନୁଭବ ଲାଭ କରିବା। ଗଭୀର ବିଶ୍ୱାସ ଓ ଭଲ ପାଇବା ସହ ନୈତିକ ନିୟମାବଳୀକୁ ପାଳନ କଲେ ଚିତ୍ତ ଶୁଦ୍ଧ ହେବ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ନୈତିକତା ଚିହ୍ନି ହେବ, କପଟଶୂନ୍ୟ, ନୀତି ଆଧାରିତ ଶୁଦ୍ଧ ଜୀବନର ଅଧିକାରୀ ହେବା ସହଜସାଧ୍ୟ ନୁହେଁ; ବରଂ ଅତ୍ୟନ୍ତ ଆୟାସସାଧ୍ୟ, କିନ୍ତୁ ଅସମ୍ଭବ ନୁହେଁ। ଆତ୍ମନିୟନ୍ତ୍ରଣ କ୍ଷମତା ରହିଲେ, ଇନ୍ଦ୍ରିୟମାନଙ୍କୁ ବଶ କରିପାରିଲେ, ଧୈର୍ଯ୍ୟଶୀଳ ହେଲେ, ବିଭୁପ୍ରେମରେ ହୃଦୟ ପରିପୂର୍ଣ୍ଣ କଲେ ମଣିଷ ସଦିଚ୍ଛାକୁ କ୍ରିୟାଶୀଳ କରିପାରେ। ଆତ୍ମସଂଯମ ଏଥିନିମନ୍ତେ ସର୍ବପ୍ରଥମ ସର୍ତ୍ତ।

ମନକୁ ନିଷ୍କର୍ମା କରି ରଖନ୍ତୁ ନାହିଁ। ତାକୁ ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ କରି ରଖନ୍ତୁ। ତେବେ ଯାଇଁ ମନରେ କୌଣସି ଦୁର୍ଭାବନା ପ୍ରବେଶ କରିବ ନାହିଁ। ଶୂନ୍ୟ ନିଷ୍କର୍ମା ମନ ହେଉଛି ଶଇତାନର ଶାଳ। ତେଣୁ ପ୍ରତିମୁହୂର୍ତ୍ତରେ ମନ ଉପରେ ତୀକ୍ଷ୍ଣଦୃଷ୍ଟି ରଖନ୍ତୁ। ନିଜକୁ ସର୍ବଦା କୌଣସି ଏକ କର୍ମରେ ଲଗାଇ ରଖନ୍ତୁ। ବାଜେ କଥା ଓ ଅଯଥା ଗପସପ କରନ୍ତୁ ନାହିଁ। ମନକୁ ସର୍ବଦା ଗୀତା, ଉପନିଷଦ, ଯୋଗବାଶିଷ୍ଟପରି ସଦଗ୍ରନ୍ଥମାନଙ୍କରେ ଦିଆଯାଇଥିବା ବିଚାରରେ ପୂର୍ଣ୍ଣ କରି ରଖନ୍ତୁ।



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦରରେ ଡିଏଲଆର କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୃସିଂହ ଚରଣ ଦାସ ଙ୍କର ଆକସ୍ମିକ ମୃତ୍ୟୁରେ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱର୍କମେନ ଆସୋସିଏସନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ତାଙ୍କ ଆତ୍ମାର ସଦଗତି ନିମନ୍ତେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ନୃସିଂହ ଦାସଙ୍କ ଏକାଦଶ କାର୍ଯ୍ୟରେ ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଉପସଭାପତି ରତ୍ନାକର ଜେନା, କାର୍ଯ୍ୟକାରୀ ସଭାପତି ପରେଶ ଚନ୍ଦ୍ର ମୁର୍ମୁ, ସଭ୍ୟ ପ୍ରଶାନ୍ତ କୁମାର ମିଶ୍ର, ଧନେଶ୍ୱର ସାହୁ, ଅନନ୍ତ କିଶୋର ମଲ୍ଲିକ, ମନ୍ମଥ କୁମାର ବେହେରା, ସୁରେନ୍ଦ୍ର ବେହେରା ପ୍ରତାପ କୁମାର ମଲ୍ଲିକ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ସାହୁ, ବାସୁଦେବ ଜେନା ପ୍ରମୁଖ ତାଙ୍କ ଗ୍ରାମ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଅନ୍ତର୍ଗତ କୁଣଗଡି ସ୍ଥିତ ବାସଭବନ ଠାରେ ପହଞ୍ଚି କାର୍ଯ୍ୟକ୍ରମରେ ଯୋଗଦେଇ ସଂଘ ପକ୍ଷରୁ ତାଙ୍କ ପତ୍ନୀ ବିଦୁଲତା ଦାସଙ୍କୁ ଶୁଦ୍ଧିକର୍ମ ପାଇଁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସହାୟତାକୁ ଗ୍ରହଣ କରି ବିଦୁଲତା ଦାସ ଡିଏଲଆର ଆସୋସିଏସନର ସଭାପତି ପ୍ରକାଶ ତ୍ରିପାଠୀ ଓ ସମସ୍ତ ସଭ୍ୟମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।



## ପୋଲିସର ତାଗିଦ୍‌କୁ ଅଭିଯୁକ୍ତଙ୍କ ବେଖାତିର

### ସ୍କୁଲ ପରିସରରେ ବିବାହ ଭୋଜି ପାଇଁ ଟେଣ୍ଟ

ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ବିଡ଼ିପୁର ଗ୍ରାମ ପଂଚାୟତ ବାରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜନୈକ ସ୍ଥାନୀୟ ବ୍ୟକ୍ତି ସନ୍ତୋଷ କୁମାର ସାହୁ ବିବାହ ଭୋଜି ନିମନ୍ତେ ଟେଣ୍ଟ ବାନ୍ଧିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମାର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଏହି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବେହେରା ଗତ ୨୨ ତାରିଖ ଦିନ ସାହୁଙ୍କୁ ନୋଟିସ୍ ଦେଇ ତୁରନ୍ତ ସ୍କୁଲ ପରିସରରୁ ଟେଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଅମାନ୍ୟ କଲେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କୁ ଲିଖିତ ଚେତାବନୀ ଦେଇଥିଲେ। ଖୋଦ୍ ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀ ମଧ୍ୟ ଏପରି ଅପରାଧ ମୂଳକ କାର୍ଯ୍ୟ ପାଇଁ ସମ୍ପୃକ୍ତବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଧାନ ଶିକ୍ଷୟିତ୍ରୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲ ପରିସରରୁ ଟେଣ୍ଟ ନ ହଟିଲେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତେଇଦିଆଯାଇ ଥିଲା। ଏସମ୍ପର୍କ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଥିବା ବେଳେ ଟେଣ୍ଟ ବାନ୍ଧିଥିବା ସନ୍ତୋଷ ସାହୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲିଖିତ ନିର୍ଦ୍ଦେଶକୁ ଅବମାନନା କରିବାରୁ ୨୪ ତାରିଖ ଅପରାହ୍ନରେ ଯାଜପୁର ଥାନାରେ ସାହୁଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ନିଜେ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ବାଣପୁର ଯାଇ ସରଜମିନ ତଦନ୍ତ କରିବା ସହିତ ତତକାଳ ସ୍କୁଲ ପରିସରରୁ ଟେଣ୍ଟ ହଟାଇବାକୁ ସନ୍ତୋଷ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଖବର ଲେଖାହେବା ଯାଏଁ ରାତି ୮.୩୦ ସୁଦ୍ଧା ବାଣପୁର ସ୍କୁଲରେ ପୂର୍ବବତ ଟେଣ୍ଟ ବନ୍ଧାଯାଇଛି। ପାତ୍ରଙ୍କ ପରି ଜଣେ ବାହୁଆ ଓ ଦକ୍ଷ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ଅଭିଯୁକ୍ତ ସାମାନ୍ୟ ଖାତିର କରିନଥିବା ଦେଖିବାକୁ ମିଳିଛି। ଯାହା ସୂଚନା ମିଳେ ଯେ ସ୍କୁଲର ସମ୍ମୁଖ ଗେଟ୍ ପରିବର୍ତ୍ତେ ପଛପଟେ ଥିବା ଏକ ବାଟଦେଇ ଆୟୋଜକ ପରିସରରେ ଭୋଜିଭାତ କରିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ପ୍ରଶାସନର ତାଗିଦ୍‌ର ସାମାନ୍ୟ ପ୍ରଭାବ ବି ତାଙ୍କ ଉପରେ ପଡ଼ିନାହିଁ ବୋଲି ଜଣାପଡ଼ିଛି।

## ଗୋଟିଏ ରାତିରେ ସ୍କୁଟି ଓ ପିକଅପ୍ ଭ୍ୟାନ ଲୁଟ୍

କାକଟପୁର, (ଭାସ୍କର ନ୍ୟୁଜ୍): ଗତ କିଛିଦିନ ହେବ କାକଟପୁରରେ ଆଇନ ଶୃଙ୍ଖଳା ପୁରାପୁରି ବିପର୍ଯ୍ୟସ୍ତ ହୋଇପଡିଛି। କେଉଁଠି ଲୁଟେରା ମାନେ ଛିନତାଇ କରି ଖସି ପଳାଉଥିବାରେ ସକ୍ଷମ ହେଉଛନ୍ତି ତ କେଉଁଠି ବାଇକ ଓ ଚାରି ଚକିଆ ଯାନ ଚୋରି କରି ଅନ୍ୟାୟରେ ଖସି ଯାଉଛନ୍ତି। କିନ୍ତୁ କାକଟପୁର ପୋଲିସର ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକଙ୍କ ପୋଲିସ ଉପରୁ ଆସ୍ଥା ତୁଟିବାରେ ଲାଗିଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ କରାଯାଇଥିଲେ ମଧ୍ୟ ଜିଲ୍ଲା ଉଚ୍ଚାୟ ଅଧିକାରୀ ଘଟଣାକୁ ଦୃଷ୍ଟି ଦେଉନଥିବାବେଳେ ସାଧାରଣ ଲୋକଙ୍କ ଧନ ଜୀବନ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସୋମବାର ଦିନ ଦୁଇଟା ବେଳେ ମଙ୍ଗଳା ମନ୍ଦିର ଆଗରୁ ଚୋରୀ ହୋଇଥିବା ବେଳେ ଗତକାଲି ରାତିରେ ମଙ୍ଗଳା ମନ୍ଦିର ନିକଟରେ ଥିବା ସାମନ୍ତରାୟ ସାହି (ଜଟି ଭାଇନା)ଙ୍କ ଏକ ଧଳାରଙ୍ଗର ସ୍କୁଟିକୁ ସେ ନିଜ ଘରସାମ୍ନାରେ ରଖି ଶୋଇବାକୁ ଯାଇଥିଲେ। ସକାଳ ୭ ଟାରେ ଆସି ଦେଖନ୍ତେ ସ୍କୁଟି ନାହିଁ, ପରେ ସିସିଟିଭି ଫୁଟେଜକୁ ପରୀକ୍ଷା କରି ଜଣା ପଡି ଥିଲା ଯେ ୨ ଜଣ ଦୁର୍ବୃତ୍ତ ଗାଡି ଟିକୁ ରାତ୍ର ୩ ଘଟିକା ସମୟରେ ନେଇ ଯାଉଥିବା ପ୍ରତ୍ୟେକ ଦର୍ଶୀ ମାନେ ପ୍ରକାଶ କରିଥିଲେ। ସକାଳେ ଘଟଣା ଜଣାପଡିବା ପରେ ସ୍କୁଟି ମାଲିକ ଅଭୟ ଦକ୍ଷିତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ରାତିରେ କାକଟପୁର ବ୍ଲକ ଛକ ନିକଟରେ ଥିବା ବାଣପାଣି ଷ୍ଟୋର ଆଗରୁ ଏକ ପିକଅପ ଭ୍ୟାନ ଚୋରୀ ହୋଇଥିବା ଷ୍ଟୋରର ମାଲିକ ବିଜୟ କୁମାର ତ୍ରିପାଠୀ ଆଜି କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ପଛରେ ଏକ ସ୍ୱତନ୍ତ୍ର ଗ୍ୟାଙ୍ଗ କାମକରୁଥିବା ସାଧାରଣ ଲୋକମାନେ ଅନୁମାନ କରୁଥିବାବେଳେ ଲୁଟେରାମାନେ ବାରମ୍ବାର ଲୁଟ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏ ସମସ୍ତ ଘଟଣାକୁ ଦେଖିଲେ କାକଟପୁର ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଅପରପକ୍ଷରେ ଉକ୍ତ ଥାନାଟି ପୁରୀଜିଲ୍ଲାର ଏକ ପ୍ରମୁଖ ଥାନା ଥିବାବେଳେ ଚୋରୀ, ଡକାୟତି, ରାହାଜାନି ଓ ଲୁଟ ଘଟଣା ଆଦିରେ ଘଟୁନଥିବା ବେଳେ ଏବେ ଏହା ଶୀର୍ଷ ସ୍ଥାନ ଛୁଇଁଛି। ଏହି ଥାନାରୁ କେତେକ ଅଭିଜ୍ଞ ଅଧିକାରୀ ପୁରୀଜିଲ୍ଲାର ବିଭିନ୍ନ ଥାନାକୁ ବଦଳି ହୋଇଥିବା ବେଳେ ଏବେ ଲୁଟେରାମାନଙ୍କ ପାଇଁ ପୁଷ୍ଟ ମାସ ଚାଲିଛି। ଥାନା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କୌଣସି ଘଟଣାର ତାଳମେଳ ରହୁନଥିବା ଯୋଗୁଁ ଲୁଟେରାମାନେ ସକ୍ରିୟ ହୋଇପଡିଛନ୍ତି। ତୁରନ୍ତ ପୁରୀଜିଲ୍ଲା ଆରକ୍ଷୀ ଅଧିକ୍ଷକ, ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ଚୋରୀ ଗ୍ୟାଙ୍ଗକୁ ଧରି ଉପଯୁକ୍ତ ଦଣ୍ଡ ବିଧାନ କରିବାକୁ କାକଟପୁର ଦୁର୍ନୀତି ସଂଗ୍ରାମ ମଞ୍ଚ ପକ୍ଷରୁ ଦୃଢ଼ ଦାବି ହୋଇଛି। କାକଟପୁର ଅଞ୍ଚଳରେ ବାରମ୍ବାର ଏଭଳି ଲୁଟ ଘଟଣା ପାଇଁ ସାଧାରଣରେ କୋଭୁଆ ଭୟ ସୃଷ୍ଟି ହୋଇଛି।

## ଡ୍ରେନ ନିର୍ମାଣରେ ଅନିୟମିତତା, ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କଟପଡା ଗ୍ରାମପଂଚାୟତରେ ଏକ ଡ୍ରେନ ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇ ଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। କଟପଡା ଗ୍ରାମପଂଚାୟତ ସାଙ୍କିଲୋ ହରିଜନ ସାହି ଠାରୁ କେଣ୍ଡୋଲୋ କୁଳ ହରାଣ ପର୍ଯ୍ୟନ୍ତ ଏକ ଡ୍ରେନ ନିର୍ମାଣ କରାଯିବା ନିମନ୍ତେ ୧୫ ସିଏଫସି ଯୋଜନାରେ ୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଏହାର କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ଏହି ଡ୍ରେନ ନିର୍ମାଣ ଅଟକଳ ଅନୁଯାଇ କରାଯାଇନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ସ୍ଥାନରେ ପୂର୍ବରୁ ନିର୍ମାଣ କରାଯାଇଥିବା ଡ୍ରେନ ସହ ଅଙ୍କ କିଛି ଡ୍ରେନ ନିର୍ମାଣ କରାଯାଇଥିବାର ଅଭିଯୋଗ ହୋଇଛି। ଅତଏବଃରେ ଏହି ଡ୍ରେନ ନିର୍ମାଣ ନାମରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବାର ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ ଦାବି ହୋଇଛି।

## ତ୍ରିରଙ୍ଗା ଯାତ୍ରାରେ ଅଂଶଗ୍ରହଣ କରିଥିବାରୁ ଗୌତମଙ୍କ ଧନ୍ୟବାଦ



ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ତ୍ରିରଙ୍ଗା ପଦ ଯାତ୍ରାରେ ଅଂଶଗ୍ରହଣ କରିଥିବା ସମସ୍ତ ରାଷ୍ଟ୍ର ପ୍ରେମୀଙ୍କୁ ବିଜେପି ନେତା ଗୌତମ ରାୟ ସାଧୁବାଦ ଜଣାଇଛନ୍ତି। ସାଂସଦ, ବିଜେପି ଜିଲା ସଭାନେତ୍ରୀଙ୍କ ସମେତ ବିଭିନ୍ନ ଦଳର ସମସ୍ତ ନେତା, କର୍ମୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଡାକ୍ତର, ଇଞ୍ଜିନିୟର, ଆଇନଜୀବୀ, ରୋଟାରିଆନ, ସେବା ନିବୃତ୍ତ ସାମରିକ କର୍ମଚାରୀ, ମହିଳା ସଙ୍ଗଠନ ସଦସ୍ୟା ଓ ମଣ୍ଡଳ ସଭାପତି ଏହି ପଦଯାତ୍ରାରେ ସାମିଲ ହୋଇ ଆମ ବୀର ସୈନିକଙ୍କ ମନୋବଳ ବୃଦ୍ଧି କରିବା, ପାଲଗାମ ନିହତଙ୍କ ପାଇଁ ଶ୍ରଦ୍ଧା ସୁମନ ସହ ପାକିସ୍ତାନୀ ଆତଙ୍କବାଦୀଙ୍କ ନିନ୍ଦା କରିଛନ୍ତି। ବିପୁଳ ସଂଖ୍ୟାରେ ସବୁ ବର୍ଗର ଲୋକେ ସମର୍ଥନ, ସହଯୋଗ, ସହଭାଗିତା ଆମ ଜାତୀୟତା ଓ ଏକତାର ନମୂନା ବୋଲି ରାୟ କହି ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ୍ ଜଣାଇଛନ୍ତି।

## ଜାତୀୟ ସନ୍ତ୍ରାସବାଦ ବିରୋଧୀ ଦିବସ ପାଳିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଜାତୀୟ ସନ୍ତ୍ରାସବାଦ ବିରୋଧୀ ଦିବସ ସ୍ଥାନୀୟ ସାକ୍ଷରତା ସମିତି କାର୍ଯ୍ୟାଳୟ ପରିସରରେ ଗତ ୨୧ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ବିଚାରପତି ତଥା ପାରାଦୀପ ବନ୍ଦରର ଆଇନ ପରାମର୍ଶଦାତା ମୁରଲୀଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାକ୍ଷରତା ସମିତିର ସଭ୍ୟା ପ୍ରୀତି ଆରତୀ ପରିଜା, ରଶ୍ମି ଆଚାର୍ଯ୍ୟ, ନିହାରିକା ନାୟକ, ମଧୁମିତା ସାହୁ ଓ ମମତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ସଭାରେ ସମସ୍ତ ଅତିଥିମାନେ ସନ୍ତ୍ରାସବାଦ ଓ ଏହାର ନିରାକରଣ ଏବଂ ଦେଶର ସାମଗ୍ରିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସଂଗଠନ, ସ୍ୱୟଂ ସହାୟିକା ଗୋଷ୍ଠି ର ମହିଳା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଶେଷରେ ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିପିନ ଦାସ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ରାଜ୍ୟ ସଭାପତି

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସହିତ ୟୁନିଫର୍ମ ସିଭିଲ କୋଡ ଆଇନ ପ୍ରଣୟନ ଏବଂ ଓକଫ ବୋର୍ଡର ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ସନାତନ ଧର୍ମ ସାମ୍ନାରେ ଥିବା ସବୁ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ଡ. ଇନ୍ଦ୍ରେସ କୁମାରଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ଓଡ଼ିଶା ପ୍ରଦେଶ ସଭାପତି ଭାବରେ ବିପିନ ବିହାରୀ ଦାସଙ୍କ ନାମକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅନିଲ ଚୌଧୁରୀ ଘୋଷଣା କରିଛନ୍ତି। ଦାସ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଓଡ଼ିଶା ପ୍ରଦେଶର ସଭାପତି ଅଛନ୍ତି। ବହୁ ହିନ୍ଦୁ ସଙ୍ଗଠନ ସହ ଜଡ଼ିତ ରହି ହିନ୍ଦୁ ସମାଜର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ଓଡ଼ିଶାରେ ବାଂଲାଦେଶୀମାନଙ୍କୁ ଚିହ୍ନଟ କରି ରାଜ୍ୟରୁ ବିଦା କରିବା ଏବଂ ଗୋହତ୍ୟାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା କାର୍ଯ୍ୟରେ ନିଜକୁ ସାମିଲ କରିବେ ତାସହିତ ପ୍ରଚଣ୍ଡ ହିନ୍ଦୁବାଦି ନେତା ଦାରା ସିଂକୁ ଜେଲରୁ ଖଲାସ କରିବା ପାଇଁ ସାରା ଓଡ଼ିଶାରେ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଦାସ କହିଛନ୍ତି। ତାଙ୍କୁ ଏଭଳି ମହତ କାର୍ଯ୍ୟରେ ଦାୟିତ୍ୱ ଦେଇଥିବାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ଅଧିକାରୀ ତଥା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ମୁଖ୍ୟ ସଂରକ୍ଷକ ଡଃ ଇନ୍ଦ୍ରେସ୍ କୁମାର ରସ୍ତି ଅଧ୍ୟକ୍ଷ ଅନିଲ ଚୌଧୁରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ଜବର ଦଖଲ ଉଚ୍ଛେଦ କେବେ ?

## ହଜାର କୋଟି ଟଙ୍କାର ସମ୍ପତ୍ତି ଜବରଦଖଲକାରୀଙ୍କ କବ୍‌ଜାରେ


ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ତହସିଲ ଅଂଚଳରେ ହଜାର ହଜାର କୋଟି ଟଙ୍କାର ସରକାରୀ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି। ବାରମ୍ବାର ଜବର ଦଖଲ ଉଚ୍ଛେଦ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ ବେଳକୁ ବେଳ ଜବର ଦଖଲ ବଢ଼ିବାରେ ଲାଗିଛି। କେତେକ ଅସାଧୁ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି କୋଠାଘର ନିର୍ମାଣ କରିବା ସହ ଭଡ଼ା ଦେଇ ଥିବା ଜଣାପଡ଼ିଛି। ଅନ୍ୟ କେତେକ ବ୍ୟକ୍ତି ବେଆଇନ ଭାବେ ସରକାରୀ ଜମିରେ ଘରୋଇ ସ୍କୁଲ ନିର୍ମାଣ କରି ନିରାପଦରେ ରହିଥିଲେ ମଧ୍ୟ ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁ ନାହିଁ। ନିମାପଡ଼ା ପରିଷଦ ଅଞ୍ଚଳରେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ଜବର ଦଖଲକାରୀଙ୍କ ହାତକୁ ଯାଇଥିବା ବେଳେ କେତେଜଣ ବ୍ୟକ୍ତି ସରକାରୀ ଜାଗା ଓ ଡ୍ରେନ୍ ଉପରେ ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି। ରାଜସ୍ୱ କର୍ମଚାରୀ ଓ ପରିଷଦ କର୍ମଚାରୀଙ୍କ ଜ୍ଞାତ ସାରରେ ଏପରି ହେଉଥିବା ବେଳେ କ'ଣ ପାଇଁ ପ୍ରଶାସନ ଦୃଷ୍ଟି ଦେଉ ନାହିଁ ତାହା ଏକ ପରିତାପର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ତହସିଲ ଅଞ୍ଚଳରେ ଏକର ଏକର ସରକାରଙ୍କର ବହୁ ମୂଲ୍ୟବାନ ଜମି ଜବରଦଖଲ କାରୀଙ୍କ କବ୍‌ଜାରେ ରହିଅଛି। ପାଟପୁର ମୌଜାରେ ବହୁ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ନିମାପଡ଼ା ସପ୍ତାହିକି ହାଟ ନିକଟରେ ଥିବା ମୂଲ୍ୟବାନ ଜମିରେ କେତେକ ବ୍ୟକ୍ତି ଦୀର୍ଘଦିନ ହେବ ଗୃହ ନିର୍ମାଣ କରି ନିଜେ ରହିବା ସହ ଭଡ଼ା ଲଗାଇଛନ୍ତି। ଏହି ବ୍ୟକ୍ତିଙ୍କ ବିରୁଦ୍ଧରେ ଜାଣିଶୁଣି ପ୍ରଶାସନ ଦୃଷ୍ଟି ଦେଉ ନାହିଁ। ବାରବାଟି ଖେଳ ପଡ଼ିଆକୁ ମଧ୍ୟ କେତେଜଣ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି। ଦେବୀ ମଣ୍ଡପ ସାହିରେ ମଧ୍ୟ ବ୍ୟାପକ ଜମି ଜବରଦଖଲରେ ରହିଅଛି। ପାଟପୁର ରାଜସ୍ୱ ଡାକବଙ୍ଗଳା ନିକଟରେ କେତେକ ଜମିକୁ ଜବର ଦଖଲକାରୀମାନେ ଜବର ଦଖଲ କରି ଗୃହ ନିର୍ମାଣ କରି ରହୁଥିବା ବେଳେ ଏହା ରାଜସ୍ୱ କର୍ମଚାରୀଙ୍କ ଜ୍ଞାତ ସାରରେ ହେଉଥିବା ଅଭିଯୋଗ ହୋଇଛି। ଗୁଣ୍ଡିଚାବାଡ଼ିରେ ମଧ୍ୟ ଅନେକ ସମ୍ପତ୍ତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି। ନାଏକ ସାହି, ଜବରା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଅନେକ ମୂଲ୍ୟବାନ ସମ୍ପତ୍ତି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି। ଅଣ୍ଡିଆ ମୌଜା, ମହାବୀର କଲୋନୀରେ ବହୁ ମୂଲ୍ୟବାନ ସମ୍ପତ୍ତି ଜବର ଦଖଲକାରୀମାନେ ଜବର ଦଖଲ କରିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ପଦକ୍ଷେପ ନିଆଯାଉ ନାହିଁ। ପୂର୍ବତନ ଜମିଦାର ରାଧା ପ୍ରସାଦ ଭଗତ ଓଗେର ମ୍ୟାନେଜର ଜାମିନିକାନ୍ତ ମୁଖାର୍ଜୀଙ୍କ ନାମରେ ପୂର୍ବରୁ ବହୁ ସମ୍ପତ୍ତି ରହିଥିବା ବେଳେ ବର୍ତ୍ତମାନ ସରକାରୀ ଖାତାକୁ ଯାଇଅଛି। ଏହି ଜମି ଦଳ ପାଟକକୁ ପୋତି କେତେଜଣ ବ୍ୟକ୍ତି ମାଲିକାନା ନଥାଇ ଭୂତ ଠାରୁ କବଲା କରି କୋଠାଘର ନିର୍ମାଣ କରି ରହିଛନ୍ତି। ଅଣ୍ଡିଆ ମୌଜା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ନିକଟ ସମେତ ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବର ଦଖଲକାରୀଙ୍କ କବ୍‌ଜାରେ ରହିଅଛି। ସରକାର ଘୋଷଣା କରିଛନ୍ତି ୩ ମାସ ମଧ୍ୟରେ ଜବରଦଖଲ ଉଚ୍ଛେଦ ହେବ ବୋଲି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜବର ଦଖଲକାରୀମାନେ ଏବେ ଚକବନ୍ଦୀ କାର୍ଯ୍ୟାଳୟ, ତହସିଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ ଧାପଡ଼ ଆରମ୍ଭ କରିଛନ୍ତି। କିପରି ଚଞ୍ଚକତା କରି ସେମାନଙ୍କ ନାମରେ ରେକର୍ଡ଼ କରାଇବା ପାଇଁ ଯୋଜନା କରାଇଛନ୍ତି। ପୂର୍ବରୁ ଅନେକ ସରକାରୀ ଜମିକୁ ପୂର୍ବତନ ଉପ-ଜିଲ୍ଲାପାଳ ରଦ୍ଦ କରିଥିବା ବେଳେ ସେହି ଲୋକମାନେ ବର୍ତ୍ତମାନ ସମ୍ପତ୍ତି ଜବରଦଖଲ କରି ରହିଛନ୍ତି। ଏହି ଘଟଣା ପ୍ରତି ଦୃଷ୍ଟି ଦିଆଯାଇ ତୁରନ୍ତ ପାଟପୁର, ଅଣ୍ଡିଆ, ନୁହାରକିରି, ଭୁବନିପୁର ଆଦି ମୌଜାରେ ହୋଇଥିବା ଜବର ଦଖଲ ଉଚ୍ଛେଦ କରିବା ପାଇଁ ଦାବି ହୋଇଛି।

## ଗ୍ରାମୀଣ ସମ୍ପ୍ରଦାୟ ପାଇଁ ବେଦାନ୍ତ ଆଲୁମିନିୟମର ମେଗା ସ୍ୱାସ୍ଥ୍ୟ ଶିବିର



ସୁନ୍ଦରଗଡ଼, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକର ମୁଣ୍ଡେରଖେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା, ଯେଉଁଥିରେ ୨୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ଦ୍ୱାରା ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଏବଂ ନିକଟସ୍ଥ ଗ୍ରାମ ପଞ୍ଚାୟତକୁ ସାମିଲ କରି ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲାଗି ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଥିଲା। ହେମଗିରର ମୁଣ୍ଡେରଖେତ ପଞ୍ଚାୟତ ସରପଞ୍ଚ ସନ୍ୟାସୀ ବାଗଙ୍କ ଉପସ୍ଥିତିରେ ହେମଗିର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହି ଶିବିରକୁ ଉଦଘାଟନ କରିଥିଲେ। ଏହି ପଦକ୍ଷେପ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତମାଗଣା ସେବାର ଏକ ପରିସର ପ୍ରଦାନ କରିଥିଲା। ଯେଉଁଥିରେ ଅସ୍ଥିଶଲ୍ୟ, ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନଟି, ଛାତି ଏବଂ ଯକ୍ଷ୍ମା ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ, ସ୍ୱତନ୍ତ୍ର ପରାମର୍ଶ ଏବଂ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। କମ୍ପାନୀର ଗୋଷ୍ଠି-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାନ୍ତରେ, ଆମେ ସମସ୍ତଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାର ମୌଳିକ ଗୁରୁତ୍ୱକୁ ସ୍ୱୀକାର କରୁ। ଏପରି ମେଗା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ, ଆମେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଏବଂ ଆମ ଗୋଷ୍ଠି କଲ୍ୟାଣ ଉପରେ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁ। ଜିଲ୍ଲା ପ୍ରଶାସନ ସହିତ ସହଭାଗୀ ହୋଇ, ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେହି ଅଞ୍ଚଳର ଲୋକଙ୍କ ଜୀବନକୁ ଯଥେଷ୍ଟ ଉନ୍ନତ କରିବା ପାଇଁ ଆମେ ଏପରି ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ଜାରି ରଖିବୁ।' ସୁନ୍ଦରଗଡ଼ର ହେମଗିର ବ୍ଲକ, ମୁଣ୍ଡେରଖେତ ପଞ୍ଚାୟତର ସରପଞ୍ଚ ସନ୍ୟାସୀ ବାଗ୍ ପ୍ରକାଶ କରିଛନ୍ତି 'ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଆମ ଅଞ୍ଚଳ ପାଇଁ ଏକ ଚ୍ୟାଲେଞ୍ଜ, ବିଶେଷକରି ବୟସ୍କ ଏବଂ ମହିଳାମାନଙ୍କ ପାଇଁ। ଏହି ମେଗା ସ୍ୱାସ୍ଥ୍ୟ ଶିବିରକୁ ଆମ ଅଞ୍ଚଳେର ଆୟୋଜନ କରିଥିବାରୁ ମୁଁ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛି।' ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରୀୟ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବାର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି ପ୍ରତି ଗୋଷ୍ଠି ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠି ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପଗୁଡ଼ିକ ସାମାଜିକ-ଆର୍ଥିକ ପ୍ରଗତିରେ ବିଶେଷ ସହାୟକ ହେବ।

## ଏନ୍‌ସିସି ୨ୟ ପର୍ଯ୍ୟାୟ ତାଲିମଶିବିର ଉଦ୍‌ଯାପିତ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବ୍ୟୁରେ ପଞ୍ଚାୟତସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲରେ ଶୁକ୍ରବାର ସନ୍ଧ୍ୟାରେ ସପ୍ତମ ଓଡ଼ିଶା ଏନସିସି ବାଟାଲିୟନ, ଭଦ୍ରକର ୨ୟ ପର୍ଯ୍ୟାୟ ବାର୍ଷିକ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଲେଫ୍ଟନାଣ୍ଟ ଆଶିଷ କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ କ୍ୟାମ୍ପ କମାଣ୍ଡର ଲେଫ୍ଟନା□ ଶୈଳେନ୍ଦ୍ର ସିଂ ରଘୁବଂଶୀ ଯୋଗ ଦେଇ ସଠିକ ମାର୍ଗ ଚୟନ କଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇଥାଏ ବୋଲି କହିଥିଲେ। ଏଥିସହିତ ଲେଫ୍ଟନାଣ୍ଟ ରଘୁବଂଶୀ କ୍ୟାଡେଟମାନଙ୍କୁ ଶିବିରର ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ସୁବେଦାର ମେଜର ଯଶୋବନ୍ତ ସିଂ ଯୋଗ ଦେଇଥିଲେ। ଗତ ୧୫ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଦହପାଣିଆ ହାଇସ୍କୁଲରେ ୧୦ଦିନ ଧରି ଚାଲିଥିବା ଏହି ତାଲିମ ଶିବିରରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍କୁଲ ଓ କଲେଜର ୬ଶହ ଏନସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରୀ ଏବଂ ଓଡ଼ିଶୀ ନୃତ୍ୟରେ କ୍ୟାଡେଟମାନେ ଝୁମି ଉଠିଥିଲେ। କ୍ୟାଡେଟ ଇତିଶ୍ରୀ ଷଡ଼ଙ୍ଗୀ ଓ ଭାଗ୍ୟଶ୍ରୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ୟାଡେଟମାନେ ମଧ୍ୟ ଦେଶାତ୍ମବୋଧକ ଓ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଏନସିସିର ଏହି ଶିବିରରେ ଶତାଧିକ କ୍ୟାଡେଟ ଆରଡ଼ିସ୍ଥିତ ଆଖଣ୍ଡଳମଣିଙ୍କ ମନ୍ଦିର, ତାଳପଦାସ୍ଥିତ କାନ୍ତକବିଙ୍କ ପୀଠରେ ସଫେଇ କାର୍ଯ୍ୟ କରିଥିଲେ। ଡେପୁଟି କମାଣ୍ଡର ମେଜର ଡ. ପରେଶ କୁମାର ଦାସ, ଏମଡି କଲାମୁଦ୍ଦିନ, ଅଜୟ କୁମାର ସାହୁ, ମାନସ କୁମାର ସାହୁ, ପ୍ରଦୀପ କୁମାର ଜେନା, ରଶ୍ମିରଞ୍ଜନ ଦାସ, ସସ୍ମିତା ମଲ୍ଲିକ, ଅଭିଲିପ୍ସା ପାତ୍ର, ପ୍ରଧାନଶିକ୍ଷକ ସନତ କୁମାର ବେହେରାଙ୍କ ସମେତ ଏନସିସି ଅଫିସରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ଧସିଲା ଶଇଲୋ ଠାରେ ୫୦ଫୁଟ ନିର୍ମାଣାଧିନ ନଦୀବନ୍ଧ

ଧାମନଗର, (ଭାସ୍କର ନ୍ୟୁଜ୍): ଆଖୁଆପଦା ଜଳସମ୍ପଦ ବିଭାଗ, ଧାମନଗର ଅଧିନସ୍ତ ବୈତରଣୀ ନଦୀର ଶାଖା ନଦୀ କୋଚିଳା ନଦୀ ସଇଲୋ ଠାରେ ପ୍ରାୟ ୫୦ଫୁଟର ନଦୀବନ୍ଧ ପୁଣି ଧସି ଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପ୍ରକାଶ ଥାଉକି କୋଚିଳା ନଦୀର ରାମରାକୂଳ-ହସନାବାଦ ଟିଆରଇ ବନ୍ଧର ପଧାନି ପଂଚାୟତର ସଇଲୋ ଗ୍ରାମର ଇନ୍ଦ୍ରମଣି ବିଶ୍ୱାଳଙ୍କ ଘର ନିକଟରେ ଡାହାଣ ପାଖ ବନ୍ଧ ବାରମ୍ବାର ଧସୁଚି। ପ୍ରତିବର୍ଷ ଏପରି ବନ୍ଧ ଧସି ବା ଦ୍ୱାରା ସ୍ଥାଇ ପ୍ରତିକାର କିଛି ହୋଇ ପାରୁନାହିଁ। ତେବେ ୨୦ଦିନ ତଳେ ଉକ୍ତ ବନ୍ଧ ରେ ମାଟି ପକାଯାଇଥିଲା। ମାତ୍ର ଉକ୍ତ ସ୍ଥାନରେ ମାଟି ପକାଇବା ପରେ ରୁଲିଙ୍ଗି କରାଯାଇଥିଲା। ତାପରେ ସେଠାରେ ପଥର ପ୍ୟକିଂ ପାଇଁ ଟ୍ରକ୍‌ରେ ପଥର ଢ଼ଳାଯାଇଥିଲା। ହେଲେ ଉକ୍ତ ବନ୍ଧ ପ୍ରାୟ ୨ଶହ ଫୁଟ୍ ଲମ୍ବରେ ମାଟି ଶହ ପଥର ଧସି ନଦୀ ଗର୍ଭକୁ ଚାଲିଯାଇଛି। ପୁଣି ୫ ଦିନ ତଳେ ସେଠାରେ ବନ୍ଧର ତଳଅଂଶକୁ ଡ୍ରୋଜର ମାଧ୍ୟମରେ ମାଟି ଓ ପଥରକୁ ସଫା କରାଯାଇ ପୁଣି ମାଟିପକାଯାଇ ସେଠାରେ ରୁଲିଙ୍ଗୀ କାମ ସରିଥିବା ବେଳେ ପୁଣି ଶନିବାର ସକାଳେ ଉକ୍ତ ବନ୍ଧରେ ୫୦ ମିଟରରେ ବନ୍ଧ ଧଶି ଯାଇ ଥିବା ବେଳେ ବନ୍ଧରେ ପୁଣି ପୁର୍ବଭଳି ଫାଟସୃଷ୍ଟି ହୋଇଛି। ଖବର ପାଇ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଶରତ ଘଡାଇ, ଧାମନଗର ଏସଡିଓ କିଶୋର ଦାଶ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଆଉ ଦୁଇଦିନ ପରେ ଲଘୁଚାପ ଜନିତ ବର୍ଷା ସହ ମୌସୁମୀ ପ୍ରବେଶ କରିବା ନେଇ ପୁଣି ସେଠାରେ ମାଟି ପକା ଆରମ୍ଭ ହୋଇଛି। ଉକ୍ତ ସ୍ଥାନରେ ବାରମ୍ବାର ଏପରି ମାଟିଧସିବାର କାରଣ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଘଡାଇ କହିଛନ୍ତି ଯେ ବନ୍ଧର ମୂଳରେ କିଛି ପତଳା ଓ କାଦୁଆମାଟି ରହିଛି ଫଳରେ ଗର୍ତ୍ତ ଗର୍ଭରେ ମାଟି ଲିନ ହୋଇଯାଉଛି। ଏବେ ସେଠାରେ ପ୍ରତି ୯ଇଞ୍ଚରେ ଗୋଟେ ଲେଖାଏଁ ଲେୟାର ମାଟି ପକାଯିବ। ବନ୍ଧ ମୂଳରେ ଆଉ ଗୋଟେ ସୁରକ୍ଷା ବନ୍ଧ କରା ଯାଇ ବନ୍ଧ କୁ ଶୃଦୁଢ କରାଯିବ ବୋଲି ଘଡେଇ କହିଥିଲେ। ସୂଚନା ଥାଉକି ଉକ୍ତ ନଦୀବନ୍ଧ ତଳେ ଗୋଟେ ଅଂଶ ପତଳା ମାଟି ଥିବାରୁ ସେଠାରେ ଏପରି ବାରମ୍ବାର ଏପରି ଘଟିପାରେ। ଯଦି ଉକ୍ତ ବନ୍ଧର ସ୍ଥାନ ବଦଳେଇ ଦିଆଯାଇ ପାରନ୍ତା ବନ୍ଧଟି ସୁରକ୍ଷିତ ରହିପାରନ୍ତା। ସେଠାରେ ଗୋଟିଏ ପରିବାର ସ୍ଥାନାନ୍ତର ହେବାକୁ ପଡ଼ିବ। ଏ ଦିଗରେ ସରକାର ଉକ୍ତ ପରିବାରକୁ ଅନ୍ୟତ୍ର ଜାଗା ଦେଇ ତାଙ୍କୁ ଥଇଥାନ କରି ସେଠାରେ ବନ୍ଧ ନିର୍ମାଣ କଲେ ସ୍ଥାଇ ପ୍ରତିକାର ହୋଇ ପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି।

## ତଦନ୍ତ ନ ସରିବା ପର୍ଯ୍ୟନ୍ତ ୧୦% ରୁ ଅଧିକା ଫିସ୍ କରିପାରିବ ନାହିଁ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଜେଇଏମ୍ ସ୍କୁଲ ଫି ବୃଦ୍ଧିକୁ ନେଇ ଶନିବାର ମାନ୍ୟବର ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି। ଚଳିତବର୍ଷ ବିଜେଇଏମ ସ୍କୁଲରେ ଫି ୧୦% ରୁ ଅଧିକା ନେଇପାରିବେ ନାହିଁ ବୋଲି ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶରେ। ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗକୁ ୧୫/୦୪/୨୫ରେ ଦିଆଯାଇଥିବା ଅଭିଯୋଗ ଛଅ ସପ୍ତାହ ଭିତରେ ତଦନ୍ତ ସରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସଂଘ ସହ ମିଳିତ ବୈଠକ କରି ରିପୋର୍ଟ ଦେବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ସତ୍ୟ ଧର୍ମର ବିଜୟ ହେଲା ବୋଲି କହିଲେ ସ୍କୁଲ ସଂଘର ସଭାପତି ରଂଜନ କୁମାର ଦାସ। ଅଭିଭାବକ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣେଇଛନ୍ତି ଦାସ। ଅଭିଭାବକ ମାନଙ୍କ ସହଯୋଗ ଓ ପରିଶ୍ରମ ବଳରେ ଆଜି ସତ୍ୟକୁ ସାମ୍ନ କରିପାରିଛେ ବୋଲି କହିଛନ୍ତି ସଭାପତି ଦାସ। ୭୦ଦିନ ଅହରହ ଲଢ଼େଇ ପରେ ଆଜି ସଫଳତା ମିଳିପାରିଛି। ଆଗକୁ ବହୁତ କିଛି ପରିବର୍ତ୍ତନ ହେବାର ଅଛି ବୋଲି କହିଛନ୍ତି ସ୍କୁଲ ସଂଘର ସଭାପତି ଦାସ। ବିଶେଷ କରି ମାନ୍ୟବର ବିଧାୟକ ବାବୁ ସିଂଙ୍କ ଦୃଢ଼ ସମର୍ଥନ ଓ ସହ ସହ ଅଭିଭାବକମାନଙ୍କ ନିଷ୍ପାପର ତ୍ୟାଗ ପାଇଁ ଏ ବିଜୟ ହୋଇଛି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ସଂଘର ସଭାପତି ରଂଜନ କୁମାର ଦାସ। ଆଗମୀ ଦିନରେ ସ୍କୁଲ ଯଦି ୧୦ ବର୍ଷର ହିସାବ ନ ଦିଅନ୍ତି, ଆଗମୀ ଦିନରେ ଅର୍ଥ ନୈତିକ ଅପରାଧରେ ଦିଆଯାଇଥିବା ୨୦୦ କୋଟି ଟଙ୍କାର ଅଭିଯୋଗ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

## ଅପରେସନ ସିନ୍ଦୂରର ସଫଳତା ଲାଗି ତ୍ରିରଙ୍ଗା ଶୋଭାଯାତ୍ରା

କାକଟପୁର, (ଭାସ୍କର ନ୍ୟୁଜ୍): ଆତଙ୍କବାଦୀ ଆକ୍ରମଣର ଭାରତୀୟ ସେନାର କଡା ଜବାବକୁ ସମର୍ଥନ, ସେନାବଳକୁ ସମ୍ମାନ ଓ ସେମାନଙ୍କ ମନୋବଳ ବୃଦ୍ଧି ସହିତ ଦେଶର ସୁରକ୍ଷା ଲାଗି ପ୍ରତ୍ୟକ ନାଗରିକଙ୍କ ନିକଟରେ ସନ୍ଦେଶ ପହଞ୍ଚାଇବା ପରିପ୍ରେକ୍ଷୀରେ କାକଟପୁର ବିଜେପି ପକ୍ଷରୁ ମହର୍ଷି ବିଶ୍ୱାମିତ୍ର ଆଶ୍ରମ ଠାରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା କ୍ଷ ଦଳରର ବରିଷ୍ଠ ନେତା ବାଇଧର ମଲ୍ଲିକଙ୍କ (ନେତୃତ୍ୱ) ରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଦଳର ରାଜ୍ୟ ମହିଳା ମୋର୍ଚ୍ଚା ସଂପାଦିକା ରାଜଲକ୍ଷ୍ମୀ ଦାଶ, ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା ପ୍ରମୁଖଙ୍କ ସମେତ ବହୁ ମହିଳା, ଛାତ୍ରଛାତ୍ରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ବଜାର ପରିକ୍ରମା ପରେ ବିଜେପି ଦଳୀୟ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଦେଶ ଲାଗି ବଳିଦାନ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଭାରତୀୟ ଯବାନ ମାନଙ୍କ (ବୀରତ୍ୱ)ର ଗାଥା ଉପରେ ବହୁ ବକ୍ତା ବକ୍ତବ୍ୟ ଦେଇଥିଲେ।

## ମଦ ଦୋକାନ ଲାଇସେନ୍ସ ନିୟମ ବାହାରେ, କାମକରୁନି ଅବକାରୀ ବିଭାଗ ହେଲ୍ପ ଲାଇନ୍

ସୋରଡା, (ଭାସ୍କର ନ୍ୟୁଜ୍): ସାନ ସୋରଡା ବସ୍ତି ଅଞ୍ଚଳ, ଶିକ୍ଷାନୁଷ୍ଠାନ, ଜନଗହଳି ସ୍ଥାନ ନିକଟରେ ଅବକାରୀ ବିଭାଗ ର ଆଇନକୁ ଉଲଘନ କରି ବେନିୟମ ଭାବେ ଖୋଲା ଖୋଲି ଚାଲିଛି ଠିପି ବନ୍ଦ ମଦଦୋକାନ। ନାଇସେନ୍ସ ଅବକାରୀ ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି ଠିପି ବନ୍ଦ ମଦଦୋକାନ କିନ୍ତୁ ଲାଇସେନ୍ସର ଉଲ୍ଲଂଘନ କରି ଚାଲିଛି ଠିପି ବନ୍ଦ ମଦଦୋକାନ। ନିୟମନୁଯାଇ ଉକ୍ତ ଦୋକାନ ନିକଟରେ କୌଣସି ଜଳଖିଆ ଦୋକାନ କିମ୍ବା କୌଣସି ଦୋକାନ ଖୋଲିବା ପାଇଁ ନିୟମ ନଥିଲେ ମଧ୍ୟ ଖୋଲାଖୋଲି ଚାଲିଛି। ଦୋକାନବଜାର ଆଗକୁ ରଖାଯାଇଛି କିଛି ଚାକୁଣ୍ଡିଗଛର ଆଢୁଆଳ ସେ ଭିତରେ ଚାଲିଛି ଗ୍ରାହାକମାନଙ୍କର ଠିପି ଖୋଲା ମଦପାନ କାରବାର। ଅବକାରୀ ବିଭାଗ ଅନୁଯାଇ ଦୋକାନ ସମୁଖରେ, ମଦଗୁଡିକର ପ୍ରକାର, ମୂଲ୍ୟ ଲେଖାଯାଉ ନାହିଁ କିମ୍ବା ଲାଇଟିଙ୍ଗ ଦେଶ ବୋର୍ଡରେ ମଦଗୁଡିକ ମୂଲ୍ୟ ଦିସ୍ପ୍ଲେ କରାଯାଉନାହିଁ। ଦୋକାନ ଖୋଲିବା ପାଇଁ ସମୟ ନିର୍ଦ୍ଧାରଣ ନାମକୁ ମାତ୍ର ଲେଖାଯାଉଥିଲେ ମଧ୍ୟ ମନମୁଖୀ ଭାବେ ଭେଣ୍ଡର ଦ୍ୱାରା ପରିଚାଳିତ ସୁପରଭାଇଜର ଓ କିଛି ହିନ୍ଦି ଭାଷା କହୁଥିବା ସେଲ୍ସମ୍ୟାନ ଭାବେ ନିଯୁକ୍ତି ଦେଇଥିବା ଓ ବାହାରେ କିଛି ଦଲାଲ ବୁଲି ବେଆଇନ ଭାବେ ବିଭିନ୍ନ ଯାନ ମାନଙ୍କରେ ବିଭିନ୍ନ ଦୋକାନ ବଜାର ହୋଟେଲମାନଙ୍କୁ ଚଢା ଦରରେ, ଏମଆରପି ଠାରୁ ଅଧିକ ଦରରେ ଚୋରା ଚାଲାଣ କରାଯାଉଛି ଏବଂ ଦୋକାନରେ ଠିପି ବନ୍ଦ ମଦଦୋକାନ ବଦଳରେ ଠିପି ଖୋଲା ମଦଦୋକାନ ଭାବେ ଚଢା ଦରରେ ବିଭିନ୍ନ ବ୍ରାଣ୍ଡ ବିକ୍ରିକରି ବେଆଇନ କାରବାର ଚଳାଇଛନ୍ତି। କେବଳ ସେତିକି ନୁହେଁ ସେଲ୍ସମେନ ଲାଇସେନ୍ସ ଦୋକାନରେ ରଖୁନଥିବା, ଷ୍ଟକରେଜିଷ୍ଟର, ବିକ୍ରି ରେଜିଷ୍ଟର ରଖୁନଥିବା ଏବଂ ଡ୍ରେସ୍ କୋର୍ଡ ଲାଗୁ କରିନଥିବା, ସକଳ ପ୍ରାୟ ୬ଟା ରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଅବାଧରେ ମଦ ବିକ୍ରି ଚାଲିଛି। ଏମଆରପି ଠାରୁ ବିଭିନ୍ନ ବ୍ରାଣ୍ଡର ମଦ ଚଢାଦରରେ ୬୦ଟଙ୍କାରୁ ଆରମ୍ଭ କରି ପ୍ରାୟ ୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ବେନିୟମ ଭାବେ ଚଢା ଦରରୁ ଉର୍ଦ୍ଧ୍ୱ। ଏ ସମ୍ପର୍କରେ ସୋରଡା ଠାରେ ଅବସ୍ଥିତ ଅବକାରୀ ବିଭାଗ ଥାନାରେ ଏସ.ଆଇ, ଏ.ଏସ.ଆଇଙ୍କ ଠାରେ ବିଭିନ୍ନ ସମୟରେ ଲାଇସେନ୍ସର ଖୋଲାଖୋଲି ଉଲ୍ଲଂଘନ ସମ୍ପର୍କରେ ମୋବାଇଲ ଯୋଗେ ଅଭିଯୋଗ ମାନ କରାଯାଉଥିଲେ ମଧ୍ୟ ବିଭାଗର କୌଣସି ପଦକ୍ଷେପ ନେଉ ନଥିବାରୁ ଅଞ୍ଚଳରେ ଅବାଧରେ ବିଦେଶୀ ମଦ, ନକଲି ମଦ, ତା ସହିତ ଅନ୍ୟାନ୍ୟ ନିସା କାରବାର ସୁରକ୍ଷିତ ଭାବେ ଚାଲିଛି। କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ଅବକାରୀ ଥାନା ନିର୍ମାଣ କରାଯାଇଥିଲେ ମଧ୍ୟ ଉକ୍ତ ଥାନାରେ କେବଳ କେତେଜଣ କନେଷ୍ଟବଳ, ଏ.ଏସ.ଆଇଙ୍କୁ ଦେଖିବାକୁ ମିଳୁଥିବା ବେଳେ ଏସଆଇଙ୍କ ଦେଖା ମିଳୁନାହିଁ। ଗତ କିଛିଦିନ ତଳେ ଓଡିଶାର ମୁଖ୍ୟ ଶାସନ ସଚିବ ଘୋଷଣା କରିଛନ୍ତି ଯେ ବ୍ଲକ ଓ ଗ୍ରାମାଞ୍ଚଳମାନଙ୍କରେ ମହିଳା ଏସଏଚଜି ମା'ଙ୍କୁ ସାମିଲି କରିବା, ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବା, ବିଭିନ୍ନ ସାଂସ୍କୃତିକ ଦଳମାନଙ୍କୁ ସାମିଲ କରିବା ଓ ୩ବର୍ଷ ଅବକାରୀ ଆଇନର ନୀତି ନିର୍ଦ୍ଧାରଣ କରିବା ସହିତ ଚୋରା କାରବାରକୁ ରୋକିବା, ରାଜସ୍ୱ କ୍ଷତିକୁ ମଦ କାରବାରରୁ ବୋହୁ ପରିମାଣର ରାଜସ୍ୱ ଆଦାୟ କରିବା ଏବଂ ସମସ୍ତ ବିଭାଗର ସଚିବାମାନକୁ ଡାକି ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ଚୋରା ମଦରୋକିବା ପାଇଁ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ ହୋଇନଥିବାରୁ ଜନ-ସାଧାରଣରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି। ଅବକାରୀ ବିଭାଗର ଗଞ୍ଜାମ ଜିଲ୍ଲା ଅବକାରୀ ସୁପେରେଣ୍ଟେଣ୍ଡେନ, ଅବକାରୀ ବିଭାଗ କମିଶନର, ସଚିବ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୋରଡା ଅଞ୍ଚଳର ଜନସାଧାରଣଙ୍କ ତରଫରୁ ଦାବି ହୋଇଛି।

## ପାଚିଲା ଆମ୍ବ ନାଁରେ ବିଷ ବେପାର

ନିଆଳି, (ଭାସ୍କର ନ୍ୟୁଜ୍): ସାବିତ୍ରୀ ବ୍ରତ ପାଇଁ ନିଆଳି, କସର୍ଦା, ସିଠାଳ, ନୂଆ ଗାଁ, କାଳିଆ ଘାଇ, ଏରଞ୍ଚ ଆଦି ବଜାରରେ ସୀମିତ ଫଳ ରହିଥିବାରୁ ବ୍ୟବସାୟୀ ମାନେ ଫଳ ଓ ସାବିତ୍ରୀ ବ୍ରତ ପାଳନ ନିମନ୍ତେ ଆବଶ୍ୟକୀୟ ସାମଗ୍ରୀକୁ ଚଢା ଦାମରେ ବିକ୍ରି କରୁଥିବା ଦେଖାଯାଉଛି। ବିଶେଷକରି ପାଚିଲା ଆମ୍ବ ବିଭିନ୍ନ ଭେରାଇଟିର ବଜାରରେ ବିକ୍ରି ହେଉଥିବା ବେଳେ ଗ୍ରାହକ ମାନେ ଆମ୍ବ ବଦଳରେ ବିଷ କିଣୁଥିବା ଅଭିଯୋଗ ଆସିଛି। ସାବିତ୍ରୀ ବ୍ରତ ପାଇଁ ପ୍ରଚୁର ପରିମାଣ ର ଆମ୍ବ ବିକ୍ରି ହେବାର ଆଶଙ୍କା କରି ବେପାରୀ ମାନେ କଲସିଅମ କାର୍ବୋଏଡ୍ ଦେଇ ଫଳ ପଚାଉଛନ୍ତି। ଯାହା ବିଷ ଠାରୁ ବହୁ ମାରାତ୍ମକ। ଏହି ବିଷ କୁ ଆମ୍ବ ସମେତ କଦଳୀ, ସପୁରି ପଣସରେ ବ୍ୟବହାର କରାଯାଉଛି। ସାବିତ୍ରୀ ବ୍ରତ ପାଇଁ କମଳା, ଲିଚୁ, ସେପେଟା, ଅଙ୍ଗୁର, ଖଜୁରୀ ତାଳ ଆଦି ଫଳମୂଳ ସହ ଗଜା ମୁଗର ଦର ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବଜାରରେ ଆମ୍ବଦର ୫୦ରୁ ୨୦୦ ଟଙ୍କା ଦର ବିକ୍ରି ହେଉଥିବା ବେଳେ ସେଓ, ଅଙ୍ଗୁରୁ ୩ ଶହ ରୁ ୪ ଶହ ଟଙ୍କା କିଲୋ ପ୍ରତି ବିକ୍ରି ହେଉଛି। ସେହିଭଳି ଅନ୍ୟ ଫଳ କଥା ନ କହିଲେ ଭଲ। ବିଶେଷ ଭାବେ ନୂଆ କରି ବିବାହ କରିଥିବା ଗରିବ ଶ୍ରେଣୀର କନ୍ୟା ପିତାଙ୍କ ପାଇଁ ଆର୍ଥିକ ବୋଝ ଏଭଳି ପରିସ୍ଥିତିରେ ମନେ ହୋଇଥାଏ। ଏବେ ଏହି ଦରଦାମ ବୃଦ୍ଧିର କଳାବଜାରୀ ରୋକିବାକୁ ଦାବି ହେଉଛି।



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଭାନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରଭାବତୀ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗଣ ଶିକ୍ଷକ/ଏକ୍ସକେଡର ଶିକ୍ଷକ ସଂଘ ଜଳେଶ୍ୱର ପକ୍ଷରୁ ଶାନ୍ତିଆ ଉ:ପ୍ରା ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଜଳେଶ୍ୱର ସଂଘର ସଭାପତି ସରୋଜ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଉପସ୍ଥିତ ହୋଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ମ ଜୀବନୀର ବାଖ୍ୟା କରିବା ସହିତ ଶେଷ ଜୀବନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସହ ଯୋଡ଼ି ରହିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଏକ୍ସକ୍ୟାଡର ଶିକ୍ଷକ ସଙ୍ଘର ସମ୍ପାଦକ ତଥା ରାଜ୍ୟ ସଂଘର ଉପ ସଭାପତି ଶନିଶ୍ଚରଞ୍ଜନ ବେହେରା, ବରେଣ୍ୟ ଅତିଥି ଭାବେ ଜଳେଶ୍ୱର ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଶାନ୍ତିଆ ସ୍କୁଲର ସହକାରୀ ଶିକ୍ଷକ ତଥା ବିଇଡି ସଂଘର ସଭାପତି ଦିଲ୍ଲୀପ କୁମାର ସେଠୀ, ଜିଲ୍ଲା ସଂଘର ସହ ସମ୍ପାଦକ ଶିବ ଶଙ୍କର ଜେନା, ମହେଶ୍ୱର ଘୋଷ, ଭାନୁ ଚରଣ ମହାଲ, ବନ୍ଦନା ମିଶ୍ର, ବ୍ଲକ ସଙ୍ଘ ସମ୍ପାଦକ ବୁଦ୍ଧଦେବ ଜେନା ଓ ବିଦାୟୀ ଶିକ୍ଷୟିତ୍ରୀ ପ୍ରଭାବତୀ ବାରିକ ମଞ୍ଚାସିନ ରହି ଭାବବିହ୍ୱଳ ବକ୍ତବ୍ୟ ରଖିଥଲେ। ଜଳେଶ୍ୱର ସଂଘର ସମ୍ପାଦକ ବୁଦ୍ଧଦେବ ଜେନା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ସହକାରୀ ଶିକ୍ଷକ ମହେଶ୍ୱର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିଶିକାନ୍ତ ପାଣିଗ୍ରାହୀ, ମୁରଲୀଧର ମହାପାତ୍ର, ସୁବୋଧ ବିହାରି ପାଳ, ମାନସ ରଞ୍ଜନ ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ବେହେରା, ଶ୍ରାବଣୀ ସାସମଲ, ବିନତୀ ଜେନା, ସବିତା ଦାସ, ସନ୍ଧ୍ୟାରାଣୀ ସାହୁ, ଧୀରେନ୍ଦ୍ର ବେହେରା, ରାମଚନ୍ଦ୍ର ଦଳାଇ, ପ୍ରମିଳା ବେହେରା, ପୁଷ୍ପଲତା ଜେନା, ଜୟନ୍ତୀ ଦାସ, ତରୁଲତା ଗିରି, ପୁଷ୍ପଲତା ମହାନ୍ତି ପ୍ରମୁଖ ଏକ୍ସକ୍ୟାଡର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



## ଜବରଦଖଲକାରୀଙ୍କ ଘର ଭାଙ୍ଗିବାକୁ ମାପ ଓ ଚିହ୍ନଟ



ବନ୍ଧୁଗାଁ (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁରରୁ ପାର୍ବତୀପୁର ୩୨୬ ରାଜ୍ୟ ରାଜପଥରୁ ବନ୍ଧୁଗାଁ ବ୍ଲକର ମୁଖ୍ୟ ରାସ୍ତା କଡ଼ରେ ଅନେକ ପରିବାର ଜବରଦଖଲ କରି ରାସ୍ତା ମାଡ଼ି ବସିଛନ୍ତି। ଫଳରେ ରାସ୍ତାରେ ଯାତାୟାତ ଗାଡ଼ି ଚଳାଚଳ ଅନେକ ବାଧା ସୃଷ୍ଟି ହେଉଛି। ଏଥିପାଇଁ ଆଜି ବନ୍ଧୁଗାଁ ତହସିଲଦାର ସୋନାଲି ପାତ୍ର, ଲକ୍ଷ୍ମୀପୁର ଏସଡିପିଓ ବିରଞ୍ଚି ନାରାୟଣ ଜଗତ, ବନ୍ଧୁଗାଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କ ଉପସ୍ଥିତିରେ ବନ୍ଧୁଗାଁ ଓ ତୁରୁକୁପେଟା ଗାଁର ମୁଖ୍ୟରାସ୍ତା କଡ଼ରେ ଥିବା ଜବରଦଖଲକାରୀଙ୍କ ଘରଗୁଡ଼ିକୁ ରାସ୍ତା ମଝିରୁ ମାପ ଦେଇ ଚିହ୍ନଟ କରିଥିଲେ। ସେହି ଜବରଦଖଲକାରୀଙ୍କ ଘର ଉଚ୍ଛେଦ ପାଇଁ ଅଞ୍ଚଳ ମଧ୍ୟରେ ପ୍ରଶାସନ ତରଫରୁ ଖାଲି ନକଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନୋଟିସ୍ ପଠାଇବେ। ଅଞ୍ଚଳ ମଧ୍ୟରେ ରାସ୍ତା ପ୍ରଶସ୍ତିକରଣ କରିବାକୁ ଗୃହ ନିର୍ମାଣ ବିଭାଗ ତରଫରୁ ଟେଣ୍ଡର ପାଇଛନ୍ତି। ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ଅଣ୍ଟା ଭିଡ଼ୁଥିବାରୁ ଜବରଦଖଲକାରୀଙ୍କ ମଧ୍ୟରେ ବର୍ଷା ଋତୁରେ ମୁଣ୍ଡ ଗୁଞ୍ଜିବାକୁ ଭୟର ବାତାବରଣ ସୃଷ୍ଟି ହେଉଛି।

## ଦୈନିକ ବଜାରରେ ନାହିଁ ଗାଡି ପାର୍କିଂ ବ୍ୟବସ୍ଥା

### ■ ବଢୁଛି ବେଆଇନ ଗାଡି ପାର୍କିଂ ସହ ଟ୍ରାଫିକ ସମସ୍ୟା ■ ଜନଗହଳି ସ୍ଥାନରେ ପାର୍କିଂ ବ୍ୟବସ୍ଥା ଦାବି

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ହେଉଥିବା ବେଆଇନ ଗାଡି ପାର୍କିଂ ଯୋଗୁ ସହରରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ପରେବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଥାଉକି ଗତ ୧୯୮୪ ମସିହାରେ ବାଲିମେଳାକୁ ସରକାରଙ୍କ ତରଫରୁ ଏନଏସି ମାନ୍ୟତା ପ୍ରଦାନ କରାଯାଇଛି। କିନ୍ତୁ ଦୁଃଖର ବିଷୟ ସ୍ଥାନୀୟ ଲୋକଙ୍କ କହିବାନୁସାରେ ବାଲିମେଳା ସହରରେ ଥିବା ଦୈନିକ ବଜାର ଆରମ୍ଭ ହେବାଠାରୁ ଆଜିକୁ ପ୍ରାୟ ୫୦ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲାଣି। ଇତି ମଧ୍ୟରେ ବାଲିମେଳା ଏନଏସି ମାନ୍ୟତା ପାଇବା ପରଠାରୁ ଇତିମଧ୍ୟରେ ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ଏନଏସି କର୍ତ୍ତୃପକ୍ଷ ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ସ୍ଥାନରେ ଟ୍ରାଫିକ ପୋଷ୍ଟ ସ୍ଥାପନ କିମ୍ବା ଗାଡି ପାର୍କିଂ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଇନାହିଁ। ସୂଚନା ଥାଉକି ପ୍ରତି ରବିବାର ଦିନ ବାଲିମେଳା ସହରର ଦୈନିକ ବଜାରରେ ସାପ୍ତାହିକ ହାଟ ହେଉଛି। ଏହି ହାଟକୁ ବାଲିମେଳା ସହର ସମେତ ଆଖ ପାଖ ଅଞ୍ଚଳରୁ ଶତାଧିକ ଚାଷୀ ଓ ବ୍ୟବସାୟୀ ମାନେ ପନିପରିବା, ମାଛ ମାଂସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ବିକ୍ରୀ କରିବା ପାଇଁ ଆସିଥାନ୍ତି। ଏହି ହାଟରୁ ଲୋକେ ଘର ପାଇଁ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ମଧ୍ୟ ଆସିଥାନ୍ତି। ଯାହାଫଳରେ ବଜାରରେ ସେମାନଙ୍କର ସାଇକେଲ, ବାଇକ ଓ ଅନ୍ୟାନ୍ୟ ଗାଡି ଗୁଡିକୁ ରଖିବାକୁ ସେଠାରେ କୌଣସି ପାର୍କିଂ ବ୍ୟବସ୍ଥାର ସୁବିଧା ନଥିବାରୁ ଏଥି ଯୋଗୁ ସେଠାରେ ବଢ଼ି ଚାଲିଛି ବେଆଇନ ଗାଡି ପାର୍କିଂ। ସହରର ଦୈନିକ ବଜାର ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ହୋଲସେଲର ଦୋକାନ ରହିଛି। ସେହିପରି । ନୀତିଦିନ ବଡ ବଡ କେତୋଟି ଟ୍ରକ ଓ ଅନ୍ୟାନ୍ୟ ଭାରୀଯାନରେ ଆଳୁ, ପିଆଜ ଠାରୁ ଆରମ୍ଭ କରି ଗ୍ରୋସରୀ ସାମାନ ସହ ଅନ୍ୟାନ୍ୟ ସାମଗ୍ରୀ ଲୋଡ଼ ହୋଇ ଆସୁଛି। କିନ୍ତୁ ବିଡମ୍ବନାର ବିଷୟ ଜନଗହଳି ସମୟରେ କିଛି ବ୍ୟବସାୟୀ



ଉକ୍ତ ସାମଗ୍ରୀ ବୋଝେଇ ଗାଡି ଗୁଡିକୁ ନିଜ ନିଜର ଦୋକାନ ସମ୍ମୁଖରେ ତଥା ବଜାରର ମୁଖ୍ୟ ରାସ୍ତାରେ ରଖି ଉକ୍ତ ସାମଗ୍ରୀ ଗୁଡିକୁ ଉକ୍ତ ଗାଡ଼ିରୁ ଦୀର୍ଘ ଘଣ୍ଟା ଧରି ନିଜ ନିଜ ଦୋକାନ ଏବଂ ଗୋଦାମରେ ଅନଲୋଡ଼ କରୁଛନ୍ତି। ଯାହା ଫଳରେ ବଜାରରେ ମୁଖ୍ୟ ରାସ୍ତା ଅବରୋଧ ହୋଇ ରହୁଛି। ପ୍ରତିଦିନ ବଜାରକୁ ବିଭିନ୍ନ ଜିନିଷପତ୍ର କିଣିବାକୁ ଯାଉଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବହୁବାର କିଛି ସ୍ଥାନୀୟ ଲୋକେ ପୋଲିସକୁ ଫୋନ କରି ଅଭିଯୋଗ କରିବା ପରେ ପୋଲିସ ସେଠାରେ ପହଞ୍ଚି ତାଗିଦ କରିବା ପରେ ବି କେହି ମାନୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖାଲି ଏତିକି ନୁହେଁ ବିଶେଷ କରି ସହରର ମୁଖ୍ୟ ଛକ ତଥା ଗୋପବନ୍ଧୁ ଛକ, କାଳୀଛକ,ନାଲ୍ଲା ଛକ, ଡ୍ରଗ ଲାଇନ, ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ଛକ, ଆମ୍ବେଦକର ଛକ, ପ୍ରଭାକର ଛକ, ପାଓ୍ୱାର ହାଉସ ଛକ ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଲୋକେ ବେଆଇନ ଭାବେ ଗାଡି ପାର୍କିଂ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଯୋଗୁ ସହରବାସୀ ନାହିଁନଥିନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ ସମସ୍ୟା ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ନଷ୍ଟ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ ମୁନା ଟାକ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମାର୍କେଟ ଏବଂ କାଳୀଛକରେ ସ୍ଥାୟୀ ପାର୍କିଂ ବ୍ୟବସ୍ଥା ଖୁବ ଶୀଘ୍ର ତହସିଲଦାରଙ୍କ ସହ ଆଲୋଚନା କରି ସ୍ଥାନ ନିର୍ଦ୍ଧାରଣ କରାଯିବ। ଦୈନିକ ବଜାର ଭିତରକୁ ଯାଉଥିବା ବଡ ବଡ଼ ଗାଡିକୁ ରୋକିବା ପାଇଁ ମାର୍କେଟର ସମସ୍ତ ପ୍ରବେଶ ପଠରେ କେବଳ ବାଇକ, ଅଟୋ, କାର ଏବଂ ଛୋଟ ଯାନ ବାହାନ ଯିବା ଭଳି ରାସ୍ତା ଛାଡି ପ୍ରଶାସନ ପକ୍ଷରୁ ଲୁହା ପୋଲ ପୋତାଯିବ। ବିଭିନ୍ନ ଛକରେ ଆବଶ୍ୟକ ହଉଥିବା ଟ୍ରାଫିକ ପୋଷ୍ଟ ସ୍ଥାପନ ନିମନ୍ତେ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଶରଧା ଗ୍ରାମରେ ଧର୍ମାନ୍ତରୀକରଣ ଅଭିଯୋଗ



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ବଡଦେଉଳି ଗ୍ରାମପଞ୍ଚାୟତର ଶରଧା ଗ୍ରାମରେ ଗତ ୧୯ ତାରିଖ ଦିନ ଏକ ନୂତନ ଗୀର୍ଜା ଗୃହ ପ୍ରତିଷ୍ଠା ଉତ୍ସବ ଉଦ୍‌ଘାଟନ ନାମରେ ଧର୍ମାନ୍ତରୀକରଣ ହେଉଥିବା କରଞ୍ଜିଆ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗତ ୧୯ ତାରିଖ ଦିନ ଯଶିପୁର ବ୍ଲକ ଅନ୍ତର୍ଗତ ବଡଦୁମ୍ବା ଗ୍ରାମର ଖ୍ରୀଷ୍ଟଧର୍ମ ପ୍ରଚାରକ ପାଷ୍ଟର ପାତ୍ରସ ଗୁଣ୍ଡୁଆ ଶରଧା ଗ୍ରାମକୁ ଆସି ହିନ୍ଦୁ ଧର୍ମ ବିରୋଧରେ ବୁଝାଇବା ସହିତ ଖ୍ରୀଷ୍ଟଧର୍ମ ସବୁଠାରୁ ବଡ଼ ଧର୍ମ କହି ଲୋକମାନଙ୍କ ମନରେ ଭ୍ରମ ସୃଷ୍ଟି କରି ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାକୁ କହୁଥିଲେ। ଏପରି କି ପେହେଲଗାମ୍ ଆତଙ୍କୀ ଆକ୍ରମଣରେ ଭାରତର ଭୁଲ୍ ଥିଲା ବୋଲି କହୁଥିଲେ। ସେମାନେ ଦେଶଦ୍ରୋହୀ ଭାଷଣ ଦେଇ ଦେଶଦ୍ରୋହ ଅପରାଧ କରିଥିବା ଅଭିଯୋଗ କରିଥିଲେ ସେଇ ଗ୍ରାମର ଗୁରୁବା ମୁଣ୍ଡାଙ୍କ ପୁଅ ବିର ମୁଣ୍ଡା। ବୀର ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି କରଞ୍ଜିଆ ଥାନାରେ ଏକ ମାମଲା ରୁଜ୍ଜୁ ହୋଇଛି। ଯାହାର ପଞ୍ଜିକରଣ ନମ୍ବର ୧୭୧/୨୫ ରହିଛି। ଖ୍ରୀଷ୍ଟଧର୍ମ ପ୍ରଚାରକଙ୍କୁ ଏହି କାମରେ ସେହି ଶରଧା ଗ୍ରାମର ସାମ ମୁଣ୍ଡାଙ୍କ ପୁଅ ବାବୁନି ମୁଣ୍ଡା ଓ ସ୍ୱର୍ଗତ ଡୁକା ମୁଣ୍ଡାଙ୍କ ପୁଅ ପ୍ରଦୀପ ମୁଣ୍ଡା, ପାଷ୍ଟର ଓ ଗ୍ରାମର ଦୁଇ ସହଯୋଗୀଙ୍କ ନାମରେ ମାମଲା ରୁଜ୍ଜୁ ହୋଇଛି। ଥାନା ପକ୍ଷରୁ ତଦନ୍ତ ଜାରୀ ରହିଛି।

## ତ୍ରିରଙ୍ଗା ଶୋଭାଯାତ୍ରା

କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ଭାରତୀୟ ସେନାବାହିନୀଙ୍କ ଅପରେସନ୍ ସିନ୍ଦୁରର ସଫଳତାକୁ ସମ୍ମାନ ଜଣାଇବା ପାଇଁ ଓଡ଼ିଶାରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି। ଏହି ଯାତ୍ରା ମେ ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ଦେଶ ତଥା ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଚାଲୁ ରହିଛି। ଯାହା ଦେଶରେ ଏକତା ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର କରୁଛି। ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମୋଦେଗାଁ ଠାରୁ କୋଷାଗୁମୁଡା ବ୍ଲକ ସଦର ସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଏକ ବାଇକ୍ ରାଲି ମାଧ୍ୟମରେ ତ୍ରିରଙ୍ଗା ଯାତ୍ରାରେ ନେତୃତ୍ୱ ନେଇଛନ୍ତି। ତାଙ୍କ ସହ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ବ୍ଲକ ବିଜେପିର ବରିଷ୍ଠ କର୍ମକର୍ତ୍ତା ଯଥା ବୀରେନ୍ଦ୍ର ପୁଜାରି, ରଞ୍ଜିତ ପାଢ଼ୀ, ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର ସହ ବ୍ଲକର ଯୁବକ/ଯୁବତୀ, ବୁଦ୍ଧିଜୀବୀ, ଜନସାଧାରଣଙ୍କ ସମେତ ବ୍ଲକର ବରିଷ୍ଠ ସାମ୍ବାଦିକ ହିମାଂଶୁ ବାଘ, ସନ୍ତସ କୁମାର, ନରେନ୍ଦ୍ର ପାତ୍ର ଯୁଧିଷ୍ଠିର ଭତରା ଦେବି ପ୍ରସାଦ ପାଣ୍ଡିଆ ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। "ଏହି ଯାତ୍ରା ଆମ ସେନାବାହିନୀଙ୍କ ଅପୂର୍ବ ସାହସିକତାକୁ ସମ୍ମାନ ଜଣାଇବା ସହ ଦେଶବାସୀଙ୍କୁ ଏକତାରେ ବାନ୍ଧି ରଖିବ।" ବୋ ଲି ନବରଙ୍ଗପୁର ବିଧାୟକ ଗୌରୀ ମାଝି ମତପ୍ରକାଶ କରିଛନ୍ତି।




## ସର୍ପାଘାତରେ ଜଣେ ମୃତ

ମାଲକାନାଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ମାଟେରୁ ପଞ୍ଚାୟତ ଅଧୀନସ୍ଥ ପରସନପଲ୍ଲୀ ଗ୍ରାମର ଭୀମା ମାଡ଼ି (୪୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସୂଚନାନୁଯାୟୀ, ଭୀମା ଗୁରୁବାର ରାତିରେ ଖାଇସାରି ଶୋଇଥିଲେ। ତେବେ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ସ୍ତ୍ରୀ ସୁକି ଭୀମାଙ୍କୁ ଉଠାଇଥିଲେ। ଭୀମା ନଉଠିବାରୁ ସୁକି ଏ ସମ୍ପର୍କରେ ପଡ଼ୋଶୀଙ୍କୁ ଜଣାଇଥିଲେ। ସେମାନେ ଭୀମାଙ୍କ ମୁହଁରେ ଲାଗିଥିବା ଫେଣ ଓ ବାମ ଗୋଡ଼ ପାଦରେ ଥିବା କ୍ଷତ ଚିହ୍ନ ଦେଖି ତାଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ। ଏ ନେଇ ସୁକି ପଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଡ଼ିଆ ପୋଲିସ ଭୀମାଙ୍କ ମୃତଦେହ ପଞ୍ଚନାମା ସହ ଜବତ କରି କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପଡ଼ିଆ ପୋଲିସ କେସ୍ ନଂ ୧୩/ ୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛନ୍ତି ଥାନା ଅଧିକାରୀ।

## ସାତପଡ଼ାରେ ଦୁଇଟି ଭସାପୋଲ ଲୋକାର୍ପିତ



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ )ସାତପଡ଼ା ଠାରେ ଦୁଇଟି ଭସାପୋଲ ର ଲୋକାର୍ପଣ ଅନୁଷ୍ଠିତ. ଏସିଆ ମହାଦେଶ ର ସର୍ବ ବୃହତମ ଲୁଣା ହ୍ରଦ ଚିଲିକା ର ଦୁଇ ପାର୍ଶ୍ୱ ରେ ଜହ୍ନିକୁଦା ଓ ସାତପଡା ଦୀର୍ଘ ୭କିଲୋମିଟର ଗମନା ଗମନ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି. ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ର ଲୋକ ମାନଙ୍କ ଜଳ ଯାତ୍ରା ବିପଦ ଜଣକ. ଅଞ୍ଚଳ ର ଜାତାୟତ ଅର୍ଥନୈତିତା ଅଭିବୃଦ୍ଧି ପର୍ଯ୍ୟଟନ ଓ ସାମଗ୍ରିକ ବିକାଶ ବାଧକ ସାଜିଛି ଲୁଣା ହ୍ରଦ ଚିଲିକା. ତେଣୁ ଜନସାଧାରଣ ଙ୍କ ନିମନ୍ତେ. ଚିଲିକା ଉର୍ନ୍ନୟନ କର୍ତ୍ତୃପକ୍ଷ ସାହାଯତା ରେ ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ସାତପଡ଼ା ଠାରେ ୨ଟି ଭସାପୋଲ କୁ ଲୋକାର୍ପଣ କରିଛନ୍ତି. ଯା ଦ୍ୱାରା କି ମରାଳ ମାଳିନୀ ନୀଳାମ୍ବୁ ଚିଲିକା ର ବିଶୃତ ଜଳ ରାଶି ଉପରେ ୭କିଲୋମିଟର ଜନସାଧାରଣ ସୁଲଭ ମୂଲ୍ୟରେ ଜାତାୟତ କରିପାରିବେ. ଏହା ଶିକ୍ରାଫ୍ଟ ଇଣ୍ଡଷ୍ଟ୍ରି ଦ୍ୱାରା ନିର୍ମିତ ଏଥିରେ ୩୦ଟନ ସାମଗ୍ରୀ ପରିବହନ କରିପାରିବେ. ଏହି ଲୋକାର୍ପଣ କାର୍ଯ୍ୟ କୁ ଚିଲିକା ଉର୍ନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ ନିର୍ବାହୀ ଅଧିକାରୀ ଏମ ଯୋଗାଜ୍ୟାନନ୍ଦଅତିରିକ୍ତ ନିର୍ବାହୀ ଅଧିକାରୀ ତଥା ଚିଲିକା ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ମଙ୍ଗୁଳି ଚରଣ ରାଉତ ସମେତ ଉର୍ନ୍ନୟନ କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ. ଏଥିରେ ହଜାର ହଜାର ଲୋକ ଉର୍ନ୍ନୟନ କର୍ତ୍ତୃପକ୍ଷ ଓ ସରକାର ଙ୍କୁ କୃତଜ୍ଞତା ଜଣାଇଥିଲେ ।

## 'ଆମେ ଆପଣଙ୍କ ସେବାରେ ସଂଗଠନ' ଦ୍ୱାରା ସଫେଇ କାର୍ଯ୍ୟ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖାଲିନା ପଞ୍ଚାୟତ ଅନ୍ତର୍ଗତ ଖାଲିନା ଠାରୁ ନାମ୍ପୋ ପର୍ଯ୍ୟନ୍ତ ଗ୍ରାମ୍ୟ ସଡ଼କ କାଦୁଅ ପଚ ପଚ ହୋଇ ବିପତ୍ତିର କାରଣ ପାଲଟିଛି। ସୂଚନା ଅନୁସାରେ ବ୍ୟାପକ ପରିମାଣରେ ହେଉଥିବା ରବିଧାନ ଚାଷ ଅମଳ ଲାଗି ଏକ ସଡ଼କକୁ ବ୍ୟାପକ ବ୍ୟବହାର କରାଯାଏ। ବିଶେଷ କରି ହାରଭେଷ୍ଟର, ଟ୍ରାକ୍ଟର ଚକା ମାଧ୍ୟମରେ କ୍ଷେତରୁ ଆସୁଥିବା ଗଦା ଗଦା କାଦୁଅ ରାସ୍ତାରେ ଜମା ହୋଇ ପିଚୁ ରାସ୍ତାକୁ ମାଟି ରାସ୍ତାର ଭ୍ରମ ସୃଷ୍ଟି କରିଛି। କେହି ସଫା କରିବାକୁ ନଥିବା ବେଳେ ତାହା ଶୁଖି, ପିଚୁ ସଡ଼କରେ ଲାଖି ରହିଥିଲା। ମୌସୁମୀ ପ୍ରଥମ ବର୍ଷାରେ ରାସ୍ତା କାଦୁଅ ହୋଇ ଚଳାଚଳରେ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲିନା ଗ୍ରାମରେ ଏହା ଏକମାତ୍ର ସଡ଼କ ହୋଇଥିବା ବେଳେ କାଦୁଅ ଯୋଗୁଁ ଲୋକେ ସାଇକେଲ, ମଟର ସାଇକେଲକୁ ଦୂରରେ ରଖି ଚାଲି ଚାଲି ଯିବାକୁ ବାଧ ହେଉଛନ୍ତି।



ଏପରିକି ଖାଲି ପାଦରେ ଯିବା ମଧ କଷ୍ଟସାଧ ହେଉଥିବା ବେଳେ ଲାଭ ନେଇ ଗାଡ଼ି ମାଲିକ ଚୁପ ରହିଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, କଲେଜ, କୋଚିଂ ସେଣ୍ଟର, ଟ୍ୟୁସନ ଯିବାରେ ଘୋର ଅସୁବିଧା ଉପୁଜିଛି। ତେଣୁ ଏହାକୁ ଆଖି ଆଗରେ ରଖି 'ଆମେ ଆପଣଙ୍କ ସେବାରେ ସଂଗଠନ'ର ସଭାପତି ଗୋପାଳ କୃଷ୍ଣ ପାତ୍ର, ଜୟନାରାୟଣ ସାହୁ, ଦେବବ୍ରତ ପାଠୀ, ସତ୍ୟବ୍ରତ ଦେ ସର୍ବ ପ୍ରଥମେ ରାସ୍ତା ସଫେଇ ପାଇଁ ଆଗେଇ ଆସିଥିବା ବେଳେ ଖାଲିନା ଗ୍ରାମ ପରିଚାଳନା କମିଟିର ନଗେନ୍ଦ୍ର ଦେ, ସଞ୍ଜୟ କର, ବୁଦ୍ଧଦେବ ଦେ, ଭୂପେନ ଦେ, ନୟନ କୁମାର ପାଠୀ ଭୁବନ ଦାସ, ଜୀବନ କୁମାର ପାଠୀ, ଘନଶ୍ୟାମ ପାତ୍ର, ମାନସ ପାତ୍ର, ଅଞ୍ଜନ କୁମାର କର, ଅଶୋକ ଭଞ୍ଜ ଘନଶ୍ୟାମ ବେହେରା, ସପନ କୁମାର ଦେ, ଜୟନ୍ତ କର, ରମେଶ ମହାପାତ୍ର, ଗିରିଶ ଚନ୍ଦ୍ର କର, ଦିଲ୍ଲୀପ କୁମାର ଦେ, ରଜନୀକାନ୍ତ କର, ତପନ ରାଉଳ, ବିପିନ ବଡୁ ପ୍ରମୁଖ ତୁରନ୍ତ ସଡ଼କ ସଫା କରିବା ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ବିଜ୍ଞାନରେ ୧୧୧, ବାଣିଜ୍ୟରେ ୧୦୨ ଓ କଳାରେ ୨୧୧ ଛାତ୍ରଛାତ୍ରୀ ପାସ୍

ତିହିଡି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧିନ ତିହିଡି ଉଚ୍ଚମାଧ୍ୟମିକ ବିଦ୍ୟାଳୟର + ୨ ପରୀକ୍ଷା ଫଳ ହାର ପ୍ରାୟ ୯୦ ଶତକଡା ହୋଇଥିବା ଜଣାପଡିଛି। ବିଜ୍ଞାନରେ ୯୦.୯୮ %, କଳାରେ ୮୭.୫୫ % ଓ ବାଣିଜ୍ୟରେ ୮୭.୧୭ % ହାର ଫଳ ହୋଇଥିବା ଜଣାଯାଇଛି । ବିଦ୍ୟାଳୟର ଫଳାଫଳ ସ୍ଥାନୀୟ ଅଞ୍ଚଳର ଗୌରବ ବଢ଼ାଇଛି। ବିଦ୍ୟାଳୟର ଅଧକ୍ଷ ଓ ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଆନ୍ତରିକପୂର୍ଣ୍ଣ ଶିକ୍ଷାଦାନ ଓ କର୍ମଚାରୀ ମାନଙ୍କ ନିଷ୍ଠାପର ସହଯୋଗ ପାଇଁ ବିଦ୍ୟାଳୟର ଫଳାଫଳ ଉତ୍ସାହ ଜନକ ହୋଇପାରିଛି ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି। ବିଦ୍ୟାଳୟର ବିଜ୍ଞାନରେ ଅନୁରାଗ ସାହୁ,ଶୁଭାଶିଷ ଓଝା ଓ ଅଭିଜିତ ବଳ ,ବାଣିଜ୍ୟରେ ଦେବବ୍ରତ ରାଉତ ଓ କଳାରେ ଭିନ୍ନକ୍ଷମ ଛାତ୍ର ସୌମ୍ୟରଂଜନ ପଣ୍ଡା ୯୦% ନମ୍ବରରଖି ବିଦ୍ୟାଳୟର ମାନବୃଦ୍ଧି କରିଛନ୍ତି। ବିଦ୍ୟାଳୟରେ ବିଜ୍ଞାନରେ ୧୨୨ ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୩ ଜଣ ଓ ତୃତୀୟ ଶ୍ରେଣୀରେ ୫ଜଣ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ମାତ୍ର ୧୧ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ବାଣିଜ୍ୟରେ ୧୧୭ଜଣ ରେଗୁଲାର



ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୨ଜଣ, ଦ୍ୱିତୀୟ ଶ୍ରେଣୀରେ ୩୦ଜଣ, ତୃତୀୟ ଶ୍ରେଣୀରେ ୪୦ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ମାତ୍ର ଆଉ ୧୫ଜଣ ଫେଲ୍ ହୋଇଛନ୍ତି। ବାଣିଜ୍ୟରେ ଏକ୍ସରେଗୁଲାରରେ ୦୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀରେ ଜଣେ ଓ ତୃତୀୟ ଶ୍ରେଣୀରେ ୪ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ଜଣେ ପରୀକ୍ଷାର୍ଥୀ କମ୍ପାଟମେଣ୍ଟାଲ ନମ୍ବର ରଖିଛନ୍ତି। ସେହିପରି କଳାରେ ୨୪୧ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୫୨ ଜଣ, ତୃତୀୟ ଶ୍ରେଣୀରେ ୬୬ଜଣ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ମାତ୍ର ୩୦ଜଣ ଫେଲ୍ ହୋଇଥିବା ଜଣାପଡିଛି। ବିଦ୍ୟାଳୟର କଳାରେ ଏକ୍ସରେଗୁଲାର ଭାବେ ୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ଜଣେ ଛାତ୍ର ଫେଲ୍ ହୋଇଛନ୍ତି। କଳାରେ ପତ୍ରବିନିମୟରେ ୫ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରଥମ ଶ୍ରେଣୀ, ଜଣେ ଦ୍ୱିତୀୟ ଶ୍ରେଣୀ ଓ ୩ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଦ୍ୟାଳୟରେ ଭୋକେସନାଲରେ ରେଗୁଲାର ଓ ଏକ୍ସରେଗୁଲାରର ମୋଟ ୨୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୮ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ଜଣାପଡିଛି।

## ନୂତନ ଖାଉଟି କାର୍ଡ ବଣ୍ଟନ

ରାୟଗଡ଼(ଭାସ୍କର ନ୍ୟୁଜ): ରାୟଗଡ଼ ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲାପରିଷଦ ରାୟଗଡ ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ, ଓଡିଶା ସରକାର ଯୋଗଦେଇ ଜିଲ୍ଲାର ରାୟଗଡ, କୋଲନରା ବ୍ଲକ ଓ ପୌରାଞ୍ଚଳର ୨୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସାମିଲ ହୋଇ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଲେ ନୂତନ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସ୍ୱରୂପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ବିଡ଼ିଓ ରାୟଗଡ଼ ସୁଜିତ ମିଶ୍ର, ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ସମାଜସେବୀ କଳିରାମ ମାଝୀ, ବସନ୍ତ ଉଲ୍ଲାକା, ଯୋଗଦେଇ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଣ୍ଟନ କରିଥିଲେ।

## ସୁନ୍ଦରଗଡ ଖଣି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ଏସ୍ଆଇଟି ଗଠିତ



ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ଏକ ଏସ୍ଆଇଟି ଗଠନ କରାଯାଇଛି ବୋଲି ଆଜି ବ୍ରହ୍ମପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ କରିବା ପାଇଁ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କ ସହ ଉକ୍ତ ବେଆଇନ ଖଣି ଉତ୍ତୋଳନ ସ୍ଥାନକୁ ଗସ୍ତ କରି ଦୀର୍ଘଦିନ ଧରି ଜଙ୍ଗଲ ମଧ୍ୟରେ ଏହି ବେଆଇନ ଖଣି ଖନନ ଓ ଚାଲାଣ ଚାଲିଥିବା ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ କରିବା ସହ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦୁର୍ନୀତି ବିରୋଧରେ ବିଶେଷକରି ଖଣି ଦୁର୍ନୀତି ସମ୍ପର୍କରେ ସବୁବେଳେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି। ଖଣି ଦୁର୍ନୀତିର ମୂଳୋତ୍ପାଟନ କରାଯିବ ବୋଲି ସେ ବାରମ୍ବାର କହିଆସୁଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦାଫାସ୍ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ଜେନା ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ସହ ଦୋଷୀ ଯେକେହି ବି ହୋଇଥାନ୍ତୁନା କାହିଁକି ସମସ୍ତଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ଜିଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ୍ ଟନ୍‌ରୁ ଅଧିକ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥି ସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି। ସେହିପରି କୋଇଡ଼ା ତହସିଲ ଅନ୍ତର୍ଗତ ମାଲଦା, ପଟାବେଡ଼ା, ସାନପୁଟୁଳି, କୋଲମଙ୍ଗ ଏବଂ ରୁସିବେଣୁଆଠାରେ ୪୭ଟି ମାଙ୍ଗାନିଜ୍ ଓ ୩ଟି ଲୌହ ଖଣିରୁ ବେଆଇନ ଭାବେ ମାଙ୍ଗାନିଜ୍ ଓ ଲୁହା ପଥର ଉତ୍ତୋଳନ କରାଯାଉଥିବାର ନଜରକୁ ଆସିଛି। ଏହି ମୋଟ ୫୦ଟି ଖଣି ମଧ୍ୟରୁ ୧୬ଟି ପଟାବେଡ଼ା ଗ୍ରାମରେ, ୧୦ଟି ମାଲଦା ଗ୍ରାମରେ, ୨୦ଟି କୋଲମଙ୍ଗ ଗ୍ରାମରେ ଏବଂ ଅବଶିଷ୍ଟ ୪ଟି ସାନପୁଟୁଳି ଓ ରୁସିବେଣୁଆ ଗ୍ରାମରେ ରହିଛି। ଏସବୁ ଖଣିରୁ ୨୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ମାଙ୍ଗାନିଜ ଓର୍ ଏବଂ ୧୨୦୦ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପରିମାଣର ଲୁହାପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ବେଆଇନ ଖଣି ଉତ୍ତୋଳନ ଖଣି ଓ ଖଣିଜ ପଦାର୍ଥର ବିକାଶ ଏବଂ ନିୟନ୍ତ୍ରଣ (MMDR) ନିୟମ ଖିଲାପ କରୁଥିବାରୁ ଖଣିମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି।

## ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

କୁକୁଡାଖଣ୍ଡି (ଭାସ୍କର ନ୍ୟୁଜ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ଗ୍ରାମର ବହୁ ପୁରାତନ କାଳରୁ ପ୍ରତିଷ୍ଠିତ ହୋଇ ପୂଜା ପାଇ ଆସୁଥିବା ଶ୍ରୀ ଶ୍ରୀ କନକେଶ୍ୱର ମହାଦେବ ମନ୍ଦିର ଚଳିତ ବର୍ଷ ମେ ମାସ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ନୂତନ ଭାବେ ନିର୍ମିତ ଶୈବ ପଞ୍ଚାୟତନ ପ୍ରସାଦ ତତ୍ ସହ ଭଗବତୀ ମହାମାୟୀ 'ସହଦେବୀ'ଙ୍କ ନୂତନ ବିଗ୍ରହ ସହିତ ଦେବୀ ପ୍ରାସାଦ ପ୍ରତିଷ୍ଠା ଓ ଚବିଶି ପ୍ରହର ନାମ ଯଜ୍ଞ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଜଳଯାତ୍ରା, ଶିକ୍ଷାଗ୍ରହଣ, ଅଙ୍କୁରାରୋପଣ ସହ ମଣ୍ଡଳ ପୂଜା ଓ ନାମଯଜ୍ଞାଧିବାସ ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ମଣ୍ଡଳ ପୂଜା, ଘୃତଯଜ୍ଞ, ନାମଯଜ୍ଞ, ସୂର୍ଯ୍ୟପୂଜା ସହ ଅନ୍ୟାନ୍ୟ ପୂଜା ହୋଇଆସୁଥିବା ବେଳେ



ପ୍ରତିଷ୍ଠା ଉତ୍ସବର ତୃତୀୟ ଦିନ ଅର୍ଥାତ୍ ଶୁକ୍ରବାର ଅପରାହ୍ନ ଚାରି ଘଣ୍ଟା ସମୟରେ ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ତରଫରୁ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଉପଢୌକନ ଦିଆଯାଇଥିଲା। ପରେ ବିଧାୟକ ଶ୍ରୀ ମହାପାତ୍ର ପ୍ରଭୁ ଶ୍ରୀ ଶ୍ରୀ କନକେଶ୍ୱର ମହାଦେବ ମନ୍ଦିରରେ ପ୍ରବେଶ କରି ପ୍ରଭୁ ନିକଟରେ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିବା ସହ ମନ୍ଦିରର କମିଟିଙ୍କ ଦ୍ୱାରା ମନ୍ଦିରର ଉନ୍ନତି ଉପରେ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଞ୍ଚଦିନ ବ୍ୟାପି ଚାଲୁରହିବ ତତ୍‌ସହିତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି । ପ୍ରତିଷ୍ଠା ଶେଷ ଦିନରେ ପାର୍ଶ୍ୱ, ଦ୍ୱାର, ତ୍ରିଶୂଳ, ଚକ୍ର, ଦେବତା ପ୍ରବେଶ, ଯଜମାନ ପ୍ରତିଷ୍ଠା, ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଚିକିଟି ଲୋକନାଥପୁର ଗ୍ରାମର ମୁଖ୍ୟ ପଣ୍ଡିତ ଅଶୋକ କୁମାର ପାଢୀଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ଉତ୍ସବ ଦେଖିବାକୁ ଆଖପାଖ ଗ୍ରାମର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ସମାଜସେବୀ ଉଦୟ ବେହେରା, ପୂର୍ବତନ ଜିଲ୍ଲାପରିଷଦ କୈଳାସ ବିଷୋୟୀ, ମନ୍ଦିର କମିଟି ପ୍ରତାପ ପାଢ଼ୀ, ଦିଲ୍ଲୀପ ପାତ୍ର, ତେଜେଶ୍ୱର ପାତ୍ର, ଅରୁଣ ପାତ୍ର, ବରୁଣ ପାତ୍ର, ନୀଳାଚଳ ପାତ୍ର, ପ୍ରଦୀପ ପାତ୍ର, ରଘୁରାମ ପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଯୁବଗୋଷ୍ଠୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ କରଞ୍ଜିଆରେ କରଞ୍ଜିଆ ମଣ୍ଡଳ ସମବାୟ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। କରଞ୍ଜିଆ ଏଆରସିଏସ୍ ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଅତିଥି ଭାବେ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ପ୍ରକାଶ ଚନ୍ଦ୍ର ଦାସ, ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଶେଖର ଦଳ, ସହକାରୀ ଜିଲ୍ଲାପାଳ ତଥା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଂଜନ ସେଠୀ, ଆରଏସ୍‌ସିର ସଂପାଦକ ଜୟପ୍ରକାଶ ମହାନ୍ତ, ଉପଖଣ୍ଡ ଚିକିତ୍ସାଳୟର ପରିଚାଳକ ଲିଷା ରାଜନନ୍ଦିନୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛତା ଅଭିଯାନକୁ ଆରମ୍ଭ କରିବା ସହିତ ଅଭିଯାନରେ ସାମିଲ ହୋଇଥିଲେ। ଏହି ସ୍ୱଚ୍ଛତା ଅଭିଯାନ ଏଆରସିଏସ୍‌ଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ସିଦ୍ଧେଶ୍ୱର ଶୈବପୀଠ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସର, ଉପଖଣ୍ଡ ଚିକିତ୍ସାଳୟ ତଥା ସହରର ମୁଖ୍ୟ ରାସ୍ତାକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ଲେମ୍ପସ ପରିଚାଳକ ପ୍ରଦୀପ କୁମାର ଗିରି, ପାଟବିଲ ଲେମ୍ପସ ପରିଚାଳକ ଭବାନୀ ଶଙ୍କର ମହାନ୍ତ, ସୁକ୍ରୁଲି ଲେମ୍ପସ ସୁଚନ କୁମାର ଗିରି, ଉତ୍ତମାର ଚମ୍ପତି କୁମାର ବେହେରା, ଯଶିପୁର ଚମ୍ପତି ବାଙ୍କ ମହାନ୍ତ, ଠାକୁରମୁଣ୍ଡା ପାର୍ବତୀ ମହାନ୍ତ, ମହୁଲ୍ଡିହା ଅଶ୍ୱସ୍ଥାମା ଭୋଇ ଓ ପଟ୍ଟାସ ଲେମ୍ପସ ପରିଚାଳକ ଲମ୍ବଧର ସେଠୀ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମକୁ ଏମସିସି ବ୍ୟାଙ୍କ ପରିଚାଳକ ରବି ଅଗ୍ରୱାଲଙ୍କ ସହିତ ଏଆରସିଏସଙ୍କ କାର୍ଯ୍ୟାଳୟ ଇନ୍ସପେକ୍ଟର ତୁଷାର କାନ୍ତି ମହାନ୍ତ, ଏଆରସିଏସଙ୍କ ମଣି ରଂଜନ, ନାରାୟଣ ପାତ୍ର, ବରିଷ୍ଠ କିରାଣୀ ପ୍ରଦୀପ କୁମାର ହେମ୍ବ୍ରମ, କନିଷ୍ଠ କିରାଣୀ ଶୁଭାଶିଷ ମହାନ୍ତ, ନିରାଶ ତିରିଆ, ଗିରିଧାରୀ ପ୍ରମୁଖ ପରିଚାଳନା କରିଥିଲେ।



## ନା ଅଛି ଅଫିସ୍, ନା ଅଛନ୍ତି ଅଫିସର !

# କାଗଜପତ୍ରରେ କ୍ୱାଲିଟି କଣ୍ଟ୍ରୋଲ ଅଫିସ୍

କରଞ୍ଜିଆ (ଭାସ୍କର ନ୍ୟୁଜ୍): କାଗଜପତ୍ରରେ କ୍ୱାଲିଟି କଣ୍ଟ୍ରୋଲ ଅଫିସ, ନା ଅଛି ଅଫିସ ନା ଅଛନ୍ତି ଅଫିସର ଏପରି ଏକ ଘଟଣା ସାମ୍ନାକୁ ଆସିଛି କରଞ୍ଜିଆ ଉପଖଣ୍ଡରୁ। କରଞ୍ଜିଆ ଉପଖଣ୍ଡ କରଞ୍ଜିଆ ଠାରେ ୨୦୧୬ ମସିହାରୁ ଏକ କ୍ୱାଲିଟି କଣ୍ଟ୍ରୋଲ ସବ୍-ଡିଭିଜନ ଅଫିସ୍ କାଗଜପତ୍ରରେ ଥିବାବେଳେ ଏଥିପାଇଁ ଜଣେ ନିର୍ବାହୀ ଯନ୍ତ୍ରୀ, ଦୁଇଜଣ କନିଷ୍ଠ ଯନ୍ତ୍ରୀ ଏବଂ ଜଣେ ସହକାରୀ ଯନ୍ତ୍ରୀ ରହି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟର ଗୁଣବତ୍ତା ପରୀକ୍ଷା କରିବା କଥା। ହେଲେ ଏଠାରେ ନା ଅଛି ଅଫିସ୍, ନା ଅଛନ୍ତି ଅଫିସର। ଯାହାଫଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଏଠି ନିମ୍ନମାନର ହେଉଥିବାବେଳେ ବି ଏହାର ଗୁଣବତ୍ତା ପରୀକ୍ଷା ହୋଇ ପାରୁନି। ଯଦି ବି ହେଉଛି କେନ୍ଦୁଝର କିମ୍ବା ଭୁବନେଶ୍ୱରକୁ ଏହାର ସାମ୍ପୁଲ ପଠା ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏହାର ଗୁଣବତ୍ତା ଯାଞ୍ଚ ପାଇଁ କେନ୍ଦୁଝର ଡିଭିଜନ ଅଫିସରୁ କର୍ମଚାରୀ ଆସି ଯେତେବେଳେ ବିଭିନ୍ନ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ କରୁଥିବା ପରିଲକ୍ଷିତ ହୋଇଛି। ତେବେ ଏଠାରେ ପ୍ରଶ୍ନ ଉଠେ କି ଗତ ୮/୯ବର୍ଷ ପୂର୍ବରୁ କରଞ୍ଜିଆ ଠାରେ ଏକ କ୍ୱାଲିଟି କଣ୍ଟ୍ରୋଲ ସବ୍-ଡିଭିଜନ କାର୍ଯ୍ୟାଳୟ ହୋଇଥିଲେ ବି ବର୍ତ୍ତମାନ ସୁଦ୍ଧା କାହିଁକି ଏହାର କାର୍ଯ୍ୟାଳୟ ଖୋଲୁନି କିମ୍ବା କୌଣସି କର୍ମଚାରୀ କାହିଁକି କରଞ୍ଜିଆ ଉପଖଣ୍ଡରେ ରହୁ ନାହାଁନ୍ତି ? ଏଠାରେ ଅଫିସ୍ କିମ୍ବା କର୍ମଚାରୀ ନରହିବା ହେତୁ ଦେଓ ନଦୀବନ୍ଧ, ମାଇନର ଇରିଗେସନ ପ୍ରକଳ୍ପ ସହିତ ବର୍ତ୍ତମାନ ହେବାକୁ ଥିବା ଯଶିପୁର ଖଇରୀ ଭଞ୍ଜନ ବ୍ୟାରେଜର ସମସ୍ତ କାର୍ଯ୍ୟର ଗୁଣବତ୍ତାର ପରୀକ୍ଷା କାର୍ଯ୍ୟ ସମ୍ପାଦନ କରିବା କଥା ହେଲେ ଏଠାରେ କାର୍ଯ୍ୟାଳୟ ନଥିବା କାରଣରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ହୋଇପାରୁନି । ଯାହା ବି କାର୍ଯ୍ୟ ସମ୍ପାଦନ ହେଉଛି ତା'ର ଗୁଣବତ୍ତା ପରୀକ୍ଷା ହୋଇ ନପାରିବା କାରଣରୁ ବହୁ ସମୟରେ କାର୍ଯ୍ୟ ବହୁ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି। ତେବେ ଏଠାରେ କାଗଜପତ୍ରରେ କାର୍ଯ୍ୟାଳୟ ଥିବା ସହିତ ଅଫିସର ମଧ୍ୟ ନିଯୁକ୍ତି ଅଛନ୍ତି ତେବେ କାହିଁକି ଏହା ଖୋଲା ଯାଉନି ? କାଗଜପତ୍ରରେ କାର୍ଯ୍ୟାଳୟ ଖୋଲିବା ସହିତ କର୍ମଚାରୀ ନିଯୁକ୍ତି ଦିଆଯାଇଥିଲେ ବି କାହିଁକି ବର୍ତ୍ତମାନ ସୁଦ୍ଧା କାହିଁକି ଖୋଲୁନି। ଯେଉଁଠି କାର୍ଯ୍ୟାଳୟ ନଖୋଲିବା ପଛରେ ବିଭାଗର କ'ଣ ସ୍ୱାର୍ଥ ରହିଛି ? ଯଦି ଆଗାମୀ ଦିନରେ କ୍ୱାଲିଟି କଣ୍ଟ୍ରୋଲ (କ୍ୱାଲିଟି ଆସ୍ୟୁରାନ୍) କାର୍ଯ୍ୟାଳୟ ନଖୋଲେ ତେବେ ଆଗକୁ ଏକ ଜନ ଆନ୍ଦୋଳନ ହେବ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି। ଅନ୍ୟପଟେ କ୍ୱାଲିଟି କଣ୍ଟ୍ରୋଲର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରାଉତ କହିଛନ୍ତି କି ରିଷ୍ଟ୍ରକଚର ହେବା ପରେ କରଞ୍ଜିଆରେ ଏକ ସବ୍-ଡିଭିଜନ ଅଫିସ୍ ଅଛି ହେଲେ କର୍ମଚାରୀ ନଥିବା ହେତୁ ବର୍ତ୍ତମାନ କେନ୍ଦୁଝର ଡିଭିଜନ ଅଫିସରୁ ହିଁ କର୍ମଚାରୀମାନେ ଯାଇ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରୁଛନ୍ତି। ସେହିପରି କେନ୍ଦୁଝର ମୁଖ୍ୟ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି କି ବର୍ତ୍ତମାନ ଆମ କେନ୍ଦୁଝର ଡିଭିଜନରେ ମାତ୍ର ୪ଜଣ କର୍ମଚାରୀଙ୍କୁ ନେଇ ମୁଁ କାର୍ଯ୍ୟ କରାଉଛି। ଯେଉଁଠି ୭ଜଣ ଯନ୍ତ୍ରୀଙ୍କୁ ନେଇ କାର୍ଯ୍ୟ କରିବା କଥା ବର୍ତ୍ତମାନ ମାତ୍ର ୪ଜଣ କର୍ମଚାରୀ ଅଛନ୍ତି। ତେଣୁ ଆମେ ୩ଟି ସବ୍‌ଡିଭିଜନକୁ ବିଭିନ୍ନ ସମୟରେ ଗୁଣବତ୍ତା ଯାଞ୍ଚ ପାଇଁ ପଠାଇ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରାଉଛୁ। କରଞ୍ଜିଆ ସବ୍‌ଡିଭିଜନ କାର୍ଯ୍ୟାଳୟ ପାଇଁ କାଗଜପତ୍ର ଅଛି କିନ୍ତୁ କର୍ମଚାରୀ ଅଭାବ ପାଇଁ ସେଠାରେ ବର୍ତ୍ତମାନ ସବ୍-ଡିଭିଜନ କାର୍ଯ୍ୟାଳୟ ଖୋଲାଯାଇ ପାରିନି ବୋଲି ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି

## ଅସ୍ତରଙ୍ଗରେ ସେଓ ୧୮୦, ଲିଚୁ ୨୫୦ ଟଙ୍କା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଦିନକ ପରେ ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ମହିଳାମାନଙ୍କ ସବୁଠୁ ବଡ଼ ଓଷା ବା ବ୍ରତ। ତେଣୁ ସାବିତ୍ରୀ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଲାଗିଛି ଭିଡ଼। ଶାଢ଼ି, ଚୁଡ଼ି ଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଜମିଲାଣି। ଚଳିତ ବର୍ଷ ସବୁ ଜିନିଷର ଦରବୃଦ୍ଧି ହୋଇଥିଲେ ବି ବଜାର ଗହଳି କମିବା ଦେଖାଯାଉ ନାହିଁ। ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି। ଧନୀ, ଗରିବ ସବୁ ବର୍ଗର ମହିଳାମାନେ ନିଜ ନିଜର ସମ୍ବଳ ଅନୁସାରେ ସାବିତ୍ରୀ ପାଇଁ ଅସ୍ତରଙ୍ଗ ବଜାରରେ କିଣାକିଣି କରୁଥିବା ଦେଖିବାକୁ ମିଳୁଛି। ତେଣୁ ଅସ୍ତରଙ୍ଗ ବଜାରରେ ଥିବା ବିଭିନ୍ନ ଲୁଗା ଦୋକାନ, ହାଟ, ବଜାର ଠାରୁ ଆରମ୍ଭ କରି ଗଳିକନ୍ଦିର ଛୋଟ ବଜାରରେ ବି ଜମୁଛି ସାବିତ୍ରୀ ବଜାର। ବିଧି ଅନୁସାରେ ସାବିତ୍ରୀ ଅମାବାସ୍ୟା ଦିନ ମହିଳାମାନେ ନୂଆ ଶାଢ଼ି, ଚୁଡ଼ି ସହ ଫଳ ନେଇ ଶିବ ମନ୍ଦିରକୁ ଯିବେ। ବିଭିନ୍ନ ପ୍ରକାର ଫଳ ପୂଜା ଏହି ବ୍ରତର ନିୟମ। ଏବର୍ଷ ଫଳ ବଜାରର ତାତି ବଡ଼ ଅସହ୍ୟ। ସବୁ ଫଳର ଦାମ ବଢ଼ିଛି। ଗୋଟିଏ ନଡ଼ିଆର ଦାମ୍ ଏବେ ୩୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। କଦଳୀ ଡଜନ୍ ପିଛା ୬୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଛି। ସେହିପରି ଗୋଟା ସପୁରିର ଦାମ୍ ୬୦ଟଙ୍କା, ପଣସ ୧୫୦ ଟଙ୍କା, ଖଜୁରି କୋଳି ଡେଙ୍ଗ ୫/୧୦ ଟଙ୍କା, ସେପେଟା କିଲୋ ୧୦୦ଟଙ୍କା, ଆମ୍ବ ଦେଢ଼ କେଜିକୁ ୧୦୦ ଟଙ୍କା, ଛୋଟ ଲିଚୁ ୨୦୦ରୁ ୨୨୦ଟଙ୍କା, ଅଙ୍ଗୁର ୧୬୦ରୁ ୧୮୦ ଟଙ୍କା, ସେଓ ୧୮୦ରୁ ୨୫୦ ଟଙ୍କା ଏବଂ କମଳା ୧୬୦/୧୯୦ ଟଙ୍କା ପଡୁଛି। ଏମିତିରେ ଜଣେ ମହିଳା ତାଙ୍କ ପୂଜା ଥାଳିରେ ସବୁ ଫଳରୁ କିଛି କିଛି ରଖିଲେ, ନିହାତି ୨୦୦ ଟଙ୍କାରୁ କମ୍ ଖର୍ଚ୍ଚ ହେବନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଜଣେ ଫଳ ବ୍ୟବସାୟୀଙ୍କ କହିବା କଥା ଖରା ଅଧିକ ହେଉଥିବାରୁ ଲିଚୁ ଭଳି ଫଳ ଆଣି ହେଉନି। ତେବେ ଶେଷ ଦୁଇଦିନ ବେପାର ଆହୁରି ଭଲ ହେବ ଏବଂ ସବୁ ପ୍ରକାରର ଫଳ ବଜାରକୁ ଆଣିବାକୁ ପଡ଼ିବ। ଫଳ ବଜାର ଦରବୃଦ୍ଧିକୁ ନେଇ କିଛି ମହିଳାଙ୍କ କହିବା କଥା ବ୍ରତ ଆଗରେ ଦରବୃଦ୍ଧି କିଛି ନୁହେଁ। ବାଧିଲେ ବି କ'ଣ କରାଯିବ ? ବିଧି ତ ରଖିବାକୁ ପଡ଼ିବ। ଦରବୃଦ୍ଧି ହେଲା ବୋଲି କ'ଣ ପରମ୍ପରାକୁ ଭୁଲି ହେବ କି ବୋଲି ସେମାନେ କହିଛନ୍ତି। କମ୍ ପରିମାଣର ଫଳ ହେଉ ପଛେ କିଣିବାକୁ ପଡ଼ିବ ଏବଂ ପ୍ରଥା କାମ ଚଳାଇବାକୁ ପଡ଼ିବ। କେବଳ ଫଳ ବଜାର କାହିଁକି, ସାବିତ୍ରୀ ପୂଜା ସାମଗ୍ରୀର ଦାମ୍ ମଧ୍ୟ ଗତବର୍ଷ ଅପେକ୍ଷା ବଢ଼ିଛି। ପୂଜା ବ୍ରତ, ପାଟ ଫୁଲି, ଗୁଆ, ହରିଡ଼ା, ବାହାଡ଼ା, ମଥାବସା, ସିନ୍ଦୁର, କାଠ ପାନିଆ, ଦର୍ପଣ, କଳାମାଳି, ତୁଳା ଅଳତା, ସାଲୁ କନା ଓ ବ୍ରତ ବହି ଆଦି ଉପକରଣକୁ ନେଇ ସେଟ୍ ୧୦୦ଟଙ୍କା ପଡୁଛି। ଗତବର୍ଷ ଏହା ୬୦/୭୦ ଟଙ୍କାରେ ମିଳିଯାଉଥିଲା। ଏହି ସବୁ ପୂଜା ସାମଗ୍ରୀ ଅଲଗା ଅଲଗା କିଣିଲେ, ଦାମ ବଢ଼ିଯିବାର ସମ୍ଭାବନା ରହିଛି। ସେହିପରି ଶାଢ଼ି ବଜାରରେ ବି ଗତ କିଛିଦିନ ହେଲା ବେଶ୍ ଭିଡ଼ ପରିଲକ୍ଷିତ ହେଉଛି। ବେପାର ଜମୁଛି। ଏବର୍ଷ ବିଭିନ୍ନ ନୂଆ ଡିଜାଇନ୍‌ର ଶାଢ଼ି ବଜାରକୁ ଆସିଛି। ବହୁ ଦୋକାନରେ ସାବିତ୍ରୀ ଅଫର୍ ରହିଥିବାରୁ ସେଠାରେ ଅଧିକ ଗହଳି ହେଉଛି। କେଉଁଠି ଶାଢ଼ିରେ ଶାଢ଼ି ଫ୍ରି ତ କେଉଁଠି ଦରରେ ସ୍ୱତନ୍ତ୍ର ରିହାତି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ଲୁଗା ଦୋକାନ ଗୁଡ଼ିକରେ ସାବିତ୍ରୀ ସପିଂ କଲେ ଆକର୍ଷଣୀୟ ଅଫର୍ ମଧ୍ୟ ଉପଲବ୍ଧ ରହିଛି। ଚଳିତ ବର୍ଷ ଅରଗେଞ୍ଜା ମିନି ଫ୍ଲାୱାର ଶାଢ଼ି, ଜର୍ଜେଟ୍ ପ୍ରିଣ୍ଟ୍ ଶାଢ଼ି ଓ ଚିକନ୍‌କରି ଶାଢ଼ି, ବାଟି ପ୍ରିଣ୍ଟ ଶାଢ଼ିର ଚାହିଦା ଅଧିକ ଥିବା ଦେଖିବାକୁ ମିଳିଛି। ସାବିତ୍ରୀ ହାଟରେ ଲେଡିଜ୍ କର୍ଣ୍ଣରମାନେ ବି ପଛରେ ପଡ଼ିନାହାନ୍ତି। ମହିଳାମାନେ ଶାଢ଼ି ସହ ମ୍ୟାଚିଂ କରି ଚୁଡ଼ି ଓ ନେଲ୍ ପଲିସି କିଣୁଛନ୍ତି। ଏ ବର୍ଷ ଶଙ୍ଖା, ପଲା, ଷ୍ଟୋନ୍‌ଚୁଡ଼ି, ରଙ୍ଗଚୁଡ଼ି, ପାଣିଚୁଡ଼ି ଭଳି ସବୁରର ଦର ବଢ଼ିଛି। ଏଡି ଷ୍ଟୋନ୍ ଥିବା ଚୁଡ଼ିର ଚାହିଦା ଅଧିକ ଥିବାବେଳେ ବଡ଼ ୪ଟିକିଆ ପଲା ପ୍ରତି ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ସାବିତ୍ରୀ ପାଇଁ ଅସ୍ତରଙ୍ଗ ଅଞ୍ଚଳ ଚଳଚଞ୍ଚଳ।

# ରାଜସୁନାଖଳା-ବାଙ୍କୋଇ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା



ବୋଲଗଡ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାର ଓ କେନ୍ଦ୍ର ସରକାର କେନ୍ଦ୍ର ସରକାର ଲୋକମାନଙ୍କର ଗମନା ଗମନ ସୁବିଧା ପାଇଁ ପୂର୍ତ୍ତ ବିଭାଗ ମାଧ୍ୟମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବୋଲଗଡ ବ୍ଲକ ଅଞ୍ଚଳରେ ଲୋକମାନଙ୍କୁ ତାହାର ସୁଫଳ ମିଳୁନାହିଁ। ଖୋର୍ଦ୍ଧା ଜିଲ୍ଲା ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବେଗୁନିଆ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ବୋଲଗଡ ବ୍ଲକ ଅଞ୍ଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଠିକାଦାର ମାନଙ୍କ ସହାୟତାରେ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ପୂର୍ତ୍ତ ବିଭାଗ ରାସ୍ତା ଗୁଡିକର ସ୍ଥାୟୀତ୍ୱ ଦୀର୍ଘ ସ୍ଥାୟୀ ପରିବର୍ତ୍ତେ ନିମ୍ନଗାମୀ ହେଉଛି । ଫଳରେ ପୂର୍ତ୍ତ ବିଭାଗ ରାସ୍ତା ଗୁଡିକରୁ ମେଣ୍ଟାଲ, ପିଚୁ, ବଜୁରୀ, ସିମେଣ୍ଟ ଖଣ୍ଡ ଲୁହା ଛଡ଼ ବାହାରି ପଡୁଛି। ରାଜସୁନାଖଳା ଠାରୁ ହାଟବସ୍ତ ଗ୍ରାମ ଦେଇ ବାଂକୋଇ ପର୍ଯ୍ୟନ୍ତ ଯାଇଥିବା ୫ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତାଟି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମରଣଯନ୍ତାରେ ପରିଣତ ହୋଇଛି। ପ୍ରତିଦିନ ଏହି ରାସ୍ତା ଦେଇ ବହୁ ଛୋଟ ବଡ଼ ଯାନବାହନ, ବସ୍, ହାଇୱା ଭଳି ଭାରୀଯାନ ଗୁଡିକ ଯାତାୟତ କରୁଛି । ପୂର୍ତ୍ତ ବିଭାଗର ଏହି ରାସ୍ତାର ଉଭୟ ପାର୍ଶ୍ୱରେ ହାଟବସ୍ତ ଗ୍ରାମ ଠାରେ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ ସୁବିଧା ନଥିବାରୁ ସାଧାରଣ ବର୍ଷା ଓ ଅଦିନିଆ ବର୍ଷାରେ ହାଟବସ୍ତ ଗ୍ରାମର ସମସ୍ତ ବର୍ଷା ଜଳ ଆସି ରାସ୍ତା ଉପରେ ଜମି ରହୁଛି । ଫଳରେ ଛାତ୍ରଛାତ୍ରୀ ଜନସାଧାରଣ, ବ୍ୟବସାୟୀ ଓ ପଥିକମାନେ ଅନ୍ଧାର ରାତିରେ ଦୂରଦୂରାନ୍ତକୁ ଯାତାୟାତ କରୁଥିବା ସମୟରେ ଅନେକ ରାସ୍ତା ଦୁର୍ଘଟଣାମାନ ଘଟୁଛି। ଏହି ପୂର୍ତ୍ତ ବିଭାଗ ରାସ୍ତାଟି ଗତବର୍ଷ ନିର୍ମାଣ ହୋଇଥିଲେ ମଧ୍ୟ ତାହା ବିପଦ ପୂର୍ଣ୍ଣ ହୋଇପଡ଼ିଲାଣି ଓ ଲୋକମାନେ ଜାଣିବା ପାଇଁ ରାସ୍ତାର କୌଣସି ସୂଚନା ଫଳକ ନାହିଁ। ରାସ୍ତା ନିର୍ମାଣ କରିଥିବା ଠିକାଦାରଟି ଏହି ରାସ୍ତାର ରକ୍ଷଣବେକ୍ଷଣ ଓ ମରାମତି ୫ବର୍ଷ ପର୍ଯ୍ୟନ୍ତ କରିବା ପାଇଁ ସରକାରୀ ନିୟମ ଥିଲେ ମଧ୍ୟ ତାହା କରାଯାଉନାହିଁ । ଏହି ସମ୍ପର୍କରେ ବେଗୁନିଆ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ମତାମତ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା।

## ରାତିରେ ମାଟି ଓ ମୋରମ୍ ଚୋରା ଚାଲାଣ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ବଡ଼ଚଣାର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ବ୍ୟାପକ ପରିମାଣରେ ମାଟି ଓ ମୋରମ ଖନନ କରାଯାଇ ବାହାର ଅଞ୍ଚଳକୁ ଚାଲାଣ କରାଯାଉଛି। ଏହି ମାଟି ଓ ମୋରମ୍ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ରାତି ସମୟରେ ମାଫିଆମାନେ ଏହି ବେଆଇନ କାର୍ଯ୍ୟ କରୁଛନ୍ତି। ଏଥିପ୍ରତି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରୁ ମାଫିଆମାନେ ବ୍ୟାପକ ପରିମାଣରେ ମାଟି ଓ ମୋରମ୍ ଚୋରାରେ ଟ୍ରକ୍ ଯୋଗେ ବିଭିନ୍ନ ଅଞ୍ଚଳକୁ ପଠାଇ ଆସୁଛନ୍ତି। ବଡ଼ଚଣା ଓ ଧର୍ମଶାଳା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବହୁ ଉନ୍ନୟନମୂଳକ କାମ ଏବେ ଚାଲୁ ରହିଛି। ଏହିସବୁ କାର୍ଯ୍ୟରେ ମାଟି ଓ ମୋରମ୍ ଆବଶ୍ୟକ। ମାଫିଆମାନେ ଠିକାଦାରଙ୍କ ସହିତ ଯୋଗାଯୋଗ କରି ଏସବୁକୁ ଚୋରାରେ ଯୋଗାଇ ମାଲାମାଲ୍ ହେଉଛନ୍ତି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପ୍ରଶାସନ ଓ ଲଘୁ ଖଣିଜ ବିଭାଗ ବିଫଳ ହୋଇଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି, ଉଚ୍ଛେଦ ପାଇଁ ଦାବି


ବେଲପାହାଡ଼ (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ଥିବାବେଳେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ମୂଲ୍ୟବାନ ଜମି ଗୁଡିକ ଜବରଦଖଲକାରୀଙ୍କ କବ୍‌ଜାରୁ ମୁକୁଳି ଜନହିତକର କାର୍ଯ୍ୟରେ ଲାଗିବ ବୋଲି ସାଧାରଣରେ ଆଶା ସଂଚାର ହୋଇଛି। ଏହି ପରିପ୍ରେକ୍ଷୀରେ ଲଖନପୁର ବ୍ଲକ ଅନ୍ତର୍ଗତ କଦମଡ଼ିହି ଛକରେ ଏକ ମୂଲ୍ୟବାନ ଜମି ଜବରଦଖଲ କରି ଏକ ବେଆଇନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ବେଆଇନ ଅର୍ଥ ଉପାର୍ଜନ ସମ୍ପର୍କିତ ଅଭିଯୋଗପତ୍ର କଦମଡ଼ିହି ସରପଞ୍ଚ, ସମିତି ସଭ୍ୟ ସହିତ ଅଞ୍ଚଳର ବୁଦ୍ଧିଜୀବୀ ଲଖନପୁର ତହସିଲଦାର ଗୋଚରାର୍ଥେ ଗତ ୨୭ଅଗଷ୍ଟ ୨୦୨୪ମସିହାରେ ପ୍ରଦାନ କରିଥିବାବେଳେ ଆଜି ପର୍ଯ୍ୟନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ କଦମଡ଼ିହି ଛକରେ ଥିବା ପ୍ଲଟ ନଂ୩୧୧ ଖାତା ନମ୍ବର ନଂ,୨ ଏ ୦.୦୬ ପରିମିତ ଜମିରେ ଏକ ବେଆଇନ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘଦିନ ଧରି ଗଢି ଉଠିଛି। ଏହି ଛକଟି ଅଞ୍ଚଳର ପ୍ରମୁଖ କେନ୍ଦ୍ରବିନ୍ଦୁ। କଦମଡ଼ିହି ଆଖପାଖ ଅଞ୍ଚଳର ଗାଁ ସହିତ ପଡ଼ୋଶୀ ସୁନ୍ଦରଗଡ ଜିଲ୍ଲାର ଅନେକ ଗାଁର ଜନସାଧାରଣଙ୍କ ସାପ୍ତାହିକ ବଜାର, ଯୁକ୍ତଦୁଇ ଶିକ୍ଷା, ନୀତି ବ୍ୟବହାର୍ଯ୍ୟ ସାମଗ୍ରୀ ପାଇଁ ଏହି ଛକ ବସ୍‌ଷ୍ଟାଣ୍ଡକୁ ଆସୁଥିବାବେଳେ ଖରା ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନଟିଏ ନଥିବାବେଳେ ଏହି ଛକରେ ଥିବା ଏହି ମୂଲ୍ୟବାନ ଜମିକୁ ଜବରଦଖଲକାରୀଙ୍କ କବ୍‌ଜାରୁ ମୁକ୍ତ କରାଯିବା ସହିତ ଏଠାରେ ଏକ ଉନ୍ନତମାନର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଲଖନପୁର ତହସିଲଦାର ପ୍ରସନ୍ନ ପଟେଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ନିଶ୍ଚିତ ଭାବରେ ଏହି ଜବର ଦଖଲକାରୀଙ୍କ କବ୍‌ଜାରୁ ଉକ୍ତ ଜମିକୁ ମୁକ୍ତ କରିବା ପାଇଁ ଅଭିଯୋଗ ହସ୍ତଗତ ହୋଇଛି । ହେଲେ ଏହି ଜମିର ମାଲିକାନା ଜିଲ୍ଲା ପୂର୍ତ୍ତ ବିଭାଗର ରହିଛି। ଆମେ ପୂର୍ତ୍ତ ବିଭାଗକୁ ଚିଠି କରିଛୁ ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ ସମ୍ପର୍କିତ ପତ୍ର ଆସି ନାହିଁ, ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ।

## ଜନସେବା କେନ୍ଦ୍ରରେ ଠକେଇ ଅଭିଯୋଗ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ଆବେଦନ ପାଇଁ ସରକାର ସମସ୍ତ ଜନସେବା ଓ ମୋ ସେବାକେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବିନାମୂଲ୍ୟରେ ଏହି ଆବେଦନ କରିବାକୁ କୁହାଯାଇଛି। ମାତ୍ର ବଡ଼ଚଣା ବ୍ଲକରେ ଥିବା କେତେକ ଜନସେବା ଓ ମୋ ସେବା କେନ୍ଦ୍ରରେ ପ୍ରତି ହିତାଧିକାରୀଙ୍କ ଠାରୁ ୩୦ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏପରି କି ଟଙ୍କା ନଦେଲେ ହିତାଧିକାରୀଙ୍କୁ ଫେରାଇ ଦିଆଯାଉଛି। ଫଳରେ ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୁଆଲିପୁରରେ ରାମଚରିତ ମାନସ ପାରାୟଣ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଗୁଆଳି ପୁରଗ୍ରାମରେ ରାମଚରିତ ମାନସ ଅଖଣ୍ଡପାରାୟଣ ଅନୁଷ୍ଠିତ ହୋଇଯାଇଛି। ଗତ ଗୁରୁବାର କଳସଯାତ୍ରା, ସୁବାଧିବାଷ କରାଯାଇ ଶୁକ୍ରବାର ଅହରାତ୍ର ଅଖଣ୍ଡ ରାମଚରିତ ମାନସର ରାମନାମ ମାହାତ୍ମ୍ୟ, ଶିବବିବାହ, ରାମଜନ୍ମର କାରଣ, ରାମ ବନବାସ ଠାରୁ ଆରମ୍ଭ କରି ରାମଙ୍କ ସିଂହାସନ ଆରୋହଣ ପର୍ଯ୍ୟନ୍ତ ଅଖଣ୍ଡ ରାମଚରିତ ମାନସର କଥାମୃତ ଶନିବାର ସମାପନ କରାଯାଇ ଏହାର ପୂର୍ଣ୍ଣାହୂତି ହୋଇଥିଲା। ପ୍ରତିଦିନ ଶହଶହ ଶ୍ରଦ୍ଧାଳୁ ଏଠାରେ ରାମଚରିତ ମାନସର କଥାମୃତକୁ ପାନ କରିବା ସହିତ ପ୍ରସାଦ ସେବନ କରିଥିଲେ। ଏଥିରେ ପ୍ରବଚକ ମଙ୍ଗଳ ଦାଶ ମହାରାଜ, ଅମୂଲ୍ୟ ମହାରାଜ, ବ୍ରହ୍ମାନନ୍ଦ ଦାସ ମହାରାଜ, ନରୋତ୍ତମ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଅହରାତ୍ର ଅଖଣ୍ଡ ରାମଚରିତ ମାନସ ପାରାୟଣ ଗାନ କରିଥିଲେ। ବାଦ୍ୟକାର ଭାବେ ଅଶୋକ ରହିଥିବାବେଳେ ପୂଜକ ଭାବେ ନାରାୟଣ ଶତପଥି, ଶଶୀଭୂଷଣ ଆଚାର୍ଯ୍ୟ, ରାକେଶ କୁମାର ଦୀକ୍ଷିତ, କବିପ୍ରସାଦ ଦାଶ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇ ଥିଲେ। ଏହି କାର୍ଯ୍ୟକ୍ରମ ବରିଷ୍ଠ ସମାଜସେବୀ ଜ୍ଞାନ ରଞ୍ଜନ ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ କୌଶଲ୍ୟା ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋପାମୁଦ୍ରା ପଟ୍ଟନାୟକ, ବନବିହାରୀ ପଟ୍ଟନାୟକ, ଅଞ୍ଜଳି ମହାନ୍ତି, ନିହାର ରଞ୍ଜନ ପଟ୍ଟନାୟକ, ପ୍ରମୋଦ କୁମାର ଜେନା ସହଯୋଗ ପ୍ରଦାନ କରିଥିଲେ।



# ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ନେଇ ସଚେତନତା



**ଅନ୍ତର୍ଜାତୀୟ କଇଁଛ ଦିବସ ପାଳିତ**

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ନେଇ ଅନ୍ତର୍ଜାତୀୟ କଇଁଛ ଦିବସରେ ବ୍ରହ୍ମପୁର ସବୁଜ ବାହିନୀ ଦ୍ୱାରା ସୁନାପୁର ବେଳାଭୂମି ଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବେଳାଭୂମିରେ ଅଲିଭ ରିଡ଼ଲେ କଇଁଛଙ୍କ ବାଲୁକା ଶିଳ୍ପ, କାନଭାସ ଚିତ୍ରକଳା, ଫଟୋଚିତ୍ର ପ୍ରଦର୍ଶନ ହୋଇଥିଲା। ଯେଉଁଥିରେ ରାଜ୍ୟର ବିଭିନ୍ନ ସଂଗଠନ ତଥା ଚନ୍ଦ୍ରମା ଆର୍ଟ ଫାଉଣ୍ଡେସନ, ଗଞ୍ଜାମ ଏକାଡେମୀ ଅଫ୍ ଫାଇନ ଆର୍ଟର ବଛା ବଛା ଚିତ୍ରଶିଳ୍ପୀମାନେ କାନଭାସ୍ ଚିତ୍ରାଙ୍କନ କରି ପର୍ଯ୍ୟଟକମାନଙ୍କ ମନ ଜିଣିଥିଲେ। ସେହିଭଳି ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା କଇଁଛଙ୍କ ବାଲୁକା ଶିଳ୍ପ ସ୍ଥାନ ପାଇଥିବା ବେଳେ ହାଇଦ୍ରାବାଦର ବିଖ୍ୟାତ ଫୋଟୋଗ୍ରାଫର ସତିଶ ଲାଲଙ୍କ ଫୋଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଷ୍ଟେପ୍ ଓନ୍ ନେଚର୍ ପ୍ରତିଷ୍ଠାତା ସ୍ୱାଧୀନ ସାହୁଙ୍କ ଫଟୋଚିତ୍ର ପ୍ରଦର୍ଶନ ମଧ୍ୟ ହୋଇଥିଲା । ଏହି ପ୍ରଦର୍ଶନୀ ତଥା ସଚେତନତା କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ପର୍ଯ୍ୟଟକଙ୍କୁ ଅଲିଭ ରିଡ଼ଲେଙ୍କ ସୁରକ୍ଷା ବିଷୟରେ ଅବଗତ କରିବା ସହ ବେଳାଭୂମିକୁ ପ୍ଲାଷ୍ଟିକ ପଲିଥିନ ମୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବ୍ରହ୍ମପୁର ଏସ୍‌ବିଆଇ ରିଜିଓନାଲ ମ୍ୟାନେଜର ହରିକୃଷ୍ଣ ପଣ୍ଡା ଚିତ୍ର କଳାକାରଙ୍କୁ ସମ୍ମାନିତ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଓ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ପ୍ରଦର୍ଶିତ ଫୋଟୋଚିତ୍ର ବୁଲି ଦେଖିବା ସହ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସାଗର ପ୍ରସାଦ ପାତ୍ର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସଂଗଠନର ସଦସ୍ୟ ଏ ପ୍ରକାଶ, ଅନୀଲ ଚୌଧୁରୀ, ଗଣେଶ ପାଣିଗ୍ରାହୀ, ପ୍ରବୀଣ ନାୟକ, ପି ବିନୋଦ, ମୁନା ଶତପଥୀ, ଅଜୟ କୁମାର ସାହୁ, ଆକାଶ ରାଉତ୍ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥଲେ।

# ଗଡ଼ପଳାଶୁଣି ବଡ଼ସାହି ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ମାନ୍ୟତା

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବଡ଼ସାହି ଗ୍ରାମକୁ ଶୁକ୍ରବାର ଦିନ ନୂତନ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ଦିଆଯାଇଛି । ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବା ଗ୍ରାମବାସୀଙ୍କର ବହୁ ବର୍ଷର ଆଶା ଆକାଂକ୍ଷା ପୂରଣ ହୋଇଥିବାରୁ ଗ୍ରାମରେ ଆନନ୍ଦର ଲହରୀ ଖେଳାଇ ଦେଇଥିବା ବେଳେ, ବଡସାହି ପାର୍ଶ୍ୱବର୍ତ୍ତୀରେ ବସବାସ କରି ରହିଥିବା ଗ୍ରାମଗୁଡ଼ିକ ମଧ୍ୟରେ ମହନ୍ତ ସାହି, ଗଡଡ ସାହି, ଢ଼ିପ ସାହି ଓ ତଳ ସାହିର ବାସିନ୍ଦାମାନେ ଏଥିରେ ଅନ୍ତର୍ଭୁକ୍ତ ରହିଥିବା ଜଣାପଡ଼ିଛି। ଗ୍ରାମର ବୁଦ୍ଧିମନ୍ତ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଙ୍କଡ଼ାହାଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ମୁଖ୍ୟ ବକ୍ତା ଭାବେ, ଗଡ଼ପଳାଶୁଣି ପଞ୍ଚାୟତ ସମିତି ସଭ୍ୟ ବିଜୟ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ୱାର୍ଡ ମେମ୍ବର ତଥା ପୂର୍ବତନ ଗ୍ରାମ୍ୟ କମିଟି ସଭାପତି କାଠିଆ ଷେଣ୍ଢ, ସମ୍ପାଦକ ମୀନକେତନ ବିଶ୍ୱାଳ, ଅନିତା ସିଂହ, ଶିଶିର ବେହେରା, ପବିତ୍ର ନାଏକ, ପ୍ରଫୁଲ୍ଲ ସିଂହ, କେଶବ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମବାସୀଙ୍କ ଉପସ୍ଥିତିରେ ବଡସାହି ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ଶେଷରେ ପଞ୍ଚାୟତ ସମିତି ସଭ୍ୟ ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


# 'ଭାରତ ମାତା କି ଜୟ'ରେ କମ୍ପିଲା ଚିଲିକା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): 'ଅପେରସନ ସିନ୍ଦୁର'ରେ ବୀର ଭାରତୀୟ ଯବାନମାନଙ୍କ ଶୌର୍ଯ୍ୟ ଓ ବୀରତ୍ୱକୁ ସାମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ବିଧାୟିକା ଉପାସନା ମହାପାତ୍ରଙ୍କ ନେତୃତ୍ୱରେ ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ସାତପଡା ଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଜଳରାଶିରେ ତ୍ରିରଙ୍ଗା ଯାତ୍ରା ସହ ଜୟ ଭାରତ ମାତା ଜୟ ଧ୍ୱନୀରେ ଶହଶହ ଲୋକ ସାମିଲ ହୋଇ ଜହ୍ନିକୁଦା ରାଧାକାନ୍ତ ମନ୍ଦିର ଠାରେ ପହଞ୍ଚି ବୀର ଯବାନମାନଙ୍କୁ ସାମ୍ମାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନା ପରିଚାଳନା କରିଥିଲେ।

# ରାଶିଫଳ

**ରବିବାର, ୨୫ ମଇ ୨୦୨୫**



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢ଼ିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ।




**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ ହେବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢ଼ିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।




**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବିଛା:** ଆପଣଙ୍କ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।




**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।




**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହେବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢ଼ିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ୍): ଭାରତୀୟ ସେନାବାହିନୀଙ୍କ ଅପରେସନ୍ ସିନ୍ଦୂରର ସଫଳତାକୁ ସମ୍ମାନ ଜଣାଇବା ପାଇଁ ଓଡ଼ିଶାରେ ପରାକ୍ରମ ଯାତ୍ରା ଆୟୋଜିତ ହେଉଛି। ଏହି ଯାତ୍ରା ମେ ୧୩ରୁ ୨୩ ତାରିଖ ପର୍ଯ୍ୟନ୍ତ ଦେଶ ରେ ଏବଂ ଆମ ରାଜ୍ୟ ର ପ୍ରତ୍ୟେକ ଜିଲ୍ଲା ରେ ଚାଲୁ ରହିଛି , ଯାହା ଦେଶରେ ଏକତା ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର କରୁଛି।ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମୋଦେଗାଁ ଠାରୁ କୋଷାଗୁମୁଡା ବ୍ଲକ ସଦର ସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଏକ ବାଇକ୍ ରାଲି ମାଧ୍ୟମରେ ପରାକ୍ରମ ଯାତ୍ରାରେ ନେତୃତ୍ୱ ନେଇଛନ୍ତି। ତାଙ୍କ ସହ ବ୍ଲକ ଗଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ବ୍ଲକ ବିଜେପିର ବରିଷ୍ଠ କର୍ମକର୍ତ୍ତା ଯଥା ବୀରେନ୍ଦ୍ର ପୁଜାରି, ରଞ୍ଜିତ ପାଢ଼ୀ, ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର ସହ ବ୍ଲକର ଯୁବକ ଯୁବତୀ ବୁଦ୍ଧିଜୀବୀ ସାଧାରଣ ଜନତା ବ୍ଲକର ବରିଷ୍ଠ ସାମ୍ବାଦିକ ହିମାଂଶୁ ବାଘ, ସନ୍ତୋଷ କୁମାର,ନରେନ୍ଦ୍ର ପାତ୍ର ଯୁଧିଷ୍ଠିର ଭତରା, ଦେବୀ ପ୍ରସାଦ ପାଞ୍ଜିଆ ପ୍ରମୁଖ ତ୍ରିରଙ୍ଗା ଯାତ୍ରାରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। "ଏହି ଯାତ୍ରା ଆମ ସେନାବାହିନୀଙ୍କ ଅପୂର୍ବ ସାହସିକତାକୁ ସମ୍ମାନ ଜଣାଇବା ସହ ଦେଶବାସୀଙ୍କୁ ଏକତାରେ ବାନ୍ଧି ରଖିବ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ମାଝି ମତ ପ୍ରକାଶ କରିଛନ୍ତି।



## ମାଲବାହୀ ଟ୍ରେନ୍‌ରୁ ବୋହିନେଲେ କୋଇଲା



ସଇଁତଳା(ଭାସ୍କର ନ୍ୟୁଜ୍); ବଲାଙ୍ଗୀର ଜିଲ୍ଲା ସଇଁତଳା ରେଲୱେ ଷ୍ଟେସନରେ ଏକ ଅଭାବନୀୟ ପରିସ୍ଥିତି ଦେଖିବା କୁ ମିଳିଛି । ଦୀର୍ଘ ଚାରିରୁ ପାଞ୍ଚ ଦିନ ଠିଆହୋଇ ରହିଥିବା କୋଇଲା ବୋଝେଇ ମାଲ ଗାଡ଼ିରୁ ଗୋଟିଏ ଟ୍ରାକ୍ଟର ସାହାଯ୍ୟରେ ଦୁଇରୁ ତିନି ଟ୍ରିପ କୋଇଲା ବୋହି ନେଇ ଜଣଙ୍କ ଘରେ ମହଜୁଦ ଥିବା ଦେଖିବାକୁ ମିଳିଛି । ଅଭିଯୋଗ ଅନୁସାରେ ଏମ୍‌ସିଏଲ ପକ୍ଷରୁ ଏକ ମାଲ ଗାଡ଼ିରେ କୋଇଲା ବୋଝେଇ ହୋଇ ଯାଉଥିଲା। ହେଲେ ୪୩ଟି ବଗିରେ କୋଇଲା ଓଭରଲୋଡ଼ ଥିବା ନେଇ ଷ୍ଟେସନ ମାଷ୍ଟର ପାଢ଼ୀ ବାବୁଙ୍କୁ କହିଥିଲେ। ତାହା ପାଞ୍ଚ ଦିନ ଠିଆ ହୋଇ ରହିଥିବା ଯୋଗୁଁ ୧୪ ଲକ୍ଷ ଟଙ୍କା ଫାଇନ ହୋଇଥିବା ମଧ୍ୟ କହିଥିଲେ । କିନ୍ତୁ କୋଇଲାକୁ ଅନ୍ୟତ୍ର ୱାଗନରେ ଆଡ଼ଜଷ୍ଟ ନ କରି ତାହାକୁ ଗୋଟିଏ ଟ୍ରାକ୍ଟର ମାଲିକକୁ ନେବା ପାଇଁ କୁହାଯାଇଥିଲା । ହେଲେ ଏମସିଏଲର କୋଇଲା ଟ୍ରାକ୍ଟର ମାଲିକ କାହା ଇଙ୍ଗିତ ରେ ନେଲେ ଓ ତା ବଦଳରେ ସେ ଅଧିକାରୀଙ୍କୁ କେତେ ପ୍ରାପ୍ୟ ଦେଲେ ତାହା ଆଲୋଚନାର ବିଷୟ ହୋଇଛି। ପ୍ଲାଟଫର୍ମରେ ଲୋକ ଚାଲିବା ପାଇଁ ତିଆରି ହୋଇଥିବା ବେଳେ ଟ୍ରାକ୍ଟର କିପରି ପ୍ଲାଟଫର୍ମ ଉପରେ ଚଢିଲା ଓ ବଗି ବଗି ବୁଲି କୋଇଲା ବାହାର କରିଥିବା ନଜରକୁ ଆସିଥିଲା । କୋଇଲା ଯଦି ଏମସିଏଲର ଥିଲା ତାହା ଏମସିଏଲ ନିଜେ ଲେବର ଆଣି ଗାଡ଼ି ସାହାଯ୍ୟରେ ନେଇକି ଯିବା କଥା ଅବା ରେଲୱେ ଗୋଦାମରେ ରଖିବା କଥା କିନ୍ତୁ ତାହାକୁ କାହା ସ୍ୱାର୍ଥରେ ଟ୍ରାକ୍ଟର ମାଲିକଙ୍କୁ ଟେକି ଦେଇଥିଲା। ତାହା ସମସ୍ତଙ୍କୁ ଅବାକ କରିଛି । ରେଲୱେ ବିଭାଗ କେବେ ଏହା ଉପରେ ଦୃଷ୍ଟି ଦେଇ ସମ୍ପୃକ୍ତ ଅଧିକାରୀ ଓ ଟ୍ରାକ୍ଟର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ତାହାକୁ ଦେଖିବାକୁ ଜନସାଧାରଣ ଚାହିଁ ରହିଛନ୍ତି ।

## ଝରିଗାରେ ପୋଖରୀ ଖନନରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ଉମରକୋଟ(ଭାସ୍କର ନ୍ୟୁଜ୍): ଗୋଟିଏ ପରେ ଗୋଟିଏ ପୋଖରୀ କେଳେଙ୍କାରୀ ପଦାକୁ ଆସୁଛି। ଝରିଗାଁ ବ୍ଲକ ସଦର ସ୍ଥିତ ପୋଖରୀ ହେଉକି ବ୍ଲକର ବିଭିନ୍ନ ଅଞ୍ଚଳର ପୋଖରୀ, ଖନନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଦେଖିବାକୁ ମିଳୁଛି। ଶ୍ରମିକ ବଦଳରେ ମେସିନ କରୁଛି କାମ। ଜାଲିଆତି ଲେବର ଆକାଉଣ୍ଟ ରେ ଟଙ୍କା ଉଠାଣ। ନିର୍ଦ୍ଧାରିତ ଅଟକଳ ମୂଲ୍ୟରେ ଟଙ୍କାର ହରିଲୁଟ। ନିମ୍ନମାନର କାର୍ଯ୍ୟ, ଅଧାପନ୍ତରିଆ କାର୍ଯ୍ୟ ଆଦି ଦୁର୍ନୀତିର ପର୍ଦ୍ଦାଫାଶ ଧୀରେ ଧୀରେ ସାମାନାକୁ ଆସୁଛି। ଅଭିଯୋଗ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାନ୍ତି ଯନ୍ତ୍ରୀ। ଆଜି ଝରିଗାଁ ପଞ୍ଚାୟତ ସଦର ସ୍ଥିତ ଜୟନ୍ତୀ ନଗର ବସ୍ତିରେ ଥିବା ସାର୍ବଜନୀନ ପୁରାତନ ପୋଖରୀ ର ପୁନଃ ଉଦ୍ଧାର କାର୍ଯ୍ୟ ୨୦୨୩-୨୪ ବର୍ଷରେ ୫ମ ପର୍ଯ୍ୟାୟ ଏସ୍‌ଏଫସି ପାଣ୍ଠିରୁ ଜୟନ୍ତୀ ନଗର ଜଳାଶୟ ପୁନଃ ଉଦ୍ଧାର କାର୍ଯ୍ୟ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟ ରହିଥିବା ବେଳେ ଏହି ଟଙ୍କାକୁ ଅଳ୍ପ କାମ କରି ହରିଲୁଟ



କରିଥିବା ଅଭିଯୋଗ ଆଣିଛନ୍ତି ଜୟନ୍ତୀ ନଗର ବସ୍ତି ବାସିନ୍ଦା। ଏନେଇ ଆଜି ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝିଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି ଜୟନ୍ତୀ ନଗରବାସୀ। ଅଭିଯୋଗ ପ୍ରକାରେ ଜଳାଶୟର ପୁନଃଉଦ୍ଧାର ନାଆଁରେ ଲକ୍ଷାଧିକ ଟଙ୍କା ହଡ଼ପ କରିବାକୁ ଯୋଜନା କରୁଥିବା ଦର୍ଶାଇଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମାଝୀ ଅଭିଯୋଗ ଗ୍ରହଣ କରି ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜୟନ୍ତୀ ନଗର ବାସୀ (ଏ ସି ଡି ସି ମିଟିଂ) ବା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଯୋଗ ଦେବାକୁ ଆସିଥିବା ବିଧାୟକ ନରସିଂହ ଭତରାଙ୍କୁ ସାକ୍ଷାତ କରି ପୋଖରୀ ପ୍ରସଙ୍ଗରେ ଅବଗତ କରାଇଥିଲେ। ଏହାପରେ ବିଡ଼ିଓ ମଧୁସୂଦନ ମାଝୀ,ଏଇ ବିନିତ୍ ମିଶ୍ର ଙ୍କୁ ସାଙ୍ଗରେ ଧରି ଜୟନ୍ତୀ ନଗର ପୁରାତନ ସାର୍ବଜନୀନ ପୋଖରୀ କ୍ଷେତ୍ର ପରିଦର୍ଶନ କରିଥିଲେ ବିଧାୟକ। ଲଟା ବୁଦା ଅମରି ଡାଳ ଅନାବନା ଘାସଲତା ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ଅପରିଷ୍କାର ପାଣି, ଦୂଷିତ ପରିବେଶ ମଧ୍ୟରେ ରହିଛି ପୋଖରୀର ଅବସ୍ଥା। ଏହାର ପୁନଃ ଉଦ୍ଧାର ନାଁରେ ଜେସିବି ମେସିନ ଲଗାଇ ତିନି ଚାରିଫୁଟ ଖୋଳାଯାଇଛି। ଖୋଳା ଯାଇଥିବା ପଙ୍କ ମାଟି ବ୍ୟକ୍ତିଗତ ଚାଷ ଜମିରେ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡା କରି ଜମି ମାଲିକ ନେଉଛନ୍ତି। ପୂର୍ବରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏହାର ପାହାଚ ନିର୍ମାଣରେ ଖର୍ଚ୍ଚ ହୋଇଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ମାଟି ସ୍ଥାନାନ୍ତର ଖର୍ଚ୍ଚ ଠିକାଦାରଙ୍କୁ କରିବାକୁ ପଡି ନାହିଁ ବୋଲି ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରାଇଛନ୍ତି। ପୋଖରୀର ଶୋଚନୀୟ ଅବସ୍ଥା ଦେଖି ବିଧାୟକ ବ୍ଲକ ପ୍ରଶାସନ ଉପରେ ଗର୍ଜିଛନ୍ତି। ବସ୍ତି ବାସିନ୍ଦାଙ୍କ ଦୈନନ୍ଦିନ ଆବଶ୍ୟକତା ମଧ୍ୟରେ ଗୃହପାଳିତ ପଶୁଙ୍କ ପିଇବା ପାଣି, ଲୁଗାପଟା ସଫା କରିବା, ସ୍ନାନ ଓ ଶୌଚ କରିବା ଆଦି କାର୍ଯ୍ୟ ଲାଗି ଏହି ପୋଖରୀ ଉପରେ ବର୍ଷ ବର୍ଷ ଧରି ନିର୍ଭର କରି ଆସୁଥିବା ବେଳେ ସେସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି ବସ୍ତି ଲୋକେ। ପାରଦର୍ଶିତା ଅବଲମ୍ବନ ପୂର୍ବକ ତୁରନ୍ତ ବର୍ଷା ପୂର୍ବରୁ ପୋଖରୀ ପୁନଃ ଉଦ୍ଧାର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ୍ କରିଛନ୍ତି ବିଧାୟକ। ନିମ୍ନମାନର କାର୍ଯ୍ୟ ଦେଖି ବିଧାୟକ ବିଲ୍ ପାରିତ ନ କରିବାକୁ ଏଇ ଏବଂ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଲୋକମାନଙ୍କ ପ୍ରିୟ ବିଧାୟକ ଶ୍ରୀ ଭତରା।

## ମାଗଣା ସ୍ୱାସ୍ଥ୍ୟ ଶିବିର

ସଇଁତଳା (ଭାସ୍କର ନ୍ୟୁଜ୍):ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ କଂଅସର ଗ୍ରାମ ପଞ୍ଚାୟତରେ ଗୋଲାପି ଫାଉଣ୍ଡେସନ ତରଫରୁ ଅଧ୍ୟକ୍ଷ ସୁବ୍ରତ ନାଗଙ୍କ ଅଧ୍ୟକ୍ଷତାରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଓ ଔଷଧ ବିତରଣ କରାଯାଇଅଛି । ଏଥିରେ ୧୬୦ ଜଣ ଲୋକଙ୍କୁ ଚିକିତ୍ସା କରାଯାଇଥିବା ବେଳେ ମାଗଣାରେ ଔଷଧ ମଧ୍ୟ ଦିଆଯାଇଅଛି । କାର୍ଯ୍ୟକ୍ରମରେ କଂଅସର ଗ୍ରାମ ପଞ୍ଚାୟତର ସରପଞ୍ଚ ହେମକାନ୍ତି ସାହୁ ,ଆମ୍ବା ଅଧ୍ୟକ୍ଷ




ହେମନ୍ତ ସାହୁ,ଡଃ ନମିତା ବିଶି,ଡ଼ ବିଶ୍ୱଜିତ ମିଶ୍ର, ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନା ଏବଂ ଗୋଲାପି ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ସମସ୍ତ ଗ୍ରାମ ବାସୀ ମଧ୍ୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ଆଗକୁ ମଧ୍ୟ ବିଭିନ୍ନ ଗ୍ରାମପଞ୍ଚାୟତରେ ଗୋଲାପି ଫାଉଣ୍ଡେସନ ତରଫରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେସନ ଅଧ୍ୟକ୍ଷ ସୁବ୍ରତ ନାଗ ସୂଚନା ଦେଇଛନ୍ତି। ସବୁବେଳେ ମାନବ ସେବା ହିଁ ମାଧବ ସେବାରେ ବ୍ରତୀ ଥିବା ସୁବ୍ରତ ନାଗଙ୍କ ଏପରି ପଦକ୍ଷେପ ଯୋଗୁଁ ସେ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ଗତ କିଛି ଦିନ ତଳେ ପ୍ରସିଦ୍ଧ ହରିଶଙ୍କର ମେଳା ସରିଥିବାବେଳେ ସେଠାକୁ ତାଙ୍କ ଟିମ କୁ ନେଇ ହରିଶଙ୍କରକୁ ମଧ୍ୟ ସଫା କରିଥିଲେ । ଏହିପରି ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ବେଶ ପ୍ରଶଂସିତ ହେଉଥିବା ବେଳେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

## କଳାରେ ୮୧.୦୬% ଓ ବାଣିଜ୍ୟରେ ୭୧.୦୫% ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ




ଖଇରପୁଟ(ଭାସ୍କର ନ୍ୟୁଜ୍): ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ଏକ ମାତ୍ର ଉଚ୍ଚ ମାଧ୍ୟମିକ କଳା ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ-୨ କଳାରେ ୮୧.୦୬% ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଚଳିତ ବର୍ଷ ଯୁକ୍ତ ୨ କଳାରେ ମୋଟ ୩୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୧୧ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୧୧ ଜଣଙ୍କ ମଧ୍ୟରୁ ୨୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୬ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀର ୨୪ ଜଣଙ୍କ ମଧ୍ୟରୁ ସନ୍ୟାସୀ ଗୌଡ଼ ୪୬୬ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ୪୩୨ ନମ୍ବର ରଖି ସୁରେଶ ମାଝୀ ଦ୍ୱିତୀୟ ସ୍ଥାନ ହାସଲ କରି ମାଥିଲି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନାମ ଟେକ ରଖିଛନ୍ତି। ସେହିପରି ଚଳିତ ବର୍ଷ ଯୁକ୍ତ-୨ ବାଣିଜ୍ୟରେ ୭୧.୦୫ ପ୍ରତିଶତ ପାସ ହାର ରହିଛି । ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯୫ଜଣ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୬୮ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୯ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୧୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ଅବିନାଶ ବୁରୁଡ଼ି ୪୫୪ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ହରି ସୀସା ୪୦୦ ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁବ୍ରତ କୁମାର ଭଦ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଅଟୋରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଲରମ୍ବା ଥାନା ବାହାଲଭଟଲି ଦମେଇପାଲି ରାସ୍ତା କଡ଼ରେ ଏକ ଅଟୋ ଗାଡ଼ି ଭିତରୁ ଜଣେ ଯୁବକଙ୍କ ମୃତ ଦେହ ଲରମ୍ବା ଥାନା ପୋଲିସ ଶୁକ୍ରବାର ଉଦ୍ଧାର କରିଛି। ମୃତ ଯୁବକ ଜଣକ ପଦ୍ମପୁର ଥାନା ମହୁଲପାଲି ନିକଟ ଦର୍ବେକେଲା ଗାଁ କ୍ଷୀରୋଦ ମେହେର (୨୭) ବୋଲି ପୋଲିସ କହିଛି। ସୂଚନା ଅନୁସାରେ ଅଟୋ ଭିତରେ ଯୁବକ ଜଣକ ଶୋଇବା ଭଳି ଥିବାବେଳେ ଦୀର୍ଘ ସମୟ ରହି ଥିବାରୁ ଗ୍ରାମବାସୀ ଲରମ୍ବା ଥାନାକୁ ଖବର ଦେଇଥିଲେ । ଖବର ପାଇ ଲରମ୍ବା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହିତ ତାର ପରିଚୟ ଖୋଜିଥିଲା। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକ ଖବର ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଚିହ୍ନଟ କରିଥିଲେ । ଏନେଇ ଲରମ୍ବା ଥାନା କେସ ନମ୍ବର ୯/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଭାନୁ ପ୍ରକାଶ ଯାଦବ ପ୍ରକାଶ କରିଛନ୍ତି।

## ସାଉନ୍ତେଶ୍ୱରୀ ଦେବୀ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

ବଲାଙ୍ଗୀର (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଲୋଇସିଂହା ନିର୍ବାଚନ ମଣ୍ଡଳୀ ପୁଇଁନ୍ତଲା ବ୍ଲକ ଅଧିନ ସାଉନ୍ତପୁର ଗାଁ ସ୍ଥିତ ସାଉନ୍ତେଶ୍ୱରୀ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଆଲୋଚନା ହୋଇଛି। ୭୨୩ ଖ୍ରୀଷ୍ଟାବ୍ଦରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ବହୁ ପୂର୍ବରୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ସେ ସମୟରେ ଖପର ଘରେ ମାଁ ସାଉନ୍ତେଶ୍ୱରୀ ଦେବୀ ପୂଜା ପାଉଥିଲେ ତଥା ପାର୍ଶ୍ୱଦେବା ଦେବୀ ପୂଜା ପାଉଛନ୍ତି । ୧୯୪୪ ମସିହା ପୁଣି ନୂତନ ଭାବରେ ମନ୍ଦିର ନିର୍ମାଣ ହୋଇଥିଲା । ବଲାଙ୍ଗୀର ଦେବୋତ୍ତର ବିଭାଗରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଥିବା ବେଳେ କେବଳ ଦଶହରାରେ କିଛି ଅର୍ଥ ପ୍ରଦାନ କରି ସୁରକ୍ଷା ଭୁଲିଯାଇଛି । ଗତ ବର୍ଷ ରାଜ୍ୟ ସରକାର ମନ୍ଦିର ଉନ୍ନତିକରଣ ପାଇଁ ବିଭିନ୍ନ ମନ୍ଦିରକୁ ଅନୁଦାନ ପ୍ରଦାନ କରିଥିବା ବେଳେ ଏହି ଗ୍ରାମର ମନ୍ଦିରକୁ ଟଙ୍କାଟିଏ ବି ନ ଆସିବାରୁ ଆଜି ଗ୍ରାମବାସୀ ଦେବାଳୟ ସୁରକ୍ଷା କମିଟି ସହ ମନ୍ଦିର ସୁରକ୍ଷା ପାଇଁ ଆଲୋଚନା କରିଥିଲେ । ରୋଷେଇଶାଳ,ମନ୍ଦିର ସୌନ୍ଦର୍ଯ୍ୟ କରଣ, ମାଁ ସାଉନ୍ତେଶ୍ୱରୀ ମନ୍ଦିର ଗର୍ଭଗୃହ ଫାଟ ତଥା ଚୂନ ଖସିବା, ଯଜ୍ଞ ମଣ୍ଡପ, ମନ୍ଦିର ପରିସରରେ ଥିବା ପୁଷ୍କରିଣୀ ପୁନଃଉଦ୍ଧାର ସହ ଏହି ପୀଠକୁ ସରକାର ଶୀଘ୍ର ପର୍ଯ୍ୟଟନ କ୍ଷେତ୍ର କରିବା ଦାବିକରି ୪ କୋଟି ଅନୁଦାନ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି । ଆସନ୍ତା ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବା ପାଇଁ ଆଜି ବୈଠକରେ ପ୍ରସ୍ତାବ ହୋଇଥିଲା । ଏହି ବୈଠକରେ ମନ୍ଦିରର ପୂଜକ ମାଣିକ୍ୟ ଥନାପତି, ସୁରେନ୍ଦ୍ର ଗଡୁଆ, ଫାଲଗୁନି ଭୋଇ, ଅକ୍ଷୟ ଚିରଗୁନ୍, ଶରତ ପଶାୟତ, ଗରିବ ସାହୁ, ସୁରେନ୍ଦ୍ର ପଧାନ, ହିରାଲାଲ ପଧାନ, ମଦନ ପ୍ରଧାନ, ଶୋଭାକର ଭୋଇ, ସୁବାଷ ପଧାନ, କ୍ଷମାନିଧି ବେହେରା, କାହ୍ନୁଚରଣ ପଧାନ ସମେତ ଦେବାଳୟ ସୁରକ୍ଷା କମିଟିର ଉପସଭାପତି ପ୍ରଶାନ୍ତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ ।



## ପୂଜାପାଠ ସହ ରବି ଧାନମଣ୍ଡି ଶୁଭାରମ୍ଭ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଜୁରିଆ ଠାରେ ପୂଜା ପାଠ ସହ ରବି ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ୟାକ୍ସ ଗୋଦାମ ପରିସରରେ ପୂଜା ପାଠ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଯୋଗୀମୁଣ୍ଡା ଆର ଏମ ସି ସଂପାଦକ କେ ଗଡତ୍ୟା,ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆର ପ୍ରମୁଖ ଯୋଗଦେଇଥିଲେ। ରବି ଧାନ ବିକ୍ରୟ ପାଇଁ ୯୧ ଜଣ ଚାଷି ପଞ୍ଜିକରଣ କରିଥିବା ବେଳେ ୧୪ ଜଣ ଚାଷୀଙ୍କ ବିକ୍ରୟ ପାଇଁ ପ୍ରଥମ ପର୍ଯ୍ୟାୟ ରେ ଟୋକନ ଆସିଥିବା ଜଣାଯାଇଛି। ଏହି ଅବସରରେ ଯଦୁ ରଣା, ଜୟନ୍ତ ମେହେର, ରାଜକିଶୋର ମେହେର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ଆର ଏମ ସି ଉପକେନ୍ଦ୍ର ଠାରେ ରବି ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ପ୍ୟାକ୍ସ ସଭାପତି ଗୁଣମଣି ଭୋଇ,ସଂପାଦକ ଶ୍ରିପତି ଭୋଇ ପୂଜା ପାଠ ସହ ମଣ୍ଡି ଶୁଭାରମ୍ଭ କରିଥିଲେ।

## ■ ସୁପ୍ରିମକୋର୍ଟଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ

# ସରକାରୀ ଗାଡ଼ିରେ ମନଇଚ୍ଛା ବତୀ ଲଗାଇ ବୁଲୁଛନ୍ତି ବାବୁ



କାର୍ଯ୍ୟାନୁଷ୍ଠାନ ଦାବି



କନ୍ଧମାଳ(ଭାସ୍କର ନ୍ୟୁଜ୍): ମାନ୍ୟବର ସୁପ୍ରିମକୋର୍ଟଙ୍କ ନୀତି, ନିୟମକୁ ଖୋଲାଖୋଲି ଭାବେ ସଦାସର୍ବଦା ଉଲଂଘନ କରି ଓ ମନଇଚ୍ଛା କନ୍ଧମାଳ ଜିଲ୍ଲାର ତହସିଲଦାର, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବନବିଭାଗ ଅଧିକାରୀମାନେ ସରକାରୀ ଗାଡି ଓ ନିଜସ୍ୱ ବ୍ୟକ୍ତିଗତ ଗାଡିର ସମ୍ମୁଖରେ ବୋର୍ଡ଼ ଲଗାଇବା ସହ ଲାଲ,ଅରେଞ୍ଜ, ବ୍ଲୁ କଲର ବତୀ ଗାଡି ଉପରେ ସଦାସର୍ବଦା ଲଗାଇ ମିଟିଂ, ଅଫିସିଆଲ କାମ, ନିଜର ବ୍ୟକ୍ତିଗତ କାର୍ଯ୍ୟରେ ଘରୁ ଅଫିସ ଓ ଅଫିସରୁ ଘରକୁ, ଖେଳିବା ପାଇଁ ଯିବା ସମୟରେ ମନଇଚ୍ଛା ବ୍ୟବହାର କରୁଛନ୍ତି ।ଏହା ସହିତ ବ୍ଲକ,ତହସିଲ, ଫୁଲବାଣୀ ମୁଖ୍ୟ ଦପ୍ତରକୁ ବାବୁମାନେ ନିଜର କାଇଦା ଦେଖାଉଛନ୍ତି ଓ ଜିଲ୍ଲାର ଉନ୍ନତିମୂଳକ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଜିଲ୍ଲା ଯେମିତି କି ସେମିତି ଦୀର୍ଘବର୍ଷ ହେଲାଣି ରହିଛି । କିନ୍ତୁ କନ୍ଧମାଳ ଜିଲ୍ଲାପାଳ,ମୁଖ୍ୟ ସଚିବ, ସେକ୍ରେଟାରୀ, ଅତିରିକ୍ତ ମୁଖ୍ୟ ସେକ୍ରେଟାରୀ, ଜିଲ୍ଲା ଜଜ, ଓ ଅନ୍ୟାନ୍ୟ ଜଜ୍‌ମାନେ ନିଜ ଅଫିସ ଗାଡ଼ିର ଉପରେ ଏହି କଲର ବତୀ ଲଗାଉନାହାନ୍ତି। ସେମାନେ ଆପଦ କାଳୀନ ସମୟରେ ନୀତି, ନିୟମ ଅନୁସାରେ ବ୍ୟବହାର କରିଥାନ୍ତି।ଏହି ଉଚ୍ଚ ପଦସ୍ଥ ଅଧିକାରୀମାନେ ସୁପ୍ରିମକୋର୍ଟଙ୍କ ରାୟକୁ ସଦାସର୍ବଦା ସମ୍ମାନ ଜଣାଉଥିବାବେଳେ ତହସିଲଦାର,ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବନବିଭାଗ ଅଧିକାରୀମାନେ ଜରୁରୀକାଳୀନ ପରିସ୍ଥିତି ନ ଥିଲେବି ମନଇଚ୍ଛା ଯେତେବେଳେ ଚାହିଁଲେ ନିଜ ଅଫିସ ଗାଡ଼ିରେ, ନିଜସ୍ୱ ବ୍ୟବହାର କରୁଥିବା ଗାଡ଼ିରେ ନିଜେ ଓ ଅନ୍ୟ ଅଫିସ କର୍ମଚାରୀମାନଙ୍କୁ ବସାଇ ଲାଲ, ବ୍ଲୁ ଓ ଅରେଞ୍ଜ ରଙ୍ଗର ବତୀ ଗାଡିର ଉପରେ ଲଗାଇ ଯେକୌଣସି ସ୍ଥାନକୁ ଯାଉଛନ୍ତି । ଏହାଦ୍ୱାରା ସୁପ୍ରିମକୋର୍ଟଙ୍କ ଆଇନ ଓ ରାୟକୁ ତାଚ୍ଛଲ୍ୟ ବା ଜାଣିଶୁଣି କଟାକ୍ଷ କରୁଛନ୍ତି ।ଏହା ସହିତ ମଧ୍ୟ କୌଣସି ମିଟିଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଥିଲେ ଓ ସଦର ମହକୁମାକୁ ଆସନ୍ତି । ସେହି ସମୟରେ ବି ଲାଲ, ବ୍ଲୁ ଓ ଅରେଞ୍ଜ ରଙ୍ଗର ଗାଡିର ଉପରେ ବତୀ ଲଗାଇ ଅଧିକାରୀ କାଇଦାରେ ଆସୁଥିବାର ଦେଖାଯାଇଛି। କିନ୍ତୁ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଏହି ଅଫିସରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଫାଇନ ଆଦାୟ ନକରି ପ୍ରତ୍ୟକ୍ଷ ଭାବେ ଦେଖି ଜାଣି ଛାଡିଦିଅନ୍ତି। ଏହିପରି ମନଇଚ୍ଛା କାର୍ଯ୍ୟ, ରାଜୁତିରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ, ନିୟମ ର ଅବମାନନା କରୁଥିବା ଅଫିସରଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଞ୍ଚଳିକ ପରିବହନ ମନ୍ତ୍ରୀ, ମୁଖ୍ୟଶାସନ ସଚିବ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଛି । ତତ୍‌ସହିତ ଆମ ଓଡ଼ିଶା ଭାସ୍କର କନ୍ଧମାଳ ଜିଲ୍ଲା ପ୍ରତିନିଧି ରଂଜନ କୁମାର ଦାସ ଆରଟିଆଇରେ ମୁଖ୍ୟ ସେକ୍ରେଟାରୀଙ୍କୁ ଆବେଦନ କରିଥିଲେ। ଏହି ଆବେଦନ ଫର୍ମକୁ ଜଡିତ ଥିବା ପରିବହନ ବିଭାଗ ଅଧିକାରୀଙ୍କୁ ପଠାଇଥିଲେ। ଉକ୍ତ ଅଧିକାରୀମାନେ କୌଣସି ସନ୍ତୋଷ ଜନକ ଉତ୍ତର ଆଜି ସୁଦ୍ଧା ଦେଇନାହାନ୍ତି। କନ୍ଧମାଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଉତ୍ତର ମିଳିଥିଲା ଆମ ପାଖରେ କିଛି ତଥ୍ୟ ନାହିଁ। ଏହାର ବିଜେପି ସରକାର ଯଥା ଶ୍ରୀଘ୍ର କୌଣସି ପଦକ୍ଷେପ ନ ନେଲେ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗ କରାଯିବ ବୋଲି ଜନସାଧାରଣମାନେ ଚେତାବନୀ ଦେଇଛନ୍ତି।

## ସ୍ୱାସ୍ଥ୍ୟ ଶିବିର

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଦୁଃଖୁଗୁଡା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଠାରେ ସ୍ୱାସ୍ଥ୍ୟ ଶିବିର ହୋଇଯାଇଛି । ଏହି ଶିବିରର ଆଖପାଖ ଅଞ୍ଚଳ ର ରୋଗୀମାନେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ ।ପ୍ରାୟ ୧୦୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରାଯାଇଛି ।ଏହି ଶିବିରରେ ଅଣସଂକ୍ରାମକ ରୋଗର ପରୀକ୍ଷା, ଚିକିତ୍ସା କରାଯାଇଥିଲା ।ପ୍ରତ୍ୟେକ ମାସରେ ଏହି ଶିବିର ଅନୁଷ୍ଠିତ ହୋଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥାଏ । ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସେବା ସୂଚାରୁରୂପେ ଯୋଗାଇ ଦେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳ ଗୁମାର ଆୟୁଷ ଡକ୍ଟର ସୁଶ୍ରୀ ସଂଗୀତା ବେହେରା, ଦୁଃଖୁଗୁଡା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପଲ୍ଲବୀ ମାଟି, ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ଭାରତୀ ପହିଙ୍କ ସମତେ ସମସ୍ତ ଆଶାକର୍ମୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୫୫ ଜଣ ହିତାଧିକାରୀଙ୍କୁ ପରୀକ୍ଷା କରାଯିବା ସହିତ ୩୫ ଜଣ ଉଚ୍ଚରକ୍ତଚାପ ରୋଗୀ,୧୦ଟି ମଧୁମେହ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି ।




## ମଦ ଜବତ୍, ଗିରଫ ଅଭିଯୁକ୍ତକୁ ନୋଟିସ୍




ବୌଦ୍ଧ (ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ୧୧ ଘଣ୍ଟା ସମୟରେ ବାମଣ୍ଡା ନିକଟ ଏକ ଢାବାରୁ ୬୮ ଲିଟର ୪୮୦ ମିଲିଲିଟର ବିଦେଶୀ ମଦ ଜବତ ମାମଲାର ଗିରଫ ଅଭିଯୁକ୍ତକୁ ନୋଟିସ ଦେଇ ଛାଡିଦେଇଛି ବୌଦ୍ଧ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ବାମଣ୍ଡା ନିକଟ ଢାବାରେ ବୌଦ୍ଧ ପୋଲିସର ସ୍ୱତନ୍ତ୍ର ଟିମ ଚଢାଉ କରି ୬୮ ଲିଟର ୪୮୦ ମିଲିଲିଟର ବିଦେଶୀ ମଦ ଜବତ କରିଥିଲା ଓ ଉକ୍ତ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରା ଯାଇଥିଲା ।ଆଜି ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୩୫ ଧାରାରେ ନୋଟିସ୍ ଦେଇ ଛାଡି ଦେଇଥିବା ସୂଚନା ମିଳିଛି ।

## ଗଞ୍ଜେଇ ଜବତ ମାମଲାରେ ମହିଳାଙ୍କୁ କୋର୍ଟଚାଲାଣ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ପୋଲିସ ପକ୍ଷରୁ ଓଲଣ୍ଡା ଗ୍ରାମରୁ ୧୬୦ କେଜି ଗଞ୍ଜେଇ ଜବତ୍ ମାମଲାରେ ଗିରଫ ଜଣେ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଓଲଣ୍ଡା ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ବ୍ୟବସାୟ ଉଦ୍ଦେଶ୍ୟରେ ଗଞ୍ଜେଇ ମହଜୁଦ୍ ଥିବା ଖବର ପାଇ ବୌଦ୍ଧ ପୋଲିସ ଗୁରୁବାର ଦିନ ୧୦ ଘଣ୍ଟା ସମୟରେ ଚଢାଉ କରିଥିଲା । ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ପଛ ପାଖରୁ ବସ୍ତାମାନଙ୍କରୁ ଗଞ୍ଜେଇ ବାହାରିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୧ କ୍ୱିଣ୍ଟାଲ ୬୦ କେଜି ହୋଇଥିଲା। ଉକ୍ତ ମାମଲାରେ ପୋଲିସ୍ ମେନକା ସ୍ୱାଇଁ ମହିଳାଙ୍କୁ ଗିରଫ କରିବା ସହ ମହିଳାଙ୍କ ନାବାଳକ ପୁଅକୁ ମଧ୍ୟ ଥାନାକୁ ଆଣିଥିଲା। ଆଜି ଅପରାହ୍ନରେ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକକୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରା ଯାଇଥିବା ସୂଚନା ମିଳିଛି ।

## ମାଲକାନଗିରିରେ ଶିଶୁ ବିକ୍ରି ଅଭିଯୋଗ






ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାରେ ଶିଶୁ ବିକ୍ରି ଅଭିଯୋଗ । ମାତ୍ର ଦୁଇ ଘଣ୍ଟାର ନବଜାତ ଶିଶୁ ପୁତ୍ରକୁ ବିକ୍ରି କରୁଥିବାବେଳେ ମଧ୍ୟସ୍ଥିଙ୍କ ଠାରୁ ଉଭୟ ମାଆ ଓ ଶିଶୁକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛି ଜିଲ୍ଲା ଶିଶୁ ସୁରକ୍ଷା କମିଟି । ଖଇରପୁଟ ବ୍ଲକ ଅନ୍ତର୍ଗତ ଦୁମାଲିଗୁଡା ଗାଁ ର ସବିତା ବଟେଙ୍କ ପୂର୍ବରୁ ଦୁଇଟି କନ୍ୟା ସନ୍ତାନ ଥିବାବେଳେ ଗତକାଲି ସକାଳ ୬ ଟା ସମୟରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ସବୁଠାରୁ ବଡ କଥା ହେଉଛି ଯେ ସବିତା ପୁଣି ଥରେ ମାଆ ହେବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନାହିଁ । ଗର୍ଭବତୀ ହେବା ପରେ ମାଥିଲି ଥାନା ନିକଟରେ ଜଣେ ସଂପର୍କୀୟଙ୍କ ଘରେ ଆସି ତିନି ମାସ ରହିଥିଲେ ସବିତା ।ଗତକାଲି ସକାଳ ୬ଟା ସମୟରେ ସେଠାରେ ହି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ହେଲେ ସ୍ୱାମୀ ତାଙ୍କୁ ଆଉ ଗ୍ରହଣ କରୁନଥିବା ବେଳେ ତିନି ସନ୍ତାନକୁ କେମିତି ପାଳିବେ ଭାବି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ମା' ଗୃହରେ ରୋଷେୟା ସଞ୍ଜୁକ୍ତା ପାଳଙ୍କ ସହ ଆଲୋଚନା କରିବା ପରେ ଖଇରପୁଟର ଏକ ଦମ୍ପତିଙ୍କୁ ପୁତ୍ର ସନ୍ତାନ ବିକ୍ରି କରିବା ଲାଗି ସ୍ଥିର କରିଥିଲେ । ପୁତ୍ର ସନ୍ତାନ ଜନ୍ମ ହେବା ମାତ୍ର ଦେଢ଼ ଘଣ୍ଟା ପରେ ପୁତ୍ର ସନ୍ତାନଟିକୁ ବିକ୍ରୟ କରିବା ସମୟରେ ଟଙ୍କା ଲେନ ଦେନ ଚାଲିଥିବା ବେଳେ ଘଟଣାର ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସେଠାରେ ପହଞ୍ଚି ଉଭୟ ମାଆ ଓ ଶିଶୁକୁ ଉଦ୍ଧାର କରିଥିଲେ । ଘଟଣା ସଂପର୍କରେ ମାଥିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ ମାଆ ଓ ଶିଶୁକୁ ସ୍ୱଧାର ଗୃହରେ ରଖାଯାଇ ସେମାନଙ୍କ ଯତ୍ନ ନେବା ସହ ଚିକିତ୍ସା କରାଯାଉଛି ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସ୍ଥିତ ଜିପି ଗୋପାଳପୁର ଗ୍ରାମପଞ୍ଚାୟତ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ସଶକ୍ତିକରଣ ଅଭିଯାନ ଉଦ୍ଦେଶ୍ୟରେ ଆଇନ ସଚେତନତା ରଥକୁ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ପତାକା ହଲାଇ ଶୁଭ ଉଦଘାଟନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଅସହାୟ, ଦୁର୍ଦ୍ଦଶାଗ୍ରସ୍ତ ପରିସ୍ଥିତିରେ ରହୁଥିବା ଶିଶୁ, ନାବାଳିକା କିଶୋରୀ ମାନଙ୍କୁ ସୁରକ୍ଷା ଓ ସଚେତନତା ପାଇଁ ଏହି ରଥ ଗୋପାଳପୁର ଗ୍ରାମପଞ୍ଚାୟତର ୨୦ଟି ଗ୍ରାମକୁ ପରିକ୍ରମା କରି ସଚେତନତା ବାର୍ତ୍ତା ପହଞ୍ଚାଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଁଚି ସମସ୍ତ ଶିଶୁ ଓ କିଶୋରୀ ମାନେ ପ୍ଲାନ ଇଣ୍ଡିଆ ର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ସଚେତନତା କରାଇଥିଲେ ଓ ବିଭିନ୍ନ ହେଲ୍ପ ଲାଇନ ନମ୍ବର ବିଷୟରେ ଜାଣିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଖୋର୍ଦ୍ଧା ଓ ପ୍ଲାନ ଇଣ୍ଡିଆ ଦ୍ୱାରା ଶିଶୁମିତ୍ର, ଗ୍ରାମପଞ୍ଚାୟତ ପାଇଁ ସାମୁହିକ ପଦକ୍ଷେପ ପାଇଁ ସରପଞ୍ଚ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ । ସରପଞ୍ଚ ଶ୍ରୀ ବାରିକ ନିଜର ଆଭିମୁଖ୍ୟକୁ ଦସ୍ତଖତ ବ୍ୟାନରରେ ଲେଖି ସମାଜକୁ ଏକ ଶାନ୍ତି ସନ୍ଦେଶ ପ୍ରେରଣ କରିଥିଲେ । ଶିଶୁର ଟୀକାକାରଣ ପରି ଜନ୍ମ ପଞ୍ଜିକରଣ ମଧ ସମାନଭାବେ ଗୁରୁତ୍ୱପୂର୍ଣ୍ଣ, ବାଲ୍ୟ ବିବାହ ଏକ ସାମାଜିକ ଦଣ୍ଡନୀୟ ଅପରାଧ, ଶିଶୁ ଦଣ୍ଡନୀୟ ଅପରାଧ ଭଳି ଅନେକ ସୁରକ୍ଷିତ ଶୈଶବ ସମସ୍ତଙ୍କର ଦାୟିତ୍ୱ ଗୁଡିକ ଲେଖାଯାଇଥିବା ଲିଫଲେଟ ଗୁଡିକୁ ବଣ୍ଟନ କରିଥିଲେ ।

# ଆଇସିଏଆଇର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ'ରେ ଧର୍ମେନ୍ଦ୍ର




ସମ୍ବଲପୁର(ଭାସ୍କର ନ୍ୟୁଜ): ଦେଶରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସମୁଦାୟ ବୃଦ୍ଧି ପାଇଲେ ବ୍ୟବସାୟ ବୃଦ୍ଧି ପାଇବ । ଏହି କମ୍ୟୁନିଟିର ବନ୍ଧୁମାନେ କୃଷି ଉତ୍ପାଦ ସଂଗଠନ ତଥା ଏଫପିଓ, ଷ୍ଟ୍ରିଟ୍ ଭେଣ୍ଡର ବା ଉଠା ବ୍ୟବସାୟୀ ଏବଂ ଲକ୍ଷପତି ଦିଦି ଭଳି ବିଷୟ ସହ ଯୋଡିହେବା ଦରକାର । ଏହିଭଳି ବ୍ୟବସାୟକୁ ସହଯୋଗ କରିବା ଦରକାର । ସେମାନଙ୍କ ଆର୍ଥିକ ବ୍ୟବସ୍ଥା ବଢିଲେ ହିଁ ଆମର ବ୍ୟବସାୟରେ ଅଭିବୃଦ୍ଧି ଘଟିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଆଇଆଇଏମ ସମ୍ବଲପୁରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦଘାଟନୀ ଅଧିବେଶନରେ ଯୋଗଦେଇ ସିଏ ସମୁଦାୟକୁ ଏହି ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ଏହି ନିଆରା କର୍ମଶାଳାରେ ସାରା ଦେଶରୁ ଯୋଗଦେଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଶ୍ରୀ ପ୍ରଧାନ । 'ସକ୍ଷମ୍ - ବୃତ୍ତିଗତଙ୍କୁ ସଶକ୍ତ କରିବା, ପ୍ରଗତିକୁ ସକ୍ଷମ କରିବା' କଥାବସ୍ତୁ ଉପରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଦେଶର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି । ଆଗାମୀ ଦିନମାନଙ୍କରେ ଏହି କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ହେବ । ବିଶ୍ୱରେ ଭାରତର ପରିଚୟ ବଢିବ । ଭାରତର ଏହି ଯାତ୍ରାରେ ଆମର ସିଏ ସମ୍ପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯେ ଦେଶର ୱେଲଥ୍ କ୍ରିଏଟରଙ୍କୁ ସଠିକ୍ ସମ୍ମାନ ଦେଇଛନ୍ତି, ଯେଉଁଥିରେ ଆମର ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ୍ ଏକ କାଟାଲିଷ୍ଟ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଆମେ ୨୦୩୬ ସୁଦ୍ଧା ଓଡିଶାରେ ୧୦୦ ୟୁନିକର୍ଣ୍ଣର ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଷ୍ଟାର୍ଟଅପର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା କରିବାର ଯୋଜନା କରିଛୁ । ଏଥିପାଇଁ ଆମକୁ ଏକ ସକ୍ଷମ ଇକୋସିଷ୍ଟମ ଏବଂ ଉଦ୍ୟମିତା ବାତାବରଣ ବଢାଇବାକୁ ହେବ । ଆଇଡ଼ିଆରୁ ଇନୋଭେସନ, ଇନୋଭେସନରୁ ଟେକ୍ନୋଲୋଜି ଏବଂ ପୁଣି ଟେକ୍ନୋଲୋଜୀରୁ ସ୍କେଲ ଅପ୍ କରିବା ଆମର ପ୍ରାଥମିକତା ହେବା ଦରକାର । ଆଜି ସମଗ୍ର ଦେଶରେ ଆମର ଯୁବଶକ୍ତି ୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପରୁ ପ୍ରାୟ ୪୦ ଲକ୍ଷ କୋଟି ମୂଲ୍ୟର ତଥା ୭ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ଦେଉଛନ୍ତି । ଆମର ଯୁବବର୍ଗଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆମେ ନୂଆ ସୁଯୋଗ ଏବଂ ସାମାନ ମଞ୍ଚ ପ୍ରସ୍ତୁତ କରିବାକୁ ହେବ । ପୁରାତନ ବ୍ୟବସାୟକୁ ସମର୍ଥନ ଦେବା ସହିତ ନୂଆ ନୂଆ ବ୍ୟବସାୟକୁ ମଧ୍ୟ ଆଗକୁ ନେବାକୁ ହେବ । ଓଡ଼ିଶାର ପଶ୍ଚିମାଞ୍ଚଳରେ ଅପାର ସମ୍ଭାବନା ରହିଥିବା ବେଳେ ତାହାର କେନ୍ଦ୍ରବିନ୍ଦୁରେ ସମ୍ବଲପୁର ରହିଛି । ସମ୍ବଲପୁରକୁ ଏକ ଷ୍ଟାର୍ଟଅପର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନା ଅଛି । ଏଠାରେ ଟେକ୍ସଟାଇଲ, ଗାରମେଣ୍ଟ, କୃଷି-ଉତ୍ପାଦ ଓ ଡିଜିଟାଲ ପ୍ରକଳ୍ପ ଭଳି ଅନେକ କ୍ଷେତ୍ରରେ ସୁଯୋଗ ରହିଛି । ଆମର ସିଏ କମ୍ୟୁନିଟି ଏହି ସୁଯୋଗଗୁଡିକୁ ଚିହ୍ନଟ କରିପାରିଲେ ହିଁ ଆମର ଯୁବବର୍ଗ ଏବଂ ନିବେଶକମାନେ ଉପଯୁକ୍ତ ହୋଇପାରିବେ । ଏହି କର୍ମଶାଳା ଆଇସିଏଆଇକୁ ସ୍ଥାନୀୟ ପ୍ରତିଭାଶାଳୀ ଯୁବବର୍ଗ ଏବଂ ପ୍ରତିଭାଙ୍କୁ ଖୋଜିବାରେ ସହାୟକ ହେବ । ଶ୍ରୀ ପ୍ରଧାନ ଆଇଆଇଏମ ସମ୍ବଲପୁରକୁ ଆସନ୍ତା ୫ ବର୍ଷରେ ଏକ ସବୁଜ ବନାଞ୍ଚଳ ଭାବରେ ବିକଶିତ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବର୍ତ୍ତମାନ ସମୟରୁ ବୃକ୍ଷରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ସଠିକ୍ ପଦକ୍ଷେପ ନେବାକୁ ହେବ । ଆମେ ସମ୍ବଲପୁରକୁ ଏକ ସ୍ଥାୟୀ, ସବୁଜ ଓ ସ୍ୱଚ୍ଛ ସହର ବନାଇବା ଦରକାର ଏବଂ ଏହାର ଆରମ୍ଭ ଛୋଟ-ଛୋଟ ପଦକ୍ଷେପ ଦ୍ୱାରା ସମ୍ଭବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରୁଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ୨୪୫ କୋଟି ଟଙ୍କାରେ କଟକ ରିଙ୍ଗ୍‌ରୋଡ୍ କରିଡର୍

କଟକ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ୱାର୍କ୍ସ ବିଭାଗ ପକ୍ଷରୁ ୨୪୫ କୋଟି ଟଙ୍କାରେ ୭ କିମି ବିଶିଷ୍ଟ ସିକ୍ସ ଲେନ୍ କଟକ ରିଙ୍ଗରୋଡ୍ କରିଡର୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । କଟକର ଖାନନଗରଠାରୁ କାଠଯୋଡି କୂଳେ କୂଳେ ଚୁଡିସିଆଲ୍ ଏକାଡେମୀ ପର୍ଯ୍ୟନ୍ତ ଏହି ରିଙ୍ଗରୋଡ୍ ନିର୍ମାଣ କରାଯିବ । ସହରାଞ୍ଚଳ ସହିତ ଯୋଗାଯୋଗ ବୃଦ୍ଧି ଏବଂ କଟକ ସହରରେ ଭିଡ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ୱାର୍କ୍ସ ବିଭାଗ ପକ୍ଷରୁ ଏପରି ଯୋଜନା ପ୍ରସ୍ତୁତ କରାଯାଇଛି । ମୌସୁମୀ ପ୍ରବାହ ପୂର୍ବରୁ ଏହି ପ୍ରକଳ୍ପ ଆରମ୍ଭ ହେବ ଏବଂ ୧୮ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ । ଏଥିପୂର୍ବରୁ ପ୍ରାଥମିକ ସର୍ଭେ, ପରିବେଶ ବ୍ୟବସ୍ଥା, ଜମି ସର୍ଭେ, ଫିଜିବିଲିଟି ସର୍ଭେ କାର୍ଯ୍ୟ ଶେଷ ହୋଇଛି । ଏହା ଦ୍ୱାରା ସହରାଞ୍ଚଳ ଟ୍ରାଫିକ୍ ବ୍ୟବସ୍ଥାରେ ଉନ୍ନତି ହେବା ସହିତ ଆବାସିକ, ସ୍ଥାନୀୟ ବ୍ୟବସାୟ, ଯୋଗାଯୋଗରେ ସହାୟକ ହେବ । ଗତ ଏପ୍ରିଲ୍ ମାସରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ବାରଙ୍ଗ ତହସିଲ୍ ନିକଟରେ ୨ ଶହ ଏକର ଜମି ଅଧିଗ୍ରହଣ କରିବା ପାଇଁ ପ୍ରସ୍ତାବ ନିଆଯାଇଛି । ଏହି ଦୁଇ ଶହ ଏକର ଜମିରେ ପରିବେଶ ଉପଯୋଗୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ । ଏହି ଦୁଇ ଶହ ଏକର ଜମି ମଧ୍ୟରୁ ୬୦ ଭାଗ ଅଂଚଳରେ ବୃକ୍ଷରୋପଣ କରାଯିବ । ଏଥିସହିତ ବଳକା ଜମିରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଖେଳପଡିଆ, ପାର୍କ, ଜିମ୍ନାସିୟମ୍ ଆଦି ନିର୍ମାଣ କରାଯିବ । ସେହିପରି ଗତ ଜାନୁୟାରୀ ମାସରେ ହଳମକ୍ ଗୁଜୁରାଟର ସାବରମତୀ ରିଭରଫ୍ରଣ୍ଟ୍ ଶୈଳୀରେ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପ ନିମନ୍ତେ ୨୨୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ପ୍ରଥମ ଦଫାରେ ୩.୫ କିଲୋମିଟର କାର୍ଯ୍ୟ ପାଇଁ ୩୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ ସାଂସ୍କୃତିକ କେନ୍ଦ୍ର, ଫାର୍କ, ହେରିଟେଜ୍ ଗ୍ରାମ ରହିବ । ସେହିପରି ୩୪ ଏକର ଜମି ବାଲିଯାତ୍ରା ପଡିଆ ନିମନ୍ତେ ରଖାଯାଇଛି । ତେବେ ଉପରୋକ୍ତ ଦୁଇ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କଟକ ସହର ସମେତ ଏହାର ଆଖପାଖ ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇବ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣିଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଅବଦାନ ଓ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ଉନ୍ନତି ପାଇଁ ତାଙ୍କର ଉଦ୍ୟମ ଚିରସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

# ୨୯ରେ ସାଂସଦ ଦିପେନ୍ଦର ହୁଡ୍ଡା ଜୟହିନ୍ଦ ଯାତ୍ରାରେ ଯୋଗଦେବେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୯ ତାରିଖ ଦିନ ଅଖିଳ ଭାରତ ଜାତୀୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଭୁବନେଶ୍ୱର ଠାରେ 'ଜୟହିନ୍ଦ' ଯାତ୍ରା ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଜାତୀୟ କଂଗ୍ରେସର ସାଂସଦ ଦିପେନ୍ଦର ହୁଡ୍ଡା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ପିସିସିର କାର୍ଯ୍ୟକର୍ତ୍ତା, ବିଭାଗ, ଜିଲ୍ଲା ସଭାପତି, ପ୍ରକୋଷ୍ଠ, ବିଭାଗ ଓ ଛାମୁଆ ସଂଗଠନର ନେତୃବୃନ୍ଦ ତଥା ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

# ପ୍ରାକ ମୌସମୀ ବର୍ଷା ପ୍ରଭାବରୁ ଅମଳ ଧାନର ସୁରକ୍ଷା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବଶିଘ୍ର ପ୍ରାକ ମୌସମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକୀୟ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଚାଷୀମାନଙ୍କୁ ଆଗୁଆ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି । ଏଥି ନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡେଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି । ଏତଦବ୍ୟତୀତ ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଓଆରଏସ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷଣ ନଜର ରଖାଯିବା ସହ ମଣ୍ଡିରୁ ମିଲକୁ ଯାଉଥିବା ଧାନ ଗୁଡିକ ଉପରେ ମଧ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସାଧାରଣ ବଣ୍ଟନ ସାଧାରଣ ପରିଚାଳକ ସୁଧାକର ଶବର, ଧାନ ସଂଗ୍ରହ ସାଧାରଣ ପରିଚାଳକ ଶ୍ରୀମତୀ ଏଲୋରା ସାମଲ, ପ୍ରଶାସନିକ ସାଧାରଣ ପରିଚାଳକ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## କେରଳ ଛୁଇଁଲା...

ମେ ୩୧, ୨୦୦୯ ମେ ୨୩, ୨୦୦୮ ମେ ୩୧, ୨୦୦୭ ମେ ୨୮, ୨୦୦୬ ମେ ୨୬, ୨୦୦୫ ଜୁନ୍ ୫, ୨୦୦୪ ମେ ୧୮, ୨୦୦୩ ଜୁନ୍ ୮, ୨୦୦୨ ମେ ୨୯, ୨୦୦୧ ମେ ୨୩ ଓ ୨୦୦୦ ମସିହା ଜୁନ ୧ରେ କେରଳ ଉପକୂଳ ଛୁଇଁଥିଲା ।

## ୨୮ରେ କେନ୍ଦ୍ର...

ମଧ୍ୟରୁ ୮୧ଜଣ ସୁସ୍ଥ ହୋଇ ଫେରିଛନ୍ତି । ଗତ ୨୩ ତାରିଖରେ ବେଙ୍ଗାଲୁରୁରେ ଏକ ୯ମାସର ଶିଶୁ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ତେଲଙ୍ଗାନାରେ ମଧ୍ୟ କରୋନା ବ୍ୟାପିବାରେ ଲାଗିଛି । ଜାତୀୟ ରାଜଧାନୀ ଦିଲ୍ଲୀରେ କରୋନା ମାମଲା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୩ଟି ସକ୍ରିୟ ମାମଲା ଚିହ୍ନଟ କରାଯାଇଛି । ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ଥିତିର ସମୀକ୍ଷା ସହ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ କେରଳରେ ବର୍ତ୍ତମାନ ସୁଦ୍ଧା ୨୭୩ଟି ମାମଲା ଚିହ୍ନଟ ହୋଇଛି, ଯାହାକି ସବୁଠୁ ସର୍ବାଧିକ ବୋଲି କୁହାଯାଉଛି । କେରଳ ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଅନ୍ୟପକ୍ଷରେ କରୋନା ବ୍ୟାପୁଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୨୮ ତାରିଖରେ ସବୁ ରାଜ୍ୟସହ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । କେବଳ ଭାରତ ନୁହେଁ, ଥାଇଲାଣ୍ଡ, ଚୀନ, ହଂକଂ ଓ ସିଙ୍ଗାପୁରରେ ମଧ୍ୟ ନୂଆ ଭାରିଆଣ୍ଟ ବ୍ୟାପିବାରେ ଲାଗିଛି । ଏହି ରୋଗରେ ଯିଏ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ନାକରୁ ପାଣି ବହିବା, ପ୍ରବଳ କାଶ ହେବା, ମୁଣ୍ଡ ବିନ୍ଧିବା, ଜ୍ୱର ଏବଂ କିଛି କ୍ଷେତ୍ରରେ ଆଘ୍ରାଣ କ୍ଷେତ୍ରର ହ୍ରାସ ଘଟୁଥିବା ଦେଖିବାକୁ ମିଳୁଛି । ତେବେ ମୋଟାମୋଟି ଏଥିପାଇଁ ସତର୍କ ରହିବାକୁ ସ୍ୱାସ୍ଥ୍ୟବିଭାଗ ପରାମର୍ଶ ଦେଇଛି ।

## ୧୨ରେ ବିକଶିତ...

ଲକ୍ଷ୍ୟ ରଖାଯାଇଛି । ଏଥିସହ ରେଳପଥ ଓ ବିମାନ ସେବାର ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ୧୮ରୁ ୫୯ବର୍ଷୀୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି । ଆୟୁଷ୍ମାନ ଭାରତ ଓଡ଼ିଶାରେ ଲାଗୁ ହେବା ଆମପାଇଁ ଏକ ବଡ଼ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ସେ କହିଥିଲେ, ବିକଶିତ ଭାରତ ୨୦୪୭ ପାଇଁ ବିକଶିତ ଓଡ଼ିଶାର ଭିଜନ ଅତ୍ୟନ୍ତ ଜରୁରି ।

## ୩୦ଲକ୍ଷର ସହାୟତା...

ଦେଖି ଶିକାରୀମାନେ ହଠାତ ଗୁଳିଚାଳନା କରିଥିଲେ । ଫରେଷ୍ଟଗାର୍ଡ ପ୍ରହ୍ଲାଦଙ୍କ ପେଟରେ ଗୁଳିଟି ପଶିଯାଇଥିଲା । ୩ ଅଭିଯୁକ୍ତ ଗିରଫ ହୋଇଥିଲେ ମଧ୍ୟ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇନାହିଁ । ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିବା ସହ ମୃତ ଫରେଷ୍ଟଗାର୍ଡ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ଏଥିସହ ନିକଟ ସଂପର୍କୀୟ ଆତ୍ମୀୟଙ୍କ ପାଇଁ ୩୦ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## ବିକଶିତ ଭାରତ...

ଅଧ୍ୟକ୍ଷତା କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସେ କହିଛନ୍ତି, ଆମେ ଏଭଳି କାମ କରିବା ଉଚିତ, ଯେପରି ନୀତିଗୁଡ଼ିକ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବ । ଯେମିତି ଲୋକେ ପରିବର୍ତ୍ତନ ଅନୁଭବ କରିପାରିବେ । ଏହାହିଁ ପରିବର୍ତ୍ତନକୁ ମଜବୁତ କରିବ ଏବଂ ଏହାକୁ ଏକ ଆନ୍ଦୋଳନରେ ରୂପାନ୍ତରିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ କହିଥିଲେ, ଆମେ ଗୋଟିଏ ଟିମ୍ ଭାବେ କାମ କରି ୧୪୦ କୋଟି ଲୋକଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ବିରାଟ ସୁଯୋଗ ପାଇଛୁ । ଦେଶର ବିକାଶ ପାଇଁ ଟିମ୍ ଇଣ୍ଡିଆ ଭଳି କାମ କରିବାକୁ ପଡ଼ିବ । ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜ ନିଜ ରାଜ୍ୟରେ ଗୋଟିଏ ଲେଖାଏଁ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବେ । ଭାରତରେ ଦ୍ରୁତଗତିରେ ସହରୀକରଣ ହେଉଛି । ଆମକୁ ଭବିଷ୍ୟତ ପାଇଁ ସହରଗୁଡ଼ିକ ଦିଗରେ କାମ କରିବାକୁ ପଡ଼ିବ । ଅଭିବୃଦ୍ଧି, ନବସୃଜନ ଓ ସ୍ଥିରତା ଆମ ସହରଗୁଡ଼ିକର ଇଞ୍ଜିନ ହେବା ଉଚିତ ବୋଲି ସେ ମତ ଦେଇଥିଲେ । ସେ କହିଥିଲେ, ଆମକୁ ବିକାଶର ଗତି ବୃଦ୍ଧି କରିବାକୁ ପଡ଼ିବ । ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ । ପ୍ରତ୍ୟେକ ରାଜ୍ୟର ବିକାଶ ଘଟିଲେ ହିଁ ଭାରତ ବିକାଶ କରିବ । ଏହି ବୈଠକରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଜିଡିପି ଅଭିବୃଦ୍ଧି, ଜନସଂଖ୍ୟା ପରିଚାଳନା ଏବଂ ଏଆଇ ଲାଭ ପାଇଁ ତିନୋଟି ଉପଗୋଷ୍ଠୀ ଗଠନ ନିମନ୍ତେ ପ୍ରସ୍ତାବ ଦେଇଥିଲେ, ଯାହାକୁ ମୋଦୀ ପ୍ରଶଂସା କରିଥିଲେ । ତେବେ ଏହି ବୈଠକରେ କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଯୋଗ ଦେଇନଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିକଶିତ ଓଡ଼ିଶା ଭିଜନ ଉପରେ ମତ ଦେଇଥିଲେ । ତେବେ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ବୈଠକରେ ସାମିଲ ହୋଇଥିଲେ ।

## ଭୁଶୁଡୁଛି...

ବହୁ ବିସ୍ଫୋରକ ଜବତ କରାଯାଇଛି । ସେହି ଅଞ୍ଚଳରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି । ଅନ୍ୟପକ୍ଷରେ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଶନିବାର ୨୪ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସିଆରପିଏଫ ଡିଆଇଜି ରାକେଶ କୁମାର ଏବଂ ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ନିକଟରେ ଏହି ୨୪ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମୁଣ୍ଡପାଇଁ ୮୮ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସୂଚନାଅନୁଯାୟୀ ମହାରାଷ୍ଟ୍ର ଓ ଛତିଶଗଡ଼ ସୀମାନ୍ତରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ମେଲଗୁଣ୍ଡା ଓ ଇନ୍ଦ୍ରାବତୀ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହୋଇଥିଲା । ଏହି ସମୟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଦୀର୍ଘ ସମୟଧରି ଗୁଳି ବିନିମୟ ହୋଇଥିଲା । ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ । ଅନ୍ୟପକ୍ଷରେ ମାଓନେତା ହିଡମାକୁ ମୃତ କିମ୍ବା ଜୀବିତ ଅବସ୍ଥାରେ ଧରିବାପାଇଁ ସୁରକ୍ଷାକର୍ମୀ ଅପରେସନ ଜାରି ରଖିଛନ୍ତି । ଛତିଶଗଡ଼ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି ସେମାନଙ୍କୁ ପୁନର୍ବାସ, ନିଯୁକ୍ତି ଓ ଶିକ୍ଷାଭଳି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ସରକାରଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନୀତି ଅନୁଯାୟୀ ସମସ୍ତଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି । ରବିବାର ଆତ୍ମସମର୍ପଣ କରିଥିବା ୨୪ ମାଓବାଦୀଙ୍କ ମଧ୍ୟରେ ପିଏଲଜିର ୨ ନମ୍ବର ଟପ୍ ନେତା ରାକେଶ ରହିଥିବା ସୂଚନା ଦିଆଯାଇଛି ।

# ଯୁବକଙ୍କୁ ହାଣି ହତ୍ୟା କଲେ ବାପ-ପୁଅ

ଟାଙ୍ଗୀ (ଭାସ୍କର ନ୍ୟୁଜ): ଯୁବକଙ୍କୁ ହାଣି ମର୍ଡର କଲେ ବାପ-ପୁଅ । କାଳୁପଡାଘାଟ ନିକଟସ୍ଥ ଜରିପଡା ଗ୍ରାମର ଡିଗିରିସାହି ଛକରେ ଯୁବକଙ୍କୁ ମର୍ଡର କରାଯାଇଛି । ସାମାନ୍ୟ କଥାକୁ କେନ୍ଦ୍ର କରି ବାପ-ପୁଅ ଦୁହେଁ ହାଣିଲେ । ସେହିଠାରେ ହିଁ ଯୁବକଙ୍କ ମୃତ୍ୟୁ ହୋଇଗଲା । ମୃତକ ଜଣକ ହେଉଛନ୍ତି କାଳୁପଡାଘାଟ ଅଞ୍ଚଳର ତଥା ଜରିପଡା ଗ୍ରାମ ଡିଗିରିସାହି ର ଅରବିନ୍ଦ ବେହେରା ( ୨୫ ବର୍ଷ ) । ସେହି ଗାଁର ଗୋପି ବେହେରା ଓ ତା'ର ପୁଅ ରଘୁ ବେହେରା ଦୁହେଁ ସାମାନ୍ୟ କଥାକୁ ନେଇ ଅରବିନ୍ଦ ବେହେରାଙ୍କ ସହିତ ଗଣ୍ଡଗୋଳ କଲେ । ପରେ ପରେ ବାପ-ପୁଅ ଦୁହେଁ ହଠାତ୍ ଏକ ମାରଣାସ୍ତ୍ରରେ ଅରବିନ୍ଦ ବେହେରାଙ୍କ ମୁଣ୍ଡକୁ ଚୋଟ ପରେ ଚୋଟ ମାରିଲେ । ଆଉ ସେହିଠାରେ ହିଁ ଅରବିନ୍ଦ ବେହେରା ରକ୍ତ ଜୁଡୁବୁଡୁ ହୋଇ ଟଳିପଡିଲେ । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ କାଳୁପଡାଘାଟ ସ୍ଥିତ ଜରିପଡା ଗାଁର ଡିଗିରିସାହି ଛକରେ ଘଟିଛି ଏହି ହତ୍ୟାକାଣ୍ଡ । ଟାଙ୍ଗୀ ପୋଲିସ ପକ୍ଷରୁ ତନାଘନା ଆରମ୍ଭ । ମର୍ଡର ପରେ ହତ୍ୟାକରୀ ବାପ-ପୁଅ ଦୁହେଁ ଚମ୍ପଟ ।

# ବଜ୍ରପାତରେ ଯୁବକଙ୍କ ଜୀବନ ଗଲା

ଖୋରଧା (ଭାସ୍କର ନ୍ୟୁଜ): ବଜ୍ରାଘାତରେ ଯୁବକଙ୍କ ଜୀବନ ଗଲା । ଘଟଣା ଘଟିଛି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ-ମଙ୍ଗଳାଯୋଡ଼ି ଗାଁ କୁ ସଂଯୋଗ କରୁଥିବା ରାସ୍ତାରେ ଥିବା ବର-ଅଶ୍ୱସ୍ତ ଗଛ ନିକଟରେ । ଯୁବକ ଜଣକ ଭଉଣୀ ଘରକୁ ସାବିତ୍ରୀ ଭାର ନେଇ ରାସ୍ତାରେ ଯାଉଥିବା ବେଳେ ଅଚାନକ ବର୍ଷା ସହ ବିଜୁଳି ମାରିଥିଲା । ସେହି ସମୟରେ ରାସ୍ତାରେ ଥିବା ଏକ ବର-ଅଶ୍ୱସ୍ତ ଗଛ ନିକଟରେ ଆଶ୍ରୟ ନେଇଥିଲେ । ହେଲେ, କିଏ ଜାଣିଥିଲା ଏଭଳି ଏକ ଦୈବ ଦୁର୍ଘଟଣା ଘଟିବ ବୋଲି । ଆଉ ସେହିଠାରେ ହିଁ ବଜ୍ରାଘାତ ଯୋଗୁଁ ଯୁବକଙ୍କ ପ୍ରାଣବାୟୁ ଚାଲି ଯାଇଥିଲା । ମୃତ ଯୁବକ ଜଣକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ନିକଟସ୍ଥ କନ୍ତଳବାଇ ଗାଁର ଅଭୟ ମହାପାତ୍ର ।

## NOTICE

By virtue of an affidavit sworn before the Notary Public, Bhubaneswar, dated: 05.05.2025, I, Pravin Gouda, resident of At- Banae, Post- Badakharida, Ps- Kabisuryanagar, Dist- Ganjam, PIN-761041, declares that I have changed my name from Dipu Gouda to Pravin Gouda. Henceforth I shall be known as Pravin Gouda for all purposes.

**Sd/- Pravin Gouda**

## NOTICE

By virtue of an affidavit sworn before the Notary Public, Bhubaneswar, dated: 05.05.2025, I, Choudhury Gour Prasanna Misra, resident of Plot No. N4/224, IRC village, Nayapalli, Bhubaneswar, Khordha, PIN-751015, declares that I have changed my name from Gour Prasanna Misra to Choudhury Gour Prasanna Misra. Henceforth, I shall be known as Choudhury Gour Prasanna Misra for all purposes.

**Sd/- Choudhury Gour Prasanna Misra**

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 22.05.2025, I Sidhanta Bhoi, Address: At- Tikarpada, Po- Kalyanpur Sasan, Ps- Dhauli, Bhubaneswar, Dist- Khordha, Odisha, PIN- 751002, declare that I have changed my name from Sridhanta Bhoi to Sidhanta Bhoi. Henceforth, I shall be known as Sidhanta Bhoi for all purposes.

**Sd/- Sidhanta Bhoi**

## AFFIDAVIT

By virtue of an affidavit sworn before the Notary Public, Anandapur, Keonjhar, dated: 16.05.2025, I, Lakhan Sundi, Address: village- Badakusapada, Po- Manoharpur, Ps- Anandapur, Dist- Keonjhar, Odisha, PIN- 758021, declare that I have changed my son's name from Suresh Sundi to Surendra Sundi. Henceforth, he shall be known as Surendra Sundi for all purposes.

**Sd/- Lakhan Sundi**

## AFFIDAVIT

By virtue of an affidavit sworn before the Executive Magistrate, Pattamundai, dated: 13.05.2025, I, Kabita Das, Address: At- Jariabad, Po- Basupur, Ps- Pattamundai, Dist- Kendrapara, Odisha, PIN-754222, declare that I have changed my son's name from Subash Chandra Das to Soubhagya Das. Henceforth, he shall be known as Soubhagya Das for all purposes.

**Sd/- Kabita Das**

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-370E, ତା.21.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ବୁଢ଼ାପଙ୍କ-ଜରପଡ଼ା ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ ସମ୍ବନ୍ଧୀୟ ତାଳଚେର ରୋଡ଼ TSS ନିମନ୍ତେ ଫିଡର ସହିତ ବୁଢ଼ାପଙ୍କ ୟାର୍ଡ, ବୁଢ଼ାପଙ୍କ-ତାଳଚେର ରୋଡ଼ ସେକ୍ସନର ବଳକା ଥିବା କାର୍ଯ୍ୟର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 847.91 ଲକ୍ଷ, EMD : ₹ 5,74,000/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-33/CI/25-26

## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, चक्रधरपुर

E-mail : rwdchakradharpur@gmail.com

### ई0– अल्पकालीन पुनर्निविदा आमंत्रण सूचना

ई0– अल्पकालीन पुनर्निविदा संख्या :– 05/R1/2024-25/RWD/CHAKRADHARPUR दिनांक–23.05.2025

कार्य का विवरण – मुख्यमंत्री ग्राम सड़क योजना (शीर्ष 4515) अन्तर्गत।

कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० | आईडेन्टी फिकेशन संख्या | प्रखण्ड का नाम | योजना का नाम | प्राक्कलित राशि (लाख में) अंक में (लाख में) | अक्षर में (रूपये में) | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| 1 | RWD/ CHAKRADHARPUR /11/2024-25 | आनन्दपुर | बुरूकसाई से पतियार तक पथ निर्माण कार्य। (लम्बाई 4.40 कि०मी०) | 560.958 | पाँच करोड़ साठ लाख पंचानब्बे हजार आठ सौ मात्र। | 18 माह | द्वितीय |
| 2 | RWD/ CHAKRADHARPUR /12/2024-25 | आनन्दपुर | समीज से जोरोबाड़ी होते हुए उन्दुदा तक पथ निर्माण कार्य। (लम्बाई 4.40 कि०मी०) | 568.642 | पाँच करोड़ अडसठ लाख चौंसठ हजार दो सौ मात्र। | 18 माह | द्वितीय |

2. बेवसाईट में निविदा प्रकाशन की तिथि : 26.05.2025
3. ई– निविदा प्राप्ति की अंतिम तिथि एवं समय :– 02.06.2025 अपराह्न 5:00 बजे।
4. निविदा खोलने की तिथि एवं समय: 04.06.2025 अपराह्न 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शूल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
7. ई–निविदा प्रकोश्ठ का दूरभाश सं०–7970758588

विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।

ह०/–
कार्यपालक अभियंता
ग्रा० का० वि०, कार्य प्रमंडल, चक्रधरपुर

PR 353407 West Singhbhum(25-26)#D

## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय
## कम्बाईण्ड बिल्डिंग, प्रथम तल्ला, एल०सी० रोड, धनबाद

### ई– निविदा आमंत्रण सूचना

ई–निविदा संख्या:- 01/RWD/DHANBAD/25-26 दिनांक :- 23.05.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | DMFT 14/ 24-25 | बाघमारा | बाघमारा प्रखण्ड अन्तर्गत हटिया ग्राउड पाण्डेयडीह ध्रुव ताला के घर से खानुडीह स्टेशन दक्षिण दिशा बुकिंग काउन्टर तक पथ निर्माण (लम्बाई – 0.430 कि0मी0) | 71.781 | एकहतर लाख अठहतर हजार एक सौ | 06 माह | प्रथम |
| 2 | DMFT 15/ 24-25 | निरसा | निरसा प्रखण्ड अन्तर्गत पहाड़गोड़ा स्कूल से भमशान घाट नदी तक पथ निर्माण (लम्बाई –1.00 कि0मी0) | 96.971 | छियानवे लाख संतानवे हजार एक सौ | 06 माह | प्रथम |
| 3 | DMFT 16/ 24-25 | निरसा | निरसा प्रखण्ड अन्तर्गत मथुरायडीह से बनकुली अंगुलकाटा तक पथ निर्माण (लम्बाई –1.00 कि0मी0) | 74.801 | चौहतर लाख अस्सी हजार एक सौ | 06 माह | प्रथम |
| 4 | DMFT 17/ 24-25 | निरसा | निरसा प्रखण्ड अन्तर्गत ग्राम रामकनाली माडोईधाम क्लब से एन0एच0 2 तक पथ निर्माण(लम्बाई – 0.400 कि0मी0) | 36.727 | छतीस लाख बहतर हजार सात सौ | 04 माह | प्रथम |
| 5 | DMFT 01/ 25-26 | झरिया | झरिया अंचल अन्तर्गत होरलाडीह रेलवे फाटक से अम्बेडकर चौक जामाडोबा पुटकी मुख्य पथ तक पथ निर्माण कार्य (लम्बाई –1.20 कि0मी0) | 135.743 | एक करोड़ पैतीस लाख चौहतर हजार तीन सौ | 09 माह | प्रथम |
| 6 | DMFT 02/ 25-26 | झरिया | झरिया अंचल अन्तर्गत बागडिगी हाथी तालाब से कर्बला रोड होते हुए एल्युमिनियम क्वार्टर तक पथ निर्माण कार्य (लम्बाई –1.85 कि0मी0) | 138.364 | एक करोड़ अड़तीस लाख छतीस हजार चार सौ | 09 माह | प्रथम |
| 7 | DMFT 03/ 25-26 | झरिया | झरिया अंचल अन्तर्गत भोटियापट्टी राजकुमार राम के घर से सामुदायिक भवन तक पथ निर्माणकार्य (लम्बाई –1.40 कि0मी0) | 117.058 | एक करोड़ सतरह लाख पॉच हजार आठ सौ | 09 माह | प्रथम |

2. वेबसाईट में निविदा प्रकाशन की तिथि :– **02.06.2025**
3. ई–निविदा प्राप्ति की अंतिम तिथि एवं समय :– **10.06.2025** अपराह्न 5.00 बजे तक।
4. निविदा खोलने की तिथि एवं समय :– **12.06.2025** अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR.NO.353443 Rural Work Department(25-26):D



ନୂଆଦିଲ୍ଲୀ: ପହଲଗାମରେ ଆତଙ୍କୀଙ୍କ ନରସଂହାର କାର୍ଯ୍ୟପରେ, ଅପରେଶନ ସିନ୍ଦୂର କରିଥିଲେ ଭରତୀୟ ସେନା । ଏକାବେଳକେ ଆତଙ୍କୀଙ୍କ ଆଡ୍ଡାକୁ ଟାର୍ଗେଟ କରି ଉଡାଇ ଦିଆଯାଇଥିଲା। ପରେ ପୂରା ଅପରେଶନ୍ ସିନ୍ଦୂରକୁ ସାମ୍ବାଦିକ ସମ୍ମିଳନୀ ମଧ୍ୟମରେ ଜଣାଇଥିଲେ ସୋଫିଆ କ୍ୟୁରେଶୀ। ପରେ ପାକ୍- ଭାରତ ମଧ୍ୟରେ କିଛି ଦିନ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ମଧ୍ୟରେ ପାକ୍ ସ୍ୱାଏ ନେଇ ଭାରତର କେତେ ଜଣ ୟୁଟ୍ୟୁବରଙ୍କୁ ମଧ୍ୟ ଉଠାଇ ନେଇଥିଲା କେନ୍ଦ୍ରୀୟ ତଦନ୍ତକାରୀ ଟିମ୍। ତେବେ ଏହା ମଧ୍ୟରେ ବର୍ତ୍ତମାନ ସୀମାରୁ ଏକ ଦୃଶ୍ୟ ଦେଖିବାକୁ ମିଳୁଛି। ଶୁନଶାନ ଅନ୍ଧାର ରାତିରେ ଦେଶ ସୀମାରେ ଭାରତ ମାତାର ସାହସୀ ଝିଅ। ସିମନ୍ତୁ ସିନ୍ଦୂରର ବଦଲା ଓ ଦେଶ ମାତୃକାର ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ସାଜିଛନ୍ତି ଭାରତର ସାହସୀ ମହିଳା ସୀମା ସୁରକ୍ଷା ବଳ। ଯାହା ଏବେ ଚର୍ଚ୍ଚାକୁ ଆସିଛି। ଭାରତ ମା'କୁ ସୁରକ୍ଷା ଦେଉଛନ୍ତି ଜଣେ ଜଣେ ନାରୀ। ଯାହା ଏବେ ଚର୍ଚ୍ଚାକୁ ଆସିଛି।



# ମାତୃତ୍ୱ ଛୁଟିକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



ନୂଆଦିଲ୍ଲୀ: କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଅଧିକାରକୁ ନେଇ ସ ସୁପ୍ରିମକୋର୍ଟ ଶନିବାର ଏକ ଗୁରତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାମାନଙ୍କର ଏକ ସାମ୍ବିଧାନିକ ଅଧିକାର। ଏପରି କି ୩ୟ ସନ୍ତାନ ପାଇଁ ବି ମହିଳା ଏହି ଛୁଟି ନେଇପାରିବେ ବୋଲି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ତୃତୀୟ ସନ୍ତାନ ପାଇଁ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ମାତୃତ୍ୱ ଛୁଟି ଦିଆଯାଇପାରିବ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଦେଇଥିବା ରାୟକୁ ଖାରଜ କରି, ମାତୃତ୍ୱ ଛୁଟି କେବଳ ଏକ ସାମାଜିକ ନ୍ୟାୟ ନୁହେଁ, ବରଂ ଏକ ସାମ୍ବିଧାନିକ ଗ୍ୟାରେଣ୍ଟି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିଚାରପତି ଅଭୟ ଏସ. ଓକା ଏବଂ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଥିଲେ, କାର୍ଯ୍ୟରତ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ରକ୍ଷା କରିବା ଦିଗରେ ମାତୃତ୍ୱ ଛୁଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ସମୟରେ କାର୍ଯ୍ୟଶକ୍ତିର ଏକ ବଡ଼ ଅଂଶ ହେଉଛନ୍ତି ମହିଳା। ସେମାନଙ୍କୁ ସମ୍ମାନ ଏବଂ ମର୍ଯ୍ୟାଦାର ସହିତ ବ୍ୟବହାର କରାଯିବା ଜରୁରୀ। ମହିଳା ନିଜର ଶକ୍ତିକୁ ଫେରିପାଇବା, ନିଜ ସନ୍ତାନର ଲାଳନପାଳନ କରିବା ଏବଂ କାର୍ଯ୍ୟ ଦକ୍ଷତା ବଜାୟ ରଖିବା ଦିଗରେ ମାତୃତ୍ୱ ଛୁଟି ସାହାଯ୍ୟ କରିଥାଏ। ମହିଳାଙ୍କର ଉଭୟ ଶାରିରୀକ ଏବଂ ମାନସିକ ସ୍ଥିତିକୁ ଗର୍ଭଧାରଣ ପ୍ରଭାବିତ କରିଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ଖଣ୍ଡପୀଠ କହିଛନ୍ତି।

# ବଲୋଚ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍ଏ



କ୍ୱେଟା: ଶନିବାର ବଲୋଚ ବିଦ୍ରୋହୀମାନେ ପୁଣିଥରେ ପାକିସ୍ତାନ ସେନା ଉପରେ ଏକ ବଡ଼ ଆକ୍ରମଣ କରିଛନ୍ତି। ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ହୋଇଥିବା ଆକ୍ରମଣରେ ଅନେକ ସୈନିକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ରହିଛି। ଏହି ଆକ୍ରମଣ ଦୁଇଟି ଭିନ୍ନ ସ୍ଥାନରେ ହୋଇଥିଲା। କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ ହୋଇଥିଲା। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ମୁକ୍ତି ବାହିନୀ ନିଜକୁ ଦାୟୀ କରିଛି। କୁହାଯାଉଛି ଯେ ବିଏଲଏ ବରିଷ୍ଠ ବଲୋଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନେଇଛି। ବିଏଲଏ ବରିଷ୍ଠ ବଲୋଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନେଇଛି। ବଲୋଚ ନେତାମାନେ ପାକିସ୍ତାନ ସେନା ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଏବଂ କହିଛନ୍ତି ଯେ ଲତିଫ୍ ବଲୋଚଙ୍କୁ ସେନା ସହ ଜଡିତ ମିଲିସିଆ ହତ୍ୟା କରିଛି। ବଲୋଚ ନେତାମାନେ ପାକିସ୍ତାନ ସେନା ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଏବଂ କହିଛନ୍ତି ଯେ ଲତିଫ୍ ବଲୋଚଙ୍କୁ ସେନା ସହିତ ଜଡିତ ମିଲିସିଆ ହତ୍ୟା କରିଛି। ପାକିସ୍ତାନୀ ସେନା ଦ୍ୱାରା ସମର୍ଥିତ ଏକ ସଶସ୍ତ୍ର ଦଳ ବାଲୋଚଙ୍କ ଘରେ ପ୍ରବେଶ କରି ତାଙ୍କୁ, ତାଙ୍କ ସ୍ତ୍ରୀ ଏବଂ ଛୋଟ ପିଲାଙ୍କ ସମ୍ମୁଖରେ ଗୁଳିକରି ହତ୍ୟା କରିଥିଲେ। ଲତିଫ୍ ବାଲୁଚ୍ ପାକିସ୍ତାନର ପ୍ରମୁଖ ନ୍ୟୁଜ୍ ଚ୍ୟାନେଲ୍ ଆଜ ନ୍ୟୁଜ୍ ସହ ଜଡିତ ଥିଲେ ଏବଂ ନିୟମିତ ଭାବରେ ବଲୋଚ ମାନବାଧିକାର ଏବଂ ସ୍ଥାନୀୟ ଅତ୍ୟାଚାର ଉପରେ ରିପୋର୍ଟ କରୁଥିଲେ।

# ସିନ୍ଧୁ ଜଳଚୁକ୍ତି ସମାଧାନ ନ ହେଲେ ଆମେ ଭୋକରେ ମରିଯିବୁ: ପାକିସ୍ତାନ ସିନେଟର



ନୂଆଦିଲ୍ଲୀ: ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳଚୁକ୍ତିକୁ ସ୍ଥଗିତ ରଖିଥିବାରୁ ଉପୁଜିଥିବା ସଙ୍କଟର ସମାଧାନ ନ ହେଲେ ପାକିସ୍ତାନର ବହୁ ଲୋକ ଖାଇବାକୁ ନ ପାଇ ମରିଯିବେ ବୋଲି ସେଠାର ସିନେଟର ସୟେଦ ଅଲି ଜାଫର ଉଚ୍ଚ ସଦନରେ କହିଛନ୍ତି। ଭାରତର ଏହି 'ୱାଟର ବମ୍ବ'କୁ ଅକାମୀ କରିବା ଲାଗି ଶେହବାଜ ଶରିଫ ସରକାରଙ୍କୁ ସେ ନିବେଦନ କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ନେତା ଜାଫର କହିଛନ୍ତି, ସିନ୍ଧୁ ନଦୀ ଆମ ଜୀବନରେଖା। ଆବଶ୍ୟକ ଜଳର ତିନି-ଚତୁର୍ଥାଂଶ ବାହାର ଦେଶରୁ ଆସିଥାଏ। ପ୍ରତି ୧୦ ଜଣରେ ୯ ଜଣ ବଞ୍ଚିବା ପାଇଁ ଏହି ଜଳରାଶି ଉପରେ ନିର୍ଭର କରିଥାନ୍ତି। ଯଦି ଆମେ ଏବେ ଜଳସଙ୍କଟର ସମାଧାନ ନ କରିବା ତେବେ କ୍ଷୁଧାରେ ମରିଯିବା ବୋଲି ଜାଫର କହିଛନ୍ତି।

## ବଢ଼ିଲା ରାହୁଲଙ୍କ ଅଡୁଆ

# ଜାରି ହେଲା ଜାମିନ ବିହୀନ ପରୱାନା



ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଅଡୁଆ ବଢ଼ିଛି। ଗୋଟିଏ ମାନହାନୀ କେସ୍‌ରେ ତାଙ୍କ ନାଁରେ ଜାରି ହୋଇଛି ଜାମିନ ବିହୀନ ୱାରେଣ୍ଟ। ଝାରଖଣ୍ଡର ଚାଇବାସା ସ୍ଥିତ ଗୋଟିଏ ସାଂସଦ-ବିଧାୟକ କୋର୍ଟ ରାହୁଲ ଗାନ୍ଧିଙ୍କ ବିରୋଧରେ ଏପରି ପରୱାନା ଜାରି କରିଛନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ଜୁନ ୨୬ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାହୁଲ ଗାନ୍ଧିଙ୍କ ଓକିଲ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ପାଇଁ ଆବେଦନ କରିଥିଲେ ହେଁ ଏହାକୁ କୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି। ୨୦୧୮ରେ ରାହୁଲ ଗାନ୍ଧି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମ୍ପର୍କରେ କିଛି ବୟାନ ଦେଇଥିଲେ। ଏହା ଅତ୍ୟନ୍ତ ଅରୁଚିକର ଓ ସମ୍ମାନହାନୀ କରିବା ଭଳି ବୟାନ ଥିଲା ବୋଲି ଅଭିଯୋଗ କରି ବିଜେପି ନେତା ପ୍ରତାପ କଟିୟାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ଏହାର ଶୁଣାଣି କରି କୋର୍ଟ ରାହୁଲ ଗାନ୍ଧିଙ୍କୁ ନୋଟିସ କରିଛନ୍ତି। ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ଗାନ୍ଧି ତାଙ୍କ ଭାଷଣରେ ଦାବି କରିଥିଲେ ଯେ ହତ୍ୟା ଅଭିଯୋଗର ସାମ୍ନା କରୁଥିବା ଜଣେ ବ୍ୟକ୍ତି ବିଜେପିର ସଭାପତି ହୋଇପାରିବେ। ରାହୁଲ ଗାନ୍ଧିଙ୍କ ଏପରି ବୟାନ ଅତ୍ୟନ୍ତ ଅରୁଚିକର ଓ ଏହା ସମସ୍ତ ବିଜେପି କର୍ମୀଙ୍କ ପାଇଁ ଅପମାନଜନକ ବୋଲି ଅଭିଯୋଗ କରି ପ୍ରତାପ ୨୦୧୮ ମସିହା ଜୁଲାଇ ୯ରେ ଚାଇବାସାର ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଚାଇବାସା ସ୍ଥିତି ଏମ-ଏମଏଲଏ କୋର୍ଟ ଏହାର ବିଚାର କରିଥିଲେ। ଏଠାରେ ଥିବା ମାଜିଷ୍ଟ୍ରେଟ ମାମଲାକୁ ବିଚାରକୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ନୋଟିସ କରିଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ରାହୁଲ ଗାନ୍ଧି କୋର୍ଟରେ ହାଜର ହୋଇ ନଥିଲେ। ପ୍ରଥମେ ତାଙ୍କ ବିରୋଧରେ ଜାମିନ ଯୁକ୍ତ ୱାରେଣ୍ଟ ଜାରି କରାଯାଇଥିଲା। ରାହୁଲ ଗାନ୍ଧି ଝାରଖଣ୍ଡ ହାଇକୋର୍ଟରେ ପହଞ୍ଚି ୱାରେଣ୍ଟ ଉପରେ ରୋକ ଲଗାଇବାକୁ ଆବେଦନ କରିଥିଲେ। ଏହି ଆବେଦନ ୨୦୨୪ ମାର୍ଚ୍ଚ ୨୦ରେ ଖାରଜ କରି ଦିଆଯାଇଥିଲା। ସେଠାରୁ ଯାଇ ରାହୁଲ ଗାନ୍ଧି ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ପାଇବା ପାଇଁ ଆବେଦନ କରିଥିଲେ। ଏହାକୁ ମଧ୍ୟ ଚାଇବାସା କୋର୍ଟ ଅଗ୍ରାହ୍ୟ କରିଥିଲେ। ଏବେ ସ୍ୱତନ୍ତ୍ର କୋର୍ଟ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ରାହୁଲ ଗାନ୍ଧିଙ୍କ ବିରୋଧରେ ଜାମିନ ବିହୀନ ପରୱାନା ଜାରି କରିଛନ୍ତି।

# ଶ୍ରୀଲଙ୍କାରେ ଲୁଣ ସଙ୍କଟ

କଲମ୍ବୋ: ଭାରତ ମହାସାଗରରେ ଭାରତର ନିକଟ ପଡ଼ୋଶୀ ଶ୍ରୀଲଙ୍କାରେ ଏକ ଗମ୍ଭୀର ଲୁଣ ସଙ୍କଟ ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ଦେଶରେ ଲୁଣ ଉତ୍ପାଦନ ବନ୍ଦ ହୋଇଯାଇଛି। ଯାହା ଫଳରେ ପୂର୍ବରୁ ଉତ୍ପାଦିତ ଲୁଣ ପାଣିରେ ମିଶିଯାଇଛି। ଯାହା ଯୋଗୁ ଶ୍ରୀଲଙ୍କାରେ ବ୍ୟବହାର ପାଇଁ ଆବଶ୍ୟକ ପରିମାଣର ଲୁଣ ନାହିଁ। ଏପରି ପରିସ୍ଥିତିରେ ଲୋକମାନଙ୍କୁ ଲୁଣ କିଣିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ସମୟରେ ଶ୍ରୀଲଙ୍କାରେ ଲୁଣର ଦର ବୃଦ୍ଧି ପାଇଛି। ସଙ୍କଟର ସୁଯୋଗ ନେଇ ଅନେକ ଲୋକ ଲୁଣର କଳାବଜାରୀ କରିବା ଆରମ୍ଭ କରିଛନ୍ତି। ଦେଶରେ ଲୁଣର ଦର ସ୍ୱାଭାବିକ ଅପେକ୍ଷା ତିନିରୁ ଚାରି ଗୁଣା ଅଧିକ ହୋଇଯାଇଛି। ଶ୍ରୀଲଙ୍କା ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବର୍ତ୍ତମାନର ସଙ୍କଟ ଯୋଗୁ ଦେଶରେ ଲୁଣର ମୂଲ୍ୟ କିଲୋଗ୍ରାମ ପ୍ରତି ୧୪୫ ଟଙ୍କାରେ ପହଞ୍ଚିଛି। ଶ୍ରୀଲଙ୍କା ଏହାର ପ୍ରକୃତ ଲୁଣ ଆବଶ୍ୟକତାର ମାତ୍ର ୨୩% ଉତ୍ପାଦନ କରିଥାଏ। ଅନେକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଭାରତ ୩,୦୫୦ ମେଟ୍ରିକ୍ ଟନ୍ ଲୁଣ ପଠାଇ ପଡ଼ୋଶୀକୁ ସାହାଯ୍ୟ କରିବାକୁ ଆଗେଇ ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୋଟ ପଠାଯାଇଥିବା ଲୁଣ ମଧ୍ୟରୁ ୨,୮୦୦ ମେଟ୍ରିକ୍ ଟନ୍ ଭାରତର ନ୍ୟାସନାଲ୍ ଲୁଣ କମ୍ପାନିର।ତେବେ ବାକି ୨୫୦ ମେଟ୍ରିକ୍ ଟନ୍ ଘରୋଇ କ୍ଷେତ୍ରର କମ୍ପାନିଗୁଡ଼ିକ ଦ୍ୱାରା ପଠାଯାଇଛି। ଲୁଣ ଉତ୍ପାଦକ ସଂଘ କହିଛି ଯେ, ସରକାରଙ୍କ ଦ୍ୱାରା ୩୦,୦୦୦ମେଟ୍ରିକ୍ ଟନ୍ ଅଣଆୟୋଡିନ୍ ଲୁଣ ଆମଦାନୀରେ ବିଳମ୍ବ ପରିସ୍ଥିତିକୁ ଆହୁରି ଖରାପ କରିଛି। ଶ୍ରୀଲଙ୍କାର ଲୋକମାନେ ସୋସିଆଲ ମିଡିଆରେ ଖାଲି ଦୋକାନର ଫଟୋ ସେୟାର କରିଛନ୍ତି, ଯେତେବେଳେ ଅନେକ କହିଛନ୍ତି ଯେ, ସେମାନେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ଦୋକାନରୁ ଲୁଣ ପାଉ ନାହାନ୍ତି। ଏହା ପୂର୍ବରୁ, ଶ୍ରୀଲଙ୍କା ଦୁଇ ବର୍ଷ ପୂର୍ବେ ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଯାହା ଦେଶକୁ ଖାଦ୍ୟ ସୁରକ୍ଷା ଆଡକୁ ଠେଲି ଦେଇଥିଲା ଏବଂ ଶ୍ରୀଲଙ୍କାରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିଲା। ର୍ଥିକ ସଙ୍କଟ ଯୋଗୁ, ୬୦ ଲକ୍ଷରୁ ଅଧିକ ଲୋକ ଏବେ ବି ଖାଦ୍ୟ ସୁରକ୍ଷାର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛନ୍ତି ଏବଂ ଦେଶର ୨୮% ରୁ ଅଧିକ ଜନସଂଖ୍ୟା ଏହି ପରିସ୍ଥିତି ଯୋଗୁ ପ୍ରଭାବିତ। ଏହି ସଙ୍କଟ ପଛରେ ଅନେକ କାରଣ ରହିଛି, ଯେପରିକି ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ, କୃଷି କ୍ଷେତ୍ରରେ ଭୁଲ୍ ନୀତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବାଧା। ଲୁଣ ସଙ୍କଟ ସମୟରେ ଭାରତ ଶ୍ରୀଲଙ୍କାକୁ ଲୁଣ ପଠାଇଛି।

# ବାଂଲାଦେଶରେ ପୁଣି ବିଦ୍ରୋହ ସମ୍ଭାବନା

ଢାକା: ବାଂଲାଦେଶରେ ପୁଣି ଥରେ ରାଜନୈତିକ ବିଦ୍ରୋହର ଆଶଙ୍କା ଦେଖାଦେଇଛି। ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ଇସ୍ତଫା ଦେବାକୁ ଚାହୁଁଛନ୍ତି। ଗତ ୯ ମାସ ମଧ୍ୟରେ ଏହା ବାଂଲାଦେଶରେ ଦ୍ୱିତୀୟ ଏପରି ସଙ୍କଟ। ଗତ ବର୍ଷ ଅଗଷ୍ଟ ମାସରେ ମଧ୍ୟ ବାଂଲାଦେଶରେ ବହୁତ ଅଶାନ୍ତି ସୃଷ୍ଟି ହୋଇଥିଲା, ଯେଉଁଥିରେ ଛାତ୍ର ଆନ୍ଦୋଳନ ଯୋଗୁ ଶେଖ ହାସିନାଙ୍କୁ କ୍ଷମତାରୁ ହଟାଇବା ଘଟଣା ଘଟିଥିଲା। ଜୁଲାଇ ୨୦୨୪ରେ, ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସରକାରୀ ଚାକିରି ପାଇଁ କୋଟା ବ୍ୟବସ୍ଥା ବିରୋଧରେ ଦେଶବ୍ୟାପୀ ପ୍ରତିବାଦ ଆରମ୍ଭ କରିଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ, ଏହି ବ୍ୟବସ୍ଥା ବାଂଲାଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାମାନଙ୍କୁ ସରକାରୀ ଚାକିରିରେ ୩୦% ସଂରକ୍ଷଣ ଦେବ, ଅନ୍ୟ ପିଲାମାନେ ଏଥିରୁ ବଞ୍ଚିତ ହେବେ। ପ୍ରାରମ୍ଭରେ ପ୍ରତିବାଦ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ଯେତେବେଳେ ସରକାର ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କଲେ, ଏହା ହିଂସାତ୍ମକ ସଂଘର୍ଷରେ ପରିଣତ ହେଲା।

# ବ୍ୟାଙ୍କ ଠକେଇ ଅଭିଯୁକ୍ତଙ୍କୁ ପ୍ରତ୍ୟର୍ପଣ

ନୂଆଦିଲ୍ଲୀ: ଏକ ବଡ଼ ସଫଳତାରେ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ବ୍ୟାଙ୍କ ଠକେଇ ମାମଲାରେ ଜଣେ ଅପରାଧୀ ଏବଂ ଯାହାଙ୍କ ବିରୁଦ୍ଧରେ ରେଡ୍ ନୋଟିସ୍ ଜାରି କରାଯାଇଛି, ଅଙ୍ଗଦ ସିଂହ ଚଂଡୋକଙ୍କୁ ଆମେରିକାରୁ ଭାରତକୁ ପ୍ରତ୍ୟାର୍ପଣ କରିଛି। ଅଭିଯୁକ୍ତଙ୍କୁ ମେ ୨୩ ତାରିଖରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା, ଯେଉଁଠାରେ ତାଙ୍କୁ ସିବିଆଇ ଅଟକ ରଖିଥିଲା। ୨୦୧୪ ମସିହାରେ, ଅଙ୍ଗଦ ସିଂହ ଚଣ୍ଡୋକଙ୍କ ବିରୁଦ୍ଧରେ ଅପରାଧିକ ଷଡଯନ୍ତ୍ର, ଠକେଇ ଏବଂ ଜାଲିଆତି ଅଭିଯୋଗ ଆସିଥିଲା। ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀଙ୍କ ସହ ମିଶି ତାଙ୍କ ପରିବାର ସଦସ୍ୟ-ବାପା ସୁରେନ୍ଦ୍ର ସିଂହ, ମାଆ ହରଲିନ୍ କୌର ଏବଂ ଭାଇ ହର୍ଷବୀର ସିଂହଙ୍କ ସହ କୋଟି କୋଟି ଟଙ୍କାର ଠକେଇରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୨୦୧୬ ମସିହାରେ ସେ ତାଙ୍କ ପରିବାର ସହିତ ଭାରତରୁ ପଳାଇ ଆସିଥିଲେ। ଏହା ପରେ କୋର୍ଟ ତାଙ୍କୁ ଦୋଷୀ ଘୋଷଣା କରିଥିଲେ ଏବଂ ତାଙ୍କ ବିରୁଦ୍ଧରେ ଖୋଲା ୱାରେଂଟି ଜାରି କରିଥିଲେ। ୨୨ ମାର୍ଚ୍ଚ ୨୦୧୭ରେ, ସିବିଆଇ ଇଂଟରପୋଲରୁ ଅଙ୍ଗଦ ସିଂହଙ୍କ ବିରୁଦ୍ଧରେ ଏକ ରେଡ୍ ନୋଟିସ୍ ଜାରି କରିଥିଲା। ଇଂଟରପୋଲ୍ ମାଧ୍ୟମରେ କିଛି ବର୍ଷ ଧରି କଡ଼ା ନଜର ରଖିବା ପରେ ତାଙ୍କୁ ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା। ସିବିଆଇ କହିଛି ଯେ ଆଇନଗତ ପ୍ରକ୍ରିୟା ସମାପ୍ତ କରିବା ପରେ, ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରୁ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଥିଲା। ମାମଲାର ବିଚାର ଆରମ୍ଭ କରିବା ପାଇଁ ଏଜେନ୍ସି ଏବେ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭାରତ ଆଣିବା ପ୍ରକ୍ରିୟାରେ ଲାଗିଛି। ସିବିଆଇ ଏହା ମଧ୍ୟ ସୂଚନା ଦେଇଛି ଯେ ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ଇଂଟରପୋଲ ମାଧ୍ୟମରେ ୧୦୦ ରୁ ଅଧିକ ୱାଂଟେଡ୍ ଅପରାଧୀଙ୍କୁ ଭାରତ ଅଣାଯାଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ଓ-ହବ ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ ପେ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପ୍ ଗୁଡ଼ିକୁ ଡିଜିଟାଲ୍ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହା ସ୍ୱାକ୍ଷରିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଏବଂ ଫୋନ୍‌ପେ ଲିମିଟେଡ୍ ମର୍ଚ୍ଚାଂଟ ବ୍ୟବସାୟର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଯୁବରାଜ ସିଂହ ଶେଖାୱତ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଷ୍ଟାର୍ଟଅପ୍ ପ୍ଲାଟଫର୍ମର ଅନବୋର୍ଡିଂ ନୀତି ଏବଂ ଯାଞ୍ଚ ପ୍ରକ୍ରିୟା ଅନୁଯାୟୀ ଫୋନ୍ ପେ ଅତ୍ୟାଧୁନିକ ଡିଜିଟାଲ୍ ଭିତିଭୂମି, ପେମେଣ୍ଟ ପ୍ରଯୁକ୍ତିବିଦ୍ୟା ସମାଧାନ, ମାର୍କେଟିଂ ଏବଂ ପ୍ରୋତ୍ସାହନମୂଳକ ସହାୟତା ଯୋଗାଇ ଦେବ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଷ୍ଟାର୍ଟଅପ୍ ଓଡ଼ିଶା ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ, ନବସୃଜନର ପ୍ରୋତ୍ସାହନ, ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ, ସମୃଦ୍ଧ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣ, ବ୍ୟାପକ ସୁଯୋଗ ସୃଷ୍ଟି ଜରିଆରେ ଭାରତର ଶ୍ରେଷ୍ଠ ଷ୍ଟାର୍ଟଅପ୍ ହବ୍ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରିବା ପାଇଁ ଲକ୍ଷ୍ୟ ରଖିଛି ।

# ଡର୍ମିକୁଲ ପ୍ରିକ୍ଲି ହିଟ୍ ଟ୍ୟାଲ୍କ ଆଣିଲା ଓଭାରହେଡ୍ ଟ୍ରାଫିକ ସିଗ୍ନାଲ ଶେଡସ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଅନ୍ୟତମ ପ୍ରିକ୍ଲି ହିଟ୍ ପାଉଡର ଡର୍ମିକୁଲ, ଇମାମି ଲିମିଟେଡ୍ ପରିବାର ପକ୍ଷରୁ ଘିମିରି ପାଇଁ ଡର୍ମାଟୋଲଜିଷ୍ଟ ଦ୍ୱାରା ଅନୁମୋଦିତ ଗୋଟିଏ ସମାଧାନ ଏବଂ ଏଥିରେ 'ନିମ୍ବ' ଓ 'ତୁଳସୀର' ଡବଲ ପାୱାର ଅଛି। ଏବର୍ଷର ଗ୍ରୀଷ୍ମ କାଳ ପାଇଁ ଡର୍ମିକୁଲ ଭୁବନେଶ୍ୱରରେ ଏକ ସୁଚିନ୍ତିତ ଉଦ୍ୟୋଗ ଆରମ୍ଭ କରିଛି । ଏହି ଉଦ୍ୟୋଗ ମାଧ୍ୟମରେ ସହରର କିଛି କିଛି ପ୍ରଧାନ ଟ୍ରାଫିକ ସିଗ୍ନାଲରେ ଅସ୍ଥାୟୀ ଶେଡସ ଲଗାଯାଇଛି। ଏହା ଫଳରେ କିଣାକଟା କରିବାକୁ ବାହାରିବା ବା ଅଫିସ ଅଥବା ସ୍କୁଲ କଲେଜ ଯିବା ପାଇଁ ବିଭିନ୍ନ ପଦଯାତ୍ରୀ, ସାଇକେଲ, ଟୁ-ହୁଇଲର ଓ ଗାଡ଼ିର ଯାତ୍ରୀମାନେ ଗରମ ହେଲେ ମଧ୍ୟ ଆରାମ ପାଇବେ । ଏକ ମାସ ପାଇଁ ଲଗା ଯାଇଥିବା ଏହି ଅସ୍ଥାୟୀ ଶେଡସ ସାହାଯ୍ୟରେ ଲୋକମାନେ କିଛିଦିନ ପାଇଁ ହେଲେ ମଧ୍ୟ 'ଭୀଷଣ ଓ ଅସହନୀୟ ଗରମ' ଠାରୁ ଅଳ୍ପ ହେଲେ ମଧ୍ୟ ଆରାମ ପାଇବେ। ଏହି ଶେଡସ କାରଣରୁ ଖରା ସିଧାସଳଖ ଆଖିରେ ପଡ଼େ ନାହିଁ ଏବଂ ଡ୍ରାଇଭରମାନେ ଆହୁରି ସ୍ପଷ୍ଟ ଭାବରେ ଦେଖି ପାରନ୍ତି, ଯାହା ଫଳରେ ଗୋଟିଏ ସୁରକ୍ଷିତ ଟ୍ରାଫିକ ପରିସ୍ଥିତି ମଧ୍ୟ ତିଆରି ହୁଏ । ଏହି ଉଦ୍ୟୋଗ ଅଧୀନରେ ଭୁବନେଶ୍ୱରର ଜଗନ୍ନାଥପୁରରେ ଡର୍ମିକୁଲ ଓଭରହେଡ୍ ଟ୍ରାଫିକ ସିଗ୍ନାଲ ଶେଡସ ସ୍ଥାପନ କରାଯାଇଛି। ପୂର୍ବାଭାସ ଅନୁଯାୟୀ ୨୦୨୫ର ଗ୍ରୀଷ୍ମରେ, ଗତବର୍ଷର ତୁଳନାରେ ଆହୁରି ବେଶି ଗରମ ପଡ଼ିବାର ସମ୍ଭାବନା ଅଛି । ଏହି ଗ୍ରୀଷ୍ମ କାଳରେ ଭାରତର ଅନେକ ଗୁଡ଼ିଏ ରାଜ୍ୟ ମଧ୍ୟରେ ୩୫ଟି ସ୍ଥାନରେ ଏକାଧିକ ପର୍ଯ୍ୟାୟରେ ଏଭଳି ଉଦ୍ୟୋଗ ଆରମ୍ଭ କରାଯାଇଛି । ଏହି ରାଜ୍ୟ ମଧ୍ୟରେ ରହିଛି ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଉତର ପ୍ରଦେଶ, ରାଜସ୍ଥାନ, ପାବ ଓ ଦିଲ୍ଲୀ ଯେଉଁଠି ଗରମର ତାପମାତ୍ରା ନିରନ୍ତର ୩୫ ଡିଗ୍ରି ସେଲସିୟସରୁ ଉପରେ ରୁହେ ।

## ଛତିଶଗଡ଼ରେ ପ୍ରତିଷ୍ଠା ହେବ ମେଦାନ୍ତ ହସ୍ପିଟାଲ, ବରୁଣ ବିଭରେଜ୍ ପ୍ଲାଣ୍ଟ୍

# ବିଷ୍ଣୁଦେବଙ୍କୁ ଭେଟିଲେ ପୁଞ୍ଜିନିବେଶକାରୀ



ରାୟପୁର: ଏକ ବିରାଟ ପଦକ୍ଷେପ ସ୍ୱରୂପ ଛତିଶଗଡ଼ରେ ପ୍ରତିଷ୍ଠା ହେବ ମେଦାନ୍ତ ହସ୍ପିଟାଲ ଏବଂ ବରୁଣ ବିଭରେଜ୍ ପ୍ଲାଣ୍ଟ । ଏନେଇ ଛତିଗଶଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଛତିଶଗଡ଼ ଭବନରେ ଶନିବାର ସାକ୍ଷାତ କରିଥିଲେ ଦୁଇ ବିଶିଷ୍ଟ ପୁଞ୍ଜିନିବେଶକାରୀ ଡ.ନରେଶ ତ୍ରେହନ୍ ଯେକି ମେଦାନ୍ତ ହସ୍ପିଟାଲର ପ୍ରତିଷ୍ଠାତା ଏବଂ ଜଣେ ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ । ସେ ବିଷ୍ଣୁଦେବଙ୍କୁ ପ୍ରସ୍ତାବ ଦେଇଥିଲେ ଯେ, ଛତିଶଗଡ଼ର ରାୟପୁରରେ ସେ ଏହି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି । ଏଥିପାଇଁ ସେ ୫୦୦ କୋଟି ଟଙ୍କା ବିନିଯୋଗ କରିବେ । ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା, ଅଭିଜ୍ଞ ଡାକ୍ତର ଏବଂ ତାଲିମ ବିଶେଷଜ୍ଞଙ୍କୁ ନେଇ ଏହି ହସ୍ପିଟାଲ ଗଠନ କରାଯିବ । ଅନ୍ୟପକ୍ଷରେ ବରୁଣ ବିଭରେଜ୍ ପ୍ଲାଣ୍ଟର ଅଧ୍ୟକ୍ଷ ରବି ଜୟପୁରିଆ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବଙ୍କୁ ସାକ୍ଷାତ କରି ଏକ ମୃଦୁପାନୀୟ ଏବଂ ଫ୍ରୁଟ୍ ଜୁସ୍ ପ୍ଲାଣ୍ଟ ପ୍ରସ୍ତୁତ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏଥିପାଇଁ ୨୫୦ କୋଟି ଟଙ୍କା ବିନିଯୋଗ କରାଯିବ । ଏହାଫଳରେ ଛତିଶଗଡ଼ର ଯୁବକମାନେ ନିଯୁକ୍ତି ପାଇପାରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଦୁଇ ପୁଞ୍ଜିନିବେଶକାରୀଙ୍କୁ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରିବା ସହ ସେମାନଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ ଏଥିପାଇଁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସରକାରଙ୍କ ତରଫରୁ କ'ଣ ସହାୟତା ଦିଆଯାଇପାରିବ ସେ ନେଇ ସମୀକ୍ଷା ପରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ।

# ସ୍ମାର୍ଟ ବଜାର ପକ୍ଷରୁ ଅଫର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ବିଶ୍ୱସନୀୟ ୱାନ୍-ଷ୍ଟପ ସପିଂ ଡେଷ୍ଟିନେଶନ, ସ୍ମାର୍ଟ ବଜାର ପକ୍ଷରୁ ଓଡ଼ିଶାରେ ସ୍ୱତନ୍ତ୍ର ପାର୍ବଣ ଅଫର୍ ପ୍ରଦାନ କରାଯାଉଛି। ମଇ ୨୧ ତାରିଖରୁ ମଇ ୨୬ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ୟାମ୍ପେନକୁ ସପିଙ୍ଗ ଅନୁଭୂତିରେ ମୂଲ୍ୟ, ସୁବିଧା ଓ ଷ୍ଟାଇଲକୁ ଯୋଗ କରିବା ସହ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ପରିକଳ୍ପନା କରାଯାଇଛି। ଓଡିଶାରେ ବ୍ୟାପକ ରୂପେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ହେଉଛି ବିଶ୍ୱାସ, ଭକ୍ତି ଓ ସାଂସ୍କୃତିକ ମହତ୍ୱର ପର୍ବ। ଏହି ଶୁଭ ଅବସରକୁ ପାଳନ କରିବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ମହିଳାଙ୍କ ଏଥନିକ ୱେୟାର ଓ ଜରୁରୀ ପୂଜା ସାମଗ୍ରୀ ଉପରେ ସ୍ୱତନ୍ତ୍ର ଅଫର୍ ପ୍ରଦାନ କରାଯାଉଛି। ଏହି ଅଫର ଅନୁଯାୟୀ ସ୍ମାର୍ଟ ବଜାରରେ ଫାର୍ମ-ଫ୍ରେଶ ଫ୍ରୁଟ ଯେପରିକି ଆମ୍ବ କେବଳ ୫୯ ଟଙ୍କା (ବଜାର ମୂଲ୍ୟ ୧୦୦ ଟଙ୍କା) ଓ ତରଭୁଜ ୧୮ ଟଙ୍କା (ବଜାର ମୂଲ୍ୟ ୨୫ ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ପୂଜା ସାମଗ୍ରୀ ଯେପରିକି ଗୁଡ୍ ଲାଇଫ ସାଗୁ ୫୦୦ ଗ୍ରାମ ପିଛା କେବଳ ୩୫ ଟଙ୍କା (ଏମଆରପି ୬୦ ଟଙ୍କା)ରେ ଉପଲବ୍ଧ ହେଉଛି। ସେହିପରି ୪୯୯ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ମହିଳାଙ୍କ କୁର୍ତ୍ତା ଉପରେ ଫ୍ଲାଟ ୨୦% ରିହାତି, ଅଗରବତୀ (୧୨୦ଗ୍ରାମ ଓ ତାହାଠାରୁ ଅଧିକ) ଉପରେ ବାୟ ୧ ଗେଟ୍ ୧ ଭଳି ଅଫର ରହିଛି। ଫ୍ୟାଶନ, ପୂଜା ସାମଗ୍ରୀ, ଫଳ ଓ ରୋଷେଇ ସାମଗ୍ରୀ ଆଦି ଉପରେ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ତେଣୁ ଅଧିକ ସଞ୍ଚୟ କରିବା ଓ ଘରକୁ କମ୍ ମୂଲ୍ୟରେ ଦୁଇ ଗୁଣ ସାମଗ୍ରୀ ନେବା ପାଇଁ ଗ୍ରାହକମାନେ ସ୍ମାର୍ଟ ବଜାରରେ ସ୍ମାର୍ଟ ସପିଂ କରିପାରିବେ।

# ମୁଦ୍ରାସ୍ଫୀତି ଏବଂ ଋଣ ବିପଦ ବଢ଼ାଉଛି ଅସଙ୍ଗତିପୂର୍ଣ୍ଣ ଆମେରିକୀୟ ନୀତି

ମୁମ୍ବାଇ: ଦ୍ୱିପାକ୍ଷିକ ଶୁଳ୍କ ଘୋଷଣା ପରେ ଆମେରିକା ୯୦ ଦିନ ପାଇଁ ଏହାକୁ ସ୍ଥଗିତ ରଖିବା ସହ ସେଥିରେ ଛାଡ ପ୍ରଦାନ କରିଥିଲା। ଆମେରିକାର ଏହି ନୀତି ଭିତିକ ଅନିଶ୍ଚିତତା ଯୋଗୁଁ ଏହାର ଦୀର୍ଘମିଆଦୀ ରାଜସ୍ୱ ଆୟରେ ଅସ୍ୱାଭାବିକ ବୃଦ୍ଧି ଘଟିଛି ଏବଂ ଡଲାର ଦୁର୍ବଳ ହୋଇଛି। ଏହା ସମ୍ଭବତଃ ଅନେକ କାରଣରୁ ହୋଇଥିଲା ଯେପରିକି ବିଶ୍ୱସ୍ତରୀୟ ସମ୍ପତି ଆବଣ୍ଟନରେ ପରିବର୍ତ୍ତନ ଆମେରିକାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛି। ସେହିଭଳି ଗତ କିଛି ବର୍ଷ ମଧ୍ୟରେ ଆମେରିକାର ଏକ୍ସସେପ୍ସନାଲିଜିମ-ବେସ୍‌ଡ-ଲଙ୍ଗ୍-ୟୁଏସ୍‌ଡି ଟ୍ରେଡ ଖରାପ ସ୍ଥିତିରେ ଥିଲା, ଯେବେକି ଅସ୍ଥିର ଏବଂ ଅସଙ୍ଗତିପୂର୍ଣ୍ଣ ଆମେରିକୀୟ ନୀତି ଗୁଡିକ ଖରାପ ମୁଦ୍ରାସ୍ଫୀତି ଏବଂ ଋଣ ବିପଦ ବଢ଼ାଉଛି । କ୍ରମାଗତ ମୁଦ୍ରାସ୍ଫୀତି ଏବଂ ଉଚ୍ଚ ମୂଲ୍ୟ ସ୍ତର କାରଣରୁ ଫେଡ୍ ସମର୍ଥନ ପାଇଁ ସୀମିତ ସ୍ଥାନ ରହିଛି । ଏହା ବ୍ୟତୀତ ହେଜ୍ ଫଣ୍ଡଗୁଡିକ ଦ୍ୱାରା ଉଚ୍ଚ ମାର୍ଜିନ କଲ୍ ଏବଂ ବ୍ୟବହୃତ 'ବେସିସ୍ ଟ୍ରେଡ୍'ର ଉନ୍ମୋଚନ ଭଳି ବୈଷୟିକ ଦିଗଗୁଡିକ ଟ୍ରେଜରି ମାର୍କେଟରେ ସମସ୍ୟାକୁ ଆହୁରି ବୃଦ୍ଧି କରିପାରେ ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ ଇନ୍‌କମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୈତିଜ୍ଞ ଶ୍ରୀଜିଥ ବାଲାସୁବ୍ରମଣ୍ୟନ କହିଛନ୍ତି। ସାମ୍ପ୍ରତିକ ଆମେରିକୀୟ ନୀତିଗୁଡ଼ିକ ଶୁଳ୍କ ସ୍ତର, ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ଖର୍ଚ୍ଚ ବଂଟନ ଏବଂ ଶସ୍ତା ବିକଳ୍ପ ଖୋଜିବାର କ୍ଷମତା ଉପରେ ନିର୍ଭର କରି ଦୁର୍ବଳ ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତିର କାରଣ ହୋଇପାରେ । ଉପଭୋକ୍ତା ଓ ବ୍ୟବସାୟୀଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଆଶା ବଢ଼ିଛି। ବିତୀୟ ନୀତି, ନିୟନ୍ତ୍ରଣ ଏବଂ ସଂସ୍ଥାଗତ ବିଶ୍ୱସନୀୟତାକୁ ନେଇ ଅନିଶ୍ଚିତତା ନିବେଶକୁ ହ୍ରାସ କରୁଛି ଏବଂ ଅଭିବୃଦ୍ଧି ହ୍ରାସ ପାଇବାର ଆଶଙ୍କା ବଢ଼ାଉଛି- ଯେଉଁଠାରେ ଅଭିବୃଦ୍ଧି ମନ୍ଥର ହେଉଛି ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି। ଶ୍ରୀଜିତ ବାଲାସୁବ୍ରମଣ୍ୟମଙ୍କ କହିବା ଅନୁଯାୟୀ, ଅନିଶ୍ଚିତତା ଶୁଳ୍କ ବ୍ୟବସ୍ଥାର ଉଦ୍ଦିଷ୍ଟ ଲାଭଠାରୁ ଅଧିକ ରହିଛି।

# ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କକୁ ସମର୍ଥନ ଦେବାକୁ ପ୍ରମୋଟର ଅଶୋକ ହିନ୍ଦୁଜା ପ୍ରତିବଦ୍ଧ



ନୂଆଦିଲ୍ଲୀ: ଇଣ୍ଡସଇଣ୍ଡ ବ୍ୟାଙ୍କର ପ୍ରମୋଟର (ପ୍ରତିଷ୍ଠାତା) ତଥା ଇଣ୍ଡସଇଣ୍ଡ ଇଂଟରନ୍ୟାସନାଲ ହୋଲଡିଂସ ଲିମିଟେଡର ଅଧ୍ୟକ୍ଷ ଅଶୋକ ପି ହିନ୍ଦୁଜା ଇଣ୍ଡସଇଣ୍ଡ ବ୍ୟାଙ୍କର ୨୦୨୪-୨୫ ଆର୍ଥିକ ଫଳାଫଳ ଘୋଷଣା କରିବା ଅବସରରେ କହିଛନ୍ତି ଯେ, ମୁଁ ଅନିୟମିତତା ଓ ତା ସମ୍ପର୍କିତ ଚିନ୍ତାକୁ ଦୂର କରିବା ଲାଗି ଉଚିତ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଥିବା ବ୍ୟାଙ୍କର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ମଣ୍ଡଳୀ ପ୍ରତି ନିଜର ପୂର୍ଣ୍ଣ ଓ ଅତୁଟ ବିଶ୍ୱାସକୁ ଦୋହରାଉଛି । ଏହା ଦ୍ୱାରା ପାରଦର୍ଶିତା ଓ ଶାସନର ଉଚ୍ଚ ମାନକ ସ୍ଥାପିତ ହେବ ଯାହ ଫଳରେ ବ୍ୟାଙ୍କରେ ବିଶ୍ୱାସର ପୁଣି ଥରେ ପ୍ରତିଷ୍ଠିତ ହେବ। ବ୍ୟାଙ୍କର ବ୍ୟବସାୟ ସୁସ୍ଥକର ରଖିବାକୁ ସୁନିଶ୍ଚିତ କରିବା ଲାଗି ବର୍ତ୍ତମାନ ପରିଚାଳନା ସମ୍ପର୍କିତ ପ୍ରୟାସ, ବୋର୍ଡ ଓ ଅନ୍ୟ ଅଂଶୀଦାରଙ୍କ ମାର୍ଗଦର୍ଶନ ଓ ନିରୀକ୍ଷଣରେ କାର୍ଯ୍ୟ କରାଯାଉଛି। ବ୍ୟାଙ୍କ ଉପରେ ଗ୍ରାହକଙ୍କ ନିରନ୍ତର ବିଶ୍ୱାସ ଏହି ସଂସ୍ଥା ଉପରେ ସେମାନଙ୍କ ଭରସାକୁ ଦର୍ଶାଉଛି। ଏହି ମାମଲାକୁ ବ୍ୟବସ୍ଥିତ ଢଙ୍ଗରେ ସମାଧାନ କରିବା ଏବଂ ଉଚିତ ମାର୍ଗଦର୍ଶନ କରିବା ପାଇଁ ନିୟାମକ ପଦକ୍ଷେପ ବେଶ ପ୍ରଶଂସନୀୟ। ବ୍ୟାଙ୍କର ପୁଁ ସ୍ୱଚ୍ଛଳତା ହାର ବେଶ୍ ସୁସ୍ଥ ରହିଛି। କିନ୍ତୁ ବ୍ୟବସାୟ ବଢ଼ାଇବା ଲାଗି ଯଦି ଅତିରିକ୍ତ ଇକ୍ୱିଟିର ଆବଶ୍ୟକତା ହେବ ତେବେ ଆଇଆଇଏଚଏଲ ଓ ଆଇବିଏଲର ପ୍ରମୋଟର ଭାବେ ମୁଁ ଗତ ୩୦ ବର୍ଷ ଭଳି ବ୍ୟାଙ୍କର ସମର୍ଥନ କରିବାକୁ ପ୍ରତିବଦ୍ଧ ରହିଛି ବୋଲି ଅଶୋକ ହିନ୍ଦୁଜା କହିଛନ୍ତି।



ନୂଆଦିଲ୍ଲୀ: ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ। ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ'ଣ କ'ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘ ଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୁହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା।

୬୬ତମ | ଦିଲ୍ଲୀ କ୍ୟାପିଟାଲ ବନାମ ପଞ୍ଜାବ କିଙ୍ଗସ୍

# ପଞ୍ଜାବକୁ ୬ ୱିକେଟ୍‌ରେ ହରାଇଲା ଦିଲ୍ଲୀ



ଜୟପୁର : ଜୟପୁରର ସୱାଇ ମାନସିଂ ଷ୍ଟାଡିୟମଠାରେ ଶନିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ୬୬ତମ ମ୍ୟାଚରେ ପଞ୍ଜାବ କିଙ୍ଗସକୁ ୬ ୱିକେଟରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ । ୨୦୭ ରନର ଲକ୍ଷ୍ୟକୁ ଦିଲ୍ଲୀ ୧୯.୩ ଓଭରରେ ୪ ୱିକେଟ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ କରୁଣ ନାୟାର ୪୪ ରନ କରିଥିବାବେଳେ ସମୀର ରିଜଭି ୫୮ ରନ ଓ କେଏଲ ରାହୁଲ ୩୫ ରନ କରିଥିଲେ । ଏହି ମ୍ୟାରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଂଜାବ ଆରମ୍ଭରୁ ଲଢୁଆ ବ୍ୟାଟିଂ କରିଥିଲେ ବି ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲା । ପ୍ରିୟାଂଶ ଆର୍ଯ୍ୟା ୬ ରନ କରି ଆଉଟ ହୋଇଥିବା ବେଳେ ପ୍ରଭସିମରନ ସିଂ ୨୮ ରନ କରିଥିଲେ । ସେହିପରି ଶ୍ରେୟସ ଆୟର ୫୩ ରନ କରିଥିବା ବେଳେ ଜୋସ ଇଙ୍ଗଲିସ ୩୨ ରନ କରିଥିଲେ । ନିହାଲ ୱାଧେରା ୧୬ ରନ ଓ ଶଶାଙ୍କ ସିଂ ୧୧ ରନ କରିଥିଲେ । ତେବେ ମାର୍କସ ଷ୍ଟୋଇନିସ ମାତ୍ର ୧୬ ବଲରେ ୪ ଛକା, ୩ ଚୌକା ସହ ୪୪ ରନ କରିଥିଲେ । ତାଙ୍କର ଏହି ଲଢୁଆ ଇନିଂସ ବଦଳରେ ପଂଜାବ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୬ ରନ କରିଥିଲା । ଦିଲ୍ଲୀ ପକ୍ଷରୁ ମୁସ୍ତାଫିଜୁର ରେହମାନ ୩ଟି ୱିକେଟ ନେଇଥିବା ବେଳେ ବିପ୍ରାଜ ନିଗମ ଓ କୁଳଦୀପ ଯାଦବ ୨ଟି ଲେଖାଏଁ ନେଇଥିଲେ ।

ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା

# ଶୁବମନ ଗିଲ୍ ନୂଆ ଅଧିନାୟକ

ନୂଆଦିଲ୍ଲୀ: ଟିମ ଇଣ୍ଡିଆକୁ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବ। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପାଞ୍ଚଟି ଟେଷ୍ଟ ମ୍ୟାଚ ବିଶିଷ୍ଟ ସିରିଜ ଖେଳାଯିବ। ଏହି ସିରିଜ ୨୦୨୫-୦୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଚକ୍ରର ଅଂଶ ହେବ। ଏହି ଗସ୍ତ ପାଇଁ ବିସିସିଆଇ ଟିମ ଇଣ୍ଡିଆର ଦଳ ଘୋଷଣା କରିଛି। ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ଅଭିଜ୍ଞ ଖେଳାଳିମାନେ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ଏହା ଭାରତୀୟ ଦଳ ପାଇଁ ଏକ ନୂତନ ଆରମ୍ଭ। ଏହା ସହିତ, ଭାରତୀୟ ଟେଷ୍ଟ ଦଳକୁ ଜଣେ ନୂତନ ଅଧିନାୟକ ମଧ୍ୟ ମିଳିଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଇଂଲଣ୍ଡ ଗସ୍ତ ପାଇଁ ଏକ ଯୁବ ଟିମ ଇଣ୍ଡିଆକୁ ଚୟନ କରିଛି। ଯଶସ୍ୱୀ ଜୟସ୍ୱାଲ ଏବଂ ଅଭିମନ୍ୟୁ ଈଶ୍ୱରନ ବ୍ୟାଟିଂ ଓପନିଂ ଦାୟିତ୍ୱ ନେଇପାରିବେ। ସାଇ ସୁଦର୍ଶନ ଏବଂ କରୁଣ ନାୟାରଙ୍କୁ ମଧ୍ୟକ୍ରମରେ ସ୍ଥାନ ଦିଆଯାଇଛି। କୋହଲିଙ୍କ ଅନୁପସ୍ଥିତିରେ ଉଭୟ ନମ୍ବର ୪ ଭୂମିକା ଗ୍ରହଣ କରିପାରିବେ। ରିଷଭ ପନ୍ତଙ୍କୁ ଉପ-ଅଧିନାୟକ କରାଯାଇଛି ଏବଂ ସେ ଉଇକେଟକିପିଂ ସହିତ ମଧ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଧ୍ରୁବ ଜୁରେଲଙ୍କୁ ଦ୍ୱିତୀୟ ଉଇକେଟକିପର ଭାବରେ ମନୋନୀତ କରାଯାଇଛି।



**ଇଂଲଣ୍ଡ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ**

ଶୁଭମାନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟ ରକ୍ଷକ, ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେ.ଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ୍, କରୁଣ ନାୟାର, ନୀତୀଶ ରେଡ୍ଡି, ରବିନ୍ଦ୍ର ଜାଡେଜା, ଧ୍ରୁଭ ଜୁରେଲ (ଉଇକେଟ କିପର), ୱାଶିଂଟନ ସୁନ୍ଦରମ, ଶାର୍ଦ୍ଦୁଳ ଠାକୁର, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଳଦୀପ ଯାଦବ।

ମାଲେସିଆ ମାଷ୍ଟର୍ସ

# କିଦାମ୍ବି ଶ୍ରୀକାନ୍ତ ୩ ବର୍ଷ ପରେ ଫାଇନାଲରେ ପ୍ରବେଶ

ନୂଆଦିଲ୍ଲୀ: ଭାରତୀୟ ବ୍ୟାଡମିଂଟନ ଖେଳାଳି କିଦାମ୍ବି ଶ୍ରୀକାନ୍ତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ଣ୍ଣାମେଂଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଶନିବାର ଜାପାନର ୟୁଶି ତାନାକାଙ୍କୁ ସିଧାସଳଖ ଗେମରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ୨୦୨୧ ବିଶ୍ୱ ଚାମ୍ପିଅନସିପ୍ ରୌପ୍ୟ ପଦକ ବିଜେତା ୩୨ ବର୍ଷୀୟ ଶ୍ରୀକାନ୍ତ ଏକ ଚମତ୍କାର ପ୍ରଦର୍ଶନ ସହିତ ତାଙ୍କ ପୁରୁଣା ଫର୍ମର ଝଲକ ଦେଖାଇଥିଲେ। ତୀକ୍ଷ୍ଣ ନେଟ୍ ପ୍ଲେ ଏବଂ ଆକ୍ରମଣାତ୍ମକ ସଟ୍ ବଳରେ ସେ ବିଶ୍ୱର ୨୩ ନମ୍ବର ଖେଳାଳି ତାନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରିଥିଲେ। ଏହା ଛଅ ବର୍ଷ ମଧ୍ୟରେ ବିଡବ୍ଲୁଏଫ୍ ବିଶ୍ୱ ଟୁରରେ ଶ୍ରୀକାନ୍ତଙ୍କର ପ୍ରଥମ ଫାଇନାଲ ପ୍ରବେଶ। ପୂର୍ବରୁ, ସେ ୨୦୧୯ ଇଣ୍ଡିଆ ଓପନ୍‌ରେ ରନର୍ସଅପ୍ ଥିଲେ। ଶ୍ରୀକାନ୍ତ ଶେଷ ଥର ପାଇଁ ୨୦୧୭ରେ ଚାରୋଟି ଟାଇଟଲ ଜିତିଥିଲେ। ଏକଦା ବିଶ୍ୱ ନମ୍ବର ୧ ଥିବା ଶ୍ରୀକାନ୍ତ ବର୍ତ୍ତମାନ ୬୫ତମ ସ୍ଥାନରେ ଅଛନ୍ତି। ଗତ କିଛି ବର୍ଷ ଧରି ସେ ଫର୍ମ ଏବଂ ଫିଟନେସ ସହିତ ସଂଘର୍ଷ କରୁଛନ୍ତି, କିନ୍ତୁ ଏହି ପ୍ରଦର୍ଶନ ସହିତ ସେ ପୁନରାଗମନର ସଙ୍କେତ ଦେଖାଇଛନ୍ତି।

# ଇଂଲଣ୍ଡରେ ସବୁ ମ୍ୟାଚ୍ ଖେଳିବେନି ଯଶପ୍ରୀତ ବୁମ୍ରା

ନୂଆଦିଲ୍ଲୀ: ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସମସ୍ତ ୫ଟି ଯାକ ମ୍ୟାଚ୍‌ରେ ଖେଳିବେ ନାହିଁ ଭାରତର ଫାଷ୍ଟ ବୋଲର ଯଶପ୍ରୀତ ବୁମ୍ରା। ଇଂଲଣ୍ଡ ଗସ୍ତ ପାଇଁ ଆଜି ୧୮ ଜଣିଆ ଭାରତୀୟ ଟେଷ୍ଟ ଦଳ ଘୋଷଣା କଲା ବେଳେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର। ବିସିସିଆଇର ଫିଜିଓ ଓ ଡାକ୍ତରମାନେ ଦେଇଥିବା ତଥ୍ୟ ଆଧାରରେ ଏହି ସୂଚନା ଦେଇଛନ୍ତି ଅଗରକର। ସେ କହିଛନ୍ତି, ମୁଁ ଭାବୁ ନାହିଁ ଯେ ସେ (ଯଶପ୍ରୀତ ବୁମ୍ରା) ୫ଟି ଯାକ ଟେଷ୍ଟରେ ଉପଲବ୍ଧ ହେବେ। ଫିଜିଓ ଓ ଡାକ୍ତରମାନେ ଯାହା କହିଛନ୍ତି, ସେହି ଆଧାରରେ ଏହା ଜଣାପଡୁଛି। ସେ ୪ଟି ଟେଷ୍ଟ ଖେଳିବେ କି ୩ଟି ଖେଳିବେ, ତାହା ସିରିଜ୍ ଚାଲିବା ପରେ ଜଣାପଡ଼ିବ। ସେହିପରି ତାଙ୍କ ଶରୀର କେତେ କାର୍ଯ୍ୟଭାର ସମ୍ଭାଳି ପାରୁଛି, ତାହା ଦେଖିବାକୁ ହେବ। ସେ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଯଦି ସେ ତିନି ବା ଚାରିଟି ଟେଷ୍ଟ ମ୍ୟାଚ୍ ପାଇଁ ଫିଟ୍ ରହନ୍ତି, ତା'ହେଲେ ସେ ଆମ ପାଇଁ ବିଜୟ ଆଣି ଦେବେ। ଅଗରକର କହିଛନ୍ତି, ଆମେ ଖୁସି ଅଛୁ ଯେ ସେ ଏବେ ଫିଟ୍ ଅଛନ୍ତି। ମୁଁ ଖୁସି ଯେ ସେ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆରେ 'ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫'ରେ ରୋହିତ ଶର୍ମାଙ୍କ




ଅନୁପସ୍ଥିତିରେ ଯଶପ୍ରୀତ ବୁମ୍ରା ପର୍ଥରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଥିଲେ। ଏହି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ତେବେ ଏହି ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ଆହତ ହେବାରୁ ଆଉ ବୋଲିଂ କରିବାକୁ ସକ୍ଷମ ହୋଇ ନଥିଲେ। ଆହତ କାରଣରୁ ଯଶପ୍ରୀତ ବୁମ୍ରା ଚାମ୍ପିୟନ୍ସ ଟ୍ରଫି ଖେଳି ପାରି ନଥିଲେ। କିନ୍ତୁ ସେ ୨୦୨୫ ଆଇପିଏଲରେ ଫେରିଥିଲେ ମୁମ୍ବାଇ ଟିମ୍‌କୁ। ସେ ଏବେ ଭଲ ଫର୍ମରେ ଅଛନ୍ତି। ଦଳ ପାଇଁ ସେ ୯ଟି ମ୍ୟାଚ୍‌ରୁ ୧୬ଟି ୱିକେଟ୍ ନେଇଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ଦୁଇ ବରିଷ୍ଠ ଖେଳାଳି ଟେଷ୍ଟ ମ୍ୟାଚ୍‌ରୁ ଅବସର ନେବା ପରେ ଯଶପ୍ରୀତ ବୁମ୍ରା ଅଧିନାୟକ ହେବା ଦୌଡ଼ରେ ସବୁଠାରୁ ଆଗରେ ରହିଥିଲେ। ହେଲେ ତାଙ୍କ ଫିଟନେଶ ଓ ୱାର୍କଲୋଡ ମ୍ୟାନେଜମେଣ୍ଟ ସବୁଠାରୁ ଚିନ୍ତାର ବିଷୟ ହୋଇଥିବାରୁ ତାଙ୍କୁ ଅଧିନାୟକ କରାଯାଇନାହିଁ। ଇଂଲଣ୍ଡ ଗସ୍ତ ପାଇଁ ଆଜି ୧୮ ଜଣିଆ ଭାରତୀୟ ଟେଷ୍ଟ ଦଳ ଘୋଷଣା କରାଯାଇଥିବା ବେଳେ ଗିଲଙ୍କୁ କରାଯାଇଛି ଅଧିନାୟକ। ୨୫ ବର୍ଷୀୟ ଗିଲ ହୋଇଛନ୍ତି ଭାରତୀୟ ଟେଷ୍ଟ କ୍ରିକେଟ ଟିମ୍‌ର ୩୭ତମ ଅଧିନାୟକ। ସୂଚନାଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଘୋଷଣା କରାଯାଇଥିବା ୧୮ ଜଣିଆ ସ୍କ୍ୱାଡ୍‌ରେ ବରିଷ୍ଠ ଫାଷ୍ଟ ବୋଲର ମହମ୍ମଦ ସାମିଙ୍କୁ ସାମିଲ କରାଯାଇନାହିଁ। ଆହତ ଜନିତ କାରଣରୁ ତାଙ୍କୁ ବାଦ୍ ଦିଆଯାଇଛି। ବର୍ଡର-ଗାଭାସ୍କର ଟ୍ରଫି ୨୦୨୪-୨୫ ପାଇଁ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇନଥିଲା। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି, ଶାମି ଏହି ଟେଷ୍ଟ ସିରିଜ୍ ପାଇଁ ଫିଟ୍ ହେବାକୁ ପ୍ରୟାସ କରିଛନ୍ତି। କିନ୍ତୁ ମୁଁ ଭାବୁ ନାହିଁ ସେ ଏବେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯଥେଷ୍ଟ ଫିଟ୍ ହୋଇଛନ୍ତି। ମୁଁ ଭାବୁ ନାହିଁ ଯେ ସେ ଯେତିକି ଫିଟ୍ ରହିବା କଥା ସେତିକି ଅଛନ୍ତି। ଡାକ୍ତରମାନଙ୍କ ପରାମର୍ଶକ୍ରମେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

# ଶେଷ ହେଲା ଶାମିଙ୍କ ଟେଷ୍ଟ କ୍ୟାରିୟର




ନୂଆଦିଲ୍ଲୀ: ୨୦୨୫ ମସିହାର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳକୁ ଚୟନ କରାଯାଇଛି। ଯୁବ ଷ୍ଟାର ଓପନର ଶୁବମନ ଗିଲଙ୍କୁ ଭାରତୀୟ ଟେଷ୍ଟ ଦଳର କମାଣ୍ଡ ଦିଆଯାଇଛି। ଯେତେବେଳେ, ରିଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଦଳ ଘୋଷଣା କରିଛନ୍ତି। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବସର ଘୋଷଣା ପରେ, ଭାରତର ଟେଷ୍ଟ ଦଳ ନୂଆ ମୁହଁ ସହିତ ଉତ୍ସାହ ଏବଂ ଆଗ୍ରହରେ ପରିପୂର୍ଣ୍ଣ। ସୂଚନାଯୋଗ୍ୟ, ଆଘାତ ଏବଂ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଭାରତର ଷ୍ଟାର ବୋଲର ମହମ୍ମଦ ଶାମିଙ୍କୁ ଦଳରେ ସ୍ଥାନ ମିଳିନାହିଁ। ୩୪ ବର୍ଷୀୟ ଶାମି ଆଘାତ ସହିତ ସଂଘର୍ଷ କରୁଛନ୍ତି। ତେଣୁ, ସେ ଦଳରେ ସ୍ଥାନ ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ, ଶାମି ୨୦୨୩ ବିଶ୍ୱକପରେ ଏକ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ତଥାପି, ବିଶ୍ୱକପ ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହା ପରେ ସେ ୨୦୨୫ ମସିହାରେ ଟିମ ଇଣ୍ଡିଆକୁ ଫେରିଥିଲେ। ତଥାପି, ସେବେଠାରୁ ତାଙ୍କୁ ଫର୍ମରେ ଦେଖିବାକୁ ମିଳିନାହିଁ। ଆଇପିଏଲ ୨୦୨୫ରେ ମଧ୍ୟ ଶାମିଙ୍କୁ କେତେବେଳେ ସନରାଇଜର୍ସ ହାଇଦ୍ରାବାଦର ପ୍ଲେଇଂ ଇଲେଭେନରେ ଦେଖିବାକୁ ମିଳିଥିଲା ତ କେତେବେଳେ ବାହାରେ ବସିଥିଲେ। ଇଂଲଣ୍ଡ ଗସ୍ତ ପାଇଁ ଦଳ ଘୋଷଣା କରିବା ସମୟରେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହିଥିଲେ ଯେ ଶାମି ଟେଷ୍ଟ ଦଳରେ ଖେଳିବା ପାଇଁ ଯଥେଷ୍ଟ ଫିଟ ନୁହଁନ୍ତି। ତଥାପି, ଏବେ ପ୍ରଶ୍ନ ଉଠୁଛି ଯେ ଇଂଲଣ୍ଡରେ ଭାରତୀୟ ଦଳର ନେତୃତ୍ୱ କିଏ ନେବ। ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଚୟନ ପୂର୍ବରୁ, ଜସପ୍ରିତ ବୁମରାହ କହିଥିଲେ ଯେ ସେ କେବଳ ତିନୋଟି ମ୍ୟାଚ ପାଇଁ ଉପଲବ୍ଧ ରହିବେ। ତେବେ, କିଏ ତିନୋଟି ମ୍ୟାଚରେ ବୁମରାହଙ୍କୁ ସମର୍ଥନ କରିବ ଏବଂ ପରବର୍ତ୍ତୀ ଦୁଇଟି ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେବ? ଆସନ୍ତୁ ଦେଖିବା ବର୍ତ୍ତମାନ ଭାରତୀୟ ଦଳରେ ଥିବା ଦ୍ରୁତ ବୋଲର – ଶାର୍ଦ୍ଦୁଳ ଠାକୁର, ଜସପ୍ରୀତ ବୁମରାହ, ମହମ୍ମଦ ସିରାଜ, ପ୍ରସାଦ କୃଷ୍ଣ, ଆକାଶ ଦୀପ, ଅର୍ଶଦୀପ ସିଂ। ବର୍ତ୍ତମାନ, ଜସପ୍ରିତ ବୁମରାହଙ୍କ ବ୍ୟତୀତ, ମହମ୍ମଦ ସିରାଜଙ୍କର ବିଦେଶରେ ଖେଳିବାର ଅଭିଜ୍ଞତା ଅଛି। ଜସପ୍ରିତ ବୁମରାହ ତିନୋଟି ମ୍ୟାଚ ଖେଳିବେ, ତା'ପରେ ମ୍ୟାଚର ଦାୟିତ୍ୱ ସିରାଜ ଏବଂ ଠାକୁରଙ୍କ କାନ୍ଧରେ ପଡ଼ିବ। ଠାକୁର ଇଂଲଣ୍ଡରେ ୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୬ଟି ଇନିଂସରେ ୮ଟି ୱିକେଟ ନେଇଛନ୍ତି। ସେ ୫ଟି ଇନିଂସରେ ୨ଟି ଅର୍ଦ୍ଧଶତକ ସହାୟତାରେ ୧୨୨ ରନ ମଧ୍ୟ କରିଛନ୍ତି। ତେଣୁ ସେ ଜଣେ ଅଲରାଉଣ୍ଡର ଭାବରେ ଦଳରେ ଖେଳିବେ। ବିଦେଶୀ ମାଟିରେ ସିରାଜଙ୍କ ପ୍ରଦର୍ଶନ ଭଲ, କିନ୍ତୁ ତାଙ୍କୁ କିଏ ସମର୍ଥନ କରିବ ତାହା ଭାରତୀୟ ଦଳ ପାଇଁ ଚିନ୍ତାର ବିଷୟ ହେବ। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ, ଭାରତୀୟ ଦଳରେ ଏପରି କୌଣସି ଖେଳାଳି (ଦ୍ରୁତ ବୋଲର) ନାହାନ୍ତି ଯାହାଙ୍କର ବିଦେଶୀ ମାଟିରେ ମ୍ୟାଚ ଖେଳିବାର ଅଭିଜ୍ଞତା ଅଛି। ସୂଚନାଯୋଗ୍ୟ, ଭାରତୀୟ ଦଳ ଜୁନରେ ଇଂଲଣ୍ଡ ଗସ୍ତରେ ଯାଉଛି। ୨୦ ଜୁନରୁ ଏହାର ପ୍ରଥମ ମ୍ୟାଚ ଖେଳିବ। ରୋହିତ ଶର୍ମା ଏବଂ ବିରାଟ କୋହଲି ଟେଷ୍ଟରୁ ଅବସର ନେବା ପରେ ଏହା ଭାରତର ପ୍ରଥମ ସିରିଜ ହେବ।

ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୮ମ ଦିନ

# ୪ ୱିକେଟ୍‌ରେ ବାଜି ମାରିଲା ସେଣ୍ଟ ଏନିଜ୍ ସ୍କୁଲ



ବାରିପଦା(ଭାସ୍କର ନ୍ୟୁଜ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ଦିନର ଖେଳରେ ସେ ଏନିଜ କନଭେଣ୍ଟ ସ୍କୁଲ ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ – ଏଫକୁ ୪ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଟିମ- ଏଫ ୧୭. ୪ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅବତାର ମହାପାତ୍ର ୩୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର କେଶବ ଖଣ୍ଡେଲୱାଲ ଓ ଅଭିନୀତ ଷଡ଼ଙ୍ଗୀ ୩ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ସେଣ୍ଟ ଏନିଜ ସ୍କୁଲ ୧୪.୩ ଓଭରରେ ୬ ଉଇକେଟ ହରାଇ ୮୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସୁଜିତ ଖଣ୍ଡେଲୱାଲ ୩୨ ରନ ସଂଗ୍ରହ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଆଇନଜୀବୀ ଶ୍ୱେତକେତୁ ଦତ୍ତ, ବିଶିଷ୍ଟ ବ୍ୟବସାୟୀ ଲକ୍ଷଣ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ କାଉନସିଲର ବିଜୟ କୁମାର ସିଂହ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ । ଆସନ୍ତାକାଲି ମୟୁରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ – ଏଫ ଏବଂ ଟିମ – ଡି ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

# ନିଜ ଭାଇଙ୍କ ରେକର୍ଡ ସହ ସମକକ୍ଷ ହେଲେ ମିଚେଲ ମାର୍ଶ



ନୂଆଦିଲ୍ଲୀ: ମିଚେଲ ମାର୍ଶ ଗତକାଲି ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ୧୧୭ ରନ୍ ?ର ଏକ ଚମତ୍କାର ଇନିଂସ ଖେଳି ତାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଏହା ସହିତ ସେ ତାଙ୍କ ଭାଇଙ୍କ ୧୮ ବର୍ଷ ପୁରୁଣା ରେକର୍ଡର ସମକକ୍ଷ ହୋଇଛନ୍ତି। ମିଚେଲ ମାର୍ଶ ଏବଂ ଶନ୍ ମାର୍ଶ ଏବେ ଆଇପିଏଲ୍‌ରେ ଶତକ ହାସଲ କରିଥିବା ଭାଇମାନଙ୍କ ପ୍ରଥମ ଯୋଡ଼ି ହୋଇଯାଇଛନ୍ତି। ମିଚେଲ ମାର୍ଶ ୫୬ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ । ବାସ୍ତବରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୦୮ରେ ଆରମ୍ଭ ହୋଇଥିଲା, ଯେତେବେଳେ ଶନ୍ ମାର୍ଶ ପଞ୍ଜାବ କିଙ୍ଗ୍ସ (ପୂର୍ବରୁ କିଙ୍ଗସ୍ ଇଲେଭେନ୍ ପଞ୍ଜାବ) ପାଇଁ ଖେଳି ଏକ ଶତକ ଏବଂ ୫ ଅର୍ଦ୍ଧଶତକ କରିଥିଲେ। ଏବେ ମିଚେଲ ମାର୍ଶ ଆଇପିଏଲ୍ ୨୦୨୫ରେ ସମାନ କୃତିତ୍ୱ ହାସଲ କରିଛନ୍ତି। ମିଚେଲ ଚଳିତ ସିଜିନ୍‌ରେ ୧ ଶତକ ଏବଂ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶନ୍ ମାର୍ଶ ଆଇପିଏଲ୍ ୨୦୦୮ରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୬୯ ବଲ୍‌ରେ ୧୧୫ ରନ୍ କରିଥିଲେ। ଏବେ ଆଇପିଏଲ୍ ୨୦୨୫ରେ ମିଚେଲ ମାର୍ଶ ୬୪ ବଲ୍ ?ରେ ୧୧୭ ରନ୍ କରିଛନ୍ତି। ଶନ୍ ମାର୍ଶ ତାଙ୍କ ୭୧ ମ୍ୟାଚ୍ ବିଶିଷ୍ଟ ଆଇପିଏଲ କ୍ୟାରିୟରରେ ୨,୪୭୭ ରନ୍ କରିଥିଲେ। ଅନ୍ୟପକ୍ଷରେ, ମିଚେଲ୍ ମାର୍ଶ ଏପର୍ଯ୍ୟନ୍ତ ୫୪ ମ୍ୟାଚ୍ ରେ ୧,୨୨୬ ରନ୍ କରିଛନ୍ତି ଏବଂ ୩୭ ୱିକେଟ୍ ମଧ୍ୟ ନେଇଛନ୍ତି। ମିଚେଲ୍ ମାର୍ଶଙ୍କ ବ୍ୟାଟ୍ ଆଇପିଏଲ ୨୦୨୫ରେ ବହୁତ ରନ୍ ବର୍ଷା କରିଛି। ଏପର୍ଯ୍ୟନ୍ତ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ୧୨ ମ୍ୟାଚ୍ ରେ ୪୬.୬୭ ହାରରେ ୫୬୦ ରନ୍ କରିଛନ୍ତି। ଏହା ଆଇପିଏଲ ଇତିହାସରେ ପ୍ରଥମ ଥର ଯେ ମିଚେଲ୍ ମାର୍ଶ ଗୋଟିଏ ସିଜିନରେ ୫୦୦ ରୁ ଅଧିକ ରନ୍ କରିଛନ୍ତି। ଏହି ସିଜିନରେ ତାଙ୍କର ପ୍ରଦର୍ଶନ ମଧ୍ୟ ସ୍ୱତନ୍ତ୍ର କାରଣ ଏହା ପୂର୍ବରୁ ଏକ ସିଜିନରେ ତାଙ୍କର ସର୍ବାଧିକ ସ୍କୋର ୨୫୧ ରନ୍ ଥିଲା।

# ଜାତୀୟସ୍ତର ଫୁଟବଲ୍ ଖେଳାଳୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକର ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳର ଜଣେ ଆଦିବାସୀ ଛାତ୍ର ଜାତୀୟସ୍ତରର ଫୁଟବଲ ଖେଳି ସମଗ୍ର ନବରଙ୍ଗପୁର ଜିଲ୍ଲାର ସୁନାମ ଆଣିଛନ୍ତି। ଯୁବକର ନା ହେଉଛି ଜଗବନ୍ଧୁ ସାନ୍ତା। ଘର ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡ। ଗ୍ରାମ ପଞ୍ଚାୟତର କୁରବେଡା ଗ୍ରାମରେ। ଜଗବନ୍ଧୁଙ୍କ ପିଲାଦିନରୁ ହିଁ ଫୁଟବଲ ପ୍ରତି ନିଶା ଥିବା ସହ ଏକ ଜାତୀୟ ସ୍ତରରେ ଫୁଟବଲ ଖେଳିବା ପାଇଁ ପ୍ରବଳ ନିଶା ଥିଲା। ଯାହାକି ସେ ଆଜି ତାର ପ୍ରଣାମ ଦେଖାଇ ଦେଇ ସାରିଛନ୍ତି। ଜଗବନ୍ଧୁ ବିହାରର ବାଘେଶ୍ୱରଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ ଖେଲୋ ଇଣ୍ଡିଆ ଜାତୀୟ ସ୍ତର ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ଖେଳୁଥିଲେ। ଫାଇନାଲ ମ୍ୟାଚରେ ଓଡ଼ିଆ ଦଳ ଝାଡ଼ଖଣ୍ଡ ଠାରୁ ୩-୪ ଗୋଲରେ ପରାସ୍ତ ହେଇଥିଲେ ହେଁ ଜଗବନ୍ଧୁଙ୍କ ଖେଳ କୌଶଳ ସ୍ଥାନୀୟ ଜନତାଙ୍କୁ ମନ ମୁଗଧ କରିଥିଲା। ସେ ଓଡ଼ିଶା ଟିମରେ ମିଡ ଫିଲ୍ଡରେ ଖେଳନ୍ତି। ଜଗବନ୍ଧୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଭାମିନି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ କିଶୋର ସିଲ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫୁଟବଲ ଖେଳିବା ଓ ତାଲିମପ୍ରାପ୍ତ କରିଥିଲେ । ବର୍ତ୍ତମାନ ସେ ଫୁଲବାଣୀ ସ୍ପୋର୍ଟସ ହଷ୍ଟେଲରେ ତାଲିମ ନେଉଛନ୍ତି। ବର୍ତ୍ତମାନ ଜଗବନ୍ଧୁ ଜାମରୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁକ୍ତ ୨ କଳା ବିଭାଗରେ ପାଠ ପଢୁଛନ୍ତି। ଆଜି ସେ ଫୁଟବଲ ଖେଳିବା ପାଇଁ ଉମରକୋଟ ଠାରେ ପହଞ୍ଚିଛନ୍ତି । ପରେ ପ୍ରଥମେ ଗୁରୁ ତଥା କ୍ରୀଡ଼ା ଶିକ୍ଷକ କିଶୋର ସିଲ୍‌ଙ୍କ ଆଶୀର୍ବାଦ ନେବା ପାଇଁ ସାକ୍ଷାତ କରିଥଲେ। କ୍ରୀଡ଼ା ଶିକ୍ଷକ ଶ୍ରୀ ସିଲ ଜଗବନ୍ଧୁଙ୍କୁ ଦେଖି ଅତ୍ୟନ୍ତ ଭାବ ବିହଳ ହେଇ ଯାଇଥିଲେ। ଏହି ଅବସରରେ ଜଗବନ୍ଧୁ କୁହନ୍ତି ମୋର ଆଗାମୀ ସ୍ୱପ୍ନ ହେଲା ଭାରତୀୟ ଟିମରେ ଖେଳିବି ଓ ଏଥିପାଇଁ ଯାହାବି ପରିଶ୍ରମ କରିବାର ଅଛି ତାହା କରିବି।

ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଗୋପବନ୍ଧୁ ହାଇସ୍କୁଲ ୯ ୱିକେଟ୍‌ରେ ବିଜୟୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ପଞ୍ଚମ ଦିବସ ଲିଗ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ ) କିଡ଼ସ ପବ୍ଲିକ ସ୍କୁଲ (ମିଳିତ ) ବିପକ୍ଷରେ ୯ ଉଇକେଟରେ ଏକ ସହଜସାଧ୍ୟ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । କିଡ଼ସ ପବ୍ଲିକ ସ୍କୁଲ ଟସରେ ଜିଣି ପ୍ରଥମେ ପାଳି ଆରମ୍ଭ କରିବାକୁ ନିଷ୍ପତି ନେଇଥିଲା କ୍ଷ ମାତ୍ର ଗତକାଲି ବର୍ଷା ଫଳରେ ପଡିଆ ଓଦା ଥିବାରୁ ଦ୍ରୁତ ଗତିରେ ରନ ସଂଗ୍ରହ କରିବା ସେମାନଙ୍କ ପାଇଁ ସହଜ ନଥିଲା ଏବଂ ସେମାନେ ନିର୍ଦ୍ଧାରିତ ୩୦ ଓଭର ଠାରୁ ୫ଟି ବଲ କମ ଖେଳି ସମସ୍ତ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲେ । ଦଳ ପକ୍ଷରୁ ଗତ ମ୍ୟାଚରେ ଶତକ ହାସଲ କରି ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ସୋହମ କୁମାର ଜେନା ୮୪ଟି ବଲର ସମ୍ମୁଖୀନ ହୋଇ ୧୫ଟି ଚୌକା ସହାୟତାରେ ସର୍ବାଧିକ ୭୯ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ । ପ୍ରତିପକ୍ଷ ଦଳର ଅଙ୍ଗଦ ଲୋଟିଆ ୬ ଓଭର ବୋଲିଂରେ ଗୋଟିଏ ମେଡନ ସହ ୩୮ ରନ ଦେଇ ୪ଟି ଉଇକେଟ ହାସଲ କରିଥିବା ବେଳେ ଶୁଭେନ୍ଦୁ ବେହେରା ୩.୧ ଓଭର ବୋଲିଂ କରି ୭ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ । ଏହାର ଜବାବରେ ଗୋପବନ୍ଧୁ ହାଇସ୍କୁଲ ମ୍ୟାଚ ଜିତିବା ପାଇଁ ଓଭର ପିଛା ୪. ୫୩ହାରରେ ରନ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିଲେ ଏବଂ ପ୍ରଥମରୁ ଅତି ଦ୍ରୁତ ଗତିରେ ରନ ସଂଗ୍ରହ କରି ୧୮.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟର ସ୍ୱାଦ ଚାଖିଥିଲେ । ଦଳ ପକ୍ଷରୁ ଯୋଗେଶ୍ୱର ମହାନ୍ତ ୫୩ଟି ବଲର ସମ୍ମୁଖୀନ ହୋଇ ୯ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ଅପରାଜିତ ୬୦ ରନ ସଂଗ୍ରହ କରିଥିବା ବେଳେ ଆଶୁତୋଷ ନାୟକ ୪୩ ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ସହାୟତାରେ ୫୯ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ । ନିଜର ଯାଦୁକରୀ ଅଫ ସ୍ପିନ ବୋଲିଂରେ କିଡ଼ସର ରନ ଗତି ବଢ଼ାଇବାରେ ବ୍ରେକ ଲଗାଇବା ସହ ୪ଟି ଉଇକେଟ ହାସଲ କରିଥିବା ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର ( ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik


Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26
TETRAHEDRON
GROUP OF INSTITUTIONS
TETRAHEDRON GROUP OF INSTITUTIONS
TANGI, CUTTACK
Tangi,Cuttack, For Admission Contact : 8093064522, 8093064525,9040363480, 7008222977
559 SWATA SUMAN R.NO. : 321CZ041
559 SANDEEPA R.NO. : 321CZ110
559 BIKASH R.NO. : 312CZ040
559 HRUSIKESH R.NO. : 312CZ045
558 PRIYANSHI R.NO. : 321CZ004
558 LICHISNA R.NO. : 321CZ027
558 DEBAKANTA R.NO. : 312CZ066
558 OMM PRAKASH R.NO. : 312CZ090
558 BIDYA BIBHUSAN R.NO. : 312CZ229
557 TAPASWINI R.NO. : 321CZ031
557 OMM PRAKASH R.NO. : 312CZ001
556 SNIGDHARANI R.NO. : 321CZ003
556 SUSHREE SHREEKRISHNA R.NO. : 321CZ055
556 SWAGATIKA R.NO. : 321CZ059
556 ARJYA NATASHA R.NO. : 321CZ078
556 ASHMIREKHA R.NO. : 321CZ113
556 SUREKHA R.NO. : 321CZ181
556 BIKRAM R.NO. : 312CZ050
556 OMPRAKASH R.NO. : 312CZ062
556 SWAGATJYOTI R.NO. : 312CZ091
556 ASWINI R.NO. : 312CZ119
556 MOHIT R.NO. : 312CZ143
555 RAJALXMI R.NO. : 321CZ079
555 BHASWATI R.NO. : 321CZ123
555 DIPTI KRISHNA R.NO. : 321CZ013
555 LALATENDU R.NO. : 312CZ094
555 ARJYAN R.NO. : 312CZ148
554 PRACHI PRIYADARSANI R.NO. : 321CZ008
554 SHREEYASHREE R.NO. : 321CZ042
554 SWATISASWATI R.NO. : 321CZ243
554 SUBHAM SEKHAR R.NO. : 312CZ023
554 SOUMYA PRIYANSU R.NO. : 312CZ027
554 OMM ANSHUMAN R.NO. : 312CZ043
99% 1st Division
RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120
554 NITYANANDA R.NO. : 312CZ070
554 SAIPRAKASH R.NO. : 312CZ108
554 CHINMAY R.NO. : 312CZ282
554 SAMPAD R.NO. : 312CZ320
553 IPSITA R.NO. : 321CZ006
553 SAMIKSHA R.NO. : 321CZ019
553 SRADHA SUMAN R.NO. : 321CZ047
553 ARCHANA R.NO. : 321CZ118
553 SUBHAKANTA R.NO. : 312CZ055
553 SMRUTI RANJAN R.NO. : 312CZ135
552 SUBHRANSU R.NO. : 312CZ002
552 OM ASISH R.NO. : 312CZ020
552 ALOK KUMAR R.NO. : 312CZ076
552 SATYAJIT R.NO. : 312CZ202
552 OMM PRASAD R.NO. : 312CZ259
551 PRITIPRANGYA R.NO. : 321CZ036
551 ALISHA R.NO. : 321CZ074
551 SUBHASHREETA R.NO. : 321CZ084
551 SRADHANJALI R.NO. : 321CZ103
551 ANKITA R.NO. : 321CZ301
551 ANKITA SAHOO R.NO. : 321CZ302
550 SUCHARITA R.NO. : 321CZ028
550 PRITIMAYEE R.NO. : 321CZ029
550 SHUBHRAKANTA R.NO. : 312CZ024
550 BIBHABA SINDHU R.NO. : 312CZ098
550 PABITRA R.NO. : 312CZ368
549 PRIYANKA R.NO. : 321CZ009
549 BUDHADITYA R.NO. : 312CZ025
549 AMAN R.NO. : 312CZ056
549 SWASTIK SWARAJ R.NO. : 312CZ077
548 SWASTHIREKHA R.NO. : 321CZ052
548 ARPITA R.NO. : 321CZ057
548 SWAGATIKA R.NO. : 321CZ077
548 SHITAL SUKANYA R.NO. : 321CZ080
548 ANITA R.NO. : 321CZ105
548 POONAM R.NO. : 321CZ115
548 PRIYANKA PRIYADARSHANI R.NO. : 321CZ296
548 SWADHIN R.NO. : 312CZ004
548 AYUSH R.NO. : 312CZ031
548 ABHILAS R.NO. : 312CZ089
548 BISWAJIT R.NO. : 312CZ150
547 EBANJALI R.NO. : 321CZ151
547 PRIYANKA R.NO. : 321CZ271
547 DEBASHISH R.NO. : 312CZ075
547 SUDDHI SUNDAR R.NO. : 312CZ198
546 PRIYANKA R.NO. : 321CZ013
546 SWATISHREE R.NO. : 321CZ026
546 ABHIPSA R.NO. : 321CZ076
546 SUBHALAXMI R.NO. : 321CZ089
546 ANKITA R.NO. : 321CZ518
546 SRIYANSU R.NO. : 312CZ195
546 SUBRAT R.NO. : 312CZ196
546 SOUBHAGYA R.NO. : 312CZ593
545 ASHUTOSH R.NO. : 312CZ022
545 LOKANATH R.NO. : 312CZ030
545 SATYAJIT R.NO. : 312CZ084
545 PARTHASARATHI R.NO. : 312CZ173
545 PRATIK R.NO. : 312CZ184
545 SUSHIL R.NO. : 312CZ250
545 BISWAJIT R.NO. : 312CZ268
545 DIBYAJYOTI R.NO. : 312CZ441
544 N S SHAKTIRUPA R.NO. : 321CZ021
544 DEBASMITA R.NO. : 321CZ049
544 PRIYABRATA R.NO. : 312CZ016
544 DEBENDRA R.NO. : 312CZ042
544 SOURAV R.NO. : 312CZ222
544 ABHISEK R.NO. : 312CZ263
544 RUDRAPRASAD R.NO. : 312CZ266
543 PRIYANKA PRIYADARSHINI R.NO. : 321CZ219
543 SAMIT R.NO. : 312CZ149
542 SIMRAN R.NO. : 321CZ214
542 SHREEYA SARGAM R.NO. : 321CZ253
542 GYANA RANJAN R.NO. : 312CZ069
542 ATANU R.NO. : 312CZ083
542 SK ABID R.NO. : 312CZ109
542 SOMEN R.NO. : 312CZ176
541 LAXMIPRIYA R.NO. : 321CZ083
541 ANKITA PRIYADARSINI R.NO. : 321CZ147
541 MANISHARANI R.NO. : 321CZ396
541 SUBHASHREE PRIYADARSHINI R.NO. : 321CZ522
541 BISHNU PRASAD R.NO. : 312CZ028
541 OMPRAKASH R.NO. : 312CZ121
541 SANKALP R.NO. : 312CZ172
541 RABINARAYAN R.NO. : 312CZ188
541 SHUBHAM R.NO. : 312CZ235
541 ASHIT R.NO. : 312CZ363
541 SAI PRASAD R.NO. : 312CZ379
540 PRIYANKA PRIYADARSHANI R.NO. : 321CZ023
540 S BIJAYAKRANTI R.NO. : 321CZ053
540 MANYATA R.NO. : 321CZ152
540 BISWANATH R.NO. : 312CZ014
540 SMRUTI RANJAN R.NO. : 312CZ017
540 ABINASH R.NO. : 312CZ079
540 GAJENDRA NATH R.NO. : 312CZ085
540 DIBYAJYOTI R.NO. : 312CZ099
540 SAI JAGADISH R.NO. : 312CZ112
540 DEBASISH PRIYDARSHI R.NO. : 312CZ133
540 ADARSHA RANJAN R.NO. : 312CZ156
540 GUNASAGAR R.NO. : 312CZ194
540 SUVAM R.NO. : 312CZ582
540 HIMANSU R.NO. : 312CZ587
We are expecting 140 to 180 Govt. MBBS Admissions in 2025
71 MBBS IN 2024
5 Students got admission in AIIMS
8 Students got admission in SCB MCH, Cuttack
9 Students got admission in MKCG, Berhampur
6 Students got admission in VIMSAR, Burla
We are expecting 10 to 20 IIT & NIT Admissions in 2025.
TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON RESIDENTIAL COACHING FOR NEET & JEE
54 MBBS IN 2023
2 Students got admission in AIIMS
9 Students got admission in SCB MCH, Cuttack
5 Students got admission in VIMSAR, Burla
13 Students got admission in MKCG, Berhampur
One Year NEET Coaching Starts from 29th May, 4th June & 22nd June 2025



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ସ୍ଥିତ ଏକ ଘରୋଇ ହୋଟେଲରେ ବିଜୁ ଜନତା ଦଳ ପକ୍ଷରୁ ପରିମଳ ବ୍ୟବସ୍ଥାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ପୌରପରିଷଦର ନଗରପାଳ, କାଉନସିଲରମାନେ ଉପସ୍ଥିତ ଥିଲେ। ଝାରସୁଗୁଡାରେ ପରିମଳ ବ୍ୟବସ୍ଥା, ଡ୍ରେନ ସଫେଇ ଡ୍ରାଇଭ ଆଦି ପୌରପରିଷଦ ପକ୍ଷରୁ କରାଯାଉଥିବା ବେଳେ ଝାରସୁଗୁଡ଼ା ବିଧାୟକ ଲୋକଙ୍କ ପ୍ରଶଂସାର ପାତ୍ର ହେବାପାଇଁ ଏହି ଡ୍ରେନ ସଫେଇ ଡ୍ରାଇଭ ତାଙ୍କ ନିର୍ଦ୍ଦେଶରେ ଆରମ୍ଭ କରାଯାଇଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ କୁହାଯାଇଛି। ଏହାସହ ଝାରସୁଗୁଡାର ଉନ୍ନତି ପାଇଁ ସମସ୍ତେ ଏକହୋଇ ଝାରସୁଗୁଡା କାମ କରିବବୋଲି କହୁଥିବା ବିଧାୟକ କାହିଁକି ବିଭିନ୍ନ ୱାର୍ଡ ବୁଲିବା ସହ ଡ୍ରେନେଜ ସଫେଇ ସମୟରେ କାଉନସିଲ ଏବଂ କାଉନସିଲରମାନଙ୍କୁ ନେଇ ଗଠନ ହୋଇଥିବା ଟିମ ମେମ୍ବରଙ୍କୁ ସୂଚନା ଦେଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କାଉନସିଲରମାନେ। ସେହିପରି ଝାରସୁଗୁଡା ପୌରପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ଠାରୁ ଫଣ୍ଡ ଆଣିବାସହ ଝାରସୁଗୁଡା ପାଇଁ ଏକ ମାଷ୍ଟର ଡ୍ରେନ ପ୍ରୋଜେକ୍ଟ ଅନୁମୋଦନ କଲେ ଝାରସୁଗୁଡାବାସୀ ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ପୌରାଧକ୍ଷା ରାନୀ ହାତୀ ସମେତ କୈଳାସ ନନ୍ଦ, ଲାଲା ଶର୍ମା, ନବନିତ କୋର, ମଧୁମିତା ଶୁଭନିଲ, ଗୀତାଞ୍ଜଳି ପଣ୍ଡା ପ୍ରମୁଖ କାଉନସିଲରମାନେ ଉପସ୍ଥିତ ଥିଲେ।

# ଗ୍ରାହକଙ୍କୁ ଶୋଷୁଛନ୍ତି ଏଜେନ୍ସି କର୍ମଚାରୀ

## ଟାଙ୍କି ପିଛା ନେଉଛନ୍ତି ଅତିରିକ୍ତ ୫୦ଟଙ୍କା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ରନ୍ଧନ ଗ୍ୟାସ ବୁକିଂ କଲେ ନିର୍ଦ୍ଧାରିତ ସମୟରେ ଘରେ ଆସି ପହଂଚିବ ସିଲିଣ୍ଡର। ଏଥିଲାଗି ପରିବହନ ବାବଦରେ ଅତିରିକ୍ତ ଦେୟ ଆଦାୟ କରାଯିବାର ନିୟମ ନାହିଁ। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳମାନଙ୍କରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗ୍ୟାସ ବିତରଣ ଦାୟିତ୍ୱରେ ଥିବା ଏଜେନ୍ସି କର୍ମଚାରୀ ଏଥିଲାଗି ୨୦ରୁ ୫୦ଟଙ୍କା ଦେୟ ଦାବି କରୁଛନ୍ତି। ପ୍ରତିବାଦ କଲେ ବାହାନା ଦେଖାଇ ଗ୍ୟାସ ଯୋଗାଣରେ ଅଯଥା ବିଳମ୍ବ କରୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଥିବା ବେଳେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ଓଡିଶାରେ ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର (୧୪.୨କିଗ୍ରା)ପିଛା ଦର ୮୮୦ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଗ୍ରାହକଙ୍କ ଠାରୁ ୯୦୦କେଉଁ କେଉଁ ସ୍ଥାନରେ ୯୪୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଘରେ ସିଲିଣ୍ଡର ପହଞ୍ଚାଇବା ଲାଗି ସରକାରୀ ଭାବେ ୧୯ ଟଙ୍କା ୫୦ପଇସା ଯୋଗାଇ ଦିଆଯାଉଛି। ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ ଜୋର ଜବରଦସ୍ତ ଅତିରିକ୍ତ ୨୦ରୁ ୫୦ଟଙ୍କା ଆଦାୟ କରୁଛନ୍ତି। ଏପରିକି ଗ୍ୟାସ ଯୋଗାଣ ଖାତାରେ ଏ ସମ୍ପର୍କିତ ତଥ୍ୟ ଉଲ୍ଲେଖ କରିବାକୁ କର୍ମଚାରୀ ସିଧାସଳଖ ମନା କରିଦେଉଛନ୍ତି। ଏଜେନ୍ସି କର୍ମଚାରୀ ଗ୍ରାହକଙ୍କୁ ସିଲିଣ୍ଡର ଦେଲାବେଳେ ଓଜନ କରି ଦେବାର ବ୍ୟବସ୍ଥା ଥିବା ବେଳେ କର୍ମଚାରୀ ଏହାକୁ ଭୁଲିଯାଇଥିବା ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଘରେ ସିଲିଣ୍ଡର ଦେବାକୁ ବ୍ୟବସ୍ଥା ଥିବାବେଳେ କର୍ମଚାରୀ ଗାଁ ଦାଣ୍ଡରେ ଗୋଟେ ଜାଗାରେ ଗ୍ୟାସ ସିଲିଣ୍ଡର ବିତରଣ କରୁଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀଙ୍କୁ ପଚାରିବାରୁ ବିଭିନ୍ନ ବାହାନା ଦେଖାଇବା ସହିତ ଗ୍ରାହକଙ୍କୁ କଦର୍ଯ୍ୟ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ବ୍ୟବସାୟ କରୁଥିବା କିଛି ବ୍ୟବସାୟୀ ଘରୋଇ ଇନ୍ଧନ ବ୍ୟବହାର କରୁଥିବା ବେଳେ କର୍ମଚାରୀ କିଛି ହାତଗୁଞ୍ଜା ନେଇ ତାଙ୍କ ଦୋକାନରେ ବୋହି ନେଇ ଥୋଇ ଦେଉଥିବା ଦେଖିବାକୁ ମିଳୁଥିବା ବେଳେ ଗ୍ରାହକଙ୍କୁ ତାଙ୍କ ଗାଡି ଠାରୁ ନେବାକୁ ବାଧ କରୁଛନ୍ତି। ଭିନ୍ନକ୍ଷମ ଅସହାୟ ମହିଳା ହିତାଧିକାରୀ ଘରେ ରଖିଦେବାକୁ କହିଲେ କିଛି କଥା ଶୁଣୁନଥିବା ଦେଖିବାକୁ ମିଳୁଛି। ଏ ବାବଦରେ କିଛି ହାତଗୁଞ୍ଜା ଦେଇଦେଲେ କର୍ମଚାରୀ ଅତି ଆଗ୍ରହ ସହକାରେ ଘରେ ନେଇ ଥୋଇ ଦେଉଛନ୍ତି। ଏ ନେଇ ଗ୍ରାହକ ପଚାରିଲେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ। ଟଙ୍କା ନ ଦେଲେ ଉଦ୍ଦେଶ୍ୟମୂଳକ ଭାବେ ଗ୍ରାହକମାନଙ୍କୁ ହଇରାଣ କରାଯାଉଛି। ଯାହାଫଳରେ ଅସ୍ତରଙ୍ଗ ଅଞ୍ଚଳର ବଜାର ଓ ଗ୍ରାମାଞ୍ଚଳ ରେ ଗ୍ୟାସ ଏଜେନ୍ସିଙ୍କ ଏଭଳି ଦୌରାତ୍ମ୍ୟ ସୀମା ଟପିଲାଣି। ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଗ୍ରାହକ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଦୁର୍ନୀତିର ଗ୍ରନ୍ଥାଘର ସାଜିଛି ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ଉପଖଣ୍ଡସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ। ଗ୍ରାମ୍ୟ ଉନ୍ନୟନ ବିଭାଗର କୁଳିଅଣା ବ୍ଲକ ଅନ୍ତର୍ଗତ ଖୁଣ୍ଟାପାଳ-ଦରଖଳି ରାସ୍ତାର ମରାମତି ପାଇଁ ଏକ ଠିକା ସଂସ୍ଥାକୁ ୯ଲକ୍ଷରୁ ଉର୍ଦ୍ଧ ଟଙ୍କାର କାମ ଦିଆଯାଇଥିଲା। କିନ୍ତୁ ଠିକାଦାର କାମ ନ କରି ବାରିପଦା ବିଭାଗର ସହକାରୀ ଯନ୍ତ୍ରୀ (ଏସ.ଡି.ଓ)ପ୍ରମୋଦ କୁମାର ଜେନା ଓ ଉକ୍ତ କାମ ତଦାରଖ କରୁଥିବା ଯନ୍ତ୍ରୀ ସହିତ ମିସି ବିନା କାମରେ ବିଲ୍ ଉଠାଇ ସରକାରୀ ଅର୍ଥକୁ ତିନିଜଣ ମିସି ଚଳୁ କରିଦେଇଥିବାର ଖବର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି। କୁଳିଅଣା ଓ ଶାମାଖୁଣ୍ଟା ବ୍ଲକରେ ଏମିତି ଅନେକ କାମରେ କାମ ନ କରି ଟଙ୍କା ଉଠାଯାଇଥିବାର ଖବର ମଧ୍ୟ ସାମ୍ନାକୁ ଆସୁଛି। ତେଣୁ ଉକ୍ତ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ସହିତ ବିନା କାମରେ ସରକାରୀ ଟଙ୍କା ହରିଲୁଟ କରିଥିବା ଉକ୍ତ ଠିକା ସଂସ୍ଥାକୁ କଳାତାଲିକା ଭୁକ୍ତ କରିବା ଓ ହରିଲୁଟରେ ସହଯୋଗ କରିଥିବା ବିଭାଗୀୟ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଏସଡିଓ ପ୍ରମୋଦ କୁମାର ଜେନାକୁ ଚାକିରୀରୁ ବହିଷ୍କାର ଦାବିରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହ ଅଧିକାରୀ ତଥା ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଜିଲ୍ଲାପାଳ ଓ ଭିଜିଲାନ୍ସ ବିଭାଗକୁ ମଧ୍ୟ ପ୍ରଦାନ କରାଯାଇଛି। ଆଗାମୀ ସାତଦିନ ଭିତରେ ଦୁର୍ନୀତି କରିଥିବା ଠିକା ସଂସ୍ଥା, ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ମାସାଆର୍ମୀ ସଂଗଠନ ପକ୍ଷରୁ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ସଭାପତିଙ୍କ ସହିତ ଛାତ୍ର ନେତା ସାନେଲ୍ ମୁର୍ମୁ, ଅବିନାଶ ମାରାଣ୍ଡି, ବିଶୁ ମୁର୍ମୁ, ପ୍ରତିକ ବାଗିକି ଓ ଶାନ୍ତନୁ ସିଂ ପ୍ରମୁଖ ସାମିଲ ଥିଲେ।

## ଚାନ୍ଦୋଳ ପଞ୍ଚାୟତ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାରର ବସ୍‌ଷ୍ଟାଣ୍ଡ ଠାରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ସରପଂଚ ସୁରେନ୍ଦ୍ର ମଲିକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। କଟକ-ଚାନ୍ଦବାଲି ରାଜରାସ୍ତାରେ ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ଏକ ପ୍ରମୁଖ ବସ୍ ରହଣୀ ସ୍ଥଳ ହୋଇଥିବା ବେଳେ ପ୍ରତିଦିନ ଏହି ବାଟଦେଇ ଶତାଧିକ ଯାତ୍ରୀବାହୀ ବସ୍ ଯାତ୍ରୀ ପରିବହନ କରିଥାନ୍ତି। ଏଥିସହିତ ଚାନ୍ଦୋଳ ବଜାର ଓ ହାଟରେ ଦୈନିକ ହଜାର ହଜାର ଲୋକ କାରବାର ହୋଇଥାନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଲୋକମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ଚାନ୍ଦୋଳ ସରପଞ୍ଚ ମଲିକ ପଂଚାୟତ ପାଣ୍ଠିରୁ ୧ଲକ୍ଷ ୯୦ ହାଜର ୫୪୪ ଟଙ୍କା ବ୍ୟୟ ଅଟକଳରେ ବସ୍ ଷ୍ଟାଣ୍ଡରେ ଥଣ୍ଡା ପାନୀୟ ଜଳ ଯୋଗାଣ ମେସିନ ସ୍ଥାପନ କରିଛନ୍ତି। ଏଥିସହିତ ପଂଚୟତ ପାଣ୍ଠିରୁ ବସ୍‌ଷ୍ଟାଣ୍ଡରେ ୧ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳରେ ବସ୍‌ଷ୍ଟାଣ୍ଡ ଓ ଆଖପାଖ ଅଂଚଳକୁ ଆଲୋକୀକରଣ କରିବା ପାଇଁ ଏକ ହାଇମାସ୍କ ଲାଇଟ୍‌ର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଂଚ ମଲିକଙ୍କୁ ପଂଚାୟତର ସମସ୍ତ ୱାର୍ଡ଼ ମେମ୍ବର ଓ ପଂଚାୟତର ଜନସାଧାରଣ ଏକ ର୍‍ୟାଲିରେ ପଂଚାୟତ କାର୍ଯ୍ୟାଳୟରୁ ଉଦ୍‌ଘାଟନ ସ୍ଥଳକୁ ପାଛୋଟି ନେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନାଏବ ସରପଂଚ ନିର୍ମଳା ସେଠୀ, ୱାର୍ଡ଼ ସଭ୍ୟ ଗୀତାଞ୍ଜଳି ମଳିକ, ମୋନାଲିସା ସେଣ, ନିରଞ୍ଜନ ସାହୁ, ସ୍ୱର୍ଣ୍ଣପ୍ରଭା ମହାନ୍ତି, ନିରଞ୍ଜନ ବେହେରା, ରାଜଶ୍ରୀ ସାହୁ, ନିତ୍ୟାନନ୍ଦ ମଳିକ, ଭକ୍ତ ଚରଣ ଓଝା, ସୁବାଷ କୁମାର ନାୟକ, ଭାରତୀ ବେହେରା, ପ୍ରମିଳା ପ୍ରଧାନ, ଲକ୍ଷ୍ମୀପ୍ରିୟା ମଳିକ, ଦୀପକ କୁମାର ସାହୁ, ଦିପ୍ତିରଞ୍ଜନ ଦାସଙ୍କ ସମେତ ପଂଚାୟତର ବହୁ ଜନସାଧାରଣ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ପଂଚାୟତ ନିର୍ବାହୀ ଅଧିକାରୀ ଚିତରଞ୍ଜନ ରାଉତ ଓ କର୍ମଚାରୀ ନିଖିଳ ମହାନ୍ତି ପରିଚାଳନା କରିଥିଲେ।

# ବଳଦେବଜିଉଙ୍କ ରଥଯାତ୍ରା ଲାଗି ବୈଠକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଦରବାର ହଲ୍‌ଠାରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସିଂହ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବିଶେଷକରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକରେ ଉପସ୍ଥିତ ଥିଲେ। ତତ୍‌ପରେ ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୧୧ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୨୬ ଜୁନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥ ଆଜ୍ଞାମାଳ ବିଜେ, ୨୭ ଜୁନ ଶ୍ରୀଗୁଣ୍ଡିଚା ଯାତ୍ରା, ୨୮ ଜୁନ ଦିନ ଗୁଣ୍ଡିଚା ମନ୍ଦିରକୁ ରଥରୁ ଧାଡି ପହଣ୍ଡିରେ ବିଜେ, ୦୧ ଜୁଲାଇରେ ହେରା ପଂଚମୀ, ୦୪ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୦୫ ଜୁଲାଇରେ ବାହୁଡା ଯାତ୍ରା, ୦୬ ଜୁଲାଇରେ ଠାକୁରଙ୍କ ସୁନାବେଶ, ୦୭ ଜୁଲାଇରେ ଶ୍ରୀମନ୍ଦିର ବିଜେ ସମ୍ପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରୀଜୀଉମାନଙ୍କର ସୁନାବେଶ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏତଦ୍‌ବ୍ୟତୀତ ରଥଯାତ୍ରା ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପାରିପାର୍ଶ୍ୱର ଉନ୍ନତିକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## ଏନସିସି ଶିବିରରେ ଭଣ୍ଡାରିପୋଖରୀ ହାଇସ୍କୁଲ କ୍ୟାଡେଟଙ୍କ ସଫଳତା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ତଥା ଆର୍ମୀ ଏନ.ସି.ସି. ଏକାଡେମୀର ଦ୍ୱିତୀୟ ବର୍ଷ କ୍ୟାଡେଟ ଦୁର୍ଗେଶ ନନ୍ଦିନୀ ସାହୁ ସଫଳତା ଅର୍ଜନ କରିଛନ୍ତି। ଭଦ୍ରକ ମହାବିଦ୍ୟାଳୟ ପରିସରରେ ଥିବା ଏନ.ସି.ସି. ସପ୍ତମ ଓଡିଶା ବାଟାଲିଅନ ପକ୍ଷରୁ ତିହିଡି ଦହପାଣିଆ ହାଇସ୍କୁଲରେ ଗତ ୧୫ ତାରିଖରୁ ଅନୁଷ୍ଠିତ କ୍ୟାମ୍ପରେ ସାଧାରଣ ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ତଥା ଏନ.ସି.ସି. ଅଧିକାରୀ ମାନସ



କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦୁର୍ଗେଶ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶନିବାର ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଏନ.ସି.ସି. ସପ୍ତମ ଓଡିଶା ବ୍ୟାଟାଲିଅନ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଶୈଳେନ୍ଦ୍ର ସିଂ ରଘୁବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ କ୍ୟାଡେଟଙ୍କୁ ପୁରସ୍କୃତ କରିଥିଲେ।

## ମନ୍ଦିରର ପ୍ରତିଷ୍ଠା ଉତ୍ସବରେଯୋଗଦାନ କରି ସାନିଧିଲାଭ କଲେ ପ୍ରତାପ ଦମ୍ପତି



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଗ୍ରାମ ପଂଚାୟତ ସୁଣ୍ଢଳସ୍ଥିତ ପ୍ରସିଦ୍ଧ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ମାହାଙ୍ଗାର ପ୍ରାକ୍ତନ ମନ୍ତ୍ରୀ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ତାଙ୍କର ସହଧର୍ମିଣୀ ଡେଜି ଜେନା ଯୋଗଦାନ କରି ପୂଜାର୍ଚ୍ଚନା କରିବା ସହ ପ୍ରଭୁ ବଜରଙ୍ଗବାଲିଙ୍କ ସାନିଧିଲାଭ କରିଛନ୍ତି। ତେବେ ନିର୍ବାଚନରେ ଜେନାଙ୍କ ପୁତ୍ର ପରାଜିତ ହେବା ପର ଠାରୁ ଜେନା ସମଗ୍ର ନିର୍ବାଚନ ମଣ୍ଡଳୀ ବୁଲି ଦଳୀୟ ସଙ୍ଗଠନକୁ ମଜଭୂତ କରିବାରେ ଲାଗି ପଡିଛନ୍ତି। ଜେନାଙ୍କ ସହ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବୀ, ଯୁବଛାତ୍ର ଓ ବିଜେଡି ନେତା ଯୋଗଦାନ କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କ ୧୦୫ତମ ଜୟନ୍ତୁ ଉତ୍ସବ ଶନିବାର ତିହିଡ଼ି ସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବରିଷ୍ଠ ବିଜେଡି ନେତା ଗଣେଶ ନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଉତରାୟଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିବା ସହ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହୋଇଥିବା ଜନହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର କୁମାର ନାୟକ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଉତରାୟଙ୍କ ତିହିଡ଼ି ପ୍ରତି ଥିବା ଅବଦାନ ସମ୍ପର୍କରେ କହିବା ସହ ତାଙ୍କ ସମୟରେ ତହିଡ଼ିର ଦଶମୌଜା କେନାଲ ଖନନ ଠାରୁ ଆରମ୍ଭ କରି କୃଷି, ଶିକ୍ଷା, ଗମନାଗମନ ଓ ସ୍ୱାସ୍ଥ୍ୟ ସେବାର ଉନ୍ନତି ଘଟିଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତାପସ ବେହେରା, ପୂର୍ବତନ ସରପ□ ବିଷ୍ଣୁ କୁଅଁର, ଅଜୟ ବେହେରା, ସମବାୟ ସମିତି ସଭାପତି ନିତ୍ୟାନନ୍ଦ ବେହେରା, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପ୍ରସାଦ ନାୟକ, ସୁଧାଂଶୁ ମହାଳିକ, ପ୍ରଫୁଲ୍ଲ ଯତି, ନାରାୟଣ ସେଠୀ, ସୌମ୍ୟରଂଜନ ପରିଡ଼ା, ରତ୍ନାକର ଧଳ, ପ୍ରେମାନନ୍ଦ ମଳିକ ପ୍ରମୁଖ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି ପକ୍ଷରୁ ତିହିଡ଼ି ମେଡ଼ିକାଲର ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

# ଜଳେଶ୍ୱର ଓ ରାଇବଣିଆ ମଣ୍ଡଳ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ରାଇବଣିଆ ମଣ୍ଡଳ ପକ୍ଷରୁ ଏ-୧ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସମାରୋହ ଜଳେଶ୍ୱର ନୂଆବଜାର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଙ୍କଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ। ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏହି ସମ୍ବର୍ଦ୍ଧନା ସଭାରେ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ କୁଞ୍ଜ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ଏବିଇଓ ତଥା ବିଆରସିସି ଶୁଶାନ୍ତ କୁମାର ଜେନା ଓଷ୍ଟା ବ୍ଲକ ସଂପାଦକ ହରେକୃଷ୍ଣ ଜେନା, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ରାଇବଣିଆ ମଣ୍ଡଳର ସଭାପତି ଓଷ୍ଟା ହରମୋହନ ମହନ୍ତ, ସ୍କୁଲ କମିଟିର ସଭାପତି ଜୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ ନାୟକ, ପ୍ରକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ, ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମାହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲାର ଚତୁର୍ଥ ତଥା ଜଳେଶ୍ୱର ବ୍ଲକ ଟପର ଏ-୧ ପାଇଥିବା ଛାତ୍ରୀ ଶିକ୍ଷ୍ୟାଦର୍ଶିନି ପରିଡ଼ା, ବ୍ଲକର ଅଷ୍ଟମ ଅମ୍ରିତା ଜେନା ଓ ବ୍ଲକର ଦ୍ୱିତୀୟ ଜ୍ୟୋତିରାଦିତ୍ୟ ପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ମୋଟ ଜଳେଶ୍ୱର ବ୍ଲକର ଏ-୧ ପାଇଥିବା ୩୬ ଜଣ ଛାତ୍ରଛାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା କରାଯାଇ ଥିଲା। ଜଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ଚାଳକଙ୍କ ଠାରୁ ଛଡ଼ାଇନେଲେ ମୋବାଇଲ୍ ଓ ଟଙ୍କା, ୨ ଅଟକ, ୨ ଗିରଫ

ବାଲିମେଳା ତା ୨୪/୦୫/୨୫(ଭାସ୍କର) ।ଲକାନଗିରି ଜିଲ୍ଲା ବାଲିମେଳା ସହର ଏବଂ ଆଖ ପାଖ ଅଞ୍ଚଳରେ ଦିନକୁ ଦିନ ଚୋରୀ ଡକାୟତି ଭଳି ଘଟଣା କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମତାବକ ଗତ ଗୁରୁବାର ଦିନ ତେଲେଙ୍ଗାନା ରାଜ୍ୟରୁ ରାମେ ସେଠୀ ଗୋପୀ ନାମକ ଜଣେ ଟ୍ରକ ଚାଳକ ଏକ ଟ୍ରକରେ ସିମେଣ୍ଟ ଲୋଡ଼ କରି ବାଲିମେଳା ସହରର ଜଣେ ଦେବାକୁ ଆସିଥିଲେ। ସେହି ଗୁରୁବାର ରାତିରେ ଉକ୍ତ ଗାଡି ଚାଳକ ଉକ୍ତ ଟ୍ରକ ଟିକୁ ଚିତାପାରି ବ୍ରିଜ ପାଖରେ ରଖି ରାତିରେ ଗାଡି ଭିତରେ ଶୋଇଥିଲି। ରାତି ପ୍ରାୟ ୧୧ ଟାରୁ ୧୨ ମଧ୍ୟରେ ହଠାତ ବାଇକରେ ୪ ଜଣ ଯୁବକ ଉକ୍ତ ଟ୍ରକ ନିକଟରେ ପହଁଞ୍ଚି ଗାଡ଼ିରେ ଶୋଇଥିବା ଗାଡି ଚାଳକଙ୍କୁ ଡାକି ତାଙ୍କ ପାଖରେ ଥିବା ଟଙ୍କା ଓ ମୋବାଇଲ ଫୋନ ମାଗିଥିଲେ। ଗାଡି ଚାଳକ ଦେବାକୁ ମନା କରିବାରୁ ୪ ଜଣ ବ୍ୟକ୍ତି ତାଙ୍କୁ ଭଙ୍ଗା ବିଅର ବୋତଲ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ଚାଳକଙ୍କ ପାଖରେ ଥିବା ମୋବାଇଲ ଫୋନ ସହିତ ତାଙ୍କ ପାଖରେ ଥିବା ନଗଦ ୧୯ ହଜାର ୫ ଶହ ଟଙ୍କା ଛଡାଇ ନେଇଯାଇଥିଲେ। ଏ ନେଇ ଟ୍ରକ ଚାଳକ ରାମେ ସେଠୀ ଗୋପୀ ଓର୍କେଲ ଥାନାରେ ଦ୍ୱାରସ୍ଥ ହୋଇ ଘଟିଥିବା ଘଟଣା ସମ୍ପର୍କରେ ଏକ ଲିଖିତ ଏତଲା ପ୍ରଦାନ କରିଛନ୍ତି। ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଗଠନ କରାଯାଇ ଘଟଣାର ତଦନ୍ତ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ବ୍ୟକ୍ତିଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କ ମଧ୍ୟରୁ ପୋଲିସ ଭଗବାନ ଖରା ଏବଂ ଅନ୍ୟ ଜଣେ ସୁରଜ ହରିଜନକୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରୀ ରଖିଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ବ୍ୟକ୍ତି ଘଟଣାରେ ବ୍ୟବହୃତ ହୋଇଥିବା ବାଇକ ସହ ଫେରାର ଥିବା ଜଣାପଡିଛି। ତେବେ ଫେରାର ଥିବା ଅନ୍ୟ ଦୁଇଜଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଏସ ଆଇ ମିଳନ ବରିହା କହିଛନ୍ତି।

# ମର୍ମନ୍ତୁଦ ସଡକ ଦୁର୍ଘଟଣା; ଜଣେ ମୃତ, ୨ଆହତ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): କେ ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନଂ ଜାତୀୟ ରାଜପଥ କମାରପୋଷ ରେଳ ଧାରଣା ଉପରେ ଥିବା ଓଭର ବ୍ରିଜରେ ଦ୍ରୁତଗତିରେ ଯାଉଥିବା ଏକ କାର ଧକ୍କାଦେବା ଫଳରେ ବାଇକରେ ଥିବା ତିନିଜଣଙ୍କ ମଧ୍ୟରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ଦଶରୁ ମୁଣ୍ଡା ଏବଂ ଗୁରୁତର ଆହତମାନେ ହେଲେ ଅଜୟ ମୁଣ୍ଡା ଏବଂ ବାଜୁରୁ ମୁଣ୍ଡା। ସମସ୍ତେ କେ ବଲାଙ୍ଗ ଥାନା ଅନ୍ତର୍ଗତ ଡାଲିମଡ଼ିହି ଗ୍ରାମର କମାରପୋଷ ରେଲୱେ ଓଭରବ୍ରିଜ ରାସ୍ତାର କୋଇଡା ପଟେ ଯିବା ରାସ୍ତା ଅସମ୍ପୂର୍ଣ୍ଣ ଥିବାବେଳେ ଫେରିବା ରାସ୍ତା ସମ୍ପୂର୍ଣ ହୋଇଛି, ଯାହାଫଳରେ ବ୍ରିଜ ଉପରେ ଫେରିବା ରାସ୍ତାରେ ଉଭୟ ପଟର ଗାଡି ଯିବାଆସିବା କରୁଛନ୍ତି। ମିଳିଥିବା ସୂଚନା ମୁତାବକ ଅଜୟ, ବାଜୁରୁ ଏବଂ ଦଶରୁ ଏକ ବାଇକ ଯୋଗେ ଲହୁଣୀପଡ଼ା ପଟୁ ବିମଳଗଡ଼ ପଟେ ଯାଉଥିବା ବେଳେ ଓଭର ବ୍ରିଜ ଉପରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର ସାମ୍ନାସାମ୍ନି ଧକା ଦେବାରୁ ବାଇକରୁ ଛିଟିକି ପଡି ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲେନ୍ସ ଯୋଗେ ଲହୁଣୀପଡ଼ା ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଦଶରୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଅଜୟ ଏବଂ ବାଜୁରୁଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ପଦାଧିକାରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧ୍ୟାପକମାନଙ୍କ ଉଦ୍ୟମ କ୍ରମେ ଶନିବାର ପୂର୍ବାହ୍ନରେ ଐତିହାସିକ ଉତ୍କଳ ଆଶ୍ରମ ସଭାଗୃହରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଅନ୍ତରଙ୍ଗେଷୁ... ସମ୍ବର୍ଦ୍ଧନା ପର୍ବ-୨୦୨୫' ଶିରୋନାମାରେ ଆୟୋଜିତ ଏହି ଉତ୍ସବରେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ପୌରୋହିତ୍ୟ କରିଥିଲେ। ପ୍ରାକ୍ତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର୍ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ପଦାଧିକାରୀ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଉତ୍ସବରେ ବ୍ରହ୍ମପୁର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ଦକ୍ଷିଣାଞ୍ଚଳ ଉପ-ସଚିବ ଡ. କୁଳମଣି ଓଝା, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରାକ୍ତନ ଉପ-ନିର୍ଦ୍ଦେଶକ ସୁଶାନ୍ତ ଦାସ, ନୂତନ ଭାବେ ଯୋଗ ଦେଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପ-ସଚିବ ପବିତ୍ର ମୋହନ ବାରିକ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପ-ନିର୍ଦ୍ଦେଶିକା ସୁନନ୍ଦା ମେକାପଙ୍କୁ ଅଧ୍ୟାପକମାନଙ୍କ ତରଫରୁ ଉପଢୌକନ ଓ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁତ୍ତରରେ ଉଚ୍ଚଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଏହି ଚାରି ପଦାଧିକାରୀ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ପ୍ରସାର ନେଇ ନିଜ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଓ ଇତିହାସ ବିଭାଗ ସହକାରୀ ପ୍ରଫେସର୍ ସୁଶାନ୍ତ ଦାସ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଉପ-ନିର୍ଦ୍ଦେଶକ ପଦରେ ଅସ୍ଥାୟୀ ଭାବେ ଡିପ୍ଲୁୟେଡ୍ ହୋଇଛନ୍ତି। ଏହି ନୂଆ ନିୟୋଜନ ପରିପ୍ରେକ୍ଷୀରେ ଉଭୟଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ହୃଷୀକେଶ ପଣ୍ଡାଙ୍କ ସଂଯୋଜନାରେ ସଂଚାଳିତ ଏହି ଉତ୍ସବରେ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଅଧ୍ୟାପକ ରୁନାଚନ୍ଦ୍ର ସାହୁ, ଡ. ବନମାଳୀ ପାଣିଗ୍ରାହୀ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ପ୍ରଶାନ୍ତ କୁମାର ପାତ୍ର, ଡ. ଶଙ୍କର ପ୍ରସାଦ ଅଧିକାରୀ ପ୍ରମୁଖ ଶିକ୍ଷା ପ୍ରଶାସନର ସମ୍ବର୍ଦ୍ଧିତ ଚାରି ପଦାଧିକାରୀଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିବା ସଙ୍ଗେସଙ୍ଗେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେହିପରି ମାରୁତି ୱାଲକର୍ କ୍ଲବ୍ ପକ୍ଷରୁ ଡ. ଶଙ୍କର ମାଝୀ, ଅବସରପ୍ରାପ୍ତ ସାମରିକ ସଂଘ ପକ୍ଷରୁ ମେଜର୍ ଅଶୋକ କୁମାର ସାମନ୍ତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଣ-ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଡ. ପ୍ରଫୁଲ୍ଲ ଦଳେଇ ଏହି ଚାରି ଶିକ୍ଷାଧିକାରୀଙ୍କୁ ପୁଷ୍ପସ୍ତବକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବ୍ରହ୍ମପୁର ସହରର ଅନେକ ଶିକ୍ଷା ସଂସ୍ଥାନ ଓ ସାଂସ୍କୃତିକ ସଂଗଠନ ମଧ୍ୟ ଉପର୍ଯ୍ୟୁକ୍ତ ଶିକ୍ଷାବିତ୍ ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ନଳିନୀ କୁମାର ଗୌଡ଼ ଓ କାଳୀ ପ୍ରସାଦ ନାୟକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଡ. ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




କାଳିମେଳା (ଭାସ୍କର ନ୍ୟୁଜ): ଆତଙ୍କବାଦୀଙ୍କ ପକ୍ଷରୁ ପହଲଗାମରେ ନିରୀହ ପର୍ଯ୍ୟଟକମାନଙ୍କୁ ନିର୍ମମ ହତ୍ୟା କରାଯାଇଥିବା ପ୍ରତିବାଦରେ ଭାରତୀୟ ସେନାମାନେ ଅପରେସନ ସିନ୍ଦୁରରେ ଯେଉଁ ବୀରତ୍ୱ ଦେଖାଇବା ସହ ତ୍ୟାଗ କରିଛନ୍ତି ସେଥିପାଇଁ ସାରା ଭାରତବାସୀ ଆଜି ଗର୍ବିତ, ଆଜି ସେହି ଯବାନମାନଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପଡିଆ ଅଞ୍ଚଳବାସୀ ଙ୍କ ପକ୍ଷରୁ ସାଂସଦ ପ୍ରତିନିଧି ପି ଭେଙ୍କେଟେଶ୍ୱର ରାଓଙ୍କ ନେତୃତ୍ୱରେ ଭାରତୀୟ ଯବାନଙ୍କ ବୀରତ୍ୱ ଓ ତ୍ୟାଗକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ପଡିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରୁ ବାହାରି ବଜାର ପରିକ୍ରମା କରାଯାଇ ବିଭିନ୍ନ ସାହି ମଧ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ, ବିଧାୟକ ପ୍ରତିନିଧି ମନଦୀପନ ରାୟ, ବ୍ଲକ ବିଜେପି ସଭାପତି କୋଟାମ ବାଲାୟା, କେ ଭାସ୍କର ରାଓ, ସୁଜିତ ମଣ୍ଡଳ, ଅଶୋକ ପାଲ, ପ୍ରମୁଖ ଯୋଗ ଦେଇଥିଲେ ।



## ନିମ୍ନମାନର ରାସ୍ତାକାମକୁ ବିରୋଧ, କାମ ବନ୍ଦକଲେ ଗ୍ରାମବାସୀ





କାଳିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୋଟେଲ ଗ୍ରାମ ପଞ୍ଚାୟତ ପୁରୁଣା ଚିତାପାରି ଠାରୁ ଚିତାପରି-୪ପର୍ଯ୍ୟନ୍ତ ୨.୫ କିମି ରାସ୍ତା କାମ ଦୀର୍ଘ ବିଳମ୍ବରେ ଆରମ୍ଭ ହୋଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ନୂତନ ଭାବେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୪ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟ ଅଟକଳରେ ବିଭାଗ ପକ୍ଷରୁ କାମ ଆରମ୍ଭ କରା ଯାଇଥିଲା । ବର୍ତ୍ତମାନ ଉକ୍ତ ରାସ୍ତାରେ ପିଚୁ ପଡୁଥିବାବେଳେ ସେହି ପିଚୁକାମ ଅତି ନିମ୍ନମାନର ହେଉଥିବା ସହିତ ବର୍ଷାହୋଇ ରାସ୍ତା ଭିଜିଯାଇଛି ଏବଂ କିଛି କିଛି ସ୍ଥାନରେ ବର୍ଷା ପାଣି ଜମି ରହିଥିଲେ ମଧ୍ୟ ରାସ୍ତାରେ ଧାରାଡିରେ ପିଚୁ ପକାଯାଉଥିବା ଦେଖି ଗ୍ରାମବାସୀ କାମକୁ ବିରୋଧ କରିଥିଲେ । ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇଭାନ ଖୋସାଲା, ସ୍ଥାନୀୟ ସରପଞ୍ଚ ଦଲମତି ପଡିଆମି ଏବଂ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଇଲରାମ ମାଝୀଙ୍କୁ ଅବଗତ କରାଇବା ସହିତ କାର୍ଯ୍ୟ ସ୍ଥଳକୁ ଆସି ଅନୁଧ୍ୟାନ କରିବାକୁ ଡାକିଥିଲେ । ଅଧିକାରୀଙ୍କ ଉପସ୍ଥିତ କାର୍ଯ୍ୟ ବନ୍ଦ କରିବା ସହ ଉନ୍ନତମାନର କାମ କରିବାକୁ ଅନୁରୋଧ କରିଥିଲେ । ଗ୍ରାମ ବାସୀଙ୍କ କହିବା ଅନୁଯାୟୀ ଯେଉଁ ପିଚୁ ରାସ୍ତା କାମରେ ବ୍ୟବହାର କରାଯାଉଛି ସେହି ପିଚୁ ଗରମ ରହିବା ବଦଳରେ ପୁରା ଥଣ୍ଡା ରହିଥିବା ନେଇ କନିଷ୍ଠ ଯନ୍ତ୍ରୀ ମାଝୀଙ୍କୁ ଦେଖାଇଥିଲେ । ତା ସହିତ ଡ୍ରାଇଭରଙ୍କ ତଥ୍ୟ ଅନୁଯାୟୀ ଉକ୍ତ ରାସ୍ତା କାମରେ ବ୍ୟବହାର ନିମନ୍ତେ ଚିପ୍ସ ପିଚୁ ମିଶ୍ରିତ କରିପ୍ରାୟ ୧୦୦କିମି ଠାରୁ ଅଧିକ ଦୂର ଜୟପୁର ନିକଟ ଆମ୍ବାଗୁଡାରୁ ଆଣାଯାଉଥିବା ନେଇ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଅଧିକାରୀ ମଧ୍ୟ ଏକଥାକୁ ମାନିଥିଲେ । ସୂଚନା ଥାଉକି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିମନ୍ତେ ଗତ ୨୦୨୩ ମସିହାରେ ଟେଣ୍ଡର ହୋଇଥିଲା । ଟେଣ୍ଡର ପ୍ରକ୍ରିୟା ସରିବା ପରେ କୋରାପୁଟ ଜିଲ୍ଲା ସିମିଲିଗୁଡା ଅଞ୍ଚଳର ସସ୍ମିତା ବେହେରା ନାମକ ଜଣେ ମହିଳା ଠିକାଦାରଙ୍କୁ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଉକ୍ତ ରାସ୍ତା ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୧୯-୧୦-୨୦୨୩ ଆରମ୍ଭ କରି ଗତ ୧୮-୪-୨୦୨୪ରେ ଶେଷ କରିବାକୁ ବିଭାଗ ସହ ଚୁକ୍ତି ହୋଇଥିବା ଜଣା ପଡ଼ିଛି । ତେବେ କାର୍ଯ୍ୟ ଶେଷ ହେବା ତାରିଖ ଅଧିକ ଶେଷ ହୋଇ ପ୍ରାୟ ବର୍ଷେରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଠିକାଦାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ନାହିଁ ଏନେଇ ବିଭାଗ ପକ୍ଷରୁ ଠିକାଦାରଙ୍କ ନିକଟକୁ ବାରମ୍ବାର ଚିଠି ପଠାଯାଇଥିବା ଅଧିକାରୀ କହିଥିଲେ । କେଲେ ବର୍ଷେ ପରେ କାମ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭରୁ ନିମ୍ନ ମାନର କାମ ଦେଖି ପୂର୍ବରୁ ମଧ୍ୟ ଗ୍ରାମବାସୀ ବିରୋଧ କରିବା ସହିତ ଭଲ ଭାବେ କାମ କରିବାକୁ କହିଥିଲେ । ଉକ୍ତ କାମକୁ ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ଅଧିକାରୀଙ୍କ ଅବହେଳା ନିମନ୍ତେ ଏପରି କାର୍ଯ୍ୟ ହେଉଥିବା ଗ୍ରାମର ସୋନୁ କବାସୀ, ବଦ୍ରି ଦଳପତି, ରାମା ମାଡି, ଗଙ୍ଗାଧର ପଡିଆମି, ଶରତ ପଡିଆମି, ମାଳା ମାଡ଼ି, ଉର୍ମା ପଡିଆମି, ଦେବା ମାଡ଼ି, ଲକ୍ଷ୍ମଣ ଖିଲ, ସମା ପଡିଆମି, ଭର୍ମା କବାସୀ କହିଛନ୍ତି । ଏନେଇ ଆମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡ଼ିଓ ଭୋଳାନାଥ ସେଠିଙ୍କୁ ପଚାରିବାରୁ ସେ ଉକ୍ତ ରାସ୍ତାକାମ ନିମ୍ନ ମାନର ହେଉଥିବା କଥା ସ୍ୱୀକାର କରିବା ସହିତ ଉନ୍ନତ ମାନର କାମ କରିବାକୁ ଠିକାଦାରଙ୍କୁ ଅବଗତ କରାଇଥିଲେ ବୋଲି କହିଥିଲେ । ରାସ୍ତା କାମ ନିମନ୍ତେ ପିଚୁ ମିଶ୍ରିତ ଚିପ୍ସ କାର୍ଯ୍ୟ ସ୍ଥଳଠାରୁ କେତେ ଦୂରତା ରହିବା ନେଇ ପଚାରିବାରୁ ଶ୍ରୀ ସେଠି କହିଥିଲେ ୬୦କିମି ଦୂରତାରୁ ଅଣାଗଲେ ତାର ଉତ୍ତାପ ଠିକ ରହିବ ଏବଂ ରାସ୍ତା ନିର୍ମାଣରେ ଉପଯୋଗୀ ହୋଇପାରିବ । ଏଣୁ ଆଗାମୀ କିଛି ଦିନ ଉକ୍ତ ରାସ୍ତା କାମକୁ ଅନୁଧ୍ୟାନ କରିବା ପରେ ଯଦି କାମ ଖରାପ ହୋଇଥାଏ ତେବେ ପୁନର୍ବାର କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଉକ୍ତ ନିମ୍ନ ମାନର କାମକୁ ନେଇ ଆସିଥିବା ଅଭିଯୋଗ ଅନୁଯାୟୀ ଆମେ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ଦିସାରିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଏସଡ଼ିଓ ଯାଇ ଅନୁଧ୍ୟାନ କରିଥିଲେ ଏବଂ କିଛି ସ୍ଥାନରେ ଥାକେନସ୍ କମ୍ ଥିବା କହିଥିଲେ । ତାସହିତ ଜୟପୁର ନିକଟ ଆମ୍ବାଗୁଡାରୁ ପିଚୁ ଚିପ୍ସ ମିଶ୍ରଣ ହୋଇ ରାସ୍ତା କାମରେ ବ୍ୟବହାର କରାଯାଉଛି ଯାହାକି ବ୍ୟବହାର ସମୟରେ ଉତ୍ତାପ ଥିବାକୁ ନେଇ ପଚାରିବାରୁ ସେ କହିଥିଲେ, କାର୍ଯ୍ୟ ସ୍ଥଳରୁ ମାତ୍ର ୬୦କିମି ଦୂରରୁ ଆଣିବା କଥା ହେଲେ ଉକ୍ତ ଠିକାଦାର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏକା ସାଙ୍ଗରେ ୩ରୁ ଅଧିକ ରାସ୍ତା କାମ ପାଇଥିବା କାରଣରୁ ଏଠାରେ କେହି ପିଚୁ ଯୋଗାଇ ଦେଲେ ନାହିଁ । ଏଣୁ ସେ ବାହାରରୁ ଆଣି ପକାଇବାକୁ ପଡୁଛି ବୋଲି ଠିକାଦାର କହିଥିବା କଥା ଅଧିକାରୀଣୀ କହିଥିଲେ । ଆଗାମୀ ୩ରୁ ୪ଦିନ ପରେ ଉକ୍ତ କାର୍ଯ୍ୟ ଅନୁଧ୍ୟାନ କରିବା ପରେ ଯଦି କାମ ନିମ୍ନ ମାନର ହୋଇଥାଏ ତେବେ ପୁଣି ନୂତନ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ଶ୍ରୀମତୀ ଦିସାରି କହିଥିଲେ । ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ଅଧିକାରୀ ଯା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ସରକାରୀ ଅର୍ଥରେ ଠିକାଦାରଙ୍କୁ ଅନୁକମ୍ପା ଦେଖାଉଛନ୍ତି ।

## ସୁଭଦ୍ରା ମହାତାବ ମହାବିଦ୍ୟାଳୟରେ ବ୍ୟାପକ ଅନିୟମିତତା

### ତଦନ୍ତ ଦାବି




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ପ୍ରଶାସନର ଜ୍ଞାତସାରରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବାର ଜମି ଗୁଣ୍ଠକୁ ୩୦ହଜାର ଟଙ୍କା ଲେଖାରେ କିଣାଯାଇଥିଲା । କିନ୍ତୁ ଏହି ଜମିକୁ ପୂର୍ବର ମାଲିକମାନେ ଚାଷ କରି ଖାଉଥିଲେ ମଧ୍ୟ କଲେଜ ତହବିଲକୁ କୌଣସି ଅର୍ଥ ଆସୁନଥିବାର ଅଭିଯୋଗ ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ସୁଭଦ୍ରା ମହାତାବ ମହାବିଦ୍ୟାଳୟ ନାମରେ କେଂଟାଲୋ ମୌଜାରେ ୧୨ଗୁଣ୍ଠ ଜମି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଛି । ଅଦ୍ୟାବଧି ଏହି ଜମିକୁ କିଏ ଚାଷ କରୁଛି ଓ ଏଥିରୁ ଉତ୍ପାଦିତ ଫସଲ କିଏ ନେଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବହୁ ବର୍ଷ ହେଲା ଏହି ଜମିରେ ଚାଷ କରାଯାଉଥିଲେ ମଧ୍ୟ କଲେଜ ପାଣ୍ଠିକୁ ଟଙ୍କାଟିଏ ହେଲେ ଆସିନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ସ୍ଥାନୀୟ ଲୁଣାନଦୀ କୂଳରେ ମହାବିଦ୍ୟାଳୟ ନାମରେ ୩.୫ଏକର ଜମି କିଣାଯାଇଥିଲା । ଏହି ହୋଇଛି । ତେବେ ଏହି ଜମି କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । କଲେଜରେ ଏକ ପୁରୁଣା ସାଇନ୍ସ ପାର୍କ ଲକ୍ଷାଧିକ ଟଙ୍କାରେ ନିର୍ମାଣ କରାଯାଇଥିଲା । ଏହି ପାର୍କରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆଲୁମିନିୟମ ଜାଲି ଲଗାଯାଇଥିଲା । ଏହି ପାର୍କର ଗଛ ସବୁ କୁଆଲେ ଗଲା ତାହା ଅନୁସନ୍ଧାନ ସାପେକ୍ଷ । ସେହିପରି ଭାବରେ ପାର୍କରେ ଲଗାଯାଇଥିବା ଆଲୁମିନିୟମ ଜାଲି ଗୁଡିକୁ କିଏ ନେଲା ତାହା ନେଇ ଚାପାଗୁଞ୍ଜରଣ ପ୍ରକାଶ ପାଇଛି । କଲେଜର ଜଣେ ପୂର୍ବତନ କର୍ମଚାରୀ ଏହି ଜାଲି ଗୁଡିକୁ ନେଇଯାଇଥିବାର ଅଭିଯୋଗ ହୋଇଛି । କଲେଜର କର୍ମଚାରୀମାନଙ୍କର ଇପିଏଫ ବାବଦରେ ୧୦ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜମା କରାଯାଇଥାଏ । ନିକଟରେ ଏହି ଅର୍ଥ ଜମା କରାନଯାଇ ଆତ୍ମସାତ କରାଯାଇଥିବାର ଏକ ଚାଞ୍ଚଲ୍ୟକର ଖବର ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା । କଲେଜ କର୍ତ୍ତୃପକ୍ଷ କଲେଜ ପାଣ୍ଠିରୁ ୧୦ ଲକ୍ଷ ୫୦ହଜାର ଟଙ୍କା ଓ କର୍ମଚାରୀମାନଙ୍କର ୧୦ଲକ୍ଷ ୫୦ହଜାର ଟଙ୍କା ଏହିପରି ଭାବେ ମୋଟ ୨୧ଲକ୍ଷ ଟଙ୍କା ଇପିଏଫ ବାବଦରେ ଗତ ଜାନୁଆରୀ ମାସରେ ଜମା କରିଥିଲେ । କିନ୍ତୁ ଜମା ପରେ କର୍ମଚାରୀମାନେ ଏହି ଟଙ୍କାକୁ କଲେଜକୁ ଫେରାଇନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ କଲେଜର ଏକ ନିଜସ୍ୱ ଷ୍ଟୋର ରୁମ ରହିଥିଲା । କଲେଜର ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏହି ଷ୍ଟୋରରେ ଗଚ୍ଛିତ ରହୁଥିଲା । କଲେଜର ଗୃହ ନିର୍ମାଣ ବେଳେ ଏଠାରେ ଗଚ୍ଛିତ ସାମଗ୍ରୀ ଗୁଡିକ କାର୍ଯ୍ୟରେ ଆସୁଥିଲା । ମାତ୍ର ଏବେ ଷ୍ଟୋରରେ ପୂର୍ବରୁ ରହିଥିବା କୌଣସି ସାମଗ୍ରୀ ନଥିବାର ଅଭିଯୋଗ ହୋଇଛି । ତେବେ ପ୍ରଶାସନର ଜ୍ଞାତସାରରେ ଏହି କଲେଜରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବାର ଜଣାଯାଇଛି । ଯାହାକୁ ନେଇ ଛାତ୍ରାଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ତେବେ ମହାବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆସ୍ଥାନ ଜମାଇଥିବା କେତେକ କର୍ମଚାରୀ ରାଜସ୍ୱ ନାମରେ ନିଜସ୍ୱ କରିବା ସହ ସରକାରୀ ଅର୍ଥକୁ ହଡପ କରିବାକୁ ପଛାଉନଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଂଚି ନାରାୟଣ ପଣ୍ଡାଙ୍କୁ ଆମ ପ୍ରତିନିଧି ପଚାରିବାରୁ ସେ ବ୍ୟସ୍ତ ଥିବାରୁ କୌଣସି ଉତ୍ତର ଦେବାକୁ ମନା କରିଦେଇଥିଲେ । ତେବେ ଏହି ମହାବିଦ୍ୟାଳୟରେ ହୋଇଥିବା ଆର୍ଥିକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ବିପଦ ସଂକୁଳ ଅବସ୍ଥାରେ ପଡିରହିଛି ଅଧିକାଂଶ ବିଜୁଳି ଖୁଣ୍ଟ । କିଛି ଦିନ ହେଲାଣି କାଳ ବୈଶାଖୀରେ ଅଧିକାଂଶ ଷ୍ଟ୍ରିଟ୍ ଖୁଣ୍ଟ ଭାଙ୍ଗି ପଡିଛି । ସେହି ଖୁଣ୍ଟର ତାର ଭୂମି ଓ ରାସ୍ତାରେ ଅତି ବିପଜ୍ଜନକ ଅବସ୍ଥାରେ ପଡିରହିଛି । ଏଭଳି ପରିସ୍ଥିତିରେ କୌଣସି ଅଧିକାରୀ ବା ୱାର୍ଡ ମେମ୍ବର ଆପଦ କାଳୀନ ସେବା ଯୋଗାଉନାହାନ୍ତି କି ବିଜୁଳି ଖୁଣ୍ଟରୁ କରେଣ୍ଟ କାଟୁନାହାନ୍ତି । ଏହାଦ୍ୱାରା ଜନସାଧରଣ, ପିଲାମାନଙ୍କୁ ମରଣ ମୁହଁକୁ ଜାନିଶୁଣି ଠେଲିଦେଉ ଥିବାର ଦେଖିବାକୁ ମିଳିଛି । ଏହା ସହିତ ଅଧିକାରୀ କୌଣସି କାର୍ଯ୍ୟର ତଦାରଖ ଠିକ ଭାବରେ କରୁନାହାନ୍ତି । ବରଂ କାଗଜ କଲମରେ ସରକାରଙ୍କୁ ଦେଖାଇବା ପାଇଁ କାମ କରୁଛନ୍ତି । ତୁରନ୍ତ ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌରପରିଷଦର କାର୍ଯ୍ୟ,ବିପଦ ସଂକୁଳ ଅବସ୍ଥାରେ ପଡିଥିବା ବିଜୁଳି ଖୁଣ୍ଟ, ସୌନ୍ଦର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଅଧିକାରୀ ଙ୍କ ଉପରେ ଦୃଢ଼ ପଦକ୍ଷେପ ନେଲେ ଫୁଲବାଣୀ ପୌରପରିଷଦ ର ବିକାଶ ଓ ଉନ୍ନତି ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ କୁହାଯାଇଛି ।

## ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ ଯୁକ୍ତଦୁଇ କଳାରେ ଗୌରବ ଆଣିଲେ ସୌରଭ



କାଳିମେଳା (ଭାସ୍କର ନ୍ୟୁଜ): କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟରେ ୨୦୨୪/୨୫ ବାର୍ଷିକ ଯୁକ୍ତ ଦୁଇ କଳା ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ମୋଟ ୨୮୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ୪୭ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀ ଏବଂ ୧୮୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩୩ ଜଣ ଛାତ୍ରଛାତ୍ରୀ ଅସଫଳ ହୋଇଥିବା ବେଳେ ୪ ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ଥିଲେ । ମହାବିଦ୍ୟାଳୟର ସଫଳତା ହାର ୮୬.୮୩% ରହିଛି । ଏହି ପରୀକ୍ଷାରେ ସୌରଭ ମଣ୍ଡଳ ମୋଟ ୬୦୦ରୁ ୪୮୦ ନମ୍ବର (୮୦%) ସହିତ ବ୍ଲକ ସ୍ତରୀୟ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ବୈଦ୍ୟଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତାଙ୍କର ଏହି ଗୌରବରେ ଗର୍ବିତ ହୋଇଛନ୍ତି ।

## ଓକିଲ ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର



ତାଳଚେର(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦିନିକିଆ ତାଳଚେର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ତାଳଚେର ଓକିଲ ସଂଘ ତରଫରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିବା ଅବସରରେ ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ଓ ହସପିଟାଲ୍‌କୁ ପୂର୍ଣ୍ଣାଙ୍ଗ ରୂପ ଦେଇ ଏ ବର୍ଷ ଠାରୁ ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରିବା ଓ ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ୍ ରେ ପାଠପଢ଼ା ଓ ଚିକିତ୍ସା ଆରମ୍ଭ କରିବା ପାଇଁ ଓକିଲ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦାବିପତ୍ରକୁ ଗ୍ରହଣ କରି ସକରାତ୍ମକ ଉତ୍ତର ଦେଇଥିଲେ ବୋଲି ସଂଘର ସଭାପତି ସନ୍ତୋଷ କୁମାର ସାହୁ ଓ ସଂପାଦକ ମାନସ ରଂଜନ ବାଇ ସୂଚନା ଦେଇଛନ୍ତି ।

## ଦୁଇ ବାଇକ ସହ ୭୦ କେଜି ଗଞ୍ଜେଇ ଜବତ

### ୭ ଅଭିଯୁକ୍ତ କୋର୍ଟଚାଲାଣ




ବୌଦ୍ଧ (ଭାସ୍କର ନ୍ୟୁଜ): ବୌଦ୍ଧ ପୋଲିସ ପକ୍ଷରୁ ରାଜନ ପାଲି ନିକଟରୁ ୭୦ କେଜି ଗଞ୍ଜେଇ ଜବତ୍ ମାମଲାରେ ୭ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ୯ଟା ସମୟରେ ବୌଦ୍ଧ ସହର ଅନ୍ତର୍ଗତ ରାଜନପାଲି ରଜାବନ୍ଧ ନିକଟରେ ଗଞ୍ଜେଇ ଚାଲାଣ ପ୍ରସ୍ତୁତି ଚାଲିଥିବା ସୂଚନା ପାଇ ବୌଦ୍ଧ ପୋଲିସର ଏକ ଟିମ ଚଢାଉ କରିଥିଲା । ରାଜନପାଲି ରଜାବନ୍ଧ ହୁଡ଼ାର ଏକ ବୁଦା ଭିତରୁ ୭୦ କେଜି ଗଞ୍ଜେଇ ଜବତ୍ କରିବା ସହ ଘଟଣା ସ୍ଥଳରୁ ୨ ଗୋଟି ବାଇକ ସହ ୭ ଜଣଙ୍କୁ ଗିରଫ କରିଥିଲା । ଏ ସମ୍ପର୍କରେ ବୌଦ୍ଧ ଥାନାରେ ୨୪୯/୨୦୨୫ ରେ ଏନ୍‌ଡିପିସି ଆକ୍ଟରେ ଏକ ମାମଲା ରୁଜୁ କରି ଆବଶ୍ୟକ ପ୍ରାଥମିକ ତଦନ୍ତ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ଆଇ ଆଇସି ରଂଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

## ସ୍ୱାଧୀନତାର ୭୬ ବର୍ଷ ପରେ ବି ରାଜସ୍ୱ ଗ୍ରାମରେ ପହଞ୍ଚି ପାରିନି ପିଚୁ ରାସ୍ତାଟିଏ



ଉମରକୋଟ/ବେହେଡା(ଭାସ୍କର ନ୍ୟୁଜ): ବଦଳିଛି ଯୁଗ, ବଦଳିଛି ସମୟ । ବିକଶିତ ଗାଁ, ବିକଶିତ ଭାରତ ନେଇ ବାର୍ତ୍ତା ବାଣ୍ଟୁଛନ୍ତି ସରକାର । ହେଲେ ସ୍ୱାଧୀନତାର ୭୫ ବର୍ଷ ପରେବି ଗାଁ କୁ ନାହିଁ ପିଚୁ ରାସ୍ତା । ସୂଚନା ପ୍ରକାରେ ଜୟପୁର ବିକ୍ରମଦେବ ରାଜାଙ୍କୁ ଠାରୁ ଜମି ପଟ୍ଟା ପାଇଥିବା ରାଜସ୍ୱ ଗ୍ରାମ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ସୁକିଗାଁ ପଞ୍ଚାୟତ ଅନ୍ତର୍ଗତ ଡେପଗୁଡାରେ ପହଞ୍ଚି ପାରିନାହିଁ ସରକାରୀ ଯୋଜନାର ରାସ୍ତାଟିଏ । ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ । ସରକାରଙ୍କ ପ୍ରଦତ୍ତ ସର୍ବନିମ୍ନ ମୌଳିକ ସୁବିଧା ଏମାନଙ୍କୁ ଯୋଗାଇ ଦିଆଯିବା ପାଇଁ ବାରଂବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଗ୍ରାମ ପଞ୍ଚାୟତଠୁ ବ୍ଲକ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କେହି ମଧ୍ୟ କର୍ଣ୍ଣପାତ କରୁନାହାନ୍ତି । କେବେ ଏହି ରାଜସ୍ୱ ଗ୍ରାମର ଲୋକେ ସରକାରୀ ଯୋଜନାରେ ସାମିଲ ହେବେ ଓ ସୁବିଧା ପାଇବେ ବୋଲି ପ୍ରଶ୍ନ କରିଛନ୍ତି । ଏହି ଗାଁକୁ ଯିବାକୁ ହେଲେ ଉମରକୋଟ ବ୍ଲକ ସଦର ମହକୁମା ଠାରୁ ଆନୁମାନିକ ପ୍ରାୟ ୧୫ କିଲୋମିଟର ମୁଖ୍ୟ ରାସ୍ତା ବେହେଡା ଗ୍ରାମ ପାଖରୁ ଅଧକିଲୋମିଟର ଗଲେ ଡେପଗୁଡା ଗାଁ । ୧୦ କି ୧୨ ବର୍ଷ ହେବ ଗୋଟିଏ ମାଟି ରାସ୍ତା ସ୍ୱଳ୍ପ ସରକାରୀ ଅନୁଦାନରେ ତିଆରି ହୋଇଥିଲା । ବର୍ତ୍ତମାନ ଏହି ମାଟି ରାସ୍ତାଟିରେ ଠିକାଦାର ମନମୁଖି କାର୍ଯ୍ୟ କରି ନାମମାତ୍ର ମୋରମ ଟିକେ ପକାଉଛନ୍ତି । କାର୍ଯ୍ୟସ୍ଥଳରେ ନାମ ଫଳକ ନଥିବାରୁ ଏହା କେତେ ଟଙ୍କାର କାମ ଓ କେଉଁ ଯୋଜନାର କାମ ଜାଣିବା ମୁସ୍କିଲ ହୋଇଛି । ଏଠାରେ ବିକାଶ ସାତ ସପନ ଓ ମୌଳିକ ସୁବିଧାରୁ ବଞ୍ଚିତ ଥିବାରୁ ଚିନ୍ତାରେ ଗ୍ରାମବାସୀ । ଜିଲ୍ଲା ପ୍ରଶାସନ ଏହି ଡେପଗୁଡା ରାଜସ୍ୱ ଗ୍ରାମ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଢଳେଇ ରାସ୍ତା ଫାଟି ଆଁ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ନିର୍ମାଣାଧିନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟଭାବେ ବାରି ହେଉଛି । ନିମ୍ନମାନର କାର୍ଯ୍ୟହେତୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଢଳେଇ ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ପୂର୍ତ୍ତ ବିଭାଗ ରାସ୍ତାର କେନ୍ଦୁପାଟଣା ଠାରୁ ରାଇସୁଙ୍ଗୁଡା ଭାୟା କାଜିହାଟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଅନ୍ତର୍ଭୂକ୍ତ କରାଯାଇଥିଲା । ୬.୭୨୫ ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା

### ନିମ୍ନମାନର ଅଭିଯୋଗ

ନିର୍ମାଣ ନିମନ୍ତେ ୪କୋଟି ୬୨ଲକ୍ଷ ୭୬ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଏହି ରାସ୍ତାର ୬.୭୨୫କିମି ମଧ୍ୟରୁ ୩.୪୦କିମି ଢଳେଇ ରାସ୍ତା ଓ ଅବଶିଷ୍ଟ ପିଚୁରାସ୍ତା କରାଯିବା ନିମନ୍ତେ ଅଟକଳ ରହିଥିଲା । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ୧୮/୧୧/୨୦୨୨ମସିହା ଠାରୁ ଆରମ୍ଭ ହୋଇ ୧୭/୮/୨୦୨୩ରେ ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା କଥା । ଏହି ରାସ୍ତାର ରକ୍ଷଣାବେକ୍ଷଣ ୧୮/୮/୨୦୨୩ରୁ ଆରମ୍ଭ ହୋଇ ୧୭/୮/୨୦୨୮ରିଖରେ ଶେଷ ହେବା କଥା । ତେବେ ଅବଧି ୨ବର୍ଷରୁ ଊର୍ଦ୍ଧ୍ୱ ହେଲା ଶେଷ ହୋଇସାରିଥିଲେ ମଧ୍ୟ ରାସ୍ତା ନିର୍ମାଣ ଏପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରନାହିଁ । ଠିକାଦାରଙ୍କ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଏହି ରାସ୍ତା ନିର୍ମାଣ କରାଯାଉଥିବାରୁ ରାସ୍ତାର ପୂର୍ଣ୍ଣାଙ୍ଗ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାୟୀ କରାଯାଉନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ କେନ୍ଦ୍ରାପଡା ଅଂଚଳର ହୋଇଥିବାରୁ ଠିକାଦାରଙ୍କ ପ୍ରତି ବିଭାଗୀୟ ଯନ୍ତ୍ରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟହେତୁ ଏହି ରାସ୍ତାର ଜିଗ୍ନିପୁର ନିକଟରେ ନବ ନିର୍ମିତ ଢଳେଇ ରାସ୍ତା ଫାଟି ଯାଇଥିବାର ଅଭିଯୋଗ ହୋଇଛି । ଫଳରେ ଏହି ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଉଥିଲା ବେଳେ ମନ୍ଥର ଗତିରେ କାର୍ଯ୍ୟହେତୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଠିକାଦାର ବେପରୁଆ ଭାବେ ରାସ୍ତାର ଦୁଇପାର୍ଶ୍ୱ ଖୋଳିଦେଇଥିଲା ବେଳେ ରାସ୍ତାରେ ଗୋଡି ବିକ୍ଷିପ୍ତଭାବରେ ପଡିରହିଥିବା କାରଣରୁ ବହୁ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି । ତେବେ ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ସହକାରୀ ନିର୍ବାହୀଯନ୍ତ୍ରୀ ଚିନ୍ମୟୀ ପଲେଇଙ୍କ ମୋବାଇଲ ନମ୍ବର ୯୪୩୮୨୮୯୬୪୧କୁ ଏକାଧିକବାର କଲ କରିଥିଲେ ମଧ୍ୟ ସେ କଲ ଗ୍ରହଣ ନକରିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରିନାହିଁ । ସେହିପରି ଭାବେ ବିଭାଗୀୟ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶୀନିଙ୍କ ମୋବାଇଲ ନଂ ୯୪୩୮୨୮୯୬୪୦କୁ କଲ କରାଯାଇଥିଲେ ମଧ୍ୟ ତାହା ସୁଇଚଅଫ୍ ଥିବା ହେତୁ ମତାମତ ନେବା ସମ୍ଭବପର ହୋଇ ପାରିନାହିଁ । ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବଢୁଛି ପାଣି ଫ୍ୟାକ୍ଟ୍ରି ସଂଖ୍ୟା, ଶୁଦ୍ଧତାକୁ ନେଇ ପ୍ରଶ୍ନ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ବିଭିନ୍ନ ବଜାରରେ ମିଳୁଥିବା ପ୍ୟାକିଂ ପାଣି ବୋତଲର ଶୁଦ୍ଧତା ନେଇ ସାଧାରଣରେ ଉଠିଛି ପ୍ରଶ୍ନ । ବିନା ଆଇଏସଆଇ ମାର୍କରେ ବିଭିନ୍ନ ପାଣି ବିତରଣ କମ୍ପାନୀ ପାଣି ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଞ୍ଚ କରୁ ନଥିବାରୁ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । ଖରା ଦିନରେ ସାଧାରଣତଃ ଥଣ୍ଡା ପାଣିର ଚାହିଦା ଅଧିକ ଥିବାରୁ କମ୍ପାନୀମାନେ ସ୍ୱଚ୍ଛ ପାଣି ନାମରେ ସାଧାରଣ ଏବଂ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେଉଥିବା ପାଣି ବଜାରକୁ ଛାଡି ମୁନାଫା କମାଉଛନ୍ତି । ବିବାହ, ବ୍ରତଘର, ଜନ୍ମଦିନ, ବିଭିନ୍ନ ସଭାସମିତି ଓ ଶୁଦ୍ଧିକ୍ରିୟାରେ ପାଣି ଜାରର ଚାହିଦା ଅଧିକ ଥିବାବେଳେ ଏହା ପ୍ରକୃତରେ ବିଶୁଦ୍ଧ ପାଣି ନା ଦୂଷିତ ପାଣି ତାହା ଗ୍ରାହକଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡ଼େ । କେତେକ ପାଣି କମ୍ପାନୀ ମଧ୍ୟ ଆକର୍ଷଣୀୟ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ଛାଡୁଥିବାରୁ ଗ୍ରାହକ ଏହାର ଶୁଦ୍ଧତା ପରଖି ପାରିବାର ସୁଯୋଗ ପାଇ ନଥାନ୍ତି । ପାଣି କମ୍ପାନୀ ଦୋକାନୀଙ୍କୁ ଅଧିକ ରିହାତି ଦେଇ ଅଧିକ ପାଣି ପାଣି ବିକ୍ରି ପାଇଁ ପ୍ରବର୍ତ୍ତାଇଥାନ୍ତି । ପ୍ରକୃତରେ ଆଇଏସଆଇ ଦ୍ୱାରା ପରୀକ୍ଷା କରାନଯାଇ କେବଳ ଆଇଏସ୍‌ଆଇ ଲୋଗୋ ଲଗାଇ ଗ୍ରାହକମାନଙ୍କୁ ଠକୁଥିବାର ଜଣାପଡ଼ିଛି । ବିନା ଆଇଏସଆଇରେ ବହୁ କମ୍ପାନୀ ବେଧଡକ ବ୍ୟବସାୟ କରୁଛନ୍ତି । ଫଳରେ ପାଣିର ମାନ ଯାଂଚ୍ ହୋଇ ପାରୁନାହିଁ । ପାଣି କମ୍ପାନୀମାନେ ପାଣିକୁ ଜୀବାଣୁମୁକ୍ତ କରିବା ପାଇଁ ଅଲଟ୍ରା ଭାଓଲେଟ ଓ ରିଭର୍ସ ଅସମୋସିସ ପ୍ରକ୍ରିୟା ଅବଲମ୍ବନ କରି ପାଣି ପ୍ୟାକିଂ କରିବା ଉଚିତ୍ । ଏହି ପାଣିକୁ ମଧ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ବଜାରକୁ ବିକ୍ରି ପାଇଁ ଛଡାଯିବା ଉଚିତ୍ । କିନ୍ତୁ, ଏଭଳି ପ୍ରକ୍ରିୟା ଅନୁସରଣ ନକରି ଲୋକଙ୍କ ଜୀବନ ସହ ଖେଳ ଖେଳି ପାଣି ବିକ୍ରି କରୁଛନ୍ତି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ । ଜିଲ୍ଲା ବାହାରୁ ଆସୁଥିବା ଅନେକ ପାଣି ବୋତଲରେ ତିଆରି ତାରିଖ ଏବଂ ବ୍ୟବହାରର ଶେଷ ତାରିଖ ଉଲ୍ଲେଖ କରାନଯାଇ ପାଣି ବିକ୍ରି କରାଯାଉଛି । ଫଳରେ ବହୁଦିନ ଧରି ପଡି ରହିଥିବା ପାଣି ବୋତଲ ବିକ୍ରି ହେଉଛି । ଶୋଷିଲା ଗ୍ରାହକମାନେ ମଧ୍ୟ ଅନେକ ସମୟରେ ଏହି ତାରିଖକୁ ନିଘା ନକରି ପାଣି ପିଇ ପେଟ ରୋଗରେ ପଡ଼ନ୍ତି । ଜିଲ୍ଲାରେ କେବଳ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ସହିତ ମୃଦୁ ପାନୀୟ ମଧ୍ୟ ବିକ୍ରି ବହୁ ମାତ୍ରାରେ ବଢିଛି । ସହରର ମୁଖ୍ୟ ରାସ୍ତାକଡ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା’ ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନ ଓ ମୃଦୁପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି ବୋତଲ ଉପଲବ୍ଧ ହେଉଛି । ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ସୁବିଧା ଓ ସହଜରେ ମିଳୁଛି । ଏସବୁ ପାଣି ବୋତଲ ଯେ ଅସଲି କିମ୍ବା ନକଲି ତା’ର ଗୁଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୧୦ ଟଙ୍କା କିମ୍ବା ୨୦ ଟଙ୍କା ବଢ଼ାଇଲେ ମିଳିଯାଉଛି ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ । ବେଆଇନ୍ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକିଥିବା ଜଣାପଡ଼ିଛି । ମାଲକାନଗିରି ସଦର ମହକୁମା ସମେତ ଆଖପାଖ ଅଂଚଳରେ ଏଭଳି ଅସାଧୁ କାରବାରର ଚେର ଲମ୍ବିଥିବା ବେଳେ ତୃଷାର୍ତ୍ତ ଗ୍ରାହକ ସିଧାସଳଖ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ୍ ଭାବେ ଦୈନିକ ହଜାର ହଜାର ଲିଟର ନକଲି ବ୍ରାଣ୍ଡର ପାଣି ବୋତଲ ଏବଂ ୨୦ ଲିଟର ପାଣିଜାର ବିକ୍ରି ହେଉଛି । ପ୍ରଶାସନିକ ନିଷ୍କ୍ରିୟତାର ଫାଇଦା ଉଠାଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନ୍ କାନୁନକୁ ଦଳି ମକଚି ସିଧାସଳଖ ଗ୍ରାହକଙ୍କ ଉପରେ ଶୋଷଣ ନୀତି ଆପଣାଇଥିବା ଜଣାପଡିଛି । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଭଳି ବେଆଇନ୍ କାରବାର ପ୍ରତି ଧ୍ୟାନ ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ବେଆଇନ ଭାବେ ପାଣି ବିକ୍ରୀ କରୁଥିବା କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯେଉଁ କମ୍ପାନୀର ପ୍ରଦୂଷଣ ବୋର୍ଡ ଠାରୁ ଅନୁମତି ନାହିଁ ତାକୁ ସିଲ୍ କରିବାକୁ ଦାବି ହୋଇଛି ।



# ଆମ କଳାହାଣ୍ଡି



## ବେଆଇନ ସାର ଚାଲାଣ
# ବ୍ୟବସାୟୀଙ୍କ ଲାଇସେନ୍ସ ବାତିଲ ପାଇଁ ଅଭିଯୋଗ



କୋକସରା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଦଣ୍ଡପାପାଟ ଅଞ୍ଚଳର ବେହେରା ଗ୍ରାମରୁ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଖୁଲମଖୁଲା ଭାବେ ବେଆଇନ ସାର ଚାଲାଣ ହେଉଥିବା ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ କୃଷି କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ଏଭଳି କି ବେଆଇନ ସାର ଚାଲାଣ ରୋକିବାରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ କୋକସରା ଅଞ୍ଚଳର ଜଣେ ସଚେତନ ଯୁବକ ବେଆଇନ ସାର ଚାଲାଣ ରୋକିବା ଓ ସମ୍ପୃକ୍ତ ସାର ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲାଇସେନ୍ସ ବାତିଲ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଯାହାର ପଞ୍ଜୀକରଣ ନମ୍ବର ହେଉଛି ଡିଇପିଟି ୨୦୨୫୧୧୯୭୮୩୮ । ଗତ ୨ ମାସରୁ ଊର୍ଦ୍ଧ୍ୱ ହେବ ବେହେରା ଗ୍ରାମରୁ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହୁଥିବା ବଙ୍ଗୀୟ ଓ ବିହାରୀ ବେପାରୀମାନେ ଖୁଲମଖୁଲା ଭାବେ ଗୋତମୁଣ୍ଡା-ଡାହିମାଲ ରାସ୍ତା ଦେଇ ପ୍ରତିଦିନ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ୟୁରିଆ ସାର ଚାଲାଣ କରି ଆସୁଛନ୍ତି। ମକା ଚାଷ ପାଇଁ ୟୁରିଆ ସାର ପ୍ରବଳ ମାତ୍ରାରେ ଆବଶ୍ୟକ ରହିଥିବାବେଳେ ଚାଷ ଆରମ୍ଭରୁ କଳାହାଣ୍ଡି ଜିଲ୍ଲା ବେହେରା ଗ୍ରାମର ଏକ ନିର୍ଦ୍ଦିଷ୍ଟ ବ୍ୟବସାୟିଙ୍କ ଠାରୁ ଟ୍ରନ ଟ୍ରନ୍ ସାର ବୋହି ନେଲେଣି। ଯାହାଫଳରେ କୋକସରା ସମେତ ଦଣ୍ଡପାଟ ଅଞ୍ଚଳରେ ଚଳିତ ବର୍ଷ ମଧ୍ୟ ୟୁରିଆ ସାର ଅଭାବ ଦେଖାଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଜଣେ ସାର ଚାଲାଣ କରୁଥିବା ବଙ୍ଗୀୟ ବେପାରୀଙ୍କୁ କେଉଁଠାରୁ ସାର ନେଉଛନ୍ତି ବୋଲି ପଚାରିବାରୁ ବେହେରା ବଜାର ଠାରୁ ଶେଷକୁ ଗଲାପରେ ଥିବା ଏକ ଗୋଦାମରୁ ନେଉଥିବା ସେ କହିଛନ୍ତି, ଆହୁରି ମଧ୍ୟ କହିଛନ୍ତି ଗୋଟିଏ ପକେଟ୍ ୟୁରିଆ ଆଣିଲେ ଗୋଟିଏ ଭିଟାମିନ ମଧ୍ୟ ଦିଆଯାଉଛି, ଏବଂ ସ୍ଥାନୀୟ ଚାଷୀମାନଙ୍କ ଆଧାର କାର୍ଡରେ ୪/୫ ଥର ସାର ଉଠାଣ କରୁଥିବାବେଳେ ଗୋଟିଏ ଆଧାର କାର୍ଡରେ ୨୦ରୁ୨୫ ପକେଟ୍ ସାର ମିଳୁଥିବା ମଧ୍ୟ କହିଛନ୍ତି। ସମ୍ପୃକ୍ତ ସାର ବ୍ୟବସାୟି ଜଣକ ସ୍ଥାନୀୟ କିଛି ଲୋକଙ୍କୁ ଅଳ୍ପ କିଛି ଟଙ୍କା ଦେଇ ସେମାନଙ୍କ ଆଧାର କାର୍ଡରେ ସାର ଉଠାଣ କରି ବେଆଇନ ଭାବେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ଜଣାପଡିଛି। ତେବେ ଏହି ପ୍ରଭାବଶାଳୀ ବ୍ୟବସାୟୀ ଜଣକ ଖୋଲାଖୋଲି ବେଆଇନ ସାର ଚାଲାଣ କରୁଥିଲେ ମଧ୍ୟ କୃଷି ବିଭାଗ କିମ୍ବା ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ' ଦୂରର କଥା ଆଦୌ ଦୃଷ୍ଟି ଦେଉ ନାହିଁ। ଯାହାକୁ ନେଇ ବିଭାଗ ଓ ସାର ବ୍ୟବସାୟୀଙ୍କ ସଲାସୁତୁରାରେ ଏହି ବେଆଇନ ସାର ଚାଲାଣ ହେଉଥିବା ଲୋକେ ଚର୍ଚ୍ଚା ଆଲୋଚନା ଆରମ୍ଭ କଲେଣି। ବର୍ତ୍ତମାନ ରାଜ୍ୟ ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ନିକଟରେ ଏନେଇ ଅଭିଯୋଗ ହେବାପରେ ସମ୍ପୃକ୍ତ ସାର ବ୍ୟବସାୟିଙ୍କ ଉପରେ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ନେବେ ସେନେଇ ସ୍ଥାନୀୟ ଅଞ୍ଚଳର ଚାଷୀକୂଳ ନଜର ରଖିଛନ୍ତି।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିକଟସ୍ଥ ବଲଦିଆମାଲ ଛକ ଠାରେ ଶନିବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଜୁନାଗଡ଼ ପଟୁ ଏକ ମାଲ ବୋଝେଇ ତାମିଲନାଡୁ ନମ୍ବର ଏକ ଟ୍ରକ୍ ଏନ୍‌ଏଚ୍-୨୬ରେ ଯାଉଥିବାବେଳେ ବଲଦିଆମାଲ ଛକଠାରେ ଏକ ବୃଦ୍ଧ ବ୍ୟକ୍ତିଙ୍କୁ ଉପରକୁ ମାଡି ଯାଇଥିଲା। ଘଟଣା ସ୍ଥଳରେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ ବ୍ୟକ୍ତି ବଲଦିଆମାଲ ଗ୍ରାମର କନ୍ଲେଶ୍ୱର୍ ମେହେର ବୟସ ୭୦ ବର୍ଷ ହେବ ବୋଲି ଜଣାପଡିଛି । ଟ୍ରକ୍ ଡ୍ରାଇଭର ଜୁନାଗଡ଼ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି । ଖବରପାଇ ଜୁନାଗଡ଼ ପୋଲିସ୍ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରି ଟ୍ରକଟିକୁ ଜବତ କରି ସେଠାରୁ ମୃତ ଶରୀରକୁ ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ମେଡ଼ିକାଲକୁ ଆଣି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏ ନେଇ ଜୁନାଗଡ଼ ଥାନା ରେ ପୋଲିସ୍ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି ।

## ଦାବ୍ରିଗୁଡାରେ ଲାଗିଲା ଟ୍ରାନ୍ସଫର୍ମର



କୋକସରା,(ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ଦାବ୍ରିଗୁଡା ଗ୍ରାମରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ସପ୍ତାହରୁ ଊର୍ଦ୍ଧ୍ୱ ହେବ ପୋଡ଼ିଯାଇଥିଲା। ଯାହାଫଳରେ ଗାଁ ଲୋକେ ଅନ୍ଧାରରେ ରାତି କଟୁଥିଲା। ଏନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇବା ସତ୍ତ୍ୱେ ମଧ୍ୟ ଧ୍ୟାନ ଦେଉନଥିଲେ। ପରେ ଗାଁ ଲୋକେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ। ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ବିଦ୍ୟୁତ୍ ବିଭାଗ ସହିତ ଆଲେଚନା କରିବା ପରେ ଶୁକ୍ରବାର ଦାବ୍ରିଗୁଡା ଗ୍ରାମରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ପୋଡ଼ା ଟ୍ରାନ୍ସଫର୍ମରକୁ ହଟାଇ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରିଛନ୍ତି। ଏହାପରେ ପୂର୍ବପରି ବିଦ୍ୟୁତ୍ କାର୍ଯ୍ୟକ୍ଷମ ହୋଇଥିବାରୁ ଗ୍ରାମର ପରୀକ୍ଷିତ ବେଶ୍ରା, ମନଧର କର, ଲଛମନ ଛତ୍ରିଆ, ହରି ବେଶ୍ରା, ଯୁଗଳ ନାଏକ, ଚନ୍ଦ୍ରମଣି ବେଶ୍ରା, ଭୋଦେବ ବାଣୁଆ, ଦୁର୍ଜନ ବାଗ, ସୁଦାମ ନାଏକ ପ୍ରମୁଖ ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଠାରେ ମିଶନ ଶକ୍ତି ବିଭାଗ ତରଫରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଥାନାଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି, ସିଡ଼ିପିଓ କେ ଉଷାରାଣୀ, ବିପିଶି ମିଶନ ଶକ୍ତି ଗୋଲାମୁଣ୍ଡା ରାଜେନ୍ଦ୍ର ମାଝୀ, ବିପିଏମ୍ ଜଦୁନା ନନ୍ଦ ଓ ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ମାଞ୍ଚାସୀନ ହୋଇଥିଲେ। ଏହି ପ୍ରତିଯୋଗିତାରେ ୧୭ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ସେମାନଙ୍କ ହାତ ତିଆରି ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଆଣିଥିବା ଦେଖିବାକୁ ମିଳିଥିଲା। ମଞ୍ଚାସିନ ଥିବା ଅତିଥିମାନେ ତାଙ୍କ ହାତ ତିଆରି ଖାଦ୍ୟ ସବୁ ବୁଲି ଦେଖିବା ଶହ ମାର୍କିଂ କରିଥିଲେ। ମାର୍କିଂରେ ଦୁଇ ଗୋଟି ଦଳ ସବୁଠାରୁ ଅଧିକ ନମ୍ବର ରଖିଥିଲେ। ସେମାନଙ୍କ ମଧ୍ୟରୁ ସାବେତ୍ରି ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ଜ୍ୟୋତି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ହୋଇଥିବା ଜଣାପଡିଛି। ଏହି ପ୍ରତିଯୋଗିତାରେ ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର ଓ ୱାର୍କର ସହଯୋଗ କରିଥିଲେ।

## ଖୁଲମଖୁଲା ବାଲି ଚୋରାଚାଲାଣ
# ଧର୍ମଗଡ଼ର ବାଲି ଛତିଶଗଡ଼ରେ ବିକ୍ରି



ଧର୍ମଗଡ, (ଭାସ୍କର ନ୍ୟୁଜ): ରାଜସ୍ୱ ବିଭାଗରୁ ଖଣି ବିଭାଗ ହାତକୁ ଗଲା ଲଘୁ ଖଣିଜ ପଦାର୍ଥ । ଆଶା କରାଯାଉଥିଲା ବାଲିଘାଟରୁ ଚୋରିରେ ଲାଗିବ ଲଗାମ। ହେଲେ ବିଭାଗ ଏବେ ଚିରନିଦ୍ରାରେ। ସବୁ ଜାଣି ବିଭାଗ ନିରବ । ଅନ୍ୟପଟେ କଡା ପଦକ୍ଷେପ ନେବାକୁ ସରକାର ନୂଆ ମାର୍ଗଦର୍ଶିକା ବି ଜାରି କଲେ। ବ୍ଲକ ଓ ପଞ୍ଚାୟତକୁ ବାଲିଘାଟ ଜଗିବାର ଦାୟିତ୍ୱ ଦେଲା ପରେ ମଧ୍ୟ ବାଲି ମାଫିଆଙ୍କ ପାଇଁ ସବୁ ଏବେ ବିସାହାଣମେଲା । ନାମକୁ ମାତ୍ର ଚଢ଼ାଉ ସହ - ଜରିମାନା । ହେଲେ ଅସଲରେ ବାଲି ମାଫିଆ ଦିନରାତି ବାଲି ଚାଲାଣ କରି ବେଶ ମାଲାମାଲ ହେଉଛନ୍ତି। ଲାଗୁଛି ନଦୀବାଲିର ମାଲିକ ସରକାର ନୁହନ୍ତି ବରଂ ମାଫିଆ। ସେମାନଙ୍କ ଇଙ୍ଗିତରେ ଘାଟରୁ ବାଲି ଉଠାଣରୁ ଚାଲାଣ ଯାଏ ସବୁକିଛି ପରିଚାଳିତ । ବାଲିଚୋରିକୁ ରୋକିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ଓଡ଼ିଶା ବାଲି ନୀତିକୁ ଧର୍ମଗଡ଼ ଅଞ୍ଚଳ ଫୁ ମାରିବାକୁ ନେଇ ବିରୋଧୀ ବି ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି। ଧର୍ମଗଡ଼ ତହସିଲରେ ମୋଟ ୯ ଟି ବାଲି ଘାଟ ରହିଛି। ସେଗୁଡ଼ିକ ହେଲା ୨ ଟି ଛିଲିପା ବାଲି ଘାଟ, ତେଲି ପଳାସ ଘାଟ ,ତମ୍ଭାଛଡ଼ା ଘାଟ, ସନ୍ଧିକୁଲିହାରି, ଲୁହା ଗାଁ, କନା ଗାଁ, ତରଞ୍ଜା ଓ କାଂକେରି ତେଲନଦୀରେ ଗୋଟିଏ ଲେଖାଏଁ ବାଲି ଘାଟକୁ ଲିଜ ଦିଆଯାଇଛି। ମାତ୍ର ୯ ଟି ବାଲି ଘାଟ ଲିଜ ହୋଇ ଥିଲେ ବି ୨୦ରୁ ଊର୍ଦ୍ଧ୍ୱ ଅବାଧ ଘାଟରେ ଦିନ ରାତି ବାଲିଚାଲାଣ ହେଉଛି । ଏଥିରେ ଶାସକ ଦଳର କିଛି ନେତା ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ତେଲ ନଦୀର ବିଭିନ୍ନ ବାଲିଘାଟରୁ ଦିନ ଓ ରାତ୍ରିରେ ଜେସିବି ଲଗାଇ ଟ୍ରାକ୍ଟର ଓ ଟ୍ରିପରରେ ବାଲି ଚୋରାଚାଲାଣ ଜାରି ରଖିଛନ୍ତି। ଏଥିରେ ସମ୍ପୃକ୍ତି ଶାସକ ଦଳର ନେତା ହୋଇ ଥିବାରୁ ଗାଡିକୁ ହାତ ମାରିବାକୁ ସ୍ଥାନୀୟ ପ୍ରଶାସନର ସାହସ ହେଉନଥିବା କୁହାଯାଉଛି । କମ୍ ନିବେଶ, ଢେର ଲାଭ ଯୋଗୁ ରୀତିମତ ମାଫିଆମାନେ ବିଭାଗକୁ ହାତ ବାରିଶ କରି ଚୋରାଚାଲାନା କରୁଥିବା ଚର୍ଚ୍ଚା ହେଉଛି। ନଦୀ ପଠାରେ ଜେସିବି ଲୋଡ଼ - ହାଇୱା ରାସ୍ତାରେ ଦୌଡୁଛି ବେଆଇନ ବାଲି ଚୋରାରେ ଚାଲାଣ । କେବଳ ଧର୍ମଗଡ଼ ଭିତରେ ନୁହେଁ, ଏହା ନିୟମିତ ଭାବେ ଛତିଶଗଡ଼କୁ ମଧ୍ୟ ଦୈନିକ ଶହ ଶହ ଟ୍ରକ ଯାଉଥିବା ନଜର ରହିଛି ।ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ହେଉଛି।

# ଜମିପଟ୍ଟା ଅପେକ୍ଷାରେ ଗ୍ରାମବାସୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସରକାର ଗରିବ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସେହି ଯୋଜନା ଅଦ୍ୟାବଧି ସେମାନଙ୍କ ପାଖରେ ଅପହଞ୍ଚ ହୋଇରହିଛି। ତିନି ଦଶନ୍ଧି ଧରି ବସବାସ ପରେ ମଧ୍ୟ ସେମାନଙ୍କୁ ଜମିପଟ୍ଟା କିମ୍ବା ଘରଡିହ ମିଳିପାରି ନାହିଁ। ସବୁଦିନିଆ ରାସ୍ତା ଗ୍ରାମବାସୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ଏଭଳି ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳ ବୁଢ଼ୀଦର ପଞ୍ଚାୟତର ପାହାଡ଼ ଉପରେ ଥିବା ବେହେରାଗୁଡା ଗ୍ରାମରେ। ଏହି ଗ୍ରାମରେ ୧୫ ଆଦିବାସୀ ପରିବାର ବହୁବର୍ଷ ପୂର୍ବେ ବାଙ୍କପଲାସ ପଞ୍ଚାୟତ ଅନ୍ତର୍ଗତ ସାନଟିକ୍ରାଗୁଡା ତରାଯୋର ଗ୍ରାମକୁ ଆସି ବସବାସ କଲେ। ସେଠାରେ ପ୍ରାୟ ୧୩ ବର୍ଷ ବସବାସ କଲା ପରେ ବନ ବିଭାଗ ପକ୍ଷରୁ ଏହି ୧୫ ଆଦିବାସୀ ପରିବାରକୁ ଉଠାଇ ଦେଇ ରତନପଲା ଗ୍ରାମ ନିକଟ ଭାଲୁଚୁଆଁଠାରେ ଥିବା ସରକାରୀ ଜମିରେ ବସବାସ କରିବାକୁ କୁହାଗଲା। ଫଳରେ ସେହି ଦିନଠାରୁ ଏହି ଆଦିବାସୀମାନେ ଭାଲୁଚୁଆଁଠାରେ ଦୀର୍ଘ ୨୮ ବର୍ଷ ହେଲା ବସବାସ କରିଆସୁଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ରାଜ୍ୟ ସରକାର ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ କହୁଥିବା ବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ଅଣଦେଖା କରାଯାଉଛି। ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିରୀହ ଆଦିବାସୀ। ଆଉ କେତେବର୍ଷ ରହିବା ପରେ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ଆଦିବାସୀମାନେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଆମକୁ ଆମ ଜାଗାର ପଟ୍ଟା ପ୍ରଦାନ କରନ୍ତୁ ବୋଲି ଗ୍ରାମର ରଜନୀ ମାଝୀ, କ୍ରିଷ୍ଣା ମାଝୀ, ସାନୁ ମାଝୀ, ସାଏବନୀ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ରବି ମାଣ୍ଡିଆର କ୍ରପ୍‌କଟିଂ





କୋକସରା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର ଭିଲିଆଯୋର ଗ୍ରାମର ଚାଷୀଙ୍କ କ୍ଷେତରେ ଶୁକ୍ରବାର ରବି ଋତୁ ମାଣ୍ଡିଆ ଚାଷର କ୍ରପ୍ କଟିଂ କରାଯାଇଛି। କୋକସରା ଶ୍ରୀଅନ୍ନ ଅଭିଯାନର ବିପିସି ସୁରେନ୍ଦ୍ର ଯୁଏଡ, ସିଆରପି ହେମାଙ୍ଗିନୀ ହଂସ, ହିମାଂଶୁ ମାଝୀ, ସୁଶୀଲ ଭାଟି, ଗୋକୁଳ ଧ.ମାଝୀ, ରାଜେନ୍ଦ୍ର ବାଗ, କୃଷକ ସାଥି ଗଜିନ୍ଦ୍ର ନାଗ ପ୍ରମୁଖଙ୍କ ଉପସ୍ଥିତରେ ଚାଷୀ ବିଶ୍ୱମ୍ବର ନାଏକଙ୍କ ମାଣ୍ଡିଆ କ୍ଷେତ୍ରରେ ୫/୫ ମିଟର ସ୍ଥାନରେ କ୍ରପ୍ କଟିଂ କରାଯାଇଥିଲା। କଟା ଯାଇଥିବା ସବୁଜ ମାଣ୍ଡିଆ ଯାହାର ଓଜନ ପ୍ରାୟ ୧୦ କେଜି ହୋଇଥିଲା। ସହାୟକ ସଂସ୍ଥା ଦ ହ୍ୟୁମାନ୍ ଡେଭଲପମେଣ୍ଟ ଓ ଜୟ କୋକସରା ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀ ଲିଃ ପକ୍ଷରୁ ସରକାରୀ ସ୍ତରରେ ଅଞ୍ଚଳର ଚାଷୀମାନଙ୍କୁ ମାଣ୍ଡିଆ ଚାଷ ନିମନ୍ତେ ବିହନ, ବୈଷୟିକ ସହାୟତା ଯୋଗାଇ ଦେବାସହ ଚାଷୀଙ୍କୁ ବ୍ୟାପକ ସଚେତନତା କରାଯାଇଥିଲା। ସୂଚନା ଯେ' ବ୍ଲକର ବଡ଼ପୋଡ଼ାଗୁଡ଼ା, ଆମପାଣି, କାଉଡୋଲା, ଗୋତମୁଣ୍ଡା, ମହିମା ଆଦି ପଞ୍ଚାୟତର ୨୨ ଜଣ ଚାଷୀ ୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିଥିବାବେଳେ ୧୫ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ ରଖାଯାଇଥିଲା। ୨୦୨୫/୨୬ ଖରିଫ୍ ଋତୁରେ ବ୍ଲକର ବିଭିନ୍ନ ପଞ୍ଚାୟତର ୭୪୨ ହେକ୍ଟର ଜମିରେ ମାଣ୍ଡିଆ ଚାଷ ପାଇଁ ଲକ୍ଷ ରଖାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଚାଷୀମାନଙ୍କୁ ମାଗଣାରେ ବିହନ, ବୈଷୟିକ ସହାୟତା, ବ୍ୟାପକ ସଚେତନତା କରାଯାଉଥିବା ଓ ବିକ୍ରୀ ନିମନ୍ତେ ମଣ୍ଡି ବ୍ୟବସ୍ଥା ଥିବାରୁ ଚାଷୀମାନେ ଉତ୍ସାହିତ ହୋଇ ମାଣ୍ଡିଆ ଚାଷ କରି ବିଶେଷ ଲାଭବାନ ହେବାର ଲକ୍ଷ ରଖିଛନ୍ତି। କ୍ରପ୍ କଟିଂ ସମୟରେ ସ୍ଥାନୀୟ ଚାଷୀ ବିଶମ୍ବର ନାଏକ, ଶିବ ପୁଝାରୀ, ବନସିଂ ଧମାଝୀ, ପ୍ରକାଶ ସାହୁ, ଘନଶ୍ୟାମ ପୁଝାରୀ, ରାମଚନ୍ଦ୍ର ଧମାଝୀ, ସୀତାରାମ ନାଏକ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ମୁଖ୍ୟରାସ୍ତାରେ ମଦଭାଟି
# ମଦୁଆଙ୍କ ଦୌରାତ୍ମ୍ୟର ଶିକାର ହେଉଛନ୍ତି ଛାତ୍ରୀ



ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): ସରକାରଙ୍କୁ ଅଧିକ ପରିମାଣର ରାଜସ୍ୱ ମିଳୁଛି ବୋଲି ସରକାର ଦେଶୀ ମଦଭାଟିଗୁଡ଼ିକ ଖୋଲିବାକୁ ଅନୁମତି ଦେଇଛନ୍ତି। ତେବେ ସରକାର ଡାଳେଡାଳେ ଗଲେ ପତ୍ରେପତ୍ରେ ଯାଉଛନ୍ତି ଏଇ ସ୍ୱୀକୃତିପ୍ରାପ୍ତ ମଦଭାଟିଗୁଡ଼ିକ ଓ ସେମାନଙ୍କ ମାଲିକ ସବୁ। ଏଇପରି ଭାବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ସିକେରକୁପାଠାରୁ କଦମ୍ବଗୁଡ଼ା ଭାୟା ନର୍ଲା ମୁଖ୍ୟରାସ୍ତାର ଲାଞ୍ଜିଗଡ଼ରୋଡ଼ଠାରେ ଦୀର୍ଘ ଦିନରୁ ଆସ୍ଥାନ ଜମାଇଥିବା ଦେଶୀ ମଦଭାଟିକୁ ନେଇ ଅନେକ ଅଭିଯୋଗ ସାମ୍ନାକୁ ଆସିଛି। ମୁଖ୍ୟ ରାସ୍ତାକୁ ଲାଗିଥିବା ଏଇ ଦେଶୀ ମଦଭାଟିରେ ସକାଳୁ ବିଳମ୍ବିତ ରାତିଯାଏଁ ମଦୁଆଙ୍କ ଭିଡ଼ ଲାଗିରହିଥାଏ। ସେହିପରି ମୁଖ୍ୟ ରାସ୍ତାକୁ ଲାଗି ରହିଥିବା ଏଇ ଭାଟିର ତିନିଶହ ମିଟର ଦୂରରେ ଲାଞ୍ଜିଗଡ଼ରୋଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥିବାବେଳେ ଏଇ ରାସ୍ତା ଦେଇ ଛାତ୍ରଛାତ୍ରୀ ବିଶେଷ କରି ଛାତ୍ରୀମାନେ ମଦୁଆମାନଙ୍କ ଦୌରାତ୍ମ୍ୟର ଶିକାର ହୋଇଥାନ୍ତି। ସେହିପରି ଲାଞ୍ଜିଗଡ଼ରୋଡ଼ ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଇ ରାସ୍ତା ଦେଇ ଶହଶହ ଯାନବାହନ ଓ ଲୋକେ ଯାତାୟତ କରିଥାନ୍ତି। ତେବେ କାକଭଟା ଗାଁ ନାମରେ ତଥା ହରପ୍ରସାଦ ସାହୁ ନାମକ ବ୍ୟକ୍ତିଙ୍କ ନାମରେ ଲାଇସେନ୍ସ ହାତେଇଥିବା ଏଇ ମଦଭାଟି ଲାଇସେନ୍ସ ପରିମାଣରୁ ଅଧିକ ମଦ ତିଆରି କରି ଗାଁ ଗାଁରେ କୁଚିଆ ଜରିଆରେ ବିକ୍ରି କରୁଛି। ଲାଞ୍ଜିଗଡ଼ ରୋଡ଼ ପଞ୍ଚାୟତ ସମେତ ଆଖପାଖ କଦମ୍ବଗୁଡ଼ା, ଭୁର୍ତିଗଡ଼, କମର୍ଦ୍ଧା, ଗୋବର୍ଦ୍ଧନପୁର ପଞ୍ଚାୟତର ଗାଁ ଗାଁରେ କୁଚିଆ ରଖି ଦେଶୀମଦର ପ୍ରସାର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ଏଇ ମଦଭାଟି। ନିୟମାନୁସାରେ, ନିଜ ଭାଟିରେ ମଦ ପ୍ରସ୍ତୁତି ସହିତ ସେଠାରେ ବିକ୍ରି କରିବା ବଦଳରେ ଗାଁ ଗାଁକୁ ମଦକୋଠୀ ଖୋଲାଯାଇଛି। ସେହିପରି ମଦ ତିଆରିରେ ଠିକ୍ ଭାଗମାପ ରଖୁନଥିବାରୁ ଏଠାରେ ମଦ ପିଉଥିବା ଲୋକେ ଅଭିଯୋଗ କରୁଥିବାବେଳେ ଏଠାରେ ପ୍ରସ୍ତୁତ ମଦ ପାଉଚଗୁଡିକରେ ନା ପ୍ରସ୍ତୁତି ତାରିଖ, ନା ରହିଛି ଏକ୍ସପାଏରୀ ତାରିଖ। ଯାହା ନିମ୍ନମାନର ଓ ନକଲି ମଦର ପ୍ରସାର ସନ୍ଦେହ ସୃଷ୍ଟି କରୁଥିବାବେଳେ ଗ୍ରାହକମାନେ ବିଭିନ୍ନ ରୋଗରେ ପଡ଼ି ହଇରାଣ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ମୁଖ୍ୟ ରାସ୍ତାକୁ ଲାଗି ଥିବା ଏଇ ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଆଖିବୁଜି ଦେଇଛନ୍ତି। ଏଇ ଭାଟି ଅଧୀନରେ ମଧୁପୁର ଓ କମର୍ଦ୍ଧା ଠାରେ ଦୁଇଗୋଟି ବ୍ରାଞ୍ଚ ରହିଥିବାବେଳେ କମର୍ଦ୍ଧା ବ୍ରାଞ୍ଚ ଜନବସତି ମଧ୍ୟରେ ଥିବାରୁ ସବୁବେଳେ ଜନ ଅଶାନ୍ତି ଲାଗି ରହିଥାଏ। ସେହିପରି ଚମ୍ପାଦେଇପୁର, ମୂଷାନାଳ ଓ ଲାଞ୍ଜିଗଡ଼ ଠାରେ ଥିବା ଦେଶୀମଦ ଭାଟିଗୁଡ଼ିକୁ ନେଇ ମଧ୍ୟ ସମାନ ଧରଣର ଅଭିଯୋଗ ରହିଛି। ତେବେ ଅବକାରୀ ବିଭାଗର ଅବହେଳା ଓ ନିରବତା ଯୋଗୁଁ ଲାଇସେନ୍ସ ଆଳରେ ଏଇ ମଦଭାଟିଗୁଡ଼ିକ ଗାଁ ଗାଁରେ ଦେଶୀମଦର ପ୍ରସାର କରୁଛନ୍ତି। ଏଣୁ ଅବକାରୀ ବିଭାଗ ଯଦି ଏଇ ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଓ ବ୍ରାଞ୍ଚଗୁଡ଼ିକରେ ଚାଲିଥିବା ବେଆଇନ କାରବାର ଉପରେ ଅଙ୍କୁଶ ନଲଗାଇଲେ ଆଗାମୀ ଦିନରେ ମୁଖ୍ୟ ରାସ୍ତା ଉପରେ ଥିବା ଲାଞ୍ଜିଗଡ଼ରୋଡ଼ ମଦଭାଟି ସମେତ ଅନ୍ୟ ଭାଟିଗୁଡ଼ିକ ଘେରାଉ କରିବାକୁ ବିଭିନ୍ନ ମହିଳା ସଂଗଠନ ଓ ସାମାଜିକ ସଂଗଠନଗୁଡ଼ିକ ଚେତାବନୀ ଦେଇଛନ୍ତି।

# ରାଶିଫଳ

ରବିବାର, ୨୫ ମଇ ୨୦୨୫



**ମେଷ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ। ଅଫିସ୍ କିମ୍ବା କାର୍ଯ୍ୟକ୍ଷେତ୍ରରେ ଏକ ଚାପଗ୍ରସ୍ତ ପରିସ୍ଥିତି ହୋଇପାରେ।



**ବୃଷ:** ଶୀଘ୍ର କୌଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ ହେବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।




**କର୍କଟ:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ସିଂହ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ।



**କନ୍ୟା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ।



**ତୁଳା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବିଛା:** ଆପଣଙ୍କ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ଏହା ଆପଣଙ୍କ ମନକୁ ଖୁସି କରିବ।




**ଧନୁ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ ।



**ମକର:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। କେତେକ ଘରୋଇ ଜଟିଳ ସମସ୍ୟାର ସମାଧାନ ହେବ।



**କୁମ୍ଭ:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍।



**ମୀନ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



## ଛଳନା

✶ ରତ୍ନକାନ୍ତି ମିଶ୍ର

କେଉଁଠି ଟିକିଏ
ଚିହ୍ନିବାରେ ଭୁଲ୍ ଥାଏ ବୋଲି
ହରାଇବାକୁ ପଡ଼େ ବହୁତ କିଛି
ପ୍ରତି ହାରିବା ପରେ ପରେ
ପାଦ ଦମ୍ଭ କଲେ
ଅଣ୍ଟା ସଳଖି ଛିଡ଼ା ହେଲେ
ନିଜ ଭିତରୁ କିଏ ବୁଝେଇଦିଏ
ଛଳନାର ରଙ୍ଗ ଖୁବ୍ ଲୋଭନୀୟ
ଚିକମିକ ଦିଶୁଥିବା ନକଲି ସୁନା....।।
କାଳେ କାଳେ
ବିଶ୍ୱାସର ଦଉଡିରେ ଲଟକି ଥାଏ
ବିପଦର ଖଡ଼ଗ
କେତେବେଳେ ସିଧା ଆସି ବସିଯାଏ
ଦେହରେ ମନରେ
କ୍ଷତାକ୍ତ କରିପାରେ
ତୁମ ସ୍ୱପ୍ନକୁ ।।
କେହି ଛଳନା ଜାଲରେ ଫସି
ସମ୍ପର୍କ ଯୋଡିବାକୁ
ପ୍ରୟାସ କରୁଥାଏ ତ
ଆଉ କେହି
ଛଳନା କୁ ଚିହ୍ନିବା ବେଳକୁ
ନେଡି ଗୁଡ଼ କହୁଣୀକୁ ଛୁଇଁ ସାରିଥାଏ
ଯେମିତି ନିଆଁରେ ପତଙ୍ଗ...।।
ଛଳନା କେବେ ମାୟାମୃଗ
କେବେ ଜଉଘର ତ
କେବେ ଇନ୍ଦ୍ରଜାଲ
ପୁଣି କେବେ ମରୀଚିକା
ଛଳନାର ରଙ୍ଗ କିନ୍ତୁ ଖୁବ୍ ଲୋଭନୀୟ
ଯାହାକୁ ଏଡାଇବା ଖୁବ୍ କଷ୍ଟ...।।

*ଆଳି, କେନ୍ଦ୍ରାପଡା*



# ଝଡ଼

● ସୁଦର୍ଶନ ମହାପାତ୍ର ●

ଶ୍ରୀମନ୍ତର ବାହାଘର ସରିଯାଇଥିଲା। ଘରକୁ ତା'ର ପତ୍ନୀର ମର୍ଯ୍ୟାଦା ପାଇଁ ଆସିଥିଲା ବ୍ରତତୀ।

ବାହା ହେବାକୁ ଆଦୌ ରାଜି ନଥିଲା ଶ୍ରୀମନ୍ତ। ଯଦିଓ ଚାକିରି କରିବା ପରେ ପରେ ବାହାଘର ଶବ୍ଦ ଶୁଣି ସମ୍ମତି ସୂଚକ ହସ ହସୁଥିଲା ଏବଂ 'ଏତେ ତରତର କାହିଁକି' ବୋଲି କହୁଥିଲା, ପ୍ରାୟ ଦୁଇ ବର୍ଷ ଗଡିଗଲା ପରେ ଆଉ କିନ୍ତୁ ବାହାଘର ପାଇଁ ରାଜି ନଥିଲା।

ପୁଅକୁ ବୁଝାଇ ବୁଝାଇ ଥକି ଯିବାପରେ ସୁଶୀଳା ଦେବୀ ଶେଷକୁ ଝିଅ ଉପରେ ଏଇ ଗୁରୁ ଦାୟିତ୍ୱ ସମର୍ପି ଦେଇଥିଲେ। ସ୍ୱାମୀଙ୍କ ସହ ଦୂର ସହରରେ ରହୁଥିବା ସୁଶ୍ରୀ ବି ଭାଇଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରିଥିଲା। ତା'ର ସ୍ୱାମୀ ମଧ କେଇଥର କହିବା ପରେ ତୁନି ପଡିଥିଲେ।ସାନ ଭଉଣୀଟିଏ କେମିତି ଅବା ଭାଇଙ୍କ ମନକଥା ବୁଝିବାକୁ ସମର୍ଥ ହୋଇଥାନ୍ତା !

ଶ୍ରୀମନ୍ତ କେତେବେଳେ କେମିତି ମାଆର ଭଲମନ୍ଦ ବୁଝିବାକୁ ଫୋନ୍ କଲେ ଏବେ ଶୁଣୁଥିଲା ଯାହା ମାଆର କାନ୍ଦ ସ୍ୱର। ଗୋଟିଏ ରବିବାର ଛାଡି ପର ରବିବାରକୁ ଆସି ବାହାଘର ପାଇଁ ଏମିତି ଜିଦି ନଧରିବାକୁ ବୁଝାଇବାକୁ ଚେଷ୍ଟା କରିଥିଲା।

ମାଆ ହସ୍ପିଟାଲରେ ଭର୍ତ୍ତି ହୋଇଛି ବୋଲି ହଠାତ୍ ଦିନେ ଶୁଣିଲା ଶ୍ରୀମନ୍ତ। ମାଆ ପାଖରେ ପହଞ୍ଚିଲା ସେ। ଭଉଣୀ ବି ଆସି ପହଞ୍ଚିଲା।ଭଉଣୀ ଆଖିରେ ଅନବରତ ଲୁହ ଗଡୁଥିବାର ଦେଖିଲା ଶ୍ରୀମନ୍ତ। ଆଇସିୟୁରୁ ମାଆ ବାହାରିବାର ଗୋଟିଏ ଦିନ ପରେ ବାହାଘର ପାଇଁ ରାଜି ବୋଲି ଘୋଷଣା କଲା ଶ୍ରୀମନ୍ତ। ମାଆ ଶୀଘ୍ର ଆରୋଗ୍ୟ ଲାଭ କଲେ ତା'ର ଏହି ପଦକ୍ଷେପରେ ଏବଂ ଭଉଣୀ ମୁହଁରେ ହସ ଖେଳିବାର ଦେଖିଲା ସେ।

ବାହାଘର ପାଇଁ ଗୋଟିଏ ସର୍ତ୍ତ ରଖିଲା ଶ୍ରୀମନ୍ତ। ସେ ଝିଅ ଦେଖିବାକୁ ଯିବ ନାହିଁ ଏବଂ ଯେଉଁ ଝିଅକୁ କୁହାଯିବ ସେ ବାହା ହୋଇ ଆସିବ। ଆହୁରି ଭାଳେଣି ପଡ଼ିଲା। ଏ କି ଅଜବ କଥା !

ମାଆ ମୁହଁକୁ ଚାହିଁ ଏଇ ଗୁରୁ ଦାୟିତ୍ୱ ବହନ କଲା ସୁଶ୍ରୀ। ମନେ ପଡିଲା ତା'ର ବ୍ରତତୀ କଥା। ସ୍କୁଲ ବେଳର ସାଙ୍ଗ। ସେଇ ହସକୁରୀ ସାଙ୍ଗ ଭାଇ ପାଇଁ ଠିକ୍ ହେବ ବୋଲି ଅନୁଭବ କଲା ସୁଶ୍ରୀ।

ପିଲାଦିନୁ ମାଆକୁ ହରେଇଥିବା ବ୍ରତତୀ ବିବାହ ଯୋଗ୍ୟା ହେଲା ବେଳକୁ ବାପା ତା'ର ହଠାତ୍ ହୃଦଘାତରେ ଆରପାରିକୁ ଚାଲିଗଲେ।ତା' ବିବାହ ପାଇଁ ଆସୁଥିବା ପ୍ରସ୍ତାବ ସବୁ ଆପେ କାଟ୍ ଖାଇ ଯାଉଥିଲା ଭାଇ ଭାଉଜଙ୍କ ଆନ୍ତରିକତା ଅଭାବରେ। ରୂପ ଗୁଣରେ ସେମିତି କିଛି ଅପସନ୍ଦ କରିବାର ନଥିଲେ ବି ବ୍ରତତୀ ପାଇଁ ଖୁସିର ସାହାନାଇ ବାଜିବାର ମାହେନ୍ଦ୍ର ମୁହୂର୍ତ୍ତ ଆସି ନଥିଲା। ବ୍ରତତୀ ରାଜି ହୋଇଯାଇଥିଲା ବାନ୍ଧବୀ ସୁଶ୍ରୀ କଥାରେ।

ଶ୍ରୀମନ୍ତଙ୍କର ବାହାଘର ପାଇଁ ଅରାଜି ବିଷୟରେ ଶୁଣିଥିଲେ ବି ବ୍ରତତୀ ମନରେ କିଛି ସ୍ୱପ୍ନ, କିଛି ଅଭିଳାଷା ନିଶ୍ଚୟ ଉଙ୍କି ମାରିଥିଲା। କିଛି ଡେରିରେ ହେଉ ପଛେ ତା ଜୀବନରେ ଖୁସି ନିଶ୍ଚୟ ଆସିବ, ତା'ର ହୃଦବୋଧ ହେଉଥିଲା। ଭଗବାନଙ୍କ ଉପରେ ତା'ର ଅଗାଧ ବିଶ୍ୱାସ ଓ ଭରସା ଥିଲା। ନଚେତ୍ ହଠାତ୍ ଏମିତି ଏକ ବିବାହ ପ୍ରସ୍ତାବ କେମିତି ଆସିଥାନ୍ତା !

ଚତୁର୍ଥୀ ରାତି ପାହିଲା ବେଳକୁ ଅଫିସରେ କାମ ଅଛି କହି ଶ୍ରୀମନ୍ତ ସହରାଭିମୁଖୀ ହୋଇଥିଲା।

ଦୁଇ ଦିନ ଯାଇଛି କି ନାହିଁ ବ୍ରତତୀକୁ ସାଙ୍ଗରେ ଧରି ମାଆ ତା'ପାଖରେ ପହଞ୍ଚିଯିବାରୁ ସେ ଆଶ୍ଚର୍ଯ୍ୟ ହେଲା ସିନା କିଛି କହିପାରିଲାନି। ଗାଆଁରେ ଅନେକ କାମ ଅଛିର ବାହାନା ଦେଖାଇ ଦୁଇ ତିନି ପରେ ମାଆ ଏକା ଫେରି ଯାଇଥିଲା ।

କେତେ ରାତି କଟିଯାଇଥିଲା ଏମିତି ଏମିତି। ଶ୍ରୀମନ୍ତଙ୍କ ମନ ଜିଣିବା ପାଇଁ ଏବଂ ତାଙ୍କ ସାନ୍ନିଧ୍ୟ ପାଇବା ପାଇଁ ନିଜର ପ୍ରୟାସ ଜାରି ରଖିଥିଲା ବ୍ରତତୀ। ନିଜ ଭିତରର ଦୁଃଖକୁ ଲୁଚେଇ ହସ ହସ ମୁହଁରେ ପ୍ରତିଟି ସକାଳକୁ ଆବାହନ କରିଚାଲିଥିଲା।

ବ୍ରତତୀର ହସ ହିଁ ଶ୍ରୀମନ୍ତଙ୍କୁ ବେଶୀ ବିରକ୍ତ ଲାଗୁଥିଲା।

କି ଅପୂର୍ବ ସଂଯୋଗ ! ବ୍ରତତୀର ହସ କିପରି ଶାଶ୍ୱତୀର ହସ ସହ ମିଶି ଯାଇପାରେ ? ଯେଉଁ ହସ ଦେଖି ସେ ଦିନେ ଶାଶ୍ୱତୀ ପ୍ରେମରେ ପଡିଥିଲା ଏବଂ ସେଇ ହସ ପଛପଟରେ ବିଷ ଯେ ଲୁଚି ରହିଥିଲା, ସେ କେମିତି ବୁଝି ପାରିନଥିଲା ?

ଶାଶ୍ୱତୀ ସହିତ ସାକ୍ଷାତ ହୋଇଥିଲା ବାଙ୍ଗାଲୋରରେ। ଗୋଟିଏ କମ୍ପାନୀରେ ଦୁହେଁ ଚାକିରି ପାଇଥିଲେ। କ୍ୟାମ୍ପସ ଭିତରେ ବାରମ୍ବାର ଦେଖା, ସେଇଠୁ ପରିଚୟ। ସେଇ ପରିଚୟକୁ ଗଭୀର ସମ୍ପର୍କରେ ରୂପାନ୍ତରିତ ନିଜ ଆଡୁ କରିଥିଲା ଶାଶ୍ୱତୀ।

ଶ୍ରୀମନ୍ତ ପ୍ରେମର ସ୍ୱର୍ଗ ରାଜ୍ୟରେ ବିଚରଣ କରୁଥିଲା ଏବଂ ଶାଶ୍ୱତୀକୁ ବିବାହ ପ୍ରସ୍ତାବ ଦେଇଥିଲା। ଆଉ କିଛିଦିନ ଅପେକ୍ଷାର ଆଳ ଦେଖାଇ ଶେଷକୁ ଅଚାନକ ସମ୍ପର୍କ କାଟି ଦେଇଥିଲା ଶାଶ୍ୱତୀ। ତା'ର ପ୍ରତିପତ୍ତିଶାଳୀ ବାପାଙ୍କର ଜ୍ୱାଇଁ ହେବାକୁ ସଂକୀର୍ଣ୍ଣ ମନୋଭାବର ଶ୍ରୀମନ୍ତ ଯେ ଯୋଗ୍ୟ ନୁହେଁ ବୁଝାଇ ଦେଇଥିଲା କଟା ଘା'ରେ ଚୂନ ଦେଲାଭଳି।

ଶାଶ୍ୱତୀ ବାହାଘରର ନିମନ୍ତ୍ରଣ କାର୍ଡ ଅଳ୍ପ କେତେଦିନ ପରେ ପାଇଥିଲା ଶ୍ରୀମନ୍ତ। କୋଟିପତି ବାପାଙ୍କର ରାଜନନ୍ଦିନୀ ଯେ ତା ସହିତ ପ୍ରେମର ନାଟକ କରୁଥିଲା ତା'ର କଳ୍ପନାର ବାହାରେ ଥିଲା।

ବାଙ୍ଗାଲୋର ସହର ତାକୁ ସେବେଠୁ ଅସହ୍ୟ ହେଲା। କୌଣସି ଝିଅର ସମ୍ଭାଷଣରେ ସେ କ୍ଷୁବ୍ଧ ହେଲା। ଦୁନିଆରେ ସବୁ ଝିଅ କେବଳ ଛଳନା କରନ୍ତି ତା'ର ହୃଦୟଙ୍ଗମ ହେଲା। ବିଶ୍ୱାସ ଭାଙ୍ଗିବାରେ ଆଜିକାଲିର ଝିଅମାନେ ପରିପକ୍ୱ ବୋଲି କେହି ଜଣେ ସହକର୍ମୀ କହିଲେ।ବାହା ହେବାପରେ ବି ଝିଅ ମାନେ ସ୍ୱାମୀମାନଙ୍କ ସହିତ ବିଶ୍ୱାସଘାତକତା କରିବାର ଜ୍ୱଳନ୍ତ ଉଦାହରଣ ନିଜ ପତ୍ନୀ ବୋଲି ବଖାଣିଲେ ଆଉ ଜଣେ ଛାଡ଼ପତ୍ର ଦେଇଥିବା ସହକର୍ମୀ।

ସେଇଠୁ ଶ୍ରୀମନ୍ତ ମନରେ ବାହାଘର ପ୍ରତି ବିମୁଖତା ଉଦ୍ରେକ ହେଲା। ବାଙ୍ଗାଲୋର ସହରରେ ସେ ଅଣନିଃଶ୍ୱାସୀ ଅନୁଭବ କରୁଥିଲା ତ ଚେଷ୍ଟା କରି ଭୁବନେଶ୍ୱର ବ୍ରାଞ୍ଚକୁ ଟ୍ରାନ୍ସଫର ହୋଇଆସିଲା। ହେଲେ ବାହାଘର ପାଇଁ ଆଉ ରାଜି ନଥିଲା।

ପରିସ୍ଥିତିରେ ପଡି ବ୍ରତତୀକୁ ବାହାହେଲା ସିନା ତାକୁ ସେଇ ସନ୍ଦେହ, ସେଇ ଅବିଶ୍ୱାସ ଖାଇ ଗୋଡଉଥିଲା। ବ୍ରତତୀ ଚଳଣିରେ ଉପରେ ଅନେକ କଟକଣା ଜାରି କରିଥିଲା। କୌଣସି କାରଣ ନଥାଇ ବିରକ୍ତ ହେଉଥିଲା। କାହା ସହିତ ଫୋନରେ କଥା ହେବା ବ୍ରତତୀ ପାଇଁ ଯେମିତି ଗର୍ହିତ କାର୍ଯ୍ୟ ଥିଲା। ପ୍ରକୃତରେ ସନ୍ଦେହରେ ଝଡ଼ରେ ଶ୍ରୀମନ୍ତ ଅହରହ ଅସ୍ତବ୍ୟସ୍ତ ହୋଇପଡୁଥିଲା।

ସେଦିନ ଅସମୟରେ ଶ୍ରୀମନ୍ତ ଅଫିସରୁ ଫେରିଲା। ଯେଉଁ କଥାକୁ ଭୟ ସେଇଆ ହିଁ ଘଟିଥିଲା। ବ୍ରତତୀର ଫୋନ୍ କରି ଜାଣିଲା ଯେ ସୁଜୟ ନାମଧାରୀ କେଉଁ ବ୍ୟକ୍ତିଙ୍କ ସହ କିଛି ସମୟ ପୂର୍ବରୁ କଥା ହେଉଥିଲା ସେ। ଏଥିନେଇ ନିଜର ଅଶାନ୍ତି ବ୍ୟକ୍ତ କଲା ଶ୍ରୀମନ୍ତ। ଯାହା ମନକୁ ଆସିଲା ବକିଗଲା ବ୍ରତତୀ ଉପରେ। ସୁଜୟ ଯେ ତା ମାମୁଙ୍କ ପୁଅ, ତା'ର କୈଫତକୁ ଗ୍ରହଣ କରିନଥିଲା ଶ୍ରୀମନ୍ତ। ଝଡ଼ ଯେମିତି ଅବପାତର ରୂପ ନେଇଥିଲା ପୁଣି ଥରେ।

ସେଦିନ ରାତିରେ ଠିକ୍ କରି ଶୋଇ ପାରିନଥିଲା ଶ୍ରୀମନ୍ତ। ଚାହିଁଲା ବ୍ରତତୀ ଆଡେ। ସାମାନ୍ୟ ଅସଜଡ଼ା ଅବସ୍ଥାରେ ଥିଲା ତା'ର ଅଙ୍ଗବାସ। ଯେମିତି ବ୍ରତତୀ ନୁହେଁ ଶାଶ୍ୱତୀ ଶୋଇଛି ସେଇ ଅବସ୍ଥାରେ। ହିଂସ୍ର ହୋଇ ଉଠିଲା ଶ୍ରୀମନ୍ତ.. !

ବ୍ରତତୀର ନିଦ ଭାଙ୍ଗି ଯାଇଥିଲା।ଶ୍ରୀମନ୍ତ ଯେମିତି ନିଜ ଆୟତ୍ତରେ ନଥିଲା। ସେ ଗୋଟିଏ ବିଶ୍ୱାସ ଭାଙ୍ଗିଥିବା ଦେହ ଉପରେ ପ୍ରତିଶୋଧ ନେଉଥିଲା। ତା'ର ସବୁ ଅଦଉତିକୁ ସହିନେଲା ନିର୍ବିକାରରେ।

ଗତ ରାତିରେ ଶ୍ରୀମନ୍ତ ଛାପିଥିବା ହିଂସ୍ରତାର ଦାଗ କେତୋଟି ବ୍ରତତୀ ଦେହରେ ପରିସ୍ଫୁଟିତ ଥିଲା ସକାଳକୁ। ପ୍ରାତଃ ଭ୍ରମଣ ସାରି ଶ୍ରୀମନ୍ତ ଫେରିଲା ତ ବହୁତ ଦିନ ପରେ ବ୍ରତତୀକୁ ଖୁବ୍ ଖୁସି ଥିବାର ଅନୁଭବ କଲା। ଆଶ୍ଚର୍ଯ୍ୟ ହେଲା ସେ। ତା'ର ଏତେ ଉଦାସୀନତା, ଏତେ ଅତ୍ୟାଚାର ପରେ ବି ବ୍ରତତୀ କେମିତି ମୁହଁରେ ହସ ଫୁଟାଇ ପାରୁଛି ତା ଆଡେ ଚାହିଁ?

ପ୍ରାୟ ତିନି ମାସ ପରର ଘଟଣା। ସେଦିନ ଅଫିସ ଟାଇମ୍ ମଝିରେ ହଠାତ୍ ଘରେ ପହଞ୍ଚିଲା ଶ୍ରୀମନ୍ତ। ଘର ଭିତରେ ଗୋଟିଏ ପୁରୁଷର ଧୀର କଣ୍ଠ ସ୍ୱର। ଯେଉଁଠି ବାଘର ଭୟ ସେଇଠି ସଞ୍ଜ ! ଝଡ଼ଟିଏ ବହୁଥିଲା ତା ଭିତରେ।

ଶୁଭିଲା ପୁଣି ବ୍ରତତୀର ସାମାନ୍ୟ ଉଚ୍ଚ ସ୍ୱର।-' ମୁଁ ତୁମକୁ କହିଥିଲି ଏଠିକି ନଆସିବା ପାଇଁ। କାହିଁକି ଆସିଲ ? ସେ ଯଦି ଜାଣିବେ ପରିସ୍ଥିତି ଆହୁରି ଖରାପ ହୋଇଯିବ।'

ଶ୍ରୀମନ୍ତ କଲିଂବେଲ ବଜାଇଲା। କବାଟ ଖୋଲିଲା ବ୍ରତତୀ। ଆଖି ତଳେ ସଦ୍ୟ ପୋଛା ଯାଇଥିବା ଲୁହର ଅଧାଲିଭା ଚିହ୍ନ। ଆଖି ତଥାପି ଛଳଛଳ। ତା ପଛକୁ ଠିଆ ହୋଇଥିଲେ ପ୍ରାୟ ଷାଠିଏ ବର୍ଷୀୟ ଜଣେ ବୃଦ୍ଧ।

ଶ୍ରୀମନ୍ତ କିଛି କହିବା ପୂର୍ବରୁ ତା' ପାଦ ଧରି ପକେଇଲେ ବୃଦ୍ଧ ଜଣକ।

-' ମୁଁ ବ୍ରତତୀର ମାମୁ। ତା'ର କିଛି ଦୋଷ ନାହିଁ। ସେ ମୋତେ ମନା କରିଥିଲା ଏଠିକି ଆସିବା ପାଇଁ। ସତ କହୁଚି ମୁଁ ଆସିନଥାନ୍ତି। ମାଆ ଛେଉଣ୍ଡ ଝିଅଟା ମୋର ବହୁତ କଷ୍ଟ ପାଇଛି। ମାଆ ହେବାକୁ ଯାଉଛି ଜାଣି ତାକୁ ଦେଖିବାକୁ ଟିକିଏ ଚାଲି ଆସିଲି। ମୁଁ ଏବେ ଚାଲି ଯାଉଛି। ମୋତେ କ୍ଷମା କରିଦିଅ..।'

ଶ୍ରୀମନ୍ତ ଲଥ୍ କରି ବସି ପଡିଲା ବୃଦ୍ଧଙ୍କ ପାଖରେ। ଆଖିରେ ତା'ର ଲୁହ। ତଟସ୍ଥ ହେଲା ବ୍ରତତୀ।

-' ଆପଣ ମୋର ପୂଜ୍ୟ। ମୋ ବ୍ୟବହାର ପାଇଁ ମୁଁ ଖୁବ୍ ଅନୁତପ୍ତ। ମୋତେ କ୍ଷମା କରିଦିଅନ୍ତୁ। ମୁଁ ଗାଁକୁ ଯାଇ ମାଆକୁ ଆଣିବା ପର୍ଯ୍ୟନ୍ତ ଏଇଠି ଏବେ ରହିଥାନ୍ତୁ।'

ବ୍ରତତୀର ଉଚ୍ଛୁଳା କାନ୍ଦ ସ୍ୱରରେ ଶ୍ରୀମନ୍ତ ଯେମିତି ବିଚଳିତ ହୋଇ ଯାଉଥିଲା। ରୁମ୍ ଭିତରକୁ ଯାଇ ବ୍ରତତୀର ମଥାରେ ଅନୁରାଗର ଚୁମ୍ବନଟିଏ ଆଙ୍କି ଦେଇଥିଲା ଶ୍ରୀମନ୍ତ...!!

## କବିତା ଗୁଚ୍ଛ

### ଫେରିଆସ ମା'ସାବିତ୍ରୀ

✶ ରାମଚନ୍ଦ୍ର ବେହେରା

ଅଧର୍ମ ଅନୀତି କରଇ ରାଜୁତି
ଆଜିର ଧର୍ମ ସଂସାରେ
ସମ୍ପର୍କ ବନ୍ଧନ ମୂଲ୍ୟହୀନ ଆଜି
ଆତ୍ମୀୟତା ଛୁପେ ଦୂରେ
ନାହିଁ ପୂର୍ବ ପରମ୍ପରା
କୂଟ କପଟତା ପରାଣେ ଜାଗିଛି
ନଦିଶଇ ଭାଇଚାରା।

ଶଂଖା ସିନ୍ଦୂରକୁ ଦୂରେଇ ପରାଣୁ
ପାଶ୍ଚାତ୍ୟ ସଭ୍ୟତା ଧରି
ହିନ୍ଦୁ ସଂସ୍କୃତିକୁ ଅବହେଳା କରେ
ଆଜିର ବିଦ୍ୱାନୀ ନାରୀ
ଶାଢୀ ଓଢଣୀ ତ ଦୂର
ଆତ୍ମୀୟ ଜନଠୁଁ ଦୂରେଇ ରୁହେ ସେ
ସତେ ଯେପରି ସେ ପର।

ସ୍ୱାମୀ ସେବା ଭକ୍ତି ଲୀନ ପ୍ରାୟ ଆଜି
ନାହିଁ ସେ ପୂଣ୍ୟ ସମ୍ପର୍କ
ସେନେହ ମମତା ସହନଶୀଳତା
ନଦିଶେ ଭାବ ବିବେକ
ନାହିଁ ପତିବ୍ରତା ଧର୍ମ
ନାହିଁ ଓଷା ବ୍ରତ ବିଧି ଓ ବିଧାନ
ନାହିଁ ସୁଗୃହିଣୀ କର୍ମ।

ଜ୍ୟୈଷ୍ଠମାସ ଶୁକ୍ଳ ଅମାବାସ୍ୟା ତିଥି
ଆସୁଛି ମହୀ ମଣ୍ଡଳେ
ଫେରିଆସ ତୁମେ ମା'ଗୋ
ସାବିତ୍ରୀ
ପବିତ୍ର ଧରଣୀ କୋଳେ
ଶିକ୍ଷାଦିଅ ନାରୀ ଧର୍ମ
ତୁମ ଆଗମନେ ହସିଉଠୁ ଧରା
ଶୋଭାପାଉ ପୂଣ୍ୟ କର୍ମ।

ହଜିଲା ଅତୀତ ଫେରିଆସୁ ମାତ
ଝରୁ ମମତାର ବାରି
ସ୍ୱାମୀ ଭକ୍ତିଭାବ ଚେଇଁଉଠୁ ପ୍ରାଣେ
ଅହଂକାର ହେଉ ଦୂରି
ସାବିତ୍ରୀ ଶୁଭ ମୁହୂର୍ତ୍ତେ
ନାରୀ ସ୍ୱାଭିମାନ ବିକସିତ ହେଉ
ଆମରି ଧର୍ମ ଜଗତେ।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ଗଛ ଲଗାଇବା ଆମ ପାଇଁ

✶ ସୁନୀଲ କୁମାର ପ୍ରଧାନ

ଗଛ ଲଗାଇବା ଆମ ପାଇଁ
ତାତୁଛି ଧରଣୀ ଜଳ ନାହିଁ
ପରିବେଶର ସୁରକ୍ଷା ପାଇଁ ।

ଗଛ ଲଗାଇବା ଆମ ପାଇଁ
ଅମ୍ଳଜାନ ସେ ଦେବ ବଢାଇ
ପ୍ରକୃତି ପିନ୍ଧେ ସବୁଜ ଶାଢୀ ।

ଗଛ ଲଗାଇବା ଆମ ପାଇଁ
ପଶୁ ପକ୍ଷୀଙ୍କ ସୁରକ୍ଷା ହୋଇ
ସବୁଜ ଚାରା ଦେବା ଲଗାଇ ।

ଗଛ ଲଗାଇବା ଆମ ପାଇଁ
ଦେବ ସିଏ ଫୁଲ ଫଳ ଛାଇ
ଉପକାରରେ ଆସିବ ଭାଇ ।

ଗଛ ଲଗାଇବା ଆମ ପାଇଁ
ଜଗାର ଦାରୁ ହେବ ସେହି
ପୂଜିବା ଆମେ ପ୍ରଣାମ ହୋଇ ।

ଗଛ ଲଗାଇବା ଆମ ପାଇଁ
କାଟିବା ନାହିଁ ବଞ୍ଚିବ ସେହି
ଆମ ସଭିଙ୍କ ମଙ୍ଗଳ ପାଇଁ ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ରଥରେ ଠାକୁର ଦର୍ଶନ

✶ ଦେବରାଜ ଜେନା



ନନ୍ଦିଘୋଷରେ କଳାବାମନ ଦେଖେ
ଯିଏ ଜୀବନେ
ମର୍ତ୍ତ୍ୟମଣ୍ଡଳକୁ ନ ଆସଇ ସିଏ
ପୁନର୍ ଜନମେ ॥
ଏଇଭାବରଖି ଶ୍ରୀକ୍ଷେତ୍ର ଗଲି ମୁଁ
ଷାଠିଏ ପରେ
ଜୀବନରେ ଡୋରି ଲାଗିନଥିଲା ମୋ
କାଳିଆ କରେ ॥
ଭାବଗ୍ରାହୀ,ଭାବବିନୋଦିଆ,ଭାବ
ବୁଝିଲେ କିବା
ଭାବେ ଟାଣି ନେଲେ ଭବ ଉଦ୍ଧାରଣେ
ଭକ୍ତ ବୋଲି ମନେ ଭାବିଲେ ଅବା ॥
ଦେଖି ନପାରିଲି ପହଣ୍ଡି ବିଜୟ
ଜନାକୀର୍ଣ୍ଣେ ପୁଣି ତପନ ତାପେ
ଝାଇଁ ମାରିଲା ମୋ ଅଷ୍ଟାଙ୍ଗ ଶରୀର
ପାଦ ନଚଳିଲା ଆଗକୁ ଦର୍ପେ ॥
ଦେଖିଲି କେ କେତେ ମୂର୍ଚ୍ଛା ଗଲେ ସୁଦ୍ଧା
ଦର୍ଶନ ଲାଳସେ ତୋମୁଖ ପଦ୍ମ
ଛାଡି ନ ଯାଆନ୍ତି ତୋବଡଦାଣ୍ଡକୁ
ଭୁଲିଯାନ୍ତି ନିଜ ଶରୀର ସଦ୍ମ ॥
ସୁସ୍ଥ ମୁଁ ଦଣ୍ଡାୟମାନ ହେଲି ଜଗି
ମାଉସୀ ମା'ଙ୍କ ମନ୍ଦିର ପାଖେ
ଆସିବେ କାଳିଆ ବଳିଆ ସୁଭଦ୍ରେ
ଦେଖିବି ମୋ ପୂର୍ଣ୍ଣ ନୟନ ଫାଙ୍କେ ॥
ବଡ ବଳଭଦ୍ରେ ଆସିଲେ ସୁଭଦ୍ରେ
ତାଳଧ୍ୱଜ ଆଉ ଦେବଦଳନେ
ଚାହିଁ ରହିଛି ମୁଁ ଅପଲକ ନେତ୍ରେ
କେବଳ ଦେଖିଲି ଦୟିତାଜନେ ॥
ରଥେ ଘେରିଛନ୍ତି ଠାକୁର ଆଗରେ
ଭକ୍ତେ ନଦେଖନ୍ତି ଠାକୁର ମୁଖ
ରଥେ ତୁ ବାମନମ୍ ଦୃଷ୍ଟ୍ୱା ପୁନର୍ ଜନ୍ମ
ନହୁଏ ଶାସ୍ତ୍ରରେ ଅଛି ଉଲ୍ଲେଖ ॥
କେ କେତେ ଦୂରରୁ ଆସିଣ ଭକତେ
ନଦେଖନ୍ତି ଯେବେ ରଥେ ଦେବତା
କେଉଁ ଭାବ ନେଇ ଆହେ ମହାବାହୁ
ଆସିବା ପାଇଁକି ଦେଲବାରତା ?
ଯେ ଜନ ମନ୍ଦିରେ ନକରେ ଦର୍ଶନ
ତା ପାଇଁକି ତୁମେ ରଥ ଆରୁଢ
କରୁଛ ବୋଲି ବଜାଉଛ ଡିଣ୍ଡିମ
ଦୟିତା ଭୟେକି ଗଲ ପହୁଡ଼ ?
ହେ କରୁଣା ସିନ୍ଧୁ କରୁଣା କଣାରୁ
କାଣିଚାଏ ହେଲେ ନଦେଲ ନାହିଁ
ଆହେ କୃପାମୟ କେଉଁ ଦୋଷ ବଳେ
ରଥରେ ଦର୍ଶନ ନଦେଲ ସାଇଁ ॥
ଏତିକି ଚିନ୍ତା ମୋ ଆହେ ଚିନ୍ତାମଣି
ହସିହସି ପ୍ରଭୁ ଦର୍ଶନ ଦେବ
ରଥପରେଥାଇ ସବୁରି ଦୁଃଖକୁ
ଦୁଖିଜନଠାରୁ ଛଡ଼ାଇ ନେବ ॥

*ଅବସରପ୍ରାପ୍ତ ଶିକ୍ଷକ, ତିଡିପ*
*କୃଷ୍ଣପ୍ରସାଦ, ପୁରୀ*
*ମୋ- ୯୩୩୭୩୩୯୫୧୭*

## ସ୍ୱାମୀ ପ୍ରତି

✶ ଗୋଲୋକବିହାରୀ ବେହେରା

ବାପା ମାଆ ଭଳି ଅଝଟ ସହିଛ
ପ୍ରେମିକର ଭଳି କରିଛ ପ୍ରେମ,
ମୁରବି ଭଳି ମୋ ଦାୟିତ୍ୱ ନେଇଛ
ବନ୍ଧୁ ଭଳି ମୋର ବୁଝିଛ ମନ ।

ସଂସାର ପଥରେ ଚାଲୁ ଚାଲୁ ଆମେ
କେତେ ମୁଁ ଝୁଣ୍ଟିଛି ଫୁଟିଛି କଣ୍ଟା,
ପାଦୁଁ କଣ୍ଟା କାଢି ମଲମ ଲେପିଛ
ସୁଖ ଦୁଃଖ କରିଛ ଭାଗବଣ୍ଟା।

ଅସାର ଜୀବନେ ଭରିଛ ଫଗୁଣ
ପୂର୍ଣ୍ଣ କରିଛ ଅମାପ କାମନା,
ମୁଁ ଯେବେ ଶରୀର ତୁମେ ମୋର ଆତ୍ମା
ଫୁଲଟିଏ ହେଲେ ତୁମେ ମୋ ବାସ୍ନା ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ*
*ଷଡ଼ଙ୍ଗୀ, ଢେଙ୍କାନାଳ*
*ମୋ : ୯୯୩୮୩୦୩୦୪୬*

## ଭଲ ମଣିଷ ହେବା

✶ ନୀଳମଣି ଚାନ୍ଦ

ସଅଳ ଶେଯ ଛାଡିବା ଭଲ
ବ୍ୟାୟାମ ଦରକାର
ପଢ଼ିବା ପାଇଁ ବାଛିବା ବହି
କେତେଯେ ପରକାର ।
ସୁଷମ ଖାଦ୍ୟ ନିର୍ମଳ ବାୟୁ
ଲୋଡ଼ା ଶରୀର ପାଇଁ
ପାନୀୟ ଜଳ ନଥିଲେ ଭଲ
ଜମା ପିଇବା ନାହିଁ ।
ଅଳସ ସବୁ ଦୂରେଇ ଦେଇ
କାମରେ ଦେବା ମନ
ସମୟ ଉପଯୋଗ କରିବା
ସିଏ ଅସଲ ଧନ।
ଉଡ଼େଇଦେବା ତ୍ରିରଙ୍ଗା ଆମେ
ଜନ- ଗଣଟି ଗାଇ
ଭାବିବା ଧରା ଜନନୀ ପରା
ଆମେ ଭଉଣୀ ଭାଇ।
ଦେଶର କାମ, ମହତ କାମ
ତହିଁରେ ମନ ଦେବା
ଆସରେ ଆସ ନେବା ଶପଥ
ଭଲ ମଣିଷ ହେବା ।

*ମନ୍ତମାନୋର,ଗୋଠପାଟଣା*
*ଭୁବନେଶ୍ୱର,*
*ମୋ:୯୫୮୩୨୦୨୩୫୭*

## ମୋ କବିତା

✶ ରାଧାରାଣୀ ପଟ୍ଟନାୟକ

ଯେ ଦିନ ଭାବିଛି ଲେଖିବିନି ଆଉ କବିତା
ସେ ଦିନ କବିତା ଲେଖୁଛି ଭଲ
ବୁଝି ମୁଁ ପାରୁନି କାହିଁକି କବିତା
ମତେ କଲା କଲବଲ ।।
ଜୀବନ ଦୀପର ଅଧାଲିଭା ସ୍ମୃତି
ବାଟ ଭାଙ୍ଗି ଛିଡା ହେଲା
କଲମ ମୂନରୁ ଦି ଧାଡି କବିତା
ଆପେ ଅବତରି ଗଲା ।।
କି ମାୟାରେ ମତେ ପକାଇ ଦେଇଛ
ତୁମକୁ ପାରୁନି ଭୂଲି
ତୁମ କବଳରୁ ମୁକୁଳିପାରେନା
କାହିଁକି ଏପରି କଲି ।।
ଏକାନ୍ତ ପଣରେ ଭାବନାର ସୁଅ
ମୃତ ନିର୍ଝରିଣୀ ଟିଏ
ଶୁଷ୍କ ମରୁର ଝରଣାଟିଏଟି ପରି
ମୋ କଲମଅବିରତ ଝରୁଥାଏ ।।
ବେଳେ ବେଳେ ମନ କହୁଥାଏ ମତେ
ସେତିକି ଲେଖିବା ଥାଉ
କାଗଜ, କଲମ, ଠାରୁ ଥାନ୍ତି ମତେ
ଆସ ଗୋ ଲେଖିବ ଆଉ ।।
ତୁମରି ପାଖରୁ ଦୂରେଇ ପାରେନା
କାମଟି ମୋର ନିତିନିତି ଚାଲୁଥାଉ ।।

*ଚନ୍ଦନ ନଗର, ବରଗଡ,*
*ଫୋନ - ୮୯୧୭୨୩୭୧୩୭*

## ତୁମ ସ୍ମୃତି ଚିହ୍ନ

✶ ପ୍ରଶାନ୍ତ କୁମାର ଦାଶ

ହୃଦୟର ନଈକୂଳେ
ଦିଶେ ତୁମ ଛାଇ
ତୁମକଥା ଭାବେ ବସି
ପ୍ରେମଗୀତ ଗାଇ ।।
ତୁମ ପ୍ରେମ ପ୍ରୀତି କରେ
ଆନମନା ମତେ
ସତେ ଜହ୍ନ ଖସିପଡେ
ମୋର ଏଇ ହାତେ ।।
ସମୟ ସୁଅରେ ଯାଏ
ଆଶା ସବୁ ଭାସି
ଆଖିର ସପନ କିଏ
ଦିଏ ସବୁ ନାଶି ।।
ନଈ ଏ ପାରିରେ ଥାଇ
ଖୋଜେ ରାତି ଦିନ
ଦେଖୁଥାଏ ନଈ ଦେହେ
ସବୁ ସ୍ମୃତି ଚିହ୍ନ ।।
ହୃଦୟର ଉପବନେ
ତୁମେ ସଜଫୁଲ
ମହକିଲେ ମୋ ଦୁନିଆ
ହେବ ଝଲମଲ ।।
ତୁମେ ଆଉ ମୁଁ ମିଶି
ରଚିଦେବା ରାସ
ସବୁ ଭୁଲି ପ୍ରିୟତମା
ଥରଟିଏ ଆସ ।।
ତୁମରି ହୃଦୟେ ଗଢ଼
ଏକ ପ୍ରେମ ଘର
ଯେଉଁଠି ନଥିବ ଏଇ
ଦୁନିଆକୁ ଡର ।।
ହୃଦୟର ନଈକୂଳେ
ଆମଥିବା ରହି
ଜୀବନର ଶେଷଯାଏଁ
ସବୁ ଦୁଃଖ ସହି ।।

*କୁଞ୍ଜର, ସଙ୍ଗଲାଇ, ପିପିଲି, ପୁରୀ*
*ମୋ -୯୬୬୮୮୨୨୧୯୦*

## ପରିବର୍ତ୍ତନ...

✶ ଗୋପୀନାଥ ଦାଶ

ଅସହ୍ୟ ଗରମ ଝାଞ୍ଜି ପବନ
ଧରିତ୍ରୀ ଯାଏ ତାତି
ଅତିଷ୍ଠ ଜୀବନ ଗ୍ରୀଷ୍ମ ଋତୁ
ଗୁଳୁଗୁଳି ଦିନ ରାତି।

ଗରମ ହେଲେ ଜଳ ହେବ ଯେ ବାମ୍ପ
ମେଘ ସଞ୍ଚାର ହେବ
ବର୍ଷା ପାଇ ଭିଜିବ ଧରଣୀ
ଜୀବନ ତିଷ୍ଠି ରହିବ।

ଶ୍ୟାମଳ ସବୁଜିମା ରେ ଭରି
ଘଞ୍ଚ ହେବ ବନରାଜୀ
ବୀଜରୁ ଚାରା ବଢି ଉଠିବ
ଫସଲ ଯିବ ତେଜି।

ପରିବର୍ତ୍ତନ ପ୍ରକୃତି ନିୟମ
ମୂଲ୍ୟବାନ ପ୍ରତିକ୍ଷଣ
ଏକ ପରେ ଆନ ହୁଏ ବର୍ତ୍ତମାନ
ସମୟ ବଳବାନ।

ଋତୁ ପରେ ଋତୁ ବଦଳି ଚାଲିଛି
ପୃଥିବୀ ବଞ୍ଚିବା ପାଇଁ
ଏକା ପୃଥିବୀ ରେ ଜୀବନ ବଞ୍ଚିଛି
ଅନ୍ୟ ଗ୍ରହରେ ନାହିଁ।

*ବଲାଙ୍ଗୀର*
*ମୋ -୬୩୭୧୮୦୫୦୭୦*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik